ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୧୭ ସଂସ୍କରଣ

ମହାଭାରତର ଗୁମର କଥା

ନିଅ ସମସ୍ତେ ଟଙ୍କା ଖାଅ

ଚୋରର ହୃଦୟ

ଅନୁଭୂତିରେ ଶ୍ରୀକ୍ଷେତ୍ର

ଭାଷାର ଅଭ୍ୟୁଦୟ

ପଳାଶଫୁଲର ବାସ୍ନା

ଓଡ଼ିଆ ସାହିତ୍ୟ ଓ ଅନୁବାଦ

ସତ୍ୟବାଦୀ ଯୁଗ ଓ ଜାତୀୟତାବୋଧ

ଭାରତରେ ଅପସଂସ୍କୃତିର ପ୍ରସାର

ଉତ୍କଳୀୟ ମନ୍ଦିରନିର୍ମାଣ କଳା ଓ ସ୍ଥାପତ୍ୟ

ନୀରବତାର ସ୍ୱର

## ହାତୀ ବଣରେ ଥିଲେ ବି ରାଜାଙ୍କର

http://www.appsgeyser.com/4368717

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ - ୯୦୪୦୯୮୫୪୬୩, ଇମେଲ୍ - aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ଼ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4368717**

# ସୂଚୀପତ୍ର


ସମ୍ପାଦକଙ୍କ ଲେଖନୀରୁ ୧୦

ଆନନ୍ଦମଠ ୧୭

*ଦୀପକ ଷଡ଼ଙ୍ଗୀ*

ଆମ୍ବ ୨୫

*ରୁଚି ପାଣିଗ୍ରାହୀ*

ସୁଲୋଚନା ୨୮

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ବହୁବର୍ଣ୍ଣା ବର୍ଷା ୩୨

*ଡ: ମୌସୁମୀ ପରିଡ଼ା*

ସୁନେଲୀ ସିଂହ ୩୫

*ଅଶୋକ ବିଶ୍ୱାଳ*

ଚୋରର ହୃଦୟ ୩୭

*ସୁବଳ ମହାପାତ୍ର*

ନିଅ ସମସ୍ତେ ଟଙ୍କା ଖାଅ ୪୨

*ଡ: କୁଳାଙ୍ଗାର*

ମହାଭାରତର ଗୁମର କଥା ୪୫

*ମହେନ୍ଦ୍ର ପ୍ରତାପ ସ୍ୱାଇଁ*

http://www.appsgeyser.com/4368717


ଅନୁଭୂତିରେ ଶ୍ରୀକ୍ଷେତ୍ର ୪୮

*ଜ୍ୟୋତିରଞ୍ଜନ ସାହୁ*

ଭାଷାର ଅଭ୍ୟୁଦୟ ୫୮

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ପଳାଶଫୁଲର ବାସ୍ନା ୬୨

*ଶ୍ରୀଅରବିନ୍ଦ ଆଚାର୍ଯ୍ୟ*

ଓଡ଼ିଆ ସାହିତ୍ୟ ଓ ଅନୁବାଦ ୭୦

*ପ୍ରତିଭା ପ୍ରିୟଦର୍ଶିନୀ*

ହାତୀ ବଣରେ ଥିଲେ ବି ରାଜାଙ୍କର ୭୮

*ପ୍ରଶାନ୍ତ ଭୂୟାଁ*

ଭାରତରେ ଅପସଂସ୍କୃତିର ପ୍ରସାର ୮୫

*ସୁଶାନ୍ତ ପୁରୋହିତ*

ନୀରବତାର ସ୍ୱର ୮୯

*ସୁଶାନ୍ତ ପୁରୋହିତ*

ସତ୍ୟବାଦୀ ଯୁଗ ଓ ଜାତୀୟତାବୋଧ ୯୨

*ଅଧାପିକା ଃ ରଞ୍ଜିତା ପାତ୍ର*

ଉତ୍କଳୀୟ ମନ୍ଦିରନିର୍ମାଣ କଳା ଓ ସ୍ଥାପତ୍ୟ ୯୯

*ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ*

ପୁନର୍ମିଳନ ୧୧୧

*ଜ୍ୟୋସ୍ନାରାଣୀ ପଣ୍ଡା*

http://www.appsgeyser.com/4368717

| | |
|---|---|
| ରଥ ଉପରେ କାଳିଆ | ୧୨୦ |
| *ସୁବଳ ମହାପାତ୍ର* | |
| ହସର୍ ଖୁସିର୍ ଧାରେ | ୧୨୧ |
| *ଆଶୁତୋଷ ମେହେର* | |
| ମିଠା କଥା ପଦେ | ୧୨୨ |
| *ଆଶୁତୋଷ ମେହେର* | |
| ତୁମପାଇଁ ପଦେ | ୧୨୩ |
| *ସୁଶ୍ରୀ ସାବିତ୍ରୀ ସ୍ୱାଇଁ* | |
| ପ୍ରେମର ପରିସର | ୧୨୪ |
| *ନୃସିଂହଚରଣ ବେହେରା* | |
| ଅନନ୍ୟ ଜରଡ଼ାଗଡ଼ | ୧୨୬ |
| *ଶିବ କୁମାର ପଣ୍ଡା* | |
| ସମର୍ପଣ | ୧୨୮ |
| *ଡା ସୌମ୍ୟରଞ୍ଜନ ମିଶ୍ର* | |
| ସେପାରିର ମଣିଷ | ୧୨୯ |
| *ସନାତନ ମହାକୁଡ଼* | |
| ବାରମାସ | ୧୩୦ |
| *ସନାତନ ମହାକୁଡ଼* | |
| ଶାପଗ୍ରସ୍ତ | ୧୩୨ |
| *ଦିଲ୍ଲିପ କୁମାର ତ୍ରିପାଠୀ* | |

http://www.appsgeyser.com/4368717

ବରଷା ଆସିଲା ୧୩୪

*ହିମାଂଶୁ ଶେଖର୍ ବାରିକ*

ଶବ୍ଦ ୧୩୬

*ବରୁଣ କୁମାର ଦାସ*

ପ୍ରିୟାରେ ପ୍ରିୟା ୧୩୮

*ଜ୍ୟୋତିର୍ମୟୀ ଷଡ଼ଙ୍ଗୀ*

ଆହ୍ୱାନ ୧୪୦

*ସୁମିତ୍ରା ରାଉଳ*

ବିଡ଼ମ୍ବିତ ସ୍ୱପ୍ନ ୧୪୧

*ଡମ୍ବରୁଧର ପଟ୍ଟନାୟକ*

ମୁଁ ମଣିଷ, ନୁହେଁ ଖେଳଣା ୧୪୩

*ଶୁଭମ୍ ନାଏକ*

ବୁଦ୍ଧତ୍ୱ ୧୪୫

*ବିନୟ ମହାପାତ୍ର*

ଆହ୍ୱାନ : ଏକ ଆସନ୍ତା କାଲିକୁ ୧୪୭

*ଉଦୟନାଥ ଗୌଡ଼*

ମୋ ପ୍ରିୟାର ମନ ୧୪୯

*ପ୍ରକାଶ ସାହୁ*

ବର୍ଷାବ୍ୟଙ୍ଗ ୧୫୧

*ଡ: କୁଳାଙ୍ଗାର*

ରାତିର ରାଣୀ ଗୋ... ୧୫୩

*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ*

ଆଜି ବି ଅପେକ୍ଷାରତ ୧୫୫

*ପ୍ରକାଶ ସାହୁ*

ମୁଁ ଆଉ ତୁ ୧୫୮

*ପ୍ରଶାନ୍ତ କୁମାର ନାଥ*

ଅତୀତର ସାଉଁଟା ଦିନ ୧୬୦

*ଦମୟନ୍ତୀ ଜେନା*

ତୁମେ ଯେବେ ଭଲପାଅ ୧୬୧

*ସାରସୀ ଆଚାର୍ଯ୍ୟ*

କବି ୧୬୨

*ପରମିତା ମିଶ୍ର*

ଜୀବନ ୧୬୪

*ଅରବିନ୍ଦ ବିଶ୍ୱାଳ*

ମତେ କବି କହିପାର ୧୬୫

*ଦେବଦତ୍ତ ମିଶ୍ର*

# ସମ୍ପାଦକଙ୍କ ଲେଖନୀରୁ



ନମସ୍କାର,

ଆଦ୍ୟଶ୍ରାବଣର ଓଦାଳିଆ ପାଗରେ, ଅନ୍ଧାର ରାତିର ସଡ଼କରେ କାଉଡ଼ିଆଙ୍କ ଭିଡ଼ରେ, ଦେଶ ଦୁନିଆର ରାଜନୀତିରେ କିଛି କ୍ଷଣ ଡୁବି ଯିବାର ବେଳା ଆସିଛି । ଆହ୍ୱାନର ଚଳିତ ସଂସ୍କରଣ ଆସିଛି । ସାହିତ୍ୟ ବିଷୟରେ କିଛି ଲେଖିବି, କଣ ବା ଲେଖିବି ? ଭାଷା ଓ ସାହିତ୍ୟ ତ ଏବେ ରାଜନୀତିର ପଶାପାଲିରେ ପଡ଼ିଛନ୍ତି । ନିଜସ୍ୱ ସତ୍ତା ହରାଇ ଯେତେବେଳେ ଭାଷାକୁ ନିଜର ସମ୍ମାନ ପାଇଁ ନିଜ ଲୋକଙ୍କ ଭିତରେ ହିଁ ଏପାଖ ସେପାଖ ହେବାକୁ ପଡୁଛି ସେତେବେଳେ ଆମେ ଆଉ କଣ କହିବା ? କହିବା ଆଉ କରିବା ଲୋକମାନେ ତ ଯାହା କରୁଛନ୍ତି ସବୁ ଟିଭିର ପରଦାର ସଫା ସଫା ଦିଶୁଛି । ଦର୍ଶକ ମାନଙ୍କ ସମ୍ମୁଖରେ ପରସ୍ପରପ୍ରତି ଆରୋପ ପ୍ରତ୍ୟାରୋପ ଦାଗି ଏମାନେ ଆମ ଭାଷାର ସୁରକ୍ଷାପାଇଁ କେତେ ବ୍ରତୀ ଦେଖାଇବାକୁ କୌଣସି ଅଭାବ କରୁନାହାନ୍ତି । ଭାଷା ଏକ ଜାତିର ସନ୍ତକ । ସେଇ ଭାଷା ଭିତ୍ତିରେ ହିଁ ଆମେ ସ୍ୱତନ୍ତ୍ରତା ପାଇଥିଲେ । ଯେତେବେଳେ ସମୁଦାୟ ଭାରତବର୍ଷ ଇଂରେଜ ସରକାରଙ୍କ ଅଧୀନରେ ଛଟପଟ ହେଉଥିଲା, ସେତେବେଳେ ଆମକୁ କିନ୍ତୁ ସ୍ୱତନ୍ତ୍ର ରାଷ୍ଟ୍ର ଭାବରେ ସ୍ୱାଧୀନତା ମିଳିଥିଲା, କାରଣ ଥିଲା ସେତେବେଳେ ଆମ ଭିତରେ ଥିବା ଐକ୍ୟବଦ୍ଧତା ଓ ରାଷ୍ଟ୍ରପ୍ରେମ ହେଲେ ଏକ ଶତାବ୍ଦୀରୁ କମ ସମୟ ଭିତରେ ଆମେ ହେଇଗଲୁ ପକ୍କା ରାଜନୀତିଜ୍ଞ । ଆମ ପାଇଁ ଭାଷାର ସମ୍ମାନ ବଡ଼ ନାହିଁ, ଆମ ସମ୍ମାନ ବଡ଼ । ମୁଁ ବୋଲି କୁହାଇବା ପାଇଁ ସବୁ ଝଗଡ଼ା ଚାଲିଛି । ମୁଁ ବୋଲି ଶବ୍ଦଟା ଯେ କେଡ଼େ ଭୟଙ୍କର ଏହା ଏହି ଲୋକମାନେ ରାମାୟଣ ଆଉ

ମହାଭାରତ ପଢ଼ିବା ପରେ ମଧ୍ୟ ଜାଣିପାରିଲେ ନାହିଁ । ହଉ, ଆମେ ସବୁ ତ ନିରବ ଦର୍ଶକ !!! ଆମେ କାହିଁକି ସେ ଯୁଦ୍ଧରେ ମାତିବା ? ବରଂ କୂଳକିନାରା ଦେଖି ବସିଥିବା ଆଉ ସୁଯୋଗ ଉଣ୍ଡୁଥିବା, କେହି ନା କେହି ତ ଜିତିବ ? ବାସ୍ ଆମେ ତାଙ୍କ କାନିଧରି ଗଙ୍ଗା ପାର ହେବା । ସେମିତିରେ ବି ଭାଷା ପାଇଁ ସ୍ନେହ କାହିଁ ? ସବୁ ଖାଲି ଯନ୍ତ୍ରବତ୍ ଚାଲିଛି ବୋଲି ସିନା । ଆମ ପିଲେ ସକାଳୁ ଗୁଡ୍ ମର୍ଣ୍ଣିଂ ସନ୍ଧ୍ୟାରେ ଗୁଡ୍ ଇଭିନିଂ କହିଲେ । ବାପା ଡାଡ୍ ହେଇଗଲେ ମା ମମ୍ । ଯଦିବା ଘରେ ବାପା ବୋଉର ଚଳଣୀ ରହିଲା ତଥାପି ଘରୁ ବାହାରିଲେ ଏଇ ପିଲେ ଏତେ ଅନର୍ଗଳ ହିନ୍ଦୀ ଆଉ ଇଂରେଜୀରେ କଥା କହିଲେ ଯେ ଶୁଣିବା ଲୋକ ବି ଚକ୍କର୍ ଖାଇଯିବ, ଏମାନେ କଣ ସତରେ ଓଡ଼ିଆ ? ଯାହା ବି ବାକି ଥିଲା, ଗଣମାଧ୍ୟମ ତାହାକୁ ବି ହରିନେଲା । ଟିଭିରେ ଉପସ୍ଥାପକ ଉପସ୍ଥାପିକା ମାନେ ଯାହା କହୁଛନ୍ତି ଶୁଣିବା ଲୋକ ତାକୁ ବୁଝିବାକୁ ବିଳମ୍ବ କରୁନାହାନ୍ତି । କରିବେ କାହିଁକି ? ହିନ୍ଦୀ ଆଉ ଇଂରେଜୀ ତ ଶିଖିଛନ୍ତି । ହଁ ଯଦି କିଏ ଓଡ଼ିଆରେ କହିଦିଏ ତ କଥା ଅଲଗା । ଆମକୁ ଲାଜ ନାହିଁ, ନିଜକୁ ଓଡ଼ିଆ ବୋଲାଉଛୁ ଖାଲି ନାଁକୁ ମାତ୍ର ।

ଫେସବୁକ, ହ୍ୱାଟସ୍ଆପ୍‌ରେ ମାଳ ମାଳ ସାହିତ୍ୟ ପୃଷ୍ଠା ବା ଗୋଷ୍ଠୀ । ଦିନରାତି ଖାଲି କବିତା ଝଡ଼ିପଡୁଛି । ଶହ ଶହ କବିତା । ଗୋଟିଏ କବିତା ପଢ଼ି ମତାମତ ଦେଉନ ଦେଉଣୁ ଆଉ ଗଣ୍ଡେ କବିତା ଆସି ଯାଉଛି । ଜଣେ ଜଣେ କବି ଦିନକୁ ଦଶବାରଟା କବିତା ବି ଦେଇ ପକାଉଛନ୍ତି । କବିତାର ମାନ କିଏ ନିର୍ଦ୍ଧାରଣ କରିବ । ହାତମୁଠା କିଛି ବ୍ୟକ୍ତି ଏଇ ସବୁ ଗୋଷ୍ଠୀକୁ ସଞ୍ଚାଳିତ କରୁଛନ୍ତି ଆଉ ଧନ୍ୟବାଦ ଦେବି ସେହି କିଛି ବ୍ୟକ୍ତି ହିଁ ଆମ ସାହିତ୍ୟ ପାଇଁ ପ୍ରକୃତରେ ଚିନ୍ତା କରୁଛନ୍ତି । ଆଜି ଯଦି ସାହିତ୍ୟ ବଞ୍ଚି ରହିବାକୁ ଚାହୁଁଛି ତା ହେଲେ ଯୁଗ ସହ ତାଳ ଦେଇ ନୂଆ ବୈଷୟିକ ଜ୍ଞାନ କୌଶଳକୁ ଧରି ରଖିବାକୁ ହେବ ହିଁ ହେବ । ଛପା ବହି ବା ପତ୍ରିକା କିଣିବା ପାଇଁ ସମୟ କାହିଁ ? ସବୁ ତ ମୋବାଇଲ୍‌ରେ ବ୍ୟସ୍ତ । ଦିନର ଅଧିକାଂଶ ସମୟ ମୋବାଇଲ୍ କିମ୍ବା କମ୍ପ୍ୟୁଟର ସାମନାରେ ହିଁ ବିତୁଛି, ତା ହେଲେ ସାହିତ୍ୟକୁ ବି ସେଇ ସ୍ଥାନରେ ପହଞ୍ଚିବାକୁ ପଡ଼ିବ । ନହେଲେ ଲୋକ

ଭୁଲିଯିବେ । ଏହି ମନ୍ତ୍ର ତ ଆହ୍ୱାନ ଦୀର୍ଘ ବାରବର୍ଷ ଧରି ପାଳନ କରି ଆସୁଛି । ଆପଣ ଯେକୌଣସି ଅବସ୍ଥାରେ ଥାଆନ୍ତୁ ନା କାହିଁକି, ଆହ୍ୱାନ ଆପଣ ପଢ଼ିପାରିବେ । ମୋବାଇଲରେ ଆପ୍ ହେଉ ବା ଇଣ୍ଟରନେଟରେ ହେଉ । ଆଉ ପ୍ରକାଶିତ ଆହ୍ୱାନ ଇ-ପତ୍ରିକା ସବୁଠି ସହଜରେ ଉପଲବ୍ଧ । ଏହିପରି ଅନେକ ପତ୍ରିକାର ଆବଶ୍ୟକତା ରହିଛି । ଆହୁରି ଅନେକ ଆହ୍ୱାନ ଦରକାର । ସବୁଠି ଆହ୍ୱାନର ସ୍ୱର ପହଞ୍ଚିବା ଦରକାର । ଅଧିକରୁ ଅଧିକ ବନ୍ଧୁ ଆଗେଇ ଆସି ଓଡ଼ିଆ ଭାଷାରେ ଭିନ୍ନ ଭିନ୍ନ ସ୍ୱାଦର ପତ୍ରପତ୍ରିକା ପ୍ରକାଶନ କରିଲେ ଆମ ଭାଷା ଓ ସାହିତ୍ୟ ଦୀର୍ଘାୟୁ ହେବ ।

ପୁଣି ଥରେ ବିବାଦରେ ରଙ୍ଗବତୀ

କିଛି ବର୍ଷତଳେ ଏକ ବ୍ୟବସାୟିକ ସଂସ୍ଥା କୋକ୍ ଷ୍ଟୁଡ଼ିଓଦ୍ୱାରା ଓଡ଼ିଶାର ପ୍ରସିଦ୍ଧ ଗୀତ "ରଙ୍ଗବତୀ"ର ଏକ ନୂତନ ତାଳ ଓ ଲୟ ସମ୍ମିଳିତ ସଂସ୍କରଣ ପ୍ରକାଶିତ ହୋଇଥିଲା । ଓଡ଼ିଆ ବଂଶୋଦ୍ଭବ ସୁନାମଧନ୍ୟା ଗାୟିକା ସୋନା ମହାପାତ୍ର ଏବଂ ଋତୁରାଜ ମହାନ୍ତି ଏହି ଗୀତକୁ ପରିବେଷଣ କରିଥିଲେ । ଅବଶ୍ୟ ଏହି ଗୀତ ପ୍ରସାରଣ ହେବାପରେ ପରେ ବିବାଦରେ ଛନ୍ଦି ହୋଇଗଲା । ଗୀତର ମୂଳ ଗାୟକ, ସଂଗୀତଜ୍ଞ ତାଙ୍କର ବିନା ଅନୁମତିରେ ଏହି ଗୀତକୁ ବିକୃତ କରି ପରିବେଷଣ କରାଯାଇଛି କହି ଅଦାଲତର ଦ୍ୱାରସ୍ଥ ହେଲେ । ଅନେକ ବନ୍ଧୁଙ୍କୁ ଏହି ଗୀତର ତାଳ ଲୟ ବହୁତ ଭଲ ଲାଗିଥିଲା ତେଣୁ ସେମାନେ ଏଠାରେ ଅନେକ ଶବ୍ଦବିକୃତିକୁ ଅଣଦେଖା କରିଦେଲେ । ହେଲେ କିଛି ଭାଷାପ୍ରେମୀ ଏହି ଗୀତରେ ଥିବା ଅନେକ ବିକୃତ ଶବ୍ଦ ସଂଯୋଜନାକୁ ନେଇ ପ୍ରତିବାଦ କରିଥିଲେ । ହେଲେ ସେମାନେ ସବୁ ଓଡ଼ିଆ କଙ୍କଡ଼ା ବୋଲି କୁହାଗଲା, ଯେଉଁମାନେ ଆମ ସଂଗୀତକୁ ବିଶ୍ୱଦରବାରରେ ପହଞ୍ଚାଇଥିବା ଜଣେ ଗାୟିକାଙ୍କ ପ୍ରତି ଅସମ୍ମାନ ଜଣାଇଥିଲେ ବୋଲି କୁହାଗଲା । ଓଡ଼ିଆ ଗାୟିକା ହୋଇମଧ୍ୟ ସେ ରଙ୍ଗବତୀର ପ୍ରକୃତ ବାସ୍ନାକୁ ବାରି ପାରିନଥିଲେ ବୋଲି ଆମେ ମନେକରୁ । ସେ ଯା ହେଉ ଏହକୁ ନେଇ

ଅନେକ ବିବାଦ ଗଣମାଧ୍ୟମରେ ଏବଂ ସୋସିଆଲ୍ ମିଡ଼ିଆରେ ହୋଇଥିଲା । ସର୍ବୋପରି ଏହା କୁହାଗଲା ଯେ ଗୀତଟି ଲକ୍ଷ ଲକ୍ଷ ଲୋକ ଦେଖିଛନ୍ତି ତେଣୁ ଏହା ଠିକ୍ । କିଛି ବନ୍ଧୁ କହିଲେ ରଙ୍ଗବତୀ ମରି ଯାଉଥିଲା ସୋନାମହାପାତ୍ର ତାକୁ ଗାଇ ପୁନର୍ଜୀବନ ପ୍ରଦାନ କଲେ । କେଜାଣି କେମିତି ମରି ଯାଉଥିଲା ? ସମଗ୍ର ଓଡ଼ିଶାରେ ଏମିତି କୌଣସି ବ୍ୟାଣ୍ଡ ପାର୍ଟି ନାହିଁ ବା ଡିଜେ ନାହିଁ, ଯେ ରଙ୍ଗବତୀକୁ ବଜାନ୍ତି ନାହିଁ । ଆମର ବାହାଘରେ ରଙ୍ଗବତୀ, ବ୍ରତଘରେ ରଙ୍ଗବତୀ, ହଷ୍ଟେଲ, ସମୂଦ୍ରକୂଳ, ହୋଟେଲ୍ ସବୁଠି ରଙ୍ଗବତୀ ଥିଲା । ସେ ଯା ହେଉ ଏହି ବିବାଦରୁ ଆମକୁ କୌଣସି ଆର୍ଥିକ ଲାଭ ତ ମିଳୁନଥିଲା ବରଂ କିଛି ଲୋକ ଆମକୁ କଙ୍କଡ଼ା ବୋଲି ଯାହା କହିଲେ । ଏହି ବିବାଦ ଧିରେ ଧିରେ ଆମ ଜାତିର ମନରୁ ଲିଭି ଗଲା । ମନୁଷ୍ୟ ଆମେ ଭୁଲିବା ଆମର ସହଜାତ ପ୍ରବୃତ୍ତି ।

ହେଲେ ବିଗତ ଦିନ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ୍ ଆଥ୍ଲେଟିକ୍ ଚାମ୍ପିୟନ୍‌ସିପ୍ ସମୟରେ ବିଖ୍ୟାତ ହିନ୍ଦୀ ଗାୟକ ଶଙ୍କର ମହାଦେବନ୍ ପୁଣିଥରେ ସେଇ ଏକା ଗୀତକୁ ଗାଇଲେ । ଅଣଓଡ଼ିଆ ହୋଇଥିବା ସତ୍ତ୍ୱେ ସେ ଏହି ଗୀତର ମୌଳିକତାକୁ ବଜାୟ ରଖିବାର ସମସ୍ତ ପ୍ରଚେଷ୍ଟା କରିଥିଲେ । ସର୍ବୋପରି ଏହି ଗୀତ ପରିବେଷଣ ପୂର୍ବରୁ ସେ ଏହାର ସ୍ରଷ୍ଟା ମାନଙ୍କୁ ସମ୍ମାନ ଜଣାଇବାକୁ ଭୁଲିନଥିଲେ ଏବଂ ଗୀତରେ ଯଦି କୌଣସି ତ୍ରୁଟି ହୁଏ ତେବେ କ୍ଷମା କରିବେ ବୋଲି କହିବାକୁ ଭୁଲିନଥିଲେ । ତାଙ୍କର ଏହି ଗୁଣ ହୁଏତ ଆମ ସମସ୍ତଙ୍କୁ ଏତେ ଭଲ ଲାଗିଲା ଯେ ସେ ଗାଇବା ସମୟରେ ହୋଇଥିବା ଅଳ୍ପ କିଛି ତ୍ରୁଟିକୁ ଆମେ ଅଣଦେଖା କରିଦେଲୁ । ଏହି କାର୍ଯ୍ୟକ୍ରମ ଦେଶ ବିଦେଶରେ ଅନେକ ଦେଶରେ ପ୍ରସାରିତ ହୋଇଥିଲା । ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ଅନ୍ୟୁନ ପଞ୍ଚଚାଳିଶିଟି ଦେଶର କ୍ରୀଡ଼ାବିତ୍ ମାନେ ଅଂଶ ଗ୍ରହଣ କରିଥିଲେ । ସେମାନେ ଏହି ଗୀତର ତାଳ ଓ ଲୟକୁ ନିଶ୍ଚୟ ନିଜ ଧ୍ୟାନରେ ଅନେକ ଦିନ ଧରି ରଖିବେ । ହେଲେ ବିବାଦ ଏବେ ସୃଷ୍ଟି ହୋଇନଥିଲା । ସୃଷ୍ଟି ହେଲା ଯେତେବେଳେ ସୋନା ମହାପାତ୍ର ବକ୍ତବ୍ୟ ଦେଲେ ଯେ ମୁଁ ଗାଇବା ବେଳେ ଲୋକମାନେ ଅନେକ ଭାଷଣ ଦେଉଥିଲେ ଏବେ

http://www.appsgeyser.com/4368717

କାହିଁ କିଏ କିଛି କହିଲେନାହିଁ ତ ? ଏହା କିଛି ବନ୍ଧୁଙ୍କୁ ଭଲ ଲାଗିଲା ନାହିଁ । ନିଜେ ନିଜେ ବିବାଦକୁ ଟାଣି ହୋଇ ଆସିବା ବୋଧହୁଏ ସୋନା ମହାପାତ୍ରଙ୍କୁ ଭଲ ଲାଗୁଥିବ ପରା । ସେ ଏପରି ବକ୍ତବ୍ୟ ଦେବାପରେ ପୁଣି ଥରେ ପୁରୁଣା ବିବାଦ ସମସ୍ତଙ୍କ ମନକୁ ଉଦ୍‌ବେଳିତ କରିଲା ।

ଜଣେ ସଂଗୀତଜ୍ଞ ବା ଗାୟକ କିମ୍ବା ଗାୟିକା ହୁଅନ୍ତୁ, ତାଙ୍କର ପ୍ରକୃତ ସାଧନା ସେତେବେଳେ ଝଲସି ଉଠେ ଯେତେବେଳେ ସେ ବିନମ୍ର ଓ ଶାଳୀନ ଭାବରେ ପରିବେଷଣ କରନ୍ତି । ବିନମ୍ରତା ଯେ କୌଣସି ବ୍ୟକ୍ତିର ଆଭୂଷଣ ହେବା ଉଚିତ । ଯା ହେଉ ସୋନା ମେଡ଼ମ ନିଜର ବକ୍ତବ୍ୟ ଦ୍ୱାରା ପୁଣିଥରେ ନିଜର ଗୁଣ ବଖାଣିଦେଲେ । ଆମକୁ ସ୍ୱର ଭଲ ଲାଗିଥିଲା କିନ୍ତୁ ଶବ୍ଦ ସଂଯୋଜନା ଜମା ଭଲ ଲାଗିନଥିଲା, ଏବେ ସେହି ସଂଯୋଜନାକୁ ଅପସନ୍ଦ କରିବାକୁ ଆଉ କିଛି ଅଧିକ କାରଣ ବି ମିଳିଗଲା ।

ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପ୍ ଓ ଓଡ଼ିଶା

ଚଳିତ ମାସର ପାଞ୍ଚ ତାରିଖରୁ ନଅ ତାରିଖ ଯାଏଁ, ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପ ଆୟୋଜିତ ହୋଇଥିଲା । ଖୁସିର ବିଷୟ ଏହି ପ୍ରତିସ୍ପର୍ଦ୍ଧାରେ ଆମ ଦେଶ ସର୍ବାଧିକ ପଦକ ପାଇ ଏକ ନମ୍ବର ସ୍ଥାନ ପାଇଲା । ସୂଚନାଯୋଗ୍ୟ ଯେ ଏହି ପ୍ରତିସ୍ପର୍ଦ୍ଧା ପ୍ରଥମେ ଛତିଶଗଡ଼ରେ ଆୟୋଜିତ ହେବ ବୋଲି କୁହାଯାଉଥିଲା କିନ୍ତୁ ଶେଷ ମୁହୂର୍ତ୍ତରେ ଛତିଶଗଡ଼ ରାଜ୍ୟ ଏହିପରି ଏକ ଆୟୋଜନ କରିପାରିବେ ନାହିଁ ବୋଲି ଜଣାଇବା ପରେ ଓଡ଼ିଶା ସରକାର ଏହି କାର୍ଯ୍ୟ ନିଜ ହାତକୁ ନେଇଥିଲେ ଏବଂ ଖୁବ୍ କମ ସମୟରେ ଏହି ଆୟୋଜନକୁ ସଫଳ ଭାବରେ ଆୟୋଜିତ କରି ବାହାବା ଲୁଟିବାରେ ସଫଳ ହୋଇଛନ୍ତି ।

ବିଗତ ମାସରେ ଓଡ଼ିଶାରେ ଦୁଇ ଦୁଇଟି ବିଶାଳ ରାଜନୈତିକ ସମାବେଶ ଆୟୋଜିତ ହୋଇଥିଲା । ପ୍ରଥମେ ବିଜୁ ଯୁବ ଜନତା ଦଳ ତରଫରୁ ବ୍ରହ୍ମପୁର

http://www.appsgeyser.com/4368717

ଉପକଣ୍ଠରେ ଥିବା ଆମ୍ବପୁଆଠାରେ ସମାବେଶ ହୋଇଥିଲା, ଏବଂ ଏହାର ଠିକ୍ ପରେ ପରେ ଭାଜପା ତରଫରୁ ମଧ୍ୟ ଏହିସ୍ଥାନରେ ସମାବେଶ ଆୟୋଜିତ ହୋଇଥିଲା । ପରସ୍ପରର ଗୋଡ଼ ଟଣାଟଣି ହେବା ବୋଧହୁଏ ରାଜନୈତିକ ନାଟକର ବିଶେଷ ଦୃଶ୍ୟ କି କଣ । ପରସ୍ପର ବିରୋଧୀ ମନ୍ତବ୍ୟ ଦେବାକୁ କେହି ଦ୍ୱିଧା କରିନାହାନ୍ତି ଅଥଚ କେନ୍ଦ୍ରରେ ରାଷ୍ଟ୍ରପତି ପଦବୀ ପାଇଁ ଯେତେବେଳେ ଭାରତୀୟ ଜନତା ପାର୍ଟି ନିଜ ତରଫରୁ ପ୍ରାର୍ଥୀ ଘୋଷଣା କରିଲେ ସେତେବେଳେ ବିଜୁ ଜନତା ଦଳ ପ୍ରମୁଖ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିର୍ବିରୋଧ ତାଙ୍କୁ ସମର୍ଥନ ଜଣାଇବାକୁ ଆଗେଇ ଆସିଥିଲେ । ଏ ସବୁ ଦେଖିଲେ ଲାଗୁଛି ଏମାନେ ଲୋକ ଦେଖାଣିଆ ଝଗଡ଼ା କରୁଛନ୍ତି, ଅନ୍ଧାରରେ ସବୁ ଗୋଟିଏ ଥାଳିରେ ଖାଉଛନ୍ତି ।

ଗତକାଲି ପବିତ୍ର ଅମରନାଥ ଯାତ୍ରାରେ ଯାଇଥିବା କିଛି ତୀର୍ଥଯାତ୍ରୀଙ୍କ ଉପରେ ଅତର୍କିତ ଆତଙ୍କବାଦୀ ଆକ୍ରମଣ ଫଳରେ ଅନ୍ୟୁନ ସାତଜଣ ତୀର୍ଥଯାତ୍ରୀ ପ୍ରାଣ ହରାଇଥିବା ବେଳେ କୋଡ଼ିଏ ପାଖାପାଖି ଆହତ ହୋଇଛନ୍ତି । କାଶ୍ମୀର ଉପତ୍ୟାକାରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ଏହା ଏକ ବିଶାଳ ଯୋଜନା ବୋଲି କୁହାଯାଉଛି । ତେଣୁ ସିକ୍କିମ ପାଖାପାଖି ଅଞ୍ଚଳରେ ଚୀନ ସୈନ୍ୟମାନେ ଭାରତୀୟ ସୀମା ଭିତରକୁ ପଶି ଆସୁଛନ୍ତି ଏବଂ ଚୀନ ପରୋକ୍ଷ ଭାବରେ ଭାରତକୁ ଯୁଦ୍ଧର ଚେତାବନୀ ଦେଇ ପାରୁଛି । ଅଥଚ ଆମେ ଚୀନ ନିର୍ମିତ ସାମଗ୍ରୀ ବ୍ୟବହାରରେ କୌଣସି କୁଣ୍ଠା ବୋଧ କରୁନାହୁଁ । ବୋଧହୁଏ ବ୍ୟବସାୟ ଓ ରାଜନୀତି ଭାଇଭଉଣୀ କି କଣ । ପାକିସ୍ତାନକୁ ଆମେ ସର୍ବଦା ଭର୍ତ୍ସନା କରୁଛୁ ସତ କିନ୍ତୁ ପାକିସ୍ତାନରୁ ଚିକିତ୍ସା ପାଇଁ ଆସୁଥିବା ବ୍ୟକ୍ତିମାନଙ୍କୁ ଭିସା ଦେବାରେ କୌଣସି କୁଣ୍ଠା ବୋଧ କରୁନାହୁଁ । ଅବଶ୍ୟ ସହନଶୀଳତା ଆମ ରାଷ୍ଟ୍ରର ଅଙ୍ଗ । ରାଜନୈତିକ ଅବସ୍ଥା ଯାହା ହେଲାଣି, ପ୍ରତିଦିନ ଗୋଟେ ନୁଆ ନାଟକ ଦେଖିବାକୁ ମିଳୁଛି, ତେଣୁ ବୋଧହୁଏ ଆମ ସାହିତ୍ୟିକ ଭାଇଭଉଣୀମାନେ ଆଉ ନାଟକ ଲେଖିବାରେ ଧ୍ୟାନ ଦେଉନାହାନ୍ତି । ଟିଭିରେ ଗଣମାଧ୍ୟମ ଯେଉଁ ସବୁ ନାଟକ ଦେଖାଉଛନ୍ତି ତାହା କଣ କମ ରୋମାଞ୍ଚକର ହେଉଛି ?

http://www.appsgeyser.com/4368717

## ନିଆଳୀର ଅଦ୍‌ଭୂତ ଜୀବ

ବିଗତ ମାସରେ ଓଡ଼ିଶାର ନିଆଳୀ ଅଞ୍ଚଳରେ ଏକ ଅଦ୍ଭୂତ ଜୀବର ଦୌରାତ୍ମ୍ୟ ଖବର ଊଣାଅଧିକେ ସମସ୍ତେ ଜାଣିଥିବେ । ସୋସିଆଲ୍ ମିଡ଼ିଆ ଏବଂ ଗଣମାଧ୍ୟମର ପ୍ରଭାବରେ ଏହି ଜୀବକୁ ଜୀବନ୍ତ କରିଦେଇ କେତେବେଳେ ଗୋଟ୍ ମ୍ୟାନ୍ (ଛାଗଳ ମଣିଷ) ତ କେତେବେଳେ ପାଲଟା ବାଘ ଭାବରେ ଦେଖାଗଲା । ଏହା ସତରେ କଣ ତାହା କେହି ଜାଣିପାରିଲେ ନାହିଁ, କିନ୍ତୁ ଏହି ଜୀବର ଆକ୍ରମଣର ଶୀକାର ହେଉଥିଲେ କେବଳ ମେଣ୍ଢାମାନେ । ମେଣ୍ଢାମାନଙ୍କୁ ମାରି ସେମାନଙ୍କ କଲିଜା ଖାଇବାରେ ସିଦ୍ଧହସ୍ତ ଏହି ଜୀବକୁ ଧରିବାପାଇଁ ଆମ ସରକାରୀ ବାବୁମାନେ ଅନେକ ହଟହଟା ହେଲେ । କେତେ ସିସିଟିଭି କ୍ୟାମେରା ଲାଗିଲା ହିସାବ ନାହିଁ, ଜନ୍ତା ପକାଗଲା, ଅନ୍ଧାରରେ ଠେଙ୍ଗାବାଡ଼ି ଧରି ଲୋକ ବୁଲିଲେ ହେଲେ କିଛି ସୁଫଳ ମିଳିଲା ନାହିଁ । ଶେଷରେ ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ଏକ ଜୀବକୁ ଧରିବାର ଦୃଶ୍ୟ ଗଣମାଧ୍ୟମରେ ଦେଖାଗଲା । ଅବଶ୍ୟ ଏହା ସେହି ଜୀବକି ନୁହେଁ ତାହା କହିବା ଅସମ୍ଭବ । କିନ୍ତୁ କିଛି ଦିନ ହେବ ମେଣ୍ଢା ଶୀକାର ବନ୍ଦ ଅଛି । ହେଲେ ଦୁଃଖର ବିଷୟ ନିଆଳୀରେ ସଦ୍ୟ ସମାପ୍ତ ନାଟକ ଏବେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ଦେଖାଦେଇଛି । ଏଠାରେ ବିଗତ ଦୁଇ ଦିନରେ ପ୍ରାୟ ତେର ଗୋଟି ମେଣ୍ଢା ପୂର୍ବାନୁରୂପ ହତ୍ୟାର ଶୀକାର ହୋଇଛନ୍ତି । ଯେତେ ଦିନଯାଏଁ ଏହି ଜୀବର କାର୍ଯ୍ୟ ସିସିଟିଭି କ୍ୟାମେରାରେ କଏଦ ନ ହୋଇ ସୋସିଆଲ୍ ମିଡ଼ିଆରେ ଆସିନାହିଁ, ଲୋକମାନେ ଶାନ୍ତିରେ ବସିବେ ନାହିଁ ।

ଏହା ଥିଲା ବିଗତ ମାସରେ ଦେଶ ଦୁନିଆର କିଛି ଖବର । ଖବର ତ ଆହୁରି ଅନେକ ଅଛି । କିନ୍ତୁ ନା ଆଉ ଖବର ଶୁଣାଇ ମନକୁ ଭାରାକ୍ରାନ୍ତ କରିବା ଉଚିତ ହେବନାହିଁ । ତେଣୁ ଚାଲନ୍ତୁ ପଢ଼ିବା ଚଳିତ ମାସର ଆହ୍ୱାନ ଇପତ୍ରିକା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

http://www.appsgeyser.com/4368717

# ଆନନ୍ଦମଠ (ବଙ୍ଗଳା)



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ

ଓଡିଆ ଭାଷାନ୍ତରଣ : ଦୀପକ ଷଡଙ୍ଗୀ

[ଲେଖକ ପରିଚୟ – ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ/ଚାଟାର୍ଜୀ (୨୬. ୦୬. ୧୮୩୮ – ୦୮. ୦୪. ୧୮୯୪) ଥିଲେ ପିତା ଯାଦବ ଚନ୍ଦ୍ର ଚାଟାର୍ଜୀ ଓ ମାତା ଦୂର୍ଗା ଦେବୀଙ୍କର ତିନି ପୁତ୍ରଙ୍କ ମଧ୍ୟରୁ କନିଷ୍ଠ ପୁତ୍ର । ତାଙ୍କ ଜନ୍ମ ପଶ୍ଚିମବଙ୍ଗ ରାଜ୍ୟର ଉତ୍ତର ଚବିଶ ପ୍ରଗଣା ଜିଲ୍ଲାର ନୟାହାଟିଠାରେ ହୋଇଥିଲା । ସେ ଥିଲେ ଏକାଧାରରେ ଜଣେ ବଙ୍ଗଳାଭାଷା ସାହିତ୍ୟର କବି, ଗାଳ୍ପିକ, ଔପନ୍ୟାସିକ ଏବଂ ସାମ୍ବାଦିକ । ତାଙ୍କ ରଚିତ ଲେଖାଗୁଡ଼ିକ ବଙ୍ଗଳା ସାହିତ୍ୟକୁ ରୁଚିମନ୍ତ ଓ ଋଦ୍ଧିମନ୍ତ କରି ଗଢ଼ି ତୋଳିଛି । ଭାରତର ରାଷ୍ଟ୍ରୀୟ ସଂଗୀତ "ବନ୍ଦେ ମାତର୍‌ମ୍"ର ସେ ଥିଲେ ରଚୟିତା । ତାଙ୍କ ରଚିତ ଅନ୍ୟକୃତି ଗୁଡ଼ିକ ହେଲା ଦୁର୍ଗେଶନନ୍ଦିନୀ, କପାଳକୁଣ୍ଡଳା, ମୃଣାଳିନୀ ଇନ୍ଦିରା, ଦେବୀ ଚୌଧୁରାଣୀ ଇତ୍ୟାଦି ।

ଏହି ଉପନ୍ୟାସ "ଆନନ୍ଦ ମଠ" ୧୮୮୨ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀରେ ଇଂରେଜମାନଙ୍କ ବିରୁଦ୍ଧରେ ବଙ୍ଗରେ ଚାଲିଥିବା ସନ୍ୟାସୀ ଆନ୍ଦୋଳନକୁ ତୀବ୍ର କରିବାରେ ଏହା ସହାୟକ ହୋଇଥିଲା । ସେଥିପାଇଁ ସେ ସମୟରେ ଇଂରେଜ ସରକାର ଏହାର ବିକ୍ରୀ ଓ ବିତରଣକୁ ସେତେବେଳେ ବନ୍ଦ କରାଇଥିଲେ । "ବନ୍ଦେ ମାତରମ" ସଙ୍ଗୀତ ଏହି ଉପନ୍ୟାସର ଏକ ଅଂଶ ବିଶେଷ ଅଟେ ।]

http://www.appsgeyser.com/4368717

ଭାଗ - ୧

୧୭୭୬ ଖ୍ରୀଷ୍ଟାବ୍ଦରେ ପଶ୍ଚିମବଙ୍ଗର ପଦଚିହ୍ନ ଗ୍ରାମରେ ଅକାଳ ମରୁଡ଼ି ପଡ଼ିଥିଲା । ସେ ବର୍ଷ ଗାଁରେ ଯୁଆଡ଼େ ଚାହିଁବ ସବୁଆଡ଼େ ଜନଶୂନ୍ୟ । ଗାଁ ଗୋଟାକରେ ଶ୍ମଶାନର ଶୂନ୍ୟତା । ପଦଚିହ୍ନ ଗାଁର ମହେନ୍ଦ୍ର ସିଂହ ହେଉଛନ୍ତି ଜଣେ ଧନୀ ବ୍ୟକ୍ତି, କିନ୍ତୁ ଏ ଦୁର୍ଭିକ୍ଷ ସମୟରେ ଧନୀ ଗରିବ ପ୍ରାୟ ସମସ୍ତେ ସମାନ । ଦୁର୍ଭିକ୍ଷ ମହେନ୍ଦ୍ରଙ୍କ ଠାରୁ ତାଙ୍କର ସମସ୍ତ ଆତ୍ମୀୟ ସ୍ୱଜନମାନଙ୍କୁ ଛଡ଼ାଇ ନେଇଥିଲା । ଏତେବଡ଼ ପରିବାରରେ କେବଳ ରହିଗଲେ ସେ, ସ୍ତ୍ରୀ କଲ୍ୟାଣୀ ଓ ତାଙ୍କର ଗୋଟିଏ ଛୋଟ ଝିଅ ।

ମହେନ୍ଦ୍ର ବଡ଼ ଚିନ୍ତିତ ଅବସ୍ଥାରେ ଥିଲେ । ପତ୍ନୀ କଲ୍ୟାଣୀ ସ୍ୱାମୀଙ୍କର ଚିନ୍ତା ଦୂର କରିବା ପାଇଁ ଗାଁ ଛାଡ଼ି କଲିକତା କିମ୍ବା ମୁର୍ଶିଦାବାଦ ଯିବା ପାଇଁ ପରାମର୍ଶ ଦେଲେ; କିନ୍ତୁ ମହେନ୍ଦ୍ରଙ୍କର ଗାଁ ଛାଡ଼ି ନ ଯିବାର କାରଣ ଥିଲା ପୈତୃକ ସମ୍ପତି । କଲ୍ୟାଣୀଙ୍କର ଯୁକ୍ତି ଥିଲା ଜୀବନ ଥିଲେ ତ ସମ୍ପତି ଭୋଗ କରିବା । ଯଦି ଜୀବନ ବଞ୍ଚିଯିବ ସମ୍ପତି କୁଆଡ଼େ ଯିବ, ତାକୁ ତ ପରେ ମଧ୍ୟ ଭୋଗ କରିହେବ । ମହେନ୍ଦ୍ର କହିଲେ ଏତେ ବାଟ ଯିବା କେମିତି ? ବଳଦ, ଘୋଡ଼ା ସବୁ ଯିବ ଜନ୍ତୁ ତ ମରୁଡ଼ିରେ ମରିଗଲେ, କଲ୍ୟାଣୀ କିନ୍ତୁ ସବୁବାଟକୁ ପାଦରେ ଚାଲିଚାଲି ଯିବା ପାଇଁ ପ୍ରସ୍ତୁତ ହେଲେ ।

ତା' ପର ଦିନ ମହେନ୍ଦ୍ର କଲ୍ୟାଣୀ ଓ ଝିଅକୁ ଧରି ଜଙ୍ଗଲ ରାସ୍ତା ଦେଇ ଯିବାକୁ ମନସ୍ଥ କଲେ । ସାଙ୍ଗରେ କିଛି ଅସ୍ତ୍ରଶସ୍ତ୍ର ବି ଆଣିଲେ ଓ କଲ୍ୟାଣୀ ସାଙ୍ଗରେ ଗୋଟେ ବିଷ ବୋତଲ ଆଣିଲେ । ଜ୍ୟେଷ୍ଠମାସର ଅଗ୍ନିବର୍ଷୀ ଖରା ମା ଓ ଝିଅଙ୍କୁ ଅସ୍ତବ୍ୟସ୍ତ କରି ପକାଉଥାଏ । ମହେନ୍ଦ୍ର, କଲ୍ୟାଣୀଙ୍କର ଅସୀମ ଧୈର୍ଯ୍ୟ ଓ ସାହସକୁ ମନେ ମନେ ପ୍ରଶଂସା କରୁଥାନ୍ତି । ମଝିରେ ମଝିରେ ସମସ୍ତେ ଟିକେ ଗଛଛାଇରେ ବିଶ୍ରାମ ନେଉଥାନ୍ତି ଓ ଓଦାଲୁଗାରେ ମୁହଁକୁ ପୋଛୁଥାନ୍ତି ।

http://www.appsgeyser.com/4368717

ସନ୍ଧ୍ୟା ହେବା ପୂର୍ବରୁ ସେମାନେ ଝିଅକୁ ଧରି ଗୋଟେ ବସ୍ତି ନିକଟରେ ପହଞ୍ଚିଗଲେ । ଛୋଟ ଝିଅଟି ଭୋକରେ ଆଉଟୁପାଉଟୁ ହେଲାଣି କିଛି ନ ହେଲେ ତା ମୁହଁରେ ତ ଟିକେ ଦାନ ଦବାକୁ ପଡ଼ିବ । ଏ କଥା ଭାବି ମହେନ୍ଦ୍ର ବସ୍ତିରେ ଥିବା ଏକ ଛୋଟ  ଘରେ ମା ଓ ଝିଅକୁ ବସାଇ ଦେଇ ନିଜେ କିଛି ଖାଦ୍ୟ ଓ ପାଣିର ଅନ୍ୱେଷଣରେ ବାହାରିଗଲେ । କିନ୍ତୁ ଏ କ'ଣ ବସ୍ତିରେ ଗୋଟେ ହେଲେ ଲୋକର ଚିହ୍ନବର୍ଣ୍ଣ ନାହିଁ । ମହେନ୍ଦ୍ର ବସ୍ତି ମଝିରେ ଛିଡ଼ାହେଇ ଜୋରରେ ଚିତ୍କାର କରିବାକୁ ଲାଗିଲେ, କିନ୍ତୁ ତାଙ୍କର ଡାକ ପବନ ସହିତ ମିଶିବା ସାର ହେଲା । ତା'ପରେ ସେ ଘରଭିତରକୁ ଆସି ଗୋଟେ ମାଟିର ପାତ୍ର ନେଇ ପତ୍ନୀ ଓ ଝିଅକୁ ଏକା ଛାଡ଼ିଦେଇ କିଛି ସମୟ ପରେ ଆସିବେ ବୋଲି କହି ଚାଲିଗଲେ, କଲ୍ୟାଣୀ ଘରେ ଏକା ଥାଆନ୍ତି ଝିଅକୁ ଧରି ଘରର ଗୋଟେ କଣରେ ବସି ରହିଥାଆନ୍ତି । ତାଙ୍କୁ ଟିକେ ଡର ଲାଗୁଥାଏ । ହଠାତ୍ ଦେଖିଲେ ଗୋଟେ ଛାଇ ତାଙ୍କୁ ଆଡ଼କୁ ମାଡ଼ି ଆସୁଛି, ସୂର୍ଯ୍ୟ ଅସ୍ତ ଯାଇଥିବାରୁ ଠିକ ସେ ବୁଝାପଡୁ ନଥାଏ । ଛାଇଟି ପାଖେଇ ଆସିବାରୁ ଜୀର୍ଣ୍ଣଶୀର୍ଣ୍ଣ କଙ୍କାଳମୟ କିଛି ଲୋକ କଲ୍ୟାଣୀ ଓ ତାଙ୍କ ଝିଅକୁ ଘେରିଗଲେ ଓ ସେମାନଙ୍କୁ ଉଠାଇ ନେଇ ଜଙ୍ଗଲ ଭିତରକୁ ଚାଲିଗଲେ ।

ମହେନ୍ଦ୍ର କିଛି ସମୟ ପରେ ପାତ୍ରରେ କିଛି କ୍ଷୀର ନେଇ ସେଇ ଘରେ ପହଞ୍ଚିଲା ବେଳକୁ ଘରେ ସ୍ତ୍ରୀ ଓ ଝିଅ ନାହାନ୍ତି । ସେ ଅସ୍ତବ୍ୟସ୍ତ ହୋଇ ସ୍ତ୍ରୀ ଓ ଝିଅକୁ ଜୋରରେ ଡାକିବାକୁ ଲାଗିଲେ  କିନ୍ତୁ ଫଳ କିଛି ହେଲାନି ।

ଡାକୁମାନେ କଲ୍ୟାଣୀ ଓ ଝିଅକୁ ଧରି ଘଞ୍ଚଜଙ୍ଗଲ ଭିତରକୁ ଚାଲିଗଲେ । ସେମାନେ ତା'ଠାରୁ ସବୁ ସୁନାଗହଣା ଲୁଟିନେଲେ ଓ ନିଜମଧ୍ୟରେ ବାଣ୍ଟିବା ଆରମ୍ଭ କରିଦେଲେ । ବଣ୍ଟାବଣ୍ଟିରେ ଭୁଲ ହେବାରୁ ସେମାନେ ନିଜନିଜ ମଧ୍ୟରେ ମାରପିଟ୍ ହେବାକୁ ଆରମ୍ଭ କରିଦେଲେ । ସେମାନେ ଭାବିଲେ ଏ ଗହଣା ଗାଣ୍ଠି କ'ଣ ଆମ ଭୋକ ମେଣ୍ଟାଇପାରିବ ଚାଲ ଆମେ ସମସ୍ତେ ମିଶି ଏ ମା ଓ ଝିଅକୁ ମାରି ତାଙ୍କ ମାଂସ ପୋଡ଼ିକି ଖାଇବା; କିନ୍ତୁ ସୌଭାଗ୍ୟବଶତଃ ସେମାନଙ୍କର

http://www.appsgeyser.com/4368717

ମାରପିଟର ସୁଯୋଗ ନେଇ କଲ୍ୟାଣୀ ଝିଅକୁ ଧରି ଘଞ୍ଚ ଜଙ୍ଗଲ ଭିତରକୁ ଖସିଗଲେ । ଡକାୟତ ଦଳ କଲ୍ୟାଣୀ ଓ ତା ଝିଅକୁ ପାଖରେ ନ ପାଇ ଖୋଜିବାକୁ ଲାଗିଲେ, କଲ୍ୟାଣୀ ଝିଅକୁ ଧରି ଘଞ୍ଚଜଙ୍ଗଲ ଭିତରେ ଦୌଡ଼ିଥାଏ, ଝିଅର କାନ୍ଦ ଡକାୟତ ମାନଙ୍କ କାନରେ ପଡ଼ିବାରୁ ସେମାନେ ଆହୁରି ତତ୍ପର ହୋଇ ମା ଓ ଝିଅକୁ ଖୋଜିବାକୁ ଲାଗିଲେ । କଲ୍ୟାଣୀ ଥକା ମାରି ଗୋଟେ ବରଗଛ ମୂଳେ ବସି ପଡ଼ିଲେ ଓ ମନେମନେ ଈଶ୍ୱରଙ୍କୁ ସ୍ମରଣ କରିବାକୁ ଲାଗିଲେ ।

ତାଙ୍କୁ ମନେହେଲା ଯେପରି "ହରେ ମୁରାରୀ ମଧୁକୈଟଭ ହରି" ନାମ ସଂକୀର୍ତ୍ତନ କରି କିଛି ଲୋକ ତା ଆଡ଼କୁ ମାଡ଼ି ଆସୁଛନ୍ତି, କିନ୍ତୁ କ୍ଳାନ୍ତି ଓ ବିଷର୍ଣ୍ଣତା ହେତୁ ସେ ସେଇଠି ଚେତା ହରାଇ ପଡ଼ି ରହିଲା ।

ଚେତା ଫେରିପାଇବା ପରେ ସେ ନିଜକୁ ପାଇଲା ଗୋଟେ ପୁରୁଣା ମଠ ଭିତରେ ଯାହାର ନା ବଙ୍ଗଳାରେ ଲେଖା ହୋଇଥିଲା "ଆନନ୍ଦ ମଠ" । ମଠରେ ବିଭିନ୍ନ  ଦେବାଦେବୀଙ୍କର ମନ୍ଦିର ଥିଲା । ପରିଷ୍କାର ଓ ପରିଚ୍ଛନ୍ନତା ହେତୁ ମଠଟି ଖୁବ ସୁନ୍ଦର ଦେଖାଯାଉଥିଲା । ସେ ଦେଖିଲା ଯେ ତା ଆଗରେ ଜଣେ ସନ୍ୟାସୀ ବସିଛନ୍ତି    ଏବଂ ତାକୁ ଓ ତା'ଝିଅକୁ କିଛି କ୍ଷୀର ପିଇବା ପାଇଁ ଅନୁରୋଧ କରୁଛନ୍ତି । କଲ୍ୟାଣୀ କ୍ଷୀର ନିଜେ ନ ପିଇ ଝିଅକୁ ପିଇବାକୁ ଦେଲେ । ସନ୍ୟାସୀ କିଛି କ୍ଷୀର କଲ୍ୟାଣୀକୁ ମଧ୍ୟ ଦେଲେ କିନ୍ତୁ କଲ୍ୟାଣୀ ତାକୁ ନ ପିଇ ସନ୍ୟାସୀଙ୍କୁ ତା ସ୍ୱାମୀ କିପରି ତା'ଠାରୁ ଅଲଗା ହୋଇଗଲେ ସେ କଥା କହି କାନ୍ଦିବାକୁ ଲାଗିଲା ଏବଂ ଯେ ପର୍ଯ୍ୟନ୍ତ ତା'ର ସ୍ୱାମୀର କିଛି ସନ୍ଧାନ ନ ମିଳିଛି ସେ କେବଳ ପାଣି ପିଇକି ରହିବ ବୋଲି  ସନ୍ୟାସୀଙ୍କୁ ଜଣେଇ ଦେଲା ।

ସନ୍ୟାସୀ ତା'ର ପତିଭକ୍ତିରେ ସନ୍ତୁଷ୍ଟ  ହୋଇ ତା'ର ସ୍ୱାମୀକୁ ଖୋଜିବେ ବୋଲି ତାକୁ ଅଭୟବାଣୀ ଦେଲେ ଏବଂ କହିଲେ ଯେ ପର୍ଯ୍ୟନ୍ତ ତା'ର ସ୍ୱାମୀର କିଛି ସନ୍ଧାନ ନ ମିଳିଛି; ସେ ପର୍ଯ୍ୟନ୍ତ ସେ ଏହି ମଠରେ ନିଶ୍ଚିନ୍ତ ହୋଇ ରହି ପାରିବ ବୋଲି । ତା'ପରେ ସନ୍ୟାସୀ ଜଣକ ମଠର ଆଗକୁ ଯାଇ କିଛି ଶବ୍ଦ କରିବାକୁ

http://www.appsgeyser.com/4368717

ଲାଗିଲେ । ତାଙ୍କ ଶବ୍ଦ ଶୁଣି ପ୍ରାୟ ଦୁଇ ଶହରୁ ତିନି ଶହ ଅସ୍ତ୍ରଶସ୍ତ୍ର ଧାରି ଯୁବକ ମଠର ସମ୍ମୁଖରେ ଜମା ହୋଇଗଲେ । ସନ୍ନ୍ୟାସୀ ଜଣକ ଯୁବକ ମାନଙ୍କ ଭିତରୁ ସମସ୍ତଙ୍କୁ ନିରୀକ୍ଷଣ କରି ଜଣେ ଯୁବକ ପାଖରେ ଯାଇ ପହଞ୍ଚିଲେ ଓ ତା'କୁ ପଚାରିଲେ, "ଭବାନନ୍ଦ ମହେନ୍ଦ୍ର ସିଂହର କିଛି ଖବର ମିଳିଲା ନା ନାହିଁ ?" ଭବାନନ୍ଦ ଉତ୍ତର ଦେଲା "ମହେନ୍ଦ୍ର ସିଂ ତା'ର ସ୍ତ୍ରୀ ଓ ଝିଅକୁ ଧରି କଲିକତା କି ମୁର୍ଶିଦାବାଦ ଯିବା ଉଦ୍ଦେଶ୍ୟରେ ବାହାରି ଥିଲେ କିନ୍ତୁ ବାଟରେ ! ସନ୍ନ୍ୟାସୀ ଜଣକ ଭବାନନ୍ଦକୁ ମଝିରୁ ଅଟକାଇ ତା ପରବର୍ତ୍ତୀ ଘଟଣା ସେ ସବୁ ଜାଣିଥିବାର କହିଲେ ଓ ଆଦେଶ ଦେଲେ ଯେ ଯେତେ ଶୀଘ୍ର ପାରୁଛ ମହେନ୍ଦ୍ର ସିଂକୁ ଖୋଜି ବାହାର କରିବା ପାଇଁ ଆଉ ଏଠିକାର ସବୁ କାମ ଜୀବାନନ୍ଦ ସମ୍ଭାଳିନବ ବୋଲି ।

ସେପଟେ ମହେନ୍ଦ୍ର ସ୍ତ୍ରୀ ଓ ଝିଅକୁ ନ ପାଇ ଜଙ୍ଗଲସାରା ଖୋଜି ବୁଲୁଥାଏ । ଖୋଜୁଖୋଜୁ ବାଟରେ ତାର ଇଂରେଜ ସିପାହୀମାନଙ୍କ ସହ ମୁହାଁମୁହିଁ ହୋଇଯାଏ । ମହେନ୍ଦ୍ର ହାତରେ ବନ୍ଧୁକ ଦେଖି ସେମାନେ ଭାବନ୍ତି ମହେନ୍ଦ୍ର ଡକାୟତ ବୋଲି । ସିପାହୀମାନେ ମହେନ୍ଦ୍ରକୁ ଧରି ନେଇ ଇଂରେଜ ସେନାପତିଙ୍କ ପାଖକୁ ନେଇ ଯାଆନ୍ତି ଓ ସେନାପତି ଆଦେଶ ଦିଏ ତାକୁ ବାନ୍ଧି ଦେଇ ଗାଡ଼ି ପଛରେ ପକେଇ ଦବାକୁ ।

ଭବାନନ୍ଦ ମହେନ୍ଦ୍ରକୁ ଖୋଜିଖୋଜି ସେଇ ବସ୍ତିକୁ ଗଲା, ସେଠିକିଛି ଖବର ନ ପାଇ ଫେରୁଥିବାବେଳେ ତା'ର ଭେଟ ହୁଏ ସେଇ ଇଂରେଜମାନଂକ ସହ ଯେଉଁମାନେ ମହେନ୍ଦ୍ରକୁ ବାନ୍ଧି କି ନେଇ ଯାଉଥିଲେ । ସିପାହୀମାନେ ଭବାନନ୍ଦକୁ ବି ଡକାୟତ ବୋଲି ଭାବିଲେ କିନ୍ତୁ ଭବାନନ୍ଦ କହିଲେ, "ଡକାୟତ କ'ଣ ଗେରୁଆ ବସ୍ତ୍ର ପିନ୍ଧେ କି" ? ମୁଁ ତ ଜଣେ ସନ୍ନ୍ୟାସୀ ! କିନ୍ତୁ ଇଂରେଜ ସିପାହୀମାନେ ତା'ର କିଛି କଥା ନ ଶୁଣି ତାକୁ ମଧ୍ୟ ବାନ୍ଧିଦେଇ ମହେନ୍ଦ୍ରକୁ ଯେଉଁ ଗାଡ଼ିରେ ପକେଇ ଥିଲେ ସେଇ ଗାଡ଼ିରେ ପକେଇ ଦେଲେ ।

http://www.appsgeyser.com/4368717

ଭବାନନ୍ଦ ମହେନ୍ଦ୍ର ସିଂକୁ ପାଖରେ ପାଇ ତାକୁ ଠିକ୍ ଚିହ୍ନି ପାରିଲେ ଏବଂ ଗାଡ଼ିର ଚକ ସହିତ ତାଙ୍କର ହାତର ଦଉଡ଼ିକୁ କିପରି ଘଷିକରି କଟା ଯାଇପାରିବ ତାହା ବତାଇ ଦେଲେ । ମହେନ୍ଦ୍ର ବନ୍ଧନମୁକ୍ତ ହେବା ପରେ ସେ ଭବାନନ୍ଦଙ୍କୁ ମଧ୍ୟ ମୁକ୍ତ କରିଦେଲେ ଏବଂ ଦୁଇଜଣ ଚୁପଚାପ୍ ସେ ଗାଡ଼ି ପଛରେ ଶୋଇ ରହିଲେ ।

କିଛି ବାଟ ଯିବା ପରେ ଇଂରେଜ ସିପାହୀମାନେ ଦେଖିପାରିଲେ ଯେ ଜଣେ ହୃଷ୍ଟପୁଷ୍ଟ ଲୋକ ଖଣ୍ଡାଧରି ତାଙ୍କ ରାସ୍ତାକୁ ଓଗାଳି ଛିଡ଼ା ହୋଇରହିଛି । ଇଂରେଜ ସେନାପତି ତାଙ୍କର ଜଣେ ସିପାହୀକୁ ଆଦେଶ ଦେଲେ ଯେ ଯାଇକି ଦେଖିବାକୁ ରାସ୍ତା ଆଗରେ କିଏ ଛିଡ଼ା ହୋଇଛି ବୋଲି, ଆଦେଶ ପାଇ ସିପାହୀଟି ଦ୍ରୁତଗତିରେ ବନ୍ଧୁକ ଧରି ମାଡ଼ି ଗଲାବେଳକୁ ଆଃ କରି ଗୋଟେ ଚିତ୍କାର ଶୁଣାଗଲା ଏବଂ ସେ ଇଂରେଜ ସିପାହୀର ରକ୍ତାକ୍ତ ମୁଣ୍ଡଟି କଟି ଆସି ଇଂରେଜ ସେନାପତିଙ୍କ ଆଗରେ ପଡ଼ିଲା । ଇଂରେଜ ସେନାପତି କିଛି କରିବା ଆଗରୁ ଅସ୍ତ୍ରଶସ୍ତ୍ର ଧରି ପ୍ରାୟ ଶହେରୁ ଉର୍ଦ୍ଧ ଗେରୁଆ ସନ୍ନ୍ୟାସୀ ଯୁବକ ଆସି ସେମାନଙ୍କୁ ଘେରିଗଲେ ଓ ଇଂରେଜ ସେନାପତିଙ୍କୁ ହତ୍ୟା କରି, ସେମାନେ ସାଙ୍ଗରେ ନେଇକି ଯାଉଥିବା ସବୁ ଅସ୍ତ୍ରଶସ୍ତ୍ର ଓ ଧନସମ୍ପତ୍ତି ନିଜ ଅକ୍ତିଆରକୁ ନେଇଗଲେ । ସେମାନେ ଗାଡ଼ି ପଛରେ ଥିବା ମହେନ୍ଦ୍ର ଓ ଭବାନନ୍ଦଙ୍କୁ ମଧ୍ୟ ଉଦ୍ଧାର କଲେ । ଭବାନନ୍ଦ ଯାଇ ଯୁବକମାନଙ୍କ ନେତୃତ୍ୱ ନେଉଥିବା ଜୀବାନନ୍ଦଙ୍କୁ ଚିହ୍ନି ପାରିଲେ । ଜୀବାନନ୍ଦ ସେମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରି ଧନସମ୍ପତ୍ତି ଓ ଅସ୍ତ୍ରଶସ୍ତ୍ର ଲୁଟି ଥିବା ଗାଡ଼ିକୁ ଧରି ସେଠାରୁ ଚାଲିଗଲେ ।

ମହେନ୍ଦ୍ର ଏ ସବୁ ଆଶ୍ଚର୍ଯ୍ୟ ହୋଇ ଦେଖୁଥାନ୍ତି, ତାଙ୍କୁ ଟିକେ ସହଜ କରିବାକୁ ଯାଇ ଭବାନନ୍ଦ ତାଙ୍କ ପାଖକୁ ଯାଇ କହିଲେ, "ତୁମେମାନେ ହେଲ ଜମିଦାର ବଂଶୀୟ, ତୁମେମାନେ ଇଂରେଜମାନଙ୍କର ଗୁଲାମୀ କରିପାର କିନ୍ତୁ ଆମେ ନୁହେଁ । ଆମେମାନେ ସାଧାରଣ ଜନତା ଓ ଦେଶମାତୃକାର ସେବା କରିବା ପାଇଁ ବଦ୍ଧ-ପରିକର, ଆଉ ଆହୁରି ମଧ୍ୟ ଆମେ ତୁମର ବି ବହୁତ ଉପକାର କରିଛୁ । ତୁମ

http://www.appsgeyser.com/4368717

ସ୍ତ୍ରୀ ଓ କନ୍ୟା ଆମ ପାଖରେ ଅଛନ୍ତି, ଯଦି ସେମାନଙ୍କୁ ଦେଖା କରିବାର ଅଛି ତେବେ ମୋ ପଛେପଛେ ଆସ ।"

ମହେନ୍ଦ୍ର ତାଙ୍କ ପଛେ ପଛେ ଚାଲିଲେ । ମହେନ୍ଦ୍ର ଭବାନନ୍ଦଙ୍କୁ ଆଉ କିଛି ପଚାରିବାକୁ ଉଦ୍ୟତ ହୁଅନ୍ତେ ଭବାନନ୍ଦ ଗାଇ ଉଠିଲେ;

*ବନ୍ଦେ ମାତରମ୍ ! ସୁଜଳାମ ସୁଫଳାମ ମଳୟଜ ଶୀତଳାମ୍*

*ଶସ୍ୟ ଶ୍ୟାମଳା ମାତରମ୍*

*ଶୁଭ୍ର ଜୋଛନା ପୁଲକିତ ଯାମିନି*

*ପୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନି*

*ସୁହାସିନୀ ସୁମଧୁର ଭାସିନି*

*ସୁଖଦାଂ ବରଦାଂ ମାତରମ ... ବନ୍ଦେ ମାତରମ୍*

ମହେନ୍ଦ୍ର ଗୀତଟି ଶୁଣିବା ପରେ ପଚାରିଲେ, "ଏ ତ ମାତୃବନ୍ଦନା" ! ତୁମେ ଏଠାରେ ମା' ବୋଲି କାହାକୁ ସମ୍ବୋଧନ କରୁଛ ?

ଭବାନନ୍ଦ ଲୋତକପୂର୍ଣ୍ଣ ଚକ୍ଷୁରେ ଜବାବ୍ ଦେଲେ, "ଏଠି ମା ହେଉଛି ଆମ ଜନ୍ମଭୂମି । ଆମ ଅଖଣ୍ଡ ଭାରତବର୍ଷ । ଆଉ ଆମେ ସମସ୍ତେ ସେଇ ମାତୃଭୂମିର ସନ୍ତାନ ।" ମହେନ୍ଦ୍ର ପୁଣି ପଚାରିଲେ, "ସନ୍ତାନ ହୋଇ ତୁମେମାନେ ଏ ଲୁଟତରାଜ କାହିଁକି କରୁଛ ?"

ଭବାନନ୍ଦ ଗମ୍ଭୀର ହୋଇ ଉତ୍ତର ଦେଲେ, "ଆମେମାନେ ଲୁଟତରାଜ କରୁନାହୁଁ, ଆମେମାନେ ମୋଗଲ ଓ ଇଂରେଜମାନଙ୍କ ଦ୍ୱାରା ଲୁଟ୍ ହୋଇଥିବା ଆମ ଗରିବ ଦେଶବାସୀମାନଙ୍କର ସମ୍ପତ୍ତିକୁ ସେମାନଙ୍କଠାରୁ ଉଦ୍ଧାର କରୁଛୁ । ତୁମେ ଜମିଦାରମାନେ ସେମାନଙ୍କ ଗୋଲାମ ହୋଇପାର କିନ୍ତୁ ଆମେ ସେମାନଙ୍କୁ ହତ୍ୟାକରି ଆମ ମାତୃଭୂମିରୁ ତଡ଼ି ଦେବାକୁ ବଦ୍ଧପରିକର । ସାରା ଦେଶକୁ ଏହି

http://www.appsgeyser.com/4368717

ମୋଗଲ ଓ ଇଂରେଜମାନେ ବସି ଲୁଟିବାକୁ ବସିଛନ୍ତି । ହିନ୍ଦୁତ୍ୱର ସତ୍ତା ଲୋପ ପାଇବାକୁ ବସିଲାଣି, ତୁମ ମାନଙ୍କ ଭଳି କେତେକ ସ୍ୱାର୍ଥପର ଲୋକ ଆମ ଦେଶକୁ ସେମାନଙ୍କ ହାତରେ ବିକି ଦବାକୁ ବସିଛନ୍ତି କିନ୍ତୁ ଆମେ ଏହା କଦାପି ହବାକୁ ଦବୁନି ।"

ମହେନ୍ଦ୍ର କହିଲେ, "କିନ୍ତୁ ତୁମେମାନେ କ'ଣ ସେମାନଙ୍କ ମୁକାବିଲା କରିପାରିବ ?"

ଭବାନନ୍ଦ ବୀରତ୍ୱର ସହ ଉତ୍ତର ଦେଲେ, "ସେଥିପାଇଁ ତ ଆମେ ସନ୍ନ୍ୟାସୀର ବେଶ ଧାରଣ କରିଛୁ । ଆମ ମାନଙ୍କର ମଧ୍ୟ ନିଜ ନିଜର ପରିବାର ଅଛି, କିନ୍ତୁ ଆମେମାନେ ସବୁ ମୋହ, ମାୟା ତ୍ୟାଗ କରି ମାତୃଭୂମିର ରକ୍ଷା ପାଇଁ ତା'ର ସନ୍ତାନ ସାଜିଛୁ । ଆଉ ମୋ ଭଳି ଶହ ଶହ ଯୁବକ ଦେଶ ମାତୃକାର ରକ୍ଷା ପାଇଁ, ତାର ସନ୍ତାନ ହେବା ପାଇଁ ସନ୍ନ୍ୟାସୀ ସାଜିଛନ୍ତି । ଆଉ ତୁମେ ଯଦି ଚାହିଁବ, ତୁମେ ମଧ୍ୟ ସନ୍ତାନ ହୋଇପାରିବ ଓ ସନ୍ନ୍ୟାସୀ ବେଶ ଧାରଣ କରିପାରିବ, କିନ୍ତୁ ଗୋଟେ ସର୍ତ୍ତରେ ଯେଉଁ ପର୍ଯ୍ୟନ୍ତ ଏହି ମାତୃଭୂମିର ରକ୍ଷା କରିବା ବ୍ରତ ସଫଳ ନ ହୋଇଛି ସେ ପର୍ଯ୍ୟନ୍ତ ତୁମେ ତୁମର ପତ୍ନୀ ଓ କନ୍ୟାର ମୁଖଦର୍ଶନ କରି ପାରିବ ନାହିଁ ।"

ଆଉ ତା'ପରେ ...କ୍ରମଶଃ

http://www.appsgeyser.com/4368717

# ଆମ୍ବ



ରୁଚି ପାଣିଗ୍ରାହୀ

ପ୍ରଚଣ୍ଡ ଖରାଦିନେ ପାୱାର କଟ୍ ! ! ଓଃ ଯେଉଁ ଉହଳ ବିକଳ ଲାଗେ ଆଉ କୁହନ୍ତୁନି । କିନ୍ତୁ ଟିଭି, ମ୍ୟୁଜିକ ପ୍ଲେୟାର ଆଉ ପଙ୍ଖାର ଘାଉଁ ଘାଉଁ ବନ୍ଦ ହେଇଗଲା ବେଳେ ମନେ ପଡ଼େ ସେଇ ପିଲାବେଳ କଥା । ଲାଇନ କଟିଗଲେ ଯାଇ ବୁଢ଼ାବାପାଙ୍କ ଖଟରେ ଡିଆଁ ମରା ହେଉଥିଲା । ତାଙ୍କୁ ଦି'ପହରିଆ ନିଦରୁ ଉଠେଇ ଗପ କୁହ ବୋଲି ଫରମାଇଶ ହଉଥିଲା । ମୋ ବୁଢ଼ାବାପାଙ୍କୁ ଗପ କହି ଆସୁନଥିଲା । ହେଲେ ତାଙ୍କର ଗୋଟେ ଟ୍ରେଡ଼ମାର୍କ କଉତୁକିଆ ଖେଳ ଥିଲା । ସେ ଜଣ ଜଣ କରି ସବୁ ଛୁଆ ପଲଟଣକୁ ପଚାରିବେ - ଆଚ୍ଛା କହିଲୁ, ତୋତେ କିଲେ ଅଙ୍ଗୁର ଦିଆଯିବ ଆଉ କିଲେ ଆମ୍ବ । ତୁ କଣ ଖାଇବୁ ? ଧୀରେ ଧୀରେ ଅପସନ ଗୁଡ଼ା କିଲେ ଆମ୍ବରୁ ଅଧେ, ତାପରେ ଗୋଟେ ଆଉ ଶେଷରେ ଗୋଟେ ପଚା ଆମ୍ବକୁ ଆସେ । କିନ୍ତୁ ମୁଁ ସେଇ ଆମ୍ବରେ ଅଟକି ଥାଏ ।

ଏଇ ଯେଉଁ ଆମ୍ବ ପ୍ରେମଟା ଆମ ବଂଶର ରକ୍ତରେ ଅଛି ବୋଧେ । ମନେ ଅଛି ବୁଢ଼ୀମା କହୁଥିଲା ମୋ ମଝିଆଁ ବାପା କାଳେ ଝୁଡ଼ିଭର୍ତ୍ତି ଆମ୍ବ ଏକୁଟିଆ ଖାଇବେ ବୋଲି ଜିଦି କରି ନାଳରେ ଦିନ ସାରା ଗଡ଼ିଥିଲେ । ଶେଷରେ ଝୁଡ଼ିଟା ଧରି ଗୋଟେ ଘରେ ନିଜକୁ ବନ୍ଦ କରି ରାତି ସାରା ବସି ଆମ୍ବ ତକ ସାରିଲେ । ଦିନ ଦି'ପହରେ ସମସ୍ତେ ଶୋଇଲା ବେଳକୁ ବୁଢ଼ୀମା ନିଜେ ପାଛିଆ ଧରି ବାରିପଟେ ବସି ଆମ୍ବ ଚୁଚୁମେ । କିଏ ଦେଖିଲେ ଚୋର ଧରା ପଡ଼ିଲା ପଡ଼ି କୁହେ, କି ଖଟା ଆମ୍ବ ଗୁଡ଼ା ଲୋ ! ମୋତେ ପାଟିରେ ଦେଇହଉନି ।

http://www.appsgeyser.com/4368717

ଭାତଖିଆ ବେଳ ହେଲେ ଆମ୍ବ କଟା ହୁଏ ଆଉ ଆମ୍ବ ଫାଳକ ସରୁ ସରୁ କରି ତିନି ଖଣ୍ଡ ହୁଏ । ମଝି ଖଣ୍ଡକ ଖାଇବା ପାଇଁ ଯେଉଁ ମାଡ଼ଗୋଳ ଆଉ କହିଲେ ନସରେ । ନାନୀ ଏବେ ବି ତା' ଝିଅ ଶୋଇବାକୁ ଅପେକ୍ଷା କରେ । ଶୋଇଲା ପରେ ବଡ଼ ବଡ଼ ଆମ୍ବ କାଟି ଏକା ବସି ଖାଏ । ପଚାରିଲେ କୁହେ, ଝିଅ ଭାଗ ବସେଇବ ଉଠିଲେ । ସେ ଖାଇଛି । ବେଶି ଖାଇଲେ ପେଟ ଖରାପ ହେବ ତା'ର ।

ମୋ ବାହାଘର ପରେ ଜାଣିଲି ସ୍ୱାମୀଙ୍କୁ ଆମ୍ବ ଖାଇବା ମୋଟେ ପସନ୍ଦ ନୁହେଁ । ଖାଇଲେ ଫାଳେ କି କାତରେ ଖାଇବେ । ସେ ବି ମନଖୁସିରେ ନୁହେଁ । ମନେ ମନେ ଭାବିଲି – ଏଁ ଦୁନିଆରେ ଏମିତି ଲୋକ ବି ଅଛନ୍ତି ଯାହାକୁ ଆମ୍ବ ଖାଇବା ପସନ୍ଦ ନାଇଁ । ସେ ଯାହା ହେଉ ଧୀରେ ଧୀରେ କିନ୍ତୁ ଖୁସି ହେଲି । ମୋ ଭାଗରେ ସବୁ ଆମ୍ବ । ଭାଗ ବସେଇବାକୁ କେହି ନାହିଁ । କି ମଜା ! ମୋର ଆମ୍ବ ଖିଆକୁ ସର୍କସ ଦେଖିଲା ଭଳିଆ ଚାହିଁଥାନ୍ତି ସେ ଆଉ ଦୁନିଆ ସାରା ଲୋକଙ୍କୁ ଯାଇ କୁହନ୍ତି – ଇଏ ଖରାଦିନ ଗୋଟା ଭିତରେ ଗୋଟେ କୁଇଣ୍ଟାଲ ଆମ୍ବ ଖାଇଯାଉଛି ।

ବୟସ ବଢିବା ସହ ଧୀରେ ଧୀରେ ବଢି ଚାଲିଛି ଉଦରର ଦୈର୍ଘ୍ୟ ପ୍ରସ୍ଥ । ଯୁଆଡ଼େ ଦେଖିବ ସିଆଡ଼େ ଏବେ 'ଅର୍ଗାନିକ', 'ଲୋ କ୍ୟାଲୋରି' ଆଉ 'ହେଲଦି ଅପସନ'ର ଚର୍ଚ୍ଚା । ଚିପ୍ସ ଖାଇବା କିନ୍ତୁ ଛଣା ନୁହେଁ, ବେକ୍ ହେଇଥିବ । ବ୍ରେଡ ଖାଇବା ବ୍ରାଉନ, ଅଟା ଆସିବ ମଲ୍ଟି ଗ୍ରେନ, ଲୋ କାର୍ବ ହାଇ ପ୍ରୋଟିନ ଡାଏଟ ଇତ୍ୟାଦି ଇତ୍ୟାଦି । ବଢୁଥିବା ବୟସ ଯେପରି ଶରୀର ଉପରେ ପ୍ରତିବିମ୍ବିତ ନହୁଏ ତା'ପାଇଁ ଚାଲିଛି ଅହରହ ଚେଷ୍ଟା । ମୋର ଜଣେ ଡାକ୍ତରାଣୀ ନାନୀ କହିଲେ ଆମ୍ବ ହେଉଛି ସବୁଠାରୁ 'ବ୍ୟାଡ ଫ୍ରୁଟ' । କଣ ଅଛି ସେଥିରେ ? ଖାଲି ସୁଗାର ଭର୍ତ୍ତି, କ୍ୟାଲୋରି ଭର୍ତ୍ତି । ଯଦି ନିଜକୁ ହେଲଦି ରଖିବାକୁ ଚେଷ୍ଟା କରୁଛ ତେବେ ଆମ୍ବକୁ ବାଦ୍ ଦେବାକୁ ହେବ । ଏପଟେ ଆମ୍ବ ଖାଇବାକୁ ମନ ହକ ହକ ସେପଟେ 'ଯୁ

http://www.appsgeyser.com/4368717

ଡୋଣ୍ଟ ଲୁକ ଏନିମୋର ଦ୍ୟାନ ୨୪-୨୫' ଶୁଣିବାକୁ ବି ମନ । କି ମହାଯୁଦ୍ଧରେ ମଣିଷ ନପଡ଼ିଲା ହୋ ।

ବଡ଼ କଷ୍ଟରେ ମନ ସ୍ଥିର କଲି ଆଉ ଆମ୍ବ କିଣା ହେବନି । ଗୋଟିଏ ସ୍ମାର୍ଟ ବ୍ୟାଣ୍ଡ କିଣିଲି ଯେଉଁଥିରେ ଦିନକୁ ମୋର କେତେ କ୍ୟାଲୋରି ଜାଳିପୋଡ଼ି ପାଉଁଶ କଲି ସବୁ ଦିଶିବ । ଲାପ୍‌ଟପ୍ ଧରି ଏକ୍ସେଲ ସିଟରେ ଗୋଟେ ରୁଟିନ ତିଆରି ହେଲା ଯେ କେତେଟାରୁ କେତେଟା ମର୍ଣ୍ଣିଂ ୱାକ୍, ତା'ପରେ ଯୋଗ । ଘରୁ ଚାକରାଣୀକୁ ବାହାର କରି ନିଜେ ହାମୁଡ଼େଇ ପଡ଼ି ନିତି ଘର ପୋଛା କାର୍ଯ୍ୟକ୍ରମ ସାଙ୍ଗକୁ ଲୋ କାର୍ବ ମେନୁ ବି ତିଆରି ହେଲା ।

ବଡ଼ ଉତ୍ସାହରେ ରୁଟିନ ଅନୁସାରେ ଜୀବନ ଚାଲିଥାଏ । ଲୋକଙ୍କ ଆଗରେ ହେଲଦି ଲାଇଫଷ୍ଟାଇଲ ବିଷୟରେ ନିତି ଭାଷଣ ବି ଦିଆ ହେଉଥାଏ । ଏମିତି ଦିନେ ଦି'ପହରେ କଲିଙ୍ଗ ବେଲ ବାଜିଲା । କବାଟ ଖୋଲି ଦେଖେ ତ ଗାଁର ଲେଖାଜୋଖା ଦିଅର ହାତରେ ଗୋଟେ ବଡ଼ ବ୍ୟାଗ ଧରି ଠିଆ ହେଇଛି । ମୋତେ ଦେଖି ସଙ୍ଗେ ସଙ୍ଗେ କହିଲା – ଭାଉଜ, ତୁମେ ଆମ୍ବ ଭଲ ପାଅ ତ, ବୋଉ ପଠେଇଦେଇଛି । ମୋର ଏ ସ୍ମାର୍ଟ ବ୍ୟାଣ୍ଡ ପିନ୍ଧା ଲୋ କାର୍ବ ଖିଆ ଆଧୁନିକାକୁ ଭୁଷ୍ କିନି ପେଲିଦେଇ ଆମ୍ବ ଖିଆ ଅସୁରୁଣୀଟା ଦାନ୍ତ ଦେଖେଇ ଲାଳ ବୁହାଇ କହିଲା ହଁ ମ, ବରଷକେ ଥରେ ଆମ୍ବ ମିଳୁଛି ଖାଇଦେବା କଥା । ଆଉ ମାସେ ପରେ ଆମ୍ବ ସରିଗଲେ ହେଲଦି ହେବି ।

http://www.appsgeyser.com/4368717

# ସୁଲୋଚନା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପେଟ ଉପରେ ହାତଥୋଇ କେତେ ଚିପାଚିପି କରିଲେ, ପରେ ଡିଜ୍ରୀ ପକେଇ ଦେଖିଲେ । ହେଲେ ସୁଧାରୁ ପେଟ ବଥାଟା ଟିକେ କମିଲାନାଇଁ । ସୁଲୋଚନା ଦି ଦିନ ହେଲାଣି ପେଟକଟାରେ ପଡ଼ିଛି । ଗାଁ ଦୋକାନରୁ କେତେ ଓଷବିଷ କଲା, କିଛି ଲାଭ ହେଲାନି । ଅଗତ୍ୟା ମାଷ୍ଟ୍ରେ କହିବାପରେ ଡାକ୍ତରଖାନାକୁ ଆସିଲା । ଡାକ୍ତର ଆଖିରୁ ଚଷମା ଉଠେଇ କହିଲେ, "ପେଟର କମ୍ପୁଟର୍ ଫୋଟୋ କାଢ଼ିବାକୁ ପଡ଼ିବ ।" ସୁଲୋଚନାର ସ୍ୱାମୀ ହରିଆ ଆଁ କରି ଠିଆ ହେଇଥିଲା । ଗଲା ସନ ସନିଆ ବିଲ ହୁଡ଼ାରେ ପଡ଼ିଯାଇଥିଲା ଯେ ମୁଣ୍ଡକୁ କିସ ମାଡ଼ ହେଇଗଲା ବୋଲି କମ୍ପୁଟର୍ ଫୋଟୋ କାଢ଼ିଲା ଯେ ଅଢ଼େଇ ହଜାର ଟଙ୍କା ଲାଗିଥିଲା । ଏବେ ଟଙ୍କା କୋଉଠୁ ପାଇବି ? ସୁଲୋଚନା ସକ ସକ ହେଇ କାନ୍ଦୁଛି । ସାଙ୍ଗରେ ଯାଇଥିବା ବଳିଆ ପଚାରିଲା, "ଆଜ୍ଞା, ଫଟୋ କୋଉଠେ କାଢ଼ିବେ ? କେତେ ଟଙ୍କା ଲାଗିବ ?"

ଡାକ୍ତର କହିଲେ, "ଏଇଥିପାଇଁ ତମକୁ ବଡ଼ ମେଡ଼ିକାଲ୍ ଯିବାକୁ ପଡ଼ିବ । ସେଇଠିକି ଗଲେ ମାଗଣାରେ ହେଇଯିବ ।" ନାଇଁ ଯଦି ତମେ ବାହାରେ କାଢ଼ିବ କହିଲେ, ଟଙ୍କା ହଜାରେ ଖର୍ଚ୍ଚ ହେବ ।" ମାଗଣା ଶବ୍ଦଟା ଶୁଣିବା ପରେ ହରିଆର ଦେହରେ ବଳ ଆସିଗଲା । ମନେ ମନେ କହିଲା କାଲି ନେଇ ବଡ଼ ମେଡ଼ିକାଲ୍ ଯିବି । ଡାକ୍ତର ଇଞ୍ଜିସନ୍ ଆଉ ଓଷଦ ଦେଲେ । ଗାଁକୁ ଫେରିବାବାଟରେ ହରିଆ କହିଲା, "ଶୁଣୁ, କାଲି ସଅଳ ବାହାରିଲେ ବଡ଼ ମେଡ଼ିକାଲକୁ ବସ ଧରିବା ।" ସୁଲୋଚନା କିଛି କହିବା ଅବସ୍ଥାରେ ନଥିଲା ।

http://www.appsgeyser.com/4368717

ପରଦିନ ସକାଳୁ ବସରେ ବସି ବଡ଼ମେଡ଼ିକାଲରେ ପହଞ୍ଚିଲା । ସବୁଆଡ଼େ ଖାଲି ଲୋକବାକ ଗହଳି । ଧୋବଧଉଳିଆ ଲମ୍ବା କୋଟ୍ ପିନ୍ଧା କେତେ ଡାକ୍ତର ବୁଲୁଛନ୍ତି । ଆଗରୁ ସେ କେବେ ବଡ଼ ମେଡ଼ିକାଲ୍ ଆସିନଥିଲା । ସୁଲୋଚନା ତା ପଛରେ ଥାଇ ହାତକୁ ଜାବୁଡ଼ି ଧରିଥିଲା । ଗେଟ୍ ପାଖରେ ଆଁ କରି ଠିଆ ହୋଇଥିଲେ ଦି'ପ୍ରାଣୀ । କଣ କରିବେ ? କୋଉଠିକୁ ଯିବେ ? କୋଉଠେ ଫୋଟୋ କାଢ଼ିବେ । ଏମିତି ଭାବୁଥିବା ବେଳେ ଜଣେ ଭଦ୍ରଦିଶୁଥିବା ବ୍ୟକ୍ତି ଆସି କହିଲେ, "କଣ ହେଲା ଭାଇ ? ଏମିତି ଠିଆ ହେଇଛ ଯେ ? ଦିହପା' ଦେଖେଇବାକୁ ଆସିଛ କି ?" ହରିଆ ମୁଣ୍ଡ ହଲେଇ ହଁ କହିଲା । ସେଇ ଲୋକଟା ପଛରେ ଥିବା ସୁଲୋଚନାକୁ ଚାହିଁ କହିଲା, "ଓହୋ, ଭାଉଜଙ୍କ ଦେହ ଖରାପ ହେଇଛି କି ? ଆଉ ଏଇ ଖରାରେ ଠିଆ ହେଇଛ କାହିଁକି ? ଚାଲ ଛାଇକୁ ଚାଲ । ଦେଖିବା କଣ ହେଇଛି ।"

ଗଛ ଛାଇରେ ବସିବା ପରେ ଗାଁ ଡାକ୍ତର ଦେଇଥିବା କାଗଜଟା ସେ ଲୋକ ନେଇ ପଢ଼ିବା ପରେ ଟିକେ ଚିନ୍ତା କରି କହିଲା, "ଓହ୍ । ପେଟ କାଟୁଛି ? ଶୀରକୁ ଧରି ବିନ୍ଧୁଛି ନା ? ... ଠିକ୍ ଅଛି । ଭଲ କଲ ବଡ଼ ମେଡ଼ିକାଲ୍ ଚାଲି ଆସିଲ । ପେଟକଟା ବେମାରୀଟା ଭାରି ବିରକ୍ତିକର । ପେଟ ବିଭାଗରେ ଦେଖେଇ ଦିଅ । ଡାକ୍ତର ପେଟର ଫୋଟୋବାହାର କରିବାକୁ କହିବେ । ଟଙ୍କାପଇସା କିଛି ଧରିଛ ତ ?" ହରିଆ ସୁଲୋଚନାକୁ ଚାହିଁଲା ଆଉ ଥରେ ସେ ଲୋକକୁ ଚାହିଁ କହିଲା, "ନାଇ ବାବୁ । ପଇସା ନାଇଁ ବୋଲି କହିବାରୁ ଗାଁ ଡାକ୍ତର କହିଲେ ବଡ଼ ଡାକ୍ତରଖାନା ଯାଅ । ସେଇଠି ମାଗଣାରେ ଫୋଟୋ ବାହାରିବ । ସେଇଥିପାଇଁ ଆସିଛୁ ।" ଲୋକଟା ଟିକେ ବିରକ୍ତଭାବ ଦେଖେଇ କହିଲା, "ମାଗଣା କହିଲେ କଣ ସବୁ ମାଗଣାରେ ହେଇଯିବ କି ? ଫୋଟୋ ଉଠେଇବାକୁ ଅଧା ପଇସା ତ ଦେବାକୁ ପଡ଼ିବ । ଆଉ ଓଷଦ କିଣିବନି କି ?" ହରିଆ କହିଲା, "ଦିନେ କି ଦି ଦିନ ପାଇଁ ଓଷଦ ନେଇଯିବୁ । ପରେ ପଇସା ଯୋଗାଡ଼ କଲେ ବାକି ନେବୁ ।" ଲୋକଟା କହିଲା, "ହେଇ, ଦେଖ ସେ ବାଟ ଦେଇ ଯାଅ । ସିଧା ଚାଲିଯିବ । କିଏ କୋଉଠି କହିବ ଆସ ଆମ କ୍ଲିନିକରେ ଡାକ୍ତର ଭଲ କରି ଦେଖିବେ କହିଲେ ବି ଯିବନି ।

ଆଉ ଡାକ୍ତର ଦେଇଥିବା ପ୍ରେସକ୍ରିପ୍‌ସନ୍ ମୁଠା କରି ଧରିବ ।"

ଲୋକଟା ଚାଲିଗଲା ପରେ ହରିଆ ଆଉ ସୁଲୋଚନା ହସପିଟାଲ୍ ଭିତରକୁ ଗଲେ । ଭିତରେ ସବୁଠି ଓଡ଼ିଆରେ ଲେଖା ହେଇଛି । ପେଟ ବେମାରୀ ବିଭାଗ କହିବା ପରେ କାଚଘରେ ବସିଥିବା ବାବୁ ଜଣେ ଟଙ୍କାଏ ନେଇ କାଗଜ ଖଣ୍ଡିଏ ଦେଇ ବାଟ ଦେଖେଇ ଦେଲେ । ଗହଳି ଅନେକ ଥିଲେ ବି ସୁଲୋଚନାକୁ ଡାକ୍ତର ଭଲ କରି ଦେଖିଲେ । ଆଉ ଫୋଟୋ ପାଇଁ କହିଦେଲେ । ହରିଆ ପଇସା ନଥିବା କଥା କହିବାପରେ ସେ କାଗଜ ଲେଖିଦେଲେ । ସେଇ ହସପିଟାଲ୍ ଭିତରେ ଫୋଟୋ ବାହାରିଲା । ସନିଆର ସିନା ଅଢ଼େଇ ହଜାର ଖର୍ଚ୍ଚ ହେଇଥିଲା, ହେଲେ ସୁଲୋଚନାର ମାତ୍ର ଦେଢ଼ ଶହ ଟଙ୍କାରେ ଫୋଟୋ ବାହାରି ପଡ଼ିଲା । ଡାକ୍ତର ସେ ଫୋଟୋ ଦେଖି ଓଷଦ ଲେଖିଦେଲେ । ଦିପ୍ରାଣୀ ଖୁସିରେ ସେଇ କୋଠରୀରୁ ବାହାରକୁ ଆସୁଥିବା ବେଳେ କବାଟ ଆଢୁଆଳରେ ଥିବା ଗୋଟେ ଲୋକ ତାଙ୍କ ହାତରୁ କାଗଜଟା ଛଡ଼େଇ ନେଇ କହିଲା, "ମୋ ପଛେ ପଛେ ଆସ ।" ହରିଆ ଆଉ ସୁଲୋଚନା ତା ପଛେ ପଛେ ଧାଇଁଲେ । କିଛି ବାଟ ଯିବାପରେ ହରିଆ ସେ ଲୋକଟାକୁ ଧରିପକେଇ କହିଲା, "ହଇ ହେ ବାବୁ । ଆମ କାଗଜଟା କାହିଁକି ନେଇଗଲ ?" ସେ ଲୋକଟା କହିଲା, "ଡାକ୍ତରଙ୍କୁ ଦେଖେଇଲ ତ ? ଏବେ ଓଷଦ ନେବ ? ଆସ ଆମ ଦୋକାନରୁ କିଣେଇଦେବି ।" ହରିଆ କହିଲା, "ଆମକୁ ଓଷଦ ଲୋଡ଼ାନାହିଁ । ଆମ କାଗଜ ଦେଇଦିଅ ।" ଲୋକଟା ପାନଛେପଟା ପକେଇଦେଇ କହିଲା, "ଆରେ ହେ । ସ୍ତ୍ରୀଟା କଷ୍ଟରେ ଅଛି ବୋଲି ଗାଁରୁ ଆଇଚ । ଆଉ ଓଷଦ ନ ନେଇ ପଳେଇବ ନା ?" ହରିଆ ଜିଦ୍ କରି କହିଲା, "ଆମ କାଗଜ ଦିଅ ।"

ସେ ଲୋକଟା କହିଲା, "ଆସ ଓଷଦ ନେବ ତା ପରେ କାଗଜ ମିଳିବ ।" ହରିଆ କଣ କରିବା କିଛି ବୁଦ୍ଧିପାଉନଥିଲା । ସୁଲୋଚନାକୁ ଚାହିଁଲା । ସୁଲୋଚନା ଠାରିଦେଇ କହିଲା, ଚାଲ ଓଷଦ ନେଇଯିବା । ହେଲେ ହରିଆକୁ ସେ ଲୋକଟାର କଥା ମନେଥିଲା । ସେ ନଛୋଡ଼ବନ୍ଧା ହେଇ କହିଲା, "ନାଁ, ଆମକୁ ଓଷ ଦରକାର ନାଇଁ । ଆମ କାଗଜ ଦିଅ ।" ସେମାନଙ୍କ କଥାବାର୍ତ୍ତା ଦେଖୁ ଦେଖୁ ଝଗଡ଼ା ଆଡ଼କୁ

http://www.appsgeyser.com/4368717

ଗଲା । କାଗଜଟାକୁ ମୁଠେଇଦେଇ ସେ ଲୋକଟା ଧମକ ଦେଉଥିଲା, "ସିଧା ମୋ ସହିତ ଆସି ଓଷଦ ନିଅ ନ ହେଲେ ଏ କାଗଜ ଭୁଲିଯାଅ ।" ଅନେକ କଷ୍ଟକରି ପେଟକାଟୁଥିବା ସ୍ତ୍ରୀଟାକୁ ଧରି ଗାଁରୁ ଆସିଥିବା ଦି'ପ୍ରାଣୀ ହନ୍ତସନ୍ତ ହେଇଥିଲେ ସତ କିନ୍ତୁ କେହି ତାଙ୍କୁ ସାହାଯ୍ୟ କରିବାକୁ ନଥିଲା । ଅଗତ୍ୟା ହରିଆ ନିଜର ବଳିଷ୍ଠ ଦୁଇହାତରେ ସେ ଲୋକଟାର ବେକଟାକୁ ଧରି ପକାଇଲା । ସେ ଯେମିତି ଧରିଛି ସେ ଲୋକଟା କାଗଜଟା ଛାଡ଼ିଦେଲା । ସୁଲୋଚନା ସୁଯୋଗ ଉଣ୍ଡି କାଗଜକୁ ଧରି ମୁଣାରେ ଭର୍ତ୍ତି କରିଦେଲା । ହରିଆ କହିଲା, "ଆଚ୍ଛା କଥା । ଆମ କାଗଜ ଆମେ ନେବୁ, ତମେ କିଏ ?"

ଏତେ ବେଳଯାଏଁ, ସବୁ ନିରବରେ ଠିଆ ହୋଇ ନାଟକ ଦେଖୁଥିଲେ, ଏବେ କିନ୍ତୁ ହଠାତ୍ ଅନେକ ଲୋକ ଝପଟି ଆସିଲେ । ଆଉ ଦେଖୁ ଦେଖୁ ହରିଆ ଉପରେ ନିର୍ଘାତ ମାଡ଼ ବର୍ଷିଗଲେ । ହାଁ ହାଁ ବୋଲି କହୁ କହୁ ଲହୁଲୁହାଣ କରିଦେଇ ଚାଲିଗଲେ । ସୁଲୋଚନାର ପେଟ ପାଇଁ ଆସିଥିବା ହରିଆକୁ ଟେକାଟେକି କରି ଭିତରକୁ ନେଇଗଲେ । ମୁଣ୍ଡ ଫାଟି ରକ୍ତ ଝରୁଥିଲା । ଡାକ୍ତର ଲାଗିପଡ଼ି ସେ ସବୁ ଘା'କୁ ସିଲେଇ କରି ମରମପଟି କରିଦେଲେ । ସେତେବେଳେ କିଏ ଜଣେ କହୁଥିଲା, "ସବୁଦିନ ସେଇ ଏକା ଘଟଣା । ଲୋକଗୁଡ଼ାକ କେତେ ଅମଣିଷିଆଯାକ ଦେଖ ହେ । ନିରୀହ ଲୋକ ଗୁଡ଼ାକୁ ମାରଧର କରିପକାଉଛନ୍ତି ।"

ହରିଆ ଖଟରେ ଶୋଇଥିଲା । ଡାକ୍ତର ଆସି କହିଲେ, "ଔଷଧ ଲେଖି ଦେଉଛି । କିଣି ଆଣି ଖାଇବ ।"

ହରିଆ କହିଲା, "ଧିରେ କରି କହନ୍ତୁ ଆଜ୍ଞା । ନହେଲେ ବାହାରେ ଆଉ କିଏ ଜଗିଥିବ । ହାତରୁ କାଗଜ ଝାମ୍ପିନେବ, କହିଲେ ମୁଣ୍ଡ ଫଟେଇ ବାଡ଼େଇବ ।" ସୁଲୋଚନା କାଗଜକୁ ମୁଣାରେ ଭର୍ତ୍ତି କରିଦେଉଥିଲା । ହରିଆ ଖଟରୁ ଉଠି ସେଠାରୁ ବାହାରି ଆସୁଥିଲା ।

http://www.appsgeyser.com/4368717

# ବହୁବର୍ଣ୍ଣା ବର୍ଷା

ଡ: ମୌସୁମୀ ପରିଡ଼ା

ଛାତ ଉପର, ରାସ୍ତାଘାଟ, ଗଛଲତା, ବିଲବଣ ସବୁଠି ବର୍ଷା ଛେଚୁଥିଲା ଗୋଟେ ବିହ୍ୱଳପଣରେ । ଫାଜିଲ୍ ଝିଅଟି ପରି ଡେଇଁବୁଲୁଥିଲା ଅଗଣା ସାରା । ଯେତେ ମନା କଲେ ବି ଅମାନିଆ.. ! ତରୁଲତା ଦେବୀ ପାଟି କରି ଉଠିଲେ - ଯାଃ.. ଏ ଅଲକ୍ଷଣି ବର୍ଷା ! ଓଦା କରିଦେଲା ବଡ଼ିତକ.. । ଛୁଆଟା ମୋର ଜ୍ୱରରୁ ଉଠିଛି ବୋଲି ପାଟି ତାର ଅରୁଚି ଧରିଛି । ବଡ଼ି ଦି'ଟା ଭାଜି ଦେଇଥିଲେ ଭଲକରି ଗଣ୍ଡାଏ ଖାଇଥାନ୍ତା ! ହେଲେ ନାଁ.. ଏ ଅଶୁଭବର୍ଷା କାହାର କଣ ମନ ବୁଝେ ! ଆଜି ହିଁ ଝିଅଟା ମୋର ଚାଲିଯିବ ବାହାରକୁ । ଘରଛାଡ଼ି ହଷ୍ଟେଲରେ ରହିବ । ତାରି ପାଇଁ ଖାସ୍ କରି ବଡ଼ି ଓ ଆଚାର ଶୁଖାଇଥିଲି । ସେତକ ନଷ୍ଟ କରିଦେଲା ଏ ବର୍ଷା.. ! ବଡ଼ ପାଟିରେ ଡାକୁଥିଲେ - ଶତାବରୀ.. ଆଲୋ ମାଆ ବଡ଼ିସବୁ ଓଦା ହୋଇଗଲା । ଆର ସପ୍ତାହରେ ନହେଲେ ପଠାଇଦେବି ତୋ ପାଖକୁ କାହା ହାତରେ ।

ଅଭିମନ୍ୟୁ ବାରଣ୍ଡାରେ ବସି ଝିଅପାଇଁ ସବୁ ଜିନିଷ ବଡ଼ ଯତ୍ନରେ ପ୍ୟାକିଂ କରୁଥିଲେ.. ! ଆଜି ଅଫିସରେ ଅଡ଼ିଟ୍ ଅଛି ବୋଲି ବେଳା ବେଳି ନୂଆ ଆଇରନ୍ ସାର୍ଟଟା ପିନ୍ଧି ରେଡ଼ି ବି ହୋଇ ଯାଇଥିଲେ । ମନୁଆଟା ଧାଇଁଆସି କହିଲା - ବଡ଼ବାବୁ.. ଆପଣ ଦେଇଥିବା ଫାଇଲ୍ ତକ ଅଫିସ୍‌କୁ ନେବାବେଳେ ଏ ବର୍ଷାଟା ଅନ୍ଧାଧୁନିଆ ଭାବେ କାଟି ଦେଇଗଲା । ଟିକେ ଓଦା ହୋଇଗଲା ସେସବୁ ! ମନେ ମନେ ବିଡ଼ବିଡ଼େଇଲେ ଅଭିମନ୍ୟୁ - ଧେତ୍ ଏ ବର୍ଷା ! ଭାରି ଇଏ.. । ଟିକେ ସମୟ ରହି ଯାଇନଥାନ୍ତା !

ଆଃ.. କେଡ଼େ ସୁନ୍ଦରିଆ ଦିଶୁଛି ଆକାଶ.. କଳାଘୁମର ଓଢ଼ଣୀରେ ଘୋଡ଼ାଇ ପକାଇଛି ପୃଥିବୀକୁ । ଭଲ ଅସରାଏ ବର୍ଷା

http://www.appsgeyser.com/4368717

ହେବ.. ଜମିକୁ ଚାହିଁଲା ମନୁଆ.. ଏଇ ତାର ବର୍ଷକର ଭାତହାଣ୍ଡି । ୟା'କୁ ବାଦଦେଲେ ଜୀବନରେ ଜଂଜାଳର ଅଂଶୁଘାତ । ମାଟିର ଭିଜାବାସ୍ନାରେ ହଜିଯାଉଥିଲା ସେ ଓ ତା ପତ୍ନୀ ସିରିଆ.. ! ଯାହା ହେଉ ଏ ବର୍ଷ ଆଉ ଅଭାବ ରହିବନି !

ଶତାବରୀ ଦେହରେ ଜ୍ୱରର ପ୍ରକୋପ.. । ହେଲେ ବି ଲୁଚିଛପି ଛାତ ଉପରକୁ ଗଲା । ଆକାଶ ଆଖିରୁ ଅସହ୍ୟ ବେଦନାର ଧାରା ଝରୁଛି ଯେପରି ବର୍ଷା ହୋଇ । ସିଡ଼ି ଘରେ ଛିଡ଼ାହୋଇ ଆରଘରର ଛାତ ଉପରକୁ ଚାହିଁଲା । ବର୍ଷାର ଉଦଣ୍ଡ ରୂପରେ ଝାପ୍ସା ଦିଶୁଥିଲା ଆଖପାଖ । ତା ଭିତରେ ଆବିଷ୍କାର କଲା.. ଗୋଟେ ଅସ୍ପଷ୍ଟ ଛାଇ.. ଶୀତାଂଶୁ.. । ଘନଘୋର ବର୍ଷାରେ ଗୋଟା ପଣେ ଭିଜି ସେ ଚାହିଁଛି ଶତାବରୀର ଆସିବା ବାଟକୁ । କି ପାଗଳ ଏ ଶୀତାଂଶୁ.. ! ବାରବାର କହିଥିଲା.. କେବେ ଦେଖାହେବ ଆଉ ଜଣାନାହିଁ । ହେଲେ ଛାତ ଉପରକୁ ଆସିବୁ ଟିକେ ଶେଷ ସାକ୍ଷାତ ପାଇଁ ? ସେ ବି ତ ଦୁଇଦିନ ପରେ ଚାଲିଯିବ ପୁନା.. ନୂଆ ଚାକିରୀକୁ । ଏଡ଼େଇ ପାରିନଥିଲା ସେ ଶୀତାଂଶୁକୁ ନା ତାର ବହୁମୂଲ୍ୟ ପ୍ରେମକୁ । ଛାତ ବାଡ଼ାରେ ଭରାଦେଇ ଦୁହେଁ ଚାହିଁଥିଲେ ଦୁହିଁଙ୍କୁ । ନୀରବ ଭଲପାଇବା ଆଜି ହୁଏତ ଶବ୍ଦର ରୂପ ନେଇଥାନ୍ତା ! ଏ ଉଦଣ୍ଡୀ ବର୍ଷା ପରି ଅଜାଡ଼ି ହୋଇ ପଡ଼ିଥାନ୍ତା ଉଭୟଙ୍କ ଉପରେ । କିନ୍ତୁ ବର୍ଷା କେହି କାହାରିକୁ କିଛି କହିପାରୁନଥିଲେ । ଉଭୟ ମନ ଓ ଶରୀର ଭିଜୁଥିଲେ ବର୍ଷାର ଫଗୁରେ.. ! ଲାଗୁଥିଲା ଶତାବରୀର ଜ୍ୱରର ପ୍ରକୋପ କମି ଆସୁଛି ଧୀରେଧୀରେ । ଶୀତାଂଶୁ ଭାବୁଥିଲା - ସତରେ କଣ ଶତାବରୀ ତାକୁ ଏତେ ଭଲପାଏ.. ଜ୍ୱରରେ ବି ଭିଜି ଚାଲିଛି । ପାଟିରୁ ବାହାରି ପଡ଼ିଲା - ଆଃ.. ଏ ବର୍ଷା ! ! !

ଅଧ୍ୟାପିକା ଡ: ମୌସୁମୀ ପରିଡ଼ା
ମାର୍ଫତ : ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର
କ୍ୱା. ନଂ- ୩ ଆର/୪
ଜଗତସିଂହପୁର, ଓଡ଼ିଶା

http://www.appsgeyser.com/4368717

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ସୁନେଲୀ ସିଂହ – ଭାଗ-୧

ସେଦିନ ସେ କିଶୋରୀଟି କହିଥିଲା, "ଅଜନବୀ ହୋ ଯା ଜରା ଅଜନବୀ ଦୁନିଆକୁ ସୁନାତା ହେଁ, କେଁୟା , ଅପନେକୋ ସୁନ୍ ଲେ କଭି ।"

ମନରେ ଗଭୀର ରେଖାପାତ କରିଥିଲା ସେ ଶବ୍ଦ କେତୋଟି । ପିଲାଟି ଗିଟାର ଧରି ବଜାଇ ଚାଲିଥିଲା । ସୁମଧୂର କଣ୍ଠ, ଗିଟାରର ତାଳରେ ଶବ୍ଦ ଗୁଡ଼ିକ କେମିତି ତରଙ୍ଗାୟିତ ହୋଇଯାଉଥିଲା । ଏକ ଉଦ୍ବେଳିତ, ଢେଉ ଭଳି ଭାସି ଆସୁଥିଲା ଆଖି ବନ୍ଦ କରିଦେଲି ସେଇ ଶବ୍ଦଗୁଡ଼ିକ ମୋର ମନର ସମୁଦ୍ରରେ ଢ଼େଉ ଭାଙ୍ଗୁଥିଲା । ସତରେ ଅଜଣାଅଶୁଣା ପାଲଟି ଯାଅ ହୋଇଯାଅ ସମ୍ପୂର୍ଣ୍ଣ ଭାବରେ ଏକାକୀ ସଙ୍ଗହୀନ ଏ ଦୁନିଆରେ ।

ଅନ୍ୟମାନଙ୍କୁ ଦେଖିବାର ଆବଶ୍ୟକତା କଣ ? ଅନ୍ୟମାନେ କ'ଣ ଭାବୁଛନ୍ତି । କ'ଣ ଦେଖୁଛନ୍ତି । କ'ଣ ଶୁଣୁଛନ୍ତି, କି ଆବଶ୍ୟକତା ଅଛି ଜାଣିବାର, ଜାଣିବା ଶବ୍ଦଟା ନିଜକୁ କେମିତି ନିଜଠାରୁ ବହୁ ଦୂରକୁ ନେଇଯାଏ । ସମସ୍ତଙ୍କ ଭିତରେ ନିଜକୁ ଅସହାୟ କରି ଗଢ଼ିତୋଳେ । ସେମିତି ମୁଁ ଭାବୁଥିଲି ସମ୍ପୂର୍ଣ୍ଣ ଭାବରେ ଅଜଣା ହୋଇଯାଆନ୍ତି । ଏତେ ବଡ଼ ଦୁନିଆରେ ସମ୍ପୂର୍ଣ୍ଣ ଅଜଣା । ସେ ମଧୂର ସ୍ୱର ମୋ ଭିତରେ ଗୁଞ୍ଜରି ଉଠୁଥିଲା । ଅଜନବୀ ହୋ ଯା ଜରା ଅଜନବୀ, ସମ୍ପୂର୍ଣ୍ଣ ଭାବରେ ହୋଇଯାଅ

ଅଜଣା ।

ହାତଟି ତା'ର ଗିଟାରର ତାର ଗୁଡ଼ିକ ଉପରେ ଖେଳି ବୁଲୁଥିଲା । ସୁମଧୂର ଶବ୍ଦ ତା'ର କଣ୍ଠରୁ ବାହାରି ଆସୁଥିଲା । ସେ ଗାଇ ଚାଲିଥିଲା, ଦୁନିଆ ବିଷୟରେ ଏତେ ଭାବିବାର ଆବଶ୍ୟକତା ବି କ'ଣ । କ'ଣ ପାଇଁ ଏତେ ଭାବୁଛି ଦୁନିଆ ବିଷୟରେ । ଏତେ ଦିନ ତ ଦୁନିଆ ପାଇଁ ବଂଚି ଆସିଲ । ଏତେ ଦିନ ସମସ୍ତଙ୍କ ପାଇଁ ବଂଚିଲ । ଆକାଶର ପକ୍ଷୀ, ଏକ ପଞ୍ଜୁରୀ ଭିତରେ ବାନ୍ଧି ହୋଇଆସିଲ ।

ମୁଁ ବାହାରକୁ ଅନାଇଲି ବାହାରେ ଏକ ଚିଲ ଧୂଆଁଳିଆ ଆକାଶରେ ଘୂରି ବୁଲୁଥିଲା । ଚକ୍କର କାଟୁଥିଲା । ଡ଼ାହାଣରୁ ବାମକୁ ଏକ ବୃ ଅଙ୍କିତ କରୁଥିଲା ତା'ପରେ ପୁଣି ବାମରୁ ଡ଼ାହାଣକୁ ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ଆକାଶର ବହୁତ ଉଚ୍ଚରେ ଘୁରି ବୁଲୁଥିଲା ସେ । ତା ଆଗରେ ସମସ୍ତେ ଛୋଟ ହୋଇ ଯାଇଛନ୍ତି । ସେ ଦେଖିଛି ଆକାଶରୁ, ସବୁଗୁଡ଼ିକ ଏତେ ସ୍ୱଷ୍ଟ ଭାବରେ ଦେଖାଯାଇଛି । ଯେତେବେଳେ ମାଟିରେ ଠିଆ ହୋଇଥାଏ କିଛି ତ ଦେଖାଯାଏନି । ଆକାଶରୁ କେତେ ସ୍ୱଷ୍ଟ ଦେଖାଯାଉଛି ସବୁଗୁଡ଼ିକ । ଅଜଣା ଅଶୁଣା ବ୍ୟକ୍ତି ହେଇଗଲେ ଦୁନିଆଟା କେତେ ସ୍ୱଷ୍ଟ ଦେଖାଯାଏ । ଏକ ନିଃସଙ୍ଗ ବ୍ୟକ୍ତି ହୋଇଗଲେ । ସମ୍ବେଦନଟା କେତେ ସ୍ୱଷ୍ଟ ଜଣାଯାଏ । ଏକ ଲକ୍ଷ୍ୟହୀନ ବ୍ୟକ୍ତି ହୋଇଗଲେ ଦିଗଟା କେତେ ନିର୍ଦ୍ଧିଷ୍ଟ ମୁଁ ସେଇ କଥାଟି ଭାବୁଥିଲି । ଅଜଣା ହୋଇ ଯିବାକୁ ଚାହୁଁଥିଲି । ସମ୍ପୂର୍ଣ୍ଣ ଭାବରେ ଅଜଣା ଏ ଦୁନିଆରେ ।

ମୁଁ ସେଇ ପିଲାଟିକୁ ଅନାଇଲି । ଆଖି ତା'ର, ତାର ଉପରେ ଲାଗି ରହିଥିଲା । ଓଠ ଦୁଇଟି ମଧ୍ୟରୁ ବାହାରି ଆସୁଥିଲା ସଙ୍ଗୀତର ସୁମଧୂର ଶବ୍ଦ । ହୋଇଯାଏ ଅଜନିବୀ ନିଜ ଦୁନିଆରେ । ଅନ୍ୟମାନଙ୍କ ବିଷୟରେ ଭାବୁଛି କ'ଣ ପାଇଁ, ନିଜ ପାଇଁ ଲାଜ, ବାସ୍, ଏ ଶବ୍ଦ ଗୁଡ଼ିକ ସତରେ ମୋ ମଧ୍ୟରେ ଗଭୀର ରେଖାପାତ କରୁଥିଲା ମନର ଗଭୀର ପ୍ରଦେଶରେ ନିବୃତ୍ତରେ କହିଦେଉଥିଲା

http://www.appsgeyser.com/4368717

ସତରେ ତୁମେ ହୋଇଯାଅ ଅଜନବୀ ।

ଏତେ ଦିନ ଜଣାଶୁଣା ହୋଇ ଆସିଛି ସମ୍ପୂର୍ଣ୍ଣ ଭାବରେ ଅଜନବୀ, ଅଶୁଣା, ଅଜଣା ହୋଇ ଉଠିଛ । ନିଜେ ବଞ୍ଚ ନିଜ ପାଇଁ ଅନ୍ୟମାନଙ୍କ ପାଇଁ ବଞ୍ଚି ଲାଭ ବା କ'ଣ । ଅନେକ ଦିନ ତ ବିତିଯାଇଛି । ଅନେକ ଅନେକ ଦିନ । ପଛକୁ ଫେରି ଦେଖିବା ପାଇଁ ଇଚ୍ଛା ବି ନାହିଁ । ସାହସ ବି ନାହିଁ । କାରଣ ଅତୀତକୁ ଭାବି ଲାଭ ବା କ'ଣ । ଆଗକୁ ସମ୍ପୂର୍ଣ୍ଣ ଭାବରେ ଅଜଣା ହୋଇ ବଞ୍ଚିବା ପାଇଁ ଚେଷ୍ଟା କର ।

ଆକାଶରେ କେମିତି ମେଘୁଆ ଖରାଟା ଟାଣ ନଥିଲା ହାଲୁକା ଖରା, ଧୀରେ ଧୀରେ ପବନ ବହୁଥିଲା । ନଡ଼ିଆ ଗଛ ଗୁଡ଼ିକ ଆକାଶକୁ ମୁଣ୍ଡଟେକି ଠିଆହୋଇଛନ୍ତି । ଅନେକ ବିଶାଳ କୋଠା ଘର ମାନ, ଅନେକ ରଙ୍ଗର ସମସ୍ତେ ଠିଆ ହୋଇଛନ୍ତି । ତା'ରି ଭିତରେ ମୁଁ କେମିତି ଅଜଣା ହୋଇ ଯାଇଥିଲି । ନିଜକୁ ଅଜଣା କରିଦେଉଥିଲି ।

ସଲ୍ଟ୍ ଲେକ୍, କୋଲକାତା

ଭ୍ରାମ୍ୟଭାଷ : ୯୪୩୨୦୧୦୯୫୧

ଇମେଲ୍ - akkbl@yahoo.co.in

http://www.appsgeyser.com/4368717

# ଚୋରର ହୃଦୟ



ସୁବଳ ମହାପାତ୍ର

ବେଳ ରତ ରତ, ଟ୍ରେନ ଛାଡିବାକୁ ଆହୁରି ଦି ଘଣ୍ଟା ବାକି । ସମୟ ରାତି ୧୨ ଟା ବାଜି ୧୫ ମିନିଟ । ଗାଁର ଲେଖାଯୋଖା ଦାଦି ମକରାଦି ଠୁ ତାର (ଟେଲିଗ୍ରାମ) ପାଇ ଦିବ ଷ୍ଟେସନରେ ଠିଆ ହେଇ ଥାଏ । ଭଲ ନାଁ ଦେବଦତ୍ତ । ପରେ ଦେବରୁ ଏବେ ଦିବ ହେଇ ଯାଇଛି । ମନ ଘର ଧରି ଗଲାଣି । ସାଙ୍ଗରେ କେହି ନାହାନ୍ତି । ଏକା ଏକା ସୁରଟରୁ ତା ଗାଁ ଆଠମଲ୍ଲିକର ଲାଉପାଳ । ଘରକୁ ଛୁଟିରେ ଗଲେ ସବୁ ସାଙ୍ଗ ହେଇଯାଆନ୍ତି । ଏଠି ସୁରଟରେ ଲୁଗାକଳରେ ସେ ସୁପରଭାଇଜର । ଆଜି ଏକା ଏକା ଯିବାକୁ ପଡ଼ିବ । ମକରାଦି, ତାର ପଠେଇଛି, "ବସିବାଠୁ ଉଠି ଆଇବୁ, ତ ଜେଜୀ ଦିହ ଭଲ ନେଇଁ" । ଦରମା ଆହୁରି ମିଳିନି । ମାସ ଶେଷ, ପଇସା ବି ଗୋଟେ ପାଖରେ ନାହିଁ । ଧାର ଉଧାର କରି ଟଙ୍କା ୨୦୦୦ ମୁଠେଇଚି । ଏକା ଏକା ଏତେବାଟ ଡର ଡର ଲାଗୁଚି । ମାସ ଦିଟା ହେଇନି ଘରୁ ଆଇବାର । ମକରା, ସନିଆ, ପେଟୁ ସମିତେ ମନା କଲେ । କହିଲେ ତୁ ଯା, ଆମେ ଏବେ ଯିବୁନି । ଦଶରା ଆଡ଼େ ଦେଖିବା । ସେପଟେ ଗାଁରେ ପହଁଚିଲା ବେଳକୁ ଜେଜୀ ଥିବ କି ନଥିବ । ବାହାରେ ରହୁଛି ବୋଲି ମତେ ଜଣେଇ ନଥିବେ, କେଜାଣି ଜେଜୀ ଅଛି କି ଆର ପାରିକୁ ପଳେଇଲାଣି । ବାପା ମା ମଲା ଦିନୁ ସେ ହିଁ ପାଳି ପୋଷି ମଣିଷ କରିଛି । କେତେ କାହା ଘରେ ପାଇଟି କରି ଦି ପଇସା ଆଣେ । ସେଥିରେ ଦି ପ୍ରାଣୀ ଚଳନ୍ତି ।

http://www.appsgeyser.com/4368717

ଆଜି ସେ ମଲା ବେଳକୁ ତା ମୁହଁରେ ପାଣି ଟିକେ ଦେବାକୁ ଦିବ ତା ପାଖରେ ନାହିଁ । ନାତୁଣୀ ବହୁ ଗେଲ୍ଲୀ ଜେଜୀର ଜୀବନ । ବର୍ଷେ ହେଲା ଘରକୁ ଆଇଚି । ଏକୁଟିଆ ମାଇକିନା କ'ଣ କରିବ ? ମରଦ ପୁଅ ଘରୁ ଗୁଡ ନକାଢ଼ିଲେ ବି ନଚଳେ । ତିନି ପ୍ରାଣୀ ଚଳିବୁ କେମିତି । ଦି ସନ ହେଲା ଧୋଇ ଆଉ ମରୁଡି ଅଣ୍ଟା ଭାଙ୍ଗି ଦେଇଛି । ଏ ସନ ଖାଇବାକୁ ଧାନ କଣି ଗୋଟେ ବି ଘରେ ନଥିଲା । ଗାଁ ର କେତେ ନୁକ ଦାଦନ ଖଟି ଗଲେ । ଏଠି ମକରା ଆଉ ସନିଆ ଥିଲେ ବୋଲି ସିନା ସେ ପଳେଇ ଆସିଲା ନହଲେ ଗାଁରେ ଏତେ ବେଳକୁ କାହାଠି ମୁଲିଆ କାମ କରିଥାନ୍ତା । ଛୁଟ ବେଳେ ପାଠ ମାଇନର ଯାଇ ପଢିଥିଲା ବୋଲି, ଏଠି ବାବୁ ତାକୁ ସୁପରଭାଇଜର ରଖିଲା । ଭଲ ଦି ପଇସା ଦେଲା ବୋଲି ଚଳି ଯାଉଛି । ଓଭର ଟାଇମି କରି ଆଉ ଦି ପଇସା ବି ମିଳୁଛି ବୋଲି ଘରକୁ ପଠେଇ, ଖାଇ ପିଇ ତିନି ପ୍ରାଣୀ ବଞ୍ଚିଛନ୍ତି । ଜେଜୀ ଟା ବୁଢ଼ୀ ହେଇ ଗଲାଣି । ତାକୁ ଛାଡ଼ି ଆସିବାକୁ ଜମାରୁ ଇଚ୍ଛା ନଥିଲା ଦିବର । କିନ୍ତୁ ଦଇବ ଦୌଡ଼ି ମଣିଷ ଗାଇ, ଯେଣିକି ଓଟାରେ ତେଣିକି ଯାଇ । ଗାଁ ଛାଡ଼ି ଦିବ ଆସି ଏଠି ସୁରଟରେ । ଭାବୁ ଭାବୁ ଦିବକୁ ଯେ କେତେ ବେଳେ ନିଦ ଲାଗି ଯାଇଛି ସେ ଜାଣିନି ।

ଟ୍ରେନ ହର୍ଣ୍ଣ ଶୁଣି ତା ନିଦ ଭାଙ୍ଗିଲା । ଉଠିକି ଦେଖିଲା ଏବେ ଯାଏଁ ଟାଇମି ହେଇନି ଆହୁରି ଅଧ ଘଣ୍ଟେ ବାକି । ଜିନିଷ ଗୁଡ଼ା ଆଉ ଥରେ ସଜାଡ଼ି ଦେଲା । ହେଲେ ପର୍ସଟା ଗଲା କୁଆଡ଼େ ? ଏଇଠି ତ ସେ ପାକିଟିରେ ରଖିକି ଶୁଇଥିଲା । ତା ମୁଣ୍ଡ ବାଇଆ ହେଇଗଲା । ଜିନିଷ ପତ୍ର ସବୁ କାଢ଼ି ଆଉ ଥରେ ଖୋଜି ପକେଇଲା । ହେଲେ ନାଁ କଉଠି ବି ନାହିଁ । ଗଲା କୁଆଡ଼େ । ସନିଆ କେତେ ଥର କହିଥିଲା, ଚାଲେ ଆମେ ତତେ ଗାଡ଼ି ଚଢେଇ ଦେଇ ଆସିବୁ । କିନ୍ତୁ ସେ ମନା କଲା । ସନିଆର ସକାଳ ସିଫ୍ଟ । ରାତି ଯାକ ଅନିଦ୍ରା ରହିଲେ ସକାଳେ କାମ କରି ପାରିବନି । ଥାଉ । କେତେ ଥର ସେ କାନେ କାନେ କହିଥିଲା, ଟେ..ସନରେ ଚୁର ଖଣ୍ଟ ବୁଲୁଯିତି । ଦେଖିକି ଯିବୁ । ବାଟରେ ହୁସିଆର ଥିବୁ । ଜିନିଷ ଛାଡ଼ି କୁଆଡ଼େ

ବି ଯିବୁନି । ନହେଲେ ଆଇଲା ବେଳକୁ କିଛି ନଥିବ । ସେ ବି ତ ହୁସିଆର ଥିଲା । ଝୁଲାଟା ତ ହାତରେ ଧରି କି ଶୁଇଥିଲା । ସେ କଣ ଶୁଇଥିଲା ନା କ'ଣ । ଭାବୁ ଭାବୁ ଆଖି ଟିକେ ଲାଗି ଯାଇଛି । ହେଲେ ପର୍ସଟା ଗଲା କୁଆଡ଼େ । ପାକିଟିରେ ହାତ ଭର୍ତି କରି ଆଉ ଥରେ ଅଣ୍ଡାଳିଲା । ଏଁ, ଏ କ'ଣ ପାକିଟି କଣା । କିଏ ଗୋଟେ ବ୍ଲେଡ଼ରେ କାଟି ଦେଇଛି । ତା'ର ତାହେଲେ ପକେଟମାର ହେଇ ଯାଇଛି । ସେ କାନ୍ଦ କାନ୍ଦ ହେଇଗଲା । କଣ କରିବ, ଏପଟେ ଜେଜୀର ଏ ଅବସ୍ଥା, ମାସ ଶେଷ ବେଳକୁ ଧାର କରି ଟଙ୍କା ୨୦୦୦ ମିଳିଥିଲା । କଣ କରିବ ? ଦିବ ମୁଣ୍ଡ କଣ ହେଇଗଲା । ମୁଣ୍ଡ ବୁଲେଇବାରୁ ପଡ଼ିଲା ପଡ଼ିଲା ହେଇ ତଳେ ବସି ପଡ଼ିଲା । ଚାରି ପଟ ଅନ୍ଧାର ଦେଖା ଯାଉଥାଏ । ବାନ୍ତି ବାନ୍ତି ଲାଗୁଥାଏ । କାନ୍ଦ କାନ୍ଦ ହେଇ ଆଖିରୁ ଲୁହ ପୋଛିଲା । ଚାରି ଆଡ଼କୁ ଚାହିଁଲା । କେତେ ଲୋକ ଯିବା ଆସିବା କରୁଥାନ୍ତି, କିଛି ଲୋକ ଯାକୁ ଦେଖିକି ପଳେଇ ଯାଉଥାନ୍ତି । ସମସ୍ତେ ନିଜ ନିଜ ବାଟେ ବ୍ୟସ୍ତ । ସେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲା । ଏପଟେ ଟ୍ରେନ ଆସିବାର ସୂଚନା ମାଇକିରେ ଡାକୁଥାଏ । ଲୋକ ହାଉଯାଉ । କିଏ କେତେ ପାଟି କରୁଥାନ୍ତି । ହୋ ହୋ ଘୋ ଘୋ ଶୁଭୁଥାଏ । କିନ୍ତୁ ଦିବର ଆଖି କାନ ସବୁ ବନ୍ଦ ହେଇ ଯାଇଥାଏ । ତାକୁ କିଛି ଦେଖା ଯାଉନଥାଏ କିଛି ଶୁଭୁ ନଥାଏ । ଆକାଶଟା ଖଣ୍ଡ ଖଣ୍ଡ ହୋଇ ତା ମୁଣ୍ଡରେ ଛିଡ଼ି ପଡ଼ିଲା ପରି ଲାଗୁଥାଏ । ଆଖିରେ ଜୁଲୁଜୁଳିଆ ବୁଲୁଥାନ୍ତି । ଗାଁକୁ ଯିବ କି ଫେରି ଯିବ ଭାବୁଥାଏ । ବୁଦ୍ଧି ସୁଦ୍ଧି ହଜି ଗଲାଣି ତା'ର । କ'ଣ କରିବ ଏବେ ? ପଇସା ନଥିଲେ କଣ କରିବ ? ନ ଖାଇ କି ସିନା ପଳେଇବ କିନ୍ତୁ ଟ୍ରେନର ଟିକଟ ? ସେଟା ବି ତ ପର୍ସରେ ଥିଲା । ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ମନ ମାରି ହା ହତାଶ ଆଖିରେ ସମସ୍ତଙ୍କୁ ଦେଖୁଥାଏ କିନ୍ତୁ କିଏ ବା କେମିତି ଜାଣିବ ଯା ଅବସ୍ଥା ।

ଏତିକି ବେଳେ ଗୋଟେ ୧୨-୧୪ ବର୍ଷର ପିଲା ଧାଇଁ ଧାଇଁ ଆସିଲା ଆଉ ଗୋଟେ ଜରିବନ୍ଧା ପୁଡ଼ିଆ ତା ଉପରକୁ ଫିଙ୍ଗି ଦେଇ ଭିଡ଼ ଭିତରେ କୁଆଡ଼େ ହଜି

http://www.appsgeyser.com/4368717

ଗଲା । କ'ଣ ଗୋଟେ ଘଟିଗଲା ଦିବ କିଛି ବୁଝି ପାରିଲା ନାହିଁ । ପୁଡ଼ିଆ ଖୋଲି ଦେଖିଲା ପରେ ତା ଆଖି ଉଜ୍ଜ୍ୱଳ ହୋଇ ଉଠିଲା । ପୁଡ଼ିଆ ଭିତରେ ତା ପର୍ସ ? ସେ ପୁଡ଼ିଆ ଖୋଲି ପର୍ସ ଅଣ୍ଡାଳି ପକେଇଲା । ପର୍ସରେ ତା ଟ୍ରେନ ଟିକେଟ, ୨୦୦୦ ଟଙ୍କା ସହ ଗୋଟେ ଚିଠି । ଚିଠି ଟା ଟିକେ ମୋଟା ମୋଟା ଲାଗୁଥାଏ । ସେ ଚିଠି ଖୋଲିଲା । କିନ୍ତୁ ଏ କ'ଣ? ଚିଠି ଭିତରେ ୫୦୦୦ ଟଙ୍କା? ସେପଟେ ପ୍ଲାଟଫର୍ମରେ ଟ୍ରେନ ଛାଡ଼ିବ ଛାଡ଼ିବ ହେଉଥାଏ । ସେ ଆଉ ଡେରି ନକରି ଦୌଡ଼ି ଦୌଡ଼ି ଟ୍ରେନରେ ଚଢ଼ିଗଲା ଆଉ ତା ସଂରକ୍ଷିତ ଜାଗାରେ ବସି ପଡ଼ିଲା । ଆସ୍ତେ ଆସ୍ତେ ଟ୍ରେନ ଷ୍ଟେସନ ଛାଡ଼ି ଆଗକୁ ବଢ଼ିଲା । ତା ପାଟିରୁ କଥା ବାହାରୁ ନଥାଏ । ସିନେମା ପରି କଣ ସବୁ ଘଟିଗଲା, ତା ଆଖି ଆଗରେ ଗୋଟି ଗୋଟି କରି ସବୁ ଜଳ ଜଳ ଦିଶି ଯାଉଥାଏ । ଏବେ ସେ ଚିଠିଟା କାଢ଼ି ପଢ଼ିବାକୁ ଲାଗିଲା । ଚିଠିରେ ଲେଖାଥିଲା ।

ଭାଇ,

"ମୁଁ ଚୋର, ତମଠୁ ଚୋରି କରିବା ବହୁତ ସହଜ ଥିଲା । ତମ ପର୍ସରୁ ୨୦୦୦ ଟଙ୍କା ପାଇଥିଲି । ପର୍ସ ଆଉ ବାକି ଜିନିଷ ଫିଙ୍ଗିବାକୁ ଗଲା ବେଳେ ଟେଲିଗ୍ରାମଟା ଦେଖିଲି । ଜେଜେଙ୍କ ଦେହ ଖରାପ । ଲୋକ ମରି ସାରିଲା ପରେ ଅବା ଅଧିକା ସିରିଏସ ଥିଲେ ହିଁ ଟେଲିଗ୍ରାମ ଆସେ । ଏମିତି ଗୋଟେ ଟେଲିଗ୍ରାମ ଆସିଥିଲା ମୋ ଘରୁ ୧୨ ବର୍ଷ ତଳେ । କିନ୍ତୁ ଷ୍ଟେସନରେ ମୋର ସବୁ ଜିନିଷ ସହ ପଇସା ବ୍ୟାଗ ବି ଅନ୍ୟ ଟ୍ରେନରେ ରହିଗଲା । ଆଉ ମୁଁ ଘରକୁ ଯିବାରେ ଡେରି ହେଇଗଲା । ଗାଁରେ ପହଁଚିଲା ବେଳକୁ ମୋ ମା ତିନି ଦିନ ଆଗରୁ ମରି ସାରିଥିଲା । ମୁଁ, ମୋ ମା'ର ମଲା ମୁହଁ ବି ଦେଖି ପାରିନି ଆଉ ପଇସା ନଥିବାରୁ ତା'ର ଶ୍ରାଦ୍ଧ ବି କରି ପାରି ନଥିଲି । ମୁଁ ବହୁତ ଜଣଙ୍କ ପାଖରୁ ଚୋରି କରିଛି କିନ୍ତୁ ଆଜି ଏ ଟେଲିଗ୍ରାମ ଦେଖିଲା ପରେ ମୋର ପଛ କଥା ସବୁ ମନେ ପଡ଼ିଗଲା ।

http://www.appsgeyser.com/4368717

ତୁମର ୨000 ଟଙ୍କା ସହ ମୋର ୫000 ଟଙ୍କା ପଠାଉଛି । ଏଇଟା ମୋ ମା ପ୍ରତି ମୋର ଶ୍ରଦ୍ଧାଞ୍ଜଳି । ଆଜିଠୁ ଚୋରି ଛାଡ଼ି ଭଲ କାମ କରିବାକୁ ଚେଷ୍ଟା କରିବି । ମୋ ଆଖି ଖୋଲିଦେଇ ଥିବାରୁ ଧନ୍ୟବାଦ" ।

ଇତି

ଦିବର ଆଖି ପୁଣି ଥରେ ଛଳ ଛଳ ହୋଇ ଆସିଲା ।

ବିଜନେସ ଟେକ୍ନିକାଲ ମ୍ୟାନେଜର (ସଫ୍ଟୱେର)

The Beast Apps (I) Pvt. Ltd.

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

http://www.appsgeyser.com/4368717

# ନିଅ ସମସ୍ତେ ଟଙ୍କାଖାଅ



ଡ: କୁଳାଙ୍ଗାର

ରମ୍ୟନିବନ୍ଧ - ନିଅ ସମସ୍ତେ ଟଙ୍କାଖାଅ !

କ୍ଷମତା ଓ ପଦପଦବୀରେ ଥିବା ଲୋକେ ଟଙ୍କା ଖାଆନ୍ତି, ଟଙ୍କା ଖାଇ ସହଜରେ ହଜମ କରିଦେଇ ପାରନ୍ତି ! ଏମିତି ଗୋଟେ ବଦ୍ଧମୁଳ ଚିନ୍ତାଧାରାରେ ପ୍ରାୟ ସମସ୍ତେ ବିଶ୍ୱାସୀ ! ! ତେଣୁ ଏମିତି ଗୋଟେ ଅପବାଦ ସାମଗ୍ରିକ କରିବାର ସଫଳ ପ୍ରୟାସ ହେଲା- ସିଧା ସଳଖ ଫାଇଦା ଯୋଜନା ଅର୍ଥାତ ଡାଇରେକ୍ଟ ବେନିଫିଟ୍ ସ୍କିମ୍ !

ଟଙ୍କାର ସ୍ୱାଦ ଚାଖିଥିବା ନେତା ଓ ଅଫିସରମାନେ ବୋଧେ ଚାହୁଁଥିବେ ନିଅନ୍ତୁ ସାଧାରଣ ଲୋକେ ଏ ମଧ୍ୟ ଟିକେ ଏଇ ମଜା ନିଅନ୍ତୁ । ଏହାଦ୍ୱାରା ସେମାନଙ୍କର ଦୁଇଟି ଲାଭ ହେବ । ଏକରେ କିଛି କିଛି ଟଙ୍କା ଖାଇ ଲୋକେ ସେମାନଙ୍କର ଯାଚ୍ଛାତା ଟଙ୍କା ଖାଇବାକୁ ଦେଖି ଚୁପ୍ ରହିବେ । ଦୁଇରେ ଟଙ୍କା ଖାଇବାରେ କିଛି ମାରାନାହିଁ ବୋଲି ଗୋଟେ ଅଲିଖିତ ନିୟମ ତିଆରି ହୋଇଯିବ !

ବଡ଼ ବିଚିତ୍ରବ୍ୟବସ୍ଥା । କେମିତି ଲାଗିବ ଯେତେବେଳେ ତମେ ପେଟଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ ତମୁକୁ ଚିକିତ୍ସା ବଦଳରେ କହିବ କି ଭାଇ ତମ ଚିକିତ୍ସାବାବଦ ଖର୍ଚ୍ଚ ତୁମର ବ୍ୟାଙ୍କ ଆକାଉଂଟ୍‌କୁ ପଠେଇ ଦିଆଯିବ ? ତୁମ ପିଲାକୁ ଶିକ୍ଷାଦାନ ବଦଳରେ ଟଙ୍କା ମିଳିବ ତୁମ ପରିବାରକୁ ସୁରକ୍ଷା ବଦଳରେ ଟଙ୍କା ମିଳିବ ! ସମସ୍ତ ବ୍ୟବସ୍ଥା ଧୀରେଧୀରେ ସିଧା ସଳଖ ଟଙ୍କା ପ୍ରଦାନରେ ସୀମିତ ହୋଇଯିବନି ତ ?

http://www.appsgeyser.com/4368717

ହେବ କଣ, କେତେକ ସ୍ଥାନରେ ହେଲାଣି । ଏବେ ପ୍ରେମିକା ପ୍ରେମିକ ସହ ବୁଲି ନ ଯାଇ, ସିନେମା ନ ଦେଖି, ଆଇସ୍କ୍ରିମ୍ ନଖାଇ କହୁଚି ଏସବୁ ସହିତ ଯୋଉ ପେଟ୍ରୋଲ ପୋଡ଼ିଥାନ୍ତ ସେ ସବୁ ଟଙ୍କା ମୋ ଖାତାକୁ ଟ୍ରାନ୍ସଫର କରିଦିଅ ! ମୁଁ ତମୁକୁ ଯେମିତି ଭଲ ପାଉଥିଲି ସେମିତି ପାଉଥିବି ! !

ମଣିଷ ସହ ଠାକୁର ବି ଏମିତି ଯୋଜନା କଲେଣି । ଏତିକି ଟଙ୍କା ଦାଖଲ କଲେ ଅମୁକ ପୂଜା କରି ଠାକୁର-ଠାକୁରାଣୀଙ୍କୁ ପ୍ରୀତ କରିଦିଆଯିବ ବୋଲି ବହୁ ମନ୍ଦିରେ ସାଇନ୍ ବୋର୍ଡ ଝୁଲୁଅଛି । ଅଧିକାଂଶ ଦେଉଳରେ ନଡ଼ିଆ ପାଇଁ ଏତିକି, ବସ୍ତ୍ର ପାଇଁ ଏତିକିର ବ୍ୟବସ୍ଥା ତ ପୁରୁଣା ହେଲାଣି । ଏବେ ବହୁ ପୁଜାରୀ ଓ ମନ୍ଦିର ଟ୍ରଷ୍ଟ ବ୍ୟାଙ୍କ୍ ଖାତା ନମ୍ବର ଦେଇ କହୁଛନ୍ତି ଘରେ ବସି ଏଥିରେ ଟଙ୍କା ଏଥିରେ ଜମା କରିଦିଅ ଆଶୀର୍ବାଦ ଆପେ ଆପେ ପହଂଚିଯିବ !

ଯିଏ ସରକାରୀ ଯୋଜନା ଆଳରେ ଯେତେ ଅଧିକ ଲୋକଙ୍କୁ ଟଙ୍କା ଖୁଏଇ ପାରିଲା; ସିଏ ହେଲା ସବୁଠାରୁ ସଫଳ ରାଜନୈତିକ ଦଳ । ତେଣୁ ଉଭୟ ଶାସକ ଓ ବିରୋଧୀ ଟଙ୍କାବଂଟନ ଯୋଜନାର ସମର୍ଥକ । ସଭିଏଁ ଲୋକଙ୍କୁ ଲୋଭ ଦେଖେଇ ଏଥିପାଇଁ ଏତେ ସେଥିପାଇଁ ଏତେ ତମ ଖାତାକୁ ପଠେଇ ଦେବୁ ବୋଲି କହି ଫସେଇବାକୁ ତତ୍ପର ।

ଏମିତି ବ୍ୟବସ୍ଥାଟି ବେଶି ଲୋକପ୍ରିୟ ହେଲା ଗ୍ୟାସ ଟାଙ୍କି ଯୋଗାଣ କ୍ଷେତ୍ରରେ । ମାସେ ଦିମାସ ଅନ୍ତରରେ ବଢ଼ି ଚାଲିଥିବା ଗ୍ୟାସଦର ସାଥୀରେ ଆଉ କିଛି ଟଙ୍କା ଦେଇ ପୁଣି ନିଜ ବ୍ୟାଙ୍କ ଖାତାରେ ସେଇଥିରୁ କିଛି ଟଙ୍କା ଫେରି ପାଇବାର ଖେଳକୁ ଲୋକେ ବେଶ୍ ଉପଭୋଗ କଲେ । ତୈଳଜାତ ସାମଗ୍ରୀରେ ସିଧାସଳଖ ଲୋକଙ୍କ ଖାତାକୁ ରିହାତି ଟଙ୍କା ଯୋଗାଇଦେବାର ଉଦ୍ଦେଶ୍ୟ ଥିଲା - ରିହାତି ଖାଇଖାଇ ଲାଂଚୁଆ ହୋଇଯାଇଥିବା ଖାଉଟିମାନଙ୍କ ଠାରୁ ଏହାକୁ ଧିରେ ଧିରେ ମୁକ୍ତ କରି ବଜାର ଦରରେ ଛାଡ଼ିଦେବା । ଯାହାଫଳରେ ପୃଷ୍ଟିହୀନତାର ଶୀକାର ହୋଇଥିବା ଦେଶର ଅର୍ଥନୈତିକ ଶରୀରେ ଟିକେ ମାଉଁସ ଲାଗିପାରିବ !

http://www.appsgeyser.com/4368717

ଏହିପରି ଯୋଜନାର ନିର୍ବିରୋଧ ପ୍ରଚଳନପରେ ଏହାକୁ ଅନ୍ୟ କ୍ଷେତ୍ରରେ ପ୍ରୟୋଗର ପ୍ରୟାସ ଆରମ୍ଭ ହୋଇଛି । ବେସରକାରୀ ବିଦ୍ୟାଳୟରେ ଗରିବ ପିଲା ପଢ଼ିଲେ ସ୍କୁଲ୍ ଫିସ୍ ପୁଣି ଗରିବଟିଏ ବେସରକାରୀ ବଡଡାକ୍ତରଖାନାରେ ଚିକିତ୍ସିତ ହେଲେ ସରକାର ବୀମାଯୋଜନାରେ ଟଙ୍କା ଦେଇଥାନ୍ତି ।

କିନ୍ତୁ ଭୋକିଲାଙ୍କୁ ଖାଦ୍ୟ ଯୋଗାଇବାକୁ ଆରମ୍ଭ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ଲୋକଙ୍କ ପାଟିକୁ ଖାଦ୍ୟ ବଦଳରେ ଖାତାକୁ ଟଙ୍କା ପକେଇବା କଥାଟା ଶୁଣିବାକୁ ବାଗ ଲାଗୁନାହିଁ । ମୁକ୍ତବଜାରରେ କଣ  ଖାଦ୍ୟ ସାମଗ୍ରୀ ପରି ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ି ଦିଆଯାଇ ପାରିବ ? ?

ଆଗାମୀ ମାସରୁ ଚାଉଳ, ଗହମ ବଦଳରେ ବ୍ୟାଙ୍କଖାତାରେ ଟଙ୍କା ମିଳିବା କଥାଶୁଣି ବୁଢ଼ୀଟିଏ ଡିଲରକୁ ପଚାରିଲା - ହେଁରେ ପୁଅ ମୁଁ ତ ବେଙ୍କ ଦେଖିନି, ଟଙ୍କା ଦେଲେ ତ ମୋ ପୁଅ ତାକୁ ଉଠେଇ ମଦପାଣିରେ ଦିନକରେ ଉଡ଼େଇ ଦେବ ! ମୁଁ କଣ ଖାଇ ବଂଚିବି ?

ଡିଲର କହିଲା - ଆଲୋ ମାଉସୀ, ମୋର ବି ସେଇ ଦୁଃଖ । ଆଲୋ ତମୁକୁ ସରକାର ସିଧା ଟଙ୍କା ଦେଇଦେଲେ ମୁଁ କଣ ଖାଇ ବଂଚିବି ? ?

ଏମତି ସିଧାସଳଖ ଟଙ୍କା ଯଦି ଲୋକଙ୍କର ବ୍ୟାଙ୍କଖାତାକୁ ଦିଆଯିବ ତେବେ ଏହାକୁ ଖାଦ୍ୟ ସୁରକ୍ଷା ଯୋଜନା ନ କହି ଟଙ୍କା ସୁରକ୍ଷା ଯୋଜନା କହିଲେ ଠିକ୍ ହେବନି କି ? ଏମିତି ଗୋଟେ ବଜାରୀ ବ୍ୟବସ୍ଥାର ବନୀସିରେ ଟଙ୍କାଖଞ୍ଜି ଭୋକିଲା ମାନଙ୍କୁ ଧରିବାର ପ୍ରୟାସ ସାମାଜିକ ବ୍ୟବସ୍ଥାର ଭବିଷ୍ୟତକୁ ଖତେଇ ହେଲାପରି ଅନୁଭବ ହେଉନି କି ? ?

ମାର୍ଫତ - ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ, ଡା-ଅଲରା, ନରସିଂହପୁର, କଟକ
କ୍ରିଂ କ୍ରିଂ- ୯୩୩୮୫୧୩୦୯ ଇମେଲ୍: dr.kulangar@gmail.com

http://www.appsgeyser.com/4368717

# ମହାଭାରତର କଥା



ମହେନ୍ଦ୍ର ପ୍ରତାପ ସ୍ୱାଇଁ

ମହାଭାରତର କଥା : ମହାରାଜ ପଣ୍ଡୁ ଅନ୍ତିମସଂସ୍କାର ରହିତ ଥିଲେ

ଆବାଳ ବୃଦ୍ଧବନିତା ଏ କଥାର ଅଗୋଚର ନଥିବେ । କୁରୁକ୍ଷେତ୍ରରେ ମହାପ୍ରଭୁ ବଇଁଶୀଧର ଅନନ୍ୟ ଭାଷ ଆମ ସମାଜର ଉନ୍ନତି ଓ ଷଡ଼ବିକାରର ସଦାରୂପି ଉନ୍ମୋଚନ କରିଥିଲେ । ଯାହା ଆଜି ସାରା ଦୁନିଆ ଶ୍ରୀମଦ୍ ଭଗବତ୍ ଗୀତା ରୂପରେ ଜାଣନ୍ତି । ସେହି କୁରୁକ୍ଷେତ୍ରରେ ପୂର୍ବଭାଷକୁ ମହାଭାରତ ଗାଥା ନାମରେ ସମସ୍ତେ ଜାଣନ୍ତି । ମହାଭାରତର ସେହି ଅନନ୍ୟ ଦୃଷ୍ଟାନ୍ତରେ କୁରୁବଂଶ, ପରମପିତାମହ ଭିଷ୍ମ, ବେଦବ୍ୟାସ, ବିଦୂର, ପାଣ୍ଡବ, କୁନ୍ତି, ସୁବଳ, ଗାନ୍ଧାରୀ, ହସ୍ତିନାପୁର, ଶକୁନି ଭଳି ବହୁତ ଗୁଡ଼ାଏ ନାମ ବର୍ଣ୍ଣିତ ଅଛି । ଏଭଳି ବହୁତ ଅପରିଚିତ ବ୍ୟକ୍ତି ବିଶେଷ ମଧ୍ୟ ସେହି ମହାଭାରତରେ ଅଛନ୍ତି ଯାହାଙ୍କୁ ହୁଏତ ଅନେକ ଧ୍ୟାନ ଦେଇ କେବେ ପଢ଼ିନାହାନ୍ତି । ବହୁତ ଦୃଶ୍ୟ ଏଭଳି ମଧ୍ୟ ଅଛି ଯେଉଁ ଦୃଶ୍ୟର ଅବଗତ ଆମ ସମାଜର ପୌରାଣିକ ପ୍ରେମୀମାନଙ୍କ ପରେ ମଧ୍ୟ ପ୍ରାପ୍ତ କରିବା ବହୁତ କଷ୍ଟକର । ଏହି ଗାଥା ମାନଙ୍କରେ ଗୋଟିଏ ଦୃଶ୍ୟର ପରିକଳ୍ପନା କରାଯାଉଛି, "ମହାରାଜ ପଣ୍ଡୁଙ୍କ ଅନ୍ତିମ ସଂସ୍କାର ହୋଇନଥିଲା" ।

ଦୃଷ୍ଟାନ୍ତର ଅନ୍ତିମ ବାକ୍ୟ ଅତ୍ୟନ୍ତ ସତ୍ୟ ଯାହା ପଞ୍ଚୁପାଣ୍ଡବଙ୍କୁ ଜ୍ଞାନୀରୁ ମହାଜ୍ଞାନୀ ଓ ପଞ୍ଚୁପାଣ୍ଡବ କୁହାଇବାରେ ସହଯୋଗ କରିଥିଲା । ଏହି ଅଜଣା ଲୋକାର୍ଷ କାହାଣୀର ଗାଥାସୃଷ୍ଟି ଏହିଭଳି ଥିଲା । ମହାରାଜ ପଣ୍ଡୁଙ୍କ କୌଣସିଟି ସନ୍ତାନସନ୍ତତି ନଥିଲେ ।

http://www.appsgeyser.com/4368717

ଆଶ୍ଚର୍ଯ୍ୟର ବିଷୟ, ତେବେ ଏ ପଞ୍ଚୁପାଣ୍ଡବ ସତରେ କିଏ ? ପାଣ୍ଡବ ପାଞ୍ଚଭାଇଙ୍କ ମାତାଙ୍କ କଥା ମହାଭାରତରେ ସ୍ୱର୍ଣ୍ଣାକ୍ଷରରେ ବର୍ଣ୍ଣିତ ଏବଂ ମହାରାଜ ପଣ୍ଡୁ ସେମାନଙ୍କ ପିତା ଥିଲେ । ସାଦ୍ୟକଥା ସେ ପର୍ଯ୍ୟନ୍ତ ମାନ୍ୟତା ନଥିଲା, ଯେ ପର୍ଯ୍ୟନ୍ତ ପାଞ୍ଚଭାଇ ପିତାଙ୍କ ଦେହାବଶେଷକୁ ପ୍ରାପ୍ତ କରିନଥିଲେ । ମହାଭାରତ ସୃତ ଯୁଦ୍ଧିଷ୍ଠିର, ଭୀମ, ଅର୍ଜୁନ, ମାତା କୁନ୍ତୀଙ୍କ ପୁତ୍ରଥିଲେ । ଏବଂ ସହଦେବ ଓ ନକୁଳ ଥିଲେ ମାଧୁରୀଙ୍କ ପୁତ୍ର । ସବୁଠୁ ଆଶ୍ଚର୍ଯ୍ୟ ମହାରାଜ ପଣ୍ଡୁଙ୍କୁ ଅଭିଶାପ ମିଳିଥିଲା, "ସେ ଆଜୀବନ ନପୁଂସକ ରହିବେ । ଯଦିବି କୌଣସି ସନ୍ତାନକୁ ଜନ୍ମଦେବେ ସେ ସନ୍ତାନ ମୃତ ଜନ୍ମହେବ ।" ଏହି ଅଭିଶାପ ତାଙ୍କୁ ସନ୍ତାନସନ୍ତତି ସୁଖରୁ ବଞ୍ଚିତ କରିଥିଲା । ଦୁଇଟି ସ୍ତ୍ରୀଧନ ପାଇବା ପରେ ମଧ୍ୟ ସେ କୌଣସି ସନ୍ତାନ ପାଇନଥିଲେ । ଏହି କଷ୍ଟ ସହ୍ୟ କରିନପାରି ଦୁଇ ସ୍ତ୍ରୀ ମାଧୁରୀ ଓ କୁନ୍ତୀ ଭଗବାନଙ୍କ ଶରଣରେ ଯାଇଥିଲେ । ଘୋର ତପସ୍ୟା ଓ ପ୍ରାର୍ଥନାବଳରେ ସେ ଦୁହେଁ ପାଞ୍ଚଟି ସନ୍ତାନ ପାଇଥିଲେ । ଦୁଃଖର ବିଷୟ ମହାରାଜ ପଣ୍ଡୁ ଏହି ସନ୍ତାନମାନଙ୍କ ପିତା ହୋଇଥିଲେ ସୁଦ୍ଧା ପିତା ବୋଲି କୁହାଇନଥିଲେ । ଏବଂ ସେ ସଦାବେଳେ ବ୍ୟଗ୍ର ରହୁଥିଲେ କାରଣ ସେହି ସନ୍ତାନମାନେ ତାଙ୍କର ଜ୍ଞାନ, ଗୁଣ, ଗାରିମାର ଅଂଶ ନଥିଲେ । ସେହି ସକାଶେ ପଣ୍ଡୁ ବହୁତ ବ୍ୟଥିତ ଥିଲେ । ଏହି ଦୁଃଖ ଓ ବ୍ୟଗ୍ରତାର ବିନାଶ ପାଇଁ ପଣ୍ଡୁ ଘୋର ତପସ୍ୟା କରି ଭଗବାନଙ୍କୁ ପ୍ରଶ୍ନ କରିଥିଲେ ଏବଂ ଆଶୀର୍ବାଦ ସ୍ୱରୂପ ସେ ଏକ ବର ପାଇଥିଲେ । ଏହି ବର ଅନୁସାରେ ସେ ନିଜ ଦେହାବଶେଷକୁ ନିଜ ସନ୍ତାନ ମାନଙ୍କୁ ଦେଇ ନିଜର ଜ୍ଞାନ ବାଣ୍ଟି ପାରିବେ । ସେହି ଅନୁସାରେ ମୃତ୍ୟୁକୁ ପ୍ରାପ୍ତ ହେବା ପୂର୍ବରୁ ସେ ତାଙ୍କ ପୁତ୍ରମାନଙ୍କୁ ଅନୁରୋଧ କରିଥିଲେ ଯେମିତି ସେମାନେ ତାଙ୍କ ଶରୀରକୁ ଦାହ ନ କରି ବାଣ୍ଟିକି ଭକ୍ଷଣ କରିବେ । ଏବଂ ପାଞ୍ଚଭାଇ ନିଜ ପିତାଙ୍କ ଶେଷ ଇଚ୍ଛାକୁ ପୂରଣ କରିଥିଲେ । ଏବଂ ଶରୀରକୁ ଭାଗ କରି ଭକ୍ଷଣ କରିଥିଲେ । ଏହାପରେ ସେମାନଙ୍କୁ ପଣ୍ଡୁସୁତ ବା ପଞ୍ଚୁପାଣ୍ଡବ ବୋଲି ଆଖ୍ୟା ପ୍ରାପ୍ତ ହୋଇଥିଲା ।

ପରବର୍ତ୍ତୀ ସମୟରେ କର୍ଣ୍ଣ ମଧ୍ୟ କୁନ୍ତୀ ପୁତ୍ର ବୋଲି ଜଣାପଡ଼ିବା ସତ୍ତ୍ୱେ ସେ କେବେ ବି ପାଣ୍ଡବରେ ଗଣା ହେଲେ ନାହିଁ ।

ଲୋକଗାଥା ଅନୁସାରେ ଓ ବେଦାନୁସାରେ ସହଦେବ ପଞ୍ଚୁପାଣ୍ଡବଙ୍କ ମଧ୍ୟରେ ବହୁତ ଜ୍ଞାନୀ ଥିଲେ । ଏହାର ଉପଯୁକ୍ତ ଦୃଷ୍ଟାନ୍ତ ମଧ୍ୟ ରହିଛି । ଦେହାବଶେଷକୁ ପ୍ରାପ୍ତ କରିବା ସମୟରେ ସହଦେବ ସମ୍ପୂର୍ଣ୍ଣ ମସ୍ତିଷ୍କକୁ ତିନିଖଣ୍ଡ କରି ଭକ୍ଷଣ କରିଥିଲେ । ପ୍ରଥମ ଖଣ୍ଡରେ ଐତିହାସିକ ଗାଥାକୁ ଜାଣି ପାରିଥିଲେ । ଦ୍ୱିତୀୟ ଖଣ୍ଡରେ ସମସ୍ତ ବେଦଜ୍ଞାନକୁ ପ୍ରାପ୍ତ ହୋଇଥିଲେ ଏବଂ ତୃତୀୟ ଖଣ୍ଡରେ ସେ ଭବିଷ୍ୟତ ଜ୍ଞାନର ପ୍ରଗାଢ଼ ବିଦ୍ୟାକୁ ପ୍ରାପ୍ତ କରିଥିଲେ । କୁହାଯାଏ ସେହି ଭବିଷ୍ୟ ଗଣନା ଜ୍ଞାନ ବଳରେ ମହାଭାରତର ମହାଯୁଦ୍ଧ କୁରୁକ୍ଷେତ୍ରର ନିର୍ମମ ଦୃଶ୍ୟକୁ ସେ ଆଗରୁ ଜାଣିପାରିଥିଲେ । ମହାଭାରତରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ପରେ ସହଦେବ ଏକମାତ୍ର ଚରିତ୍ର ଥିଲେ ଯେ ଭବିଷ୍ୟ ଜାଣିପାରୁଥିଲେ । କିନ୍ତୁ ଯେତେବେଳେ ମହାଭାରତ ଯୁଦ୍ଧର ଭୟାବହତା ବିଷୟରେ ସହଦେବ ଜାଣିପାରିଲେ ସେ ନିଜ ଭାଇମାନଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିବାକଥା ଚିନ୍ତା କରିଥିଲେ କିନ୍ତୁ ଏକଥା ଶ୍ରୀକୃଷ୍ଣ ଜାଣିପାରିବା ପରେ ସହଦେବଙ୍କୁ ଅଭିଶାପ ଦେଇଥିଲେ ଯେ ଯଦି ସେ ନିଜର ଏହି ପ୍ରାରବ୍ଧ ବିଷୟ / ଭବିଷ୍ୟର ବାଣୀ ବିଷୟରେ କାହାକୁ କହିଲେ ଅକାଳ ମୃତ୍ୟୁବରଣ କରିବ । ଏହି ଅଭିଶାପ ଭୟରେ ସହଦେବ ନିରବ ହୋଇଯାଇଥିଲେ । ଏବଂ ଅନ୍ତିମ ଧର୍ମର ଜୟଧ୍ୱନୀ ଗୁଞ୍ଜରି ଉଠିଥିଲା ।

ମହାଭାରତ ଆମ ସମାଜ ପାଇଁ ଏକ ଉଦାହରଣ, ପୂର୍ଣ୍ଣ ଗାଥା । ଏଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦତ୍ତ ଗୀତା ଉପଦେଶ ଆମର ଜୀବନଚର୍ଯ୍ୟାପାଇଁ ଅପରିହାର୍ଯ୍ୟ ।

ପରିଚାଳକ (ଆନାଲିଟିକାଲ୍ ଓ ବିଜିନେସ୍) ଜି ଆର୍ କେ ରିସର୍ଚ୍ଚ ଲାବୋରାଟୋରିସ୍ ପ୍ରାଇଭେଟ୍ ଲିମିଟେଡ୍
ହାଇଦ୍ରାବାଦ, ତେଲେଙ୍ଗାନା ଭ୍ରାମ୍ୟଭାଷ - ୯୭୭୮୯୯୯୯୯୦

# ଅନୁଭୂତିରେ ଶ୍ରୀକ୍ଷେତ୍ର



ଜ୍ୟୋତିରଞ୍ଜନ ସାହୁ

ମୁଁ ସ୍ୱର୍ଗତ ଭିକାରୀ ବଳ କିମ୍ବା ବନ୍ଧୁ ମହାନ୍ତି ନୁହେଁ । ମୁଁ ଲକ୍ଷ ଲକ୍ଷ ଓଡ଼ିଆ ମାନଙ୍କ ମଧ୍ୟରୁ ଜଣେ ଯାହାର ପ୍ରାଣ କାଳିଆ ପାଇଁ କାନ୍ଦେ, ଯାହାର ହୃଦୟ ଜଗା କରୁଣାରେ ସ୍ପନ୍ଦିତ ହୁଏ ଆଉ ଯାହାର ମନ କଳାସାଆନ୍ତ ପାଖରେ ବନ୍ଧା । ଏପରି ଓଡ଼ିଆକୁ ବହୁତ କଷ୍ଟ ହୁଏ ଯେତେବେଳେ ତା ବିଶ୍ୱାସରେ ଏ ଦୁନିଆ ପ୍ରଶ୍ନବାଚୀଟିଏ ଆଙ୍କିଦିଏ । ଏହି ଯେପରି ନବକଳେବରର ବିଭ୍ରାଟ ହେଉ ବା ଜଗନ୍ନାଥ ନୀତି ଅନିୟମିତତା ହେଉ ଅଥବା ଜଗାକୁ ନେଇ ବ୍ୟବସାୟୀକରଣ ହେଉ । ମନରେ ବିଶ୍ୱାସରେ ପ୍ରତି ଓଡ଼ିଆଙ୍କୁ ମିଳୁଛି ଆଘାତ । ମନରେ ସ୍ୱତଃ ଉଠୁଛି ପ୍ରତିବାଦର ସ୍ୱର ।

ବୋଧହୁଏ ମହାପ୍ରଭୂଙ୍କ ଇଚ୍ଛାରେ ଆଜି ବହୁଦିନ ପୁରୁଣା ଘଟଣାଟିଏ ପ୍ରକାଶ କରିବାକୁ ମନସ୍ତ କରିଛି । ଜୟ ଜଗନ୍ନାଥ । ମସିହା ଥିଲା ୨୦୦୫, ମାସ ଅଗଷ୍ଟ କିମ୍ବା ସେପ୍ଟେମ୍ବର ହେବ, ଅର୍ଥାତ ଶ୍ରାବଣର ଶେଷଭାଗ । ନିମ୍ନ ମଧ୍ୟବିତ୍ତ ପରିବାରରେ ମୋ ପରି ଗୋଟେ ବେରୋଜଗାରିଆ ପୁଅର ଅସନ୍ତୁଳିତ ମାନସିକ ଭାରସାମ୍ୟ । ସମାଜର ଭିନ୍ନ ଏକ ଦୃଷ୍ଟିଭଙ୍ଗୀ ମୋ ପରି ଯେଉଁମାନେ ଜୀବନର ସଫଳତା ପାଇଁ ସଂଘର୍ଷରତ । ଅନ୍ତରର ବେଦନାରେ ବିଚଳିତ ମୋ ମନ କାହିଁକି କେଜାଣି ଆତ୍ମ ବିସର୍ଜନ ପାଇଁ ଚିନ୍ତା କଲା । ମୋ ପ୍ରାଣରେ ଦେବତା ଜଗନ୍ନାଥଙ୍କ ପାଇଁ ସେତେବେଳେ ମୋ ମନରେ ଥିଲା ଅଭିମାନର ସ୍ୱର । ଇଚ୍ଛା ହେଲା ଯଦି ଶରୀର ଛାଡ଼ିବି ତେବେ ତାହାରି ଧାମରେ ତାହାର ପାଖରେ ଛାଡ଼ିବି । ଆଉ

http://www.appsgeyser.com/4368717

ତାକୁ କହିବି ତୋ ଭକତା ତାଲିକାରୁ ମୋ ନାଁକୁ କାଟିଦେବାପାଇଁ । ଏହା ଚିନ୍ତା କରି ବାପା ଆଦରରେ ଦେଇଥିବା ଶହେ ଟଙ୍କାଟିକୁ ଟିକିଏ ଚାହିଁଲି ଆଉ ମନେ ମନେ ବାପା ମାଆଙ୍କୁ ପ୍ରଣାମ କରି ବସରେ ଟିକଟ୍ କାଟିଲି । ମନ ଥିଲା ଭୋକଶୋଷ ଏ ସଂସାରଠୁ ବହୁତ ଦୂରରେ । ରାତି ଦଶଟା ବାଜିବାରୁ ବୋଧହୁଏ ମୋତେ ଖୋଜାପଡ଼ିଲା । ଅନୁମାନ କରି ବାପା ଓ ମାମୁଁ  ମୁଁ ବସିଥିବା ବସ ଅଟକାଇ ଖୋଜାଖୋଜି କଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ମୁଁ ଜାଣିପାରୁନାହିଁ ବସ ଭିତରେ ମୁଁ ଥିବା ଦେଖି ସୁଦ୍ଧା ମୋତେ କେହି କିପରି ଚିହ୍ନିପାରିଲେ ନାହିଁ । ଆଜି ମୁଁ ପ୍ରଶ୍ନ କଲେ ଉତ୍ତର ମିଳେ ବସ ଭିତରଟା ଖାଲି କୁହୁଡ଼ିଆ ଦେଖାଯାଉଥିଲା । ସେ ଯା'ହେଉ ମୁଁ ନିର୍ବିକାର ଭାବରେ  ବସ୍ ଭିତରେ ବସିଥାଏ । ବସ୍ ବାରିପଦା ଛାଡ଼ିଲା ପରେ ସେ ରାତିରେ ସେ ବସ୍ ଭିତରେ ନିରବରେ ବହିଥିଲା ମୋ ଆଖିରୁ ଅନେକ ଅଶ୍ରୁ । ସକାଳୁ ବରମୁଣ୍ଡା ବସଷ୍ଟାଣ୍ଡରେ ଓହ୍ଲେଇ ସିଧା ଯାଇ ପୁରୀ ବସରେ ବସିଗଲି । ମୋତେ ଆଉ ଏ ଦୁନିଆଟା କିଛି ଦେଖାଯାଉନଥାଏ । ମୁଁ ଥିଲି ନିରବ, ଶାନ୍ତ ଆଉ ଲକ୍ଷ୍ୟ ଥିଲା ପୁରୀ । ପାଖରେ ଆଉ ମାତ୍ର ଦଶଟଙ୍କା ବାକିଥିଲା । କିନ୍ତୁ ଏଭଳି ପରିସ୍ଥିତିରେ ମୁଁ ଥିଲି ନିର୍ବିକାର । ଭଡ଼ାପାଇଁ ଟଙ୍କା ନାହିଁ କି କଣ ହେବ ପରିଣାମ ତା ପାଇଁ ଭ୍ରୁକ୍ଷେପ ନଥିଲା । ମୋ ଚତୁଃର୍ପାଶ୍ୱରେ କଣ ସବୁ ଘଟିଯାଉଥିଲା ସେ ବିଷୟ ପ୍ରତି ମୋର ନିଘା ନଥିଲା । ସମୟ ସହ ତାଳ ଦେଇ ବସ୍ ମାଡ଼ି ଚାଲିଥାଏ ପୁରୀ ଅଭିମୁଖେ । କେତେବେଳେ ବସ୍ ପୁରୀରେ ପହଞ୍ଚିଲା ଜାଣିପାରିଲି ନାହିଁ । ମୋ ପାଖରୁ କେହି ଯାତ୍ରୀଭଡ଼ା ଦାବୀ କରିବାକୁ ଆସିନଥିଲେ । ମୁଁ ଯନ୍ତ୍ରପରି ବସିଥିଲି । ବସରୁ ଓହ୍ଲାଇ ସିଧା ଶ୍ରୀମନ୍ଦିର ଆଡ଼କୁ ଚାଲିଲି । ଅଶ୍ରୁର ଦୁଇଧାର ମୋ ଅଜାଣତରେ ମୋ ଓଠକୁ ଛୁଇଁ ଚାଲିଥିଲା । ମୋ ଚାରିପାଖରେ ଶୂନ୍ୟତା ଥିବା ପରି ଲାଗୁଥିଲା । ସେହି ଶୂନ୍ୟତାରେ ମୁଁ ଚାହୁଁଥିଲି ଯାଇ ମହାପ୍ରଭୁଙ୍କ ଭିତରେ ଲୀନ ହୋଇଯିବି ।

http://www.appsgeyser.com/4368717

ମନ୍ଦିର ଭିତରେ ଚକାନୟନ ସହ ନୟନ ମିଶାଇବାପରେ ମନରେ ଥିବା ଅଭିମାନ ଲୁହ ହୋଇ ବୋହିବାକୁ ଲାଗିଥିଲା । ମନ୍ଦିରର ଦକ୍ଷିଣପାର୍ଶ୍ୱର କାନ୍ଥକୁ ଆଉଜି ବହୁତ କାନ୍ଦିଲି । ଅଭିମାନ ଭରା ଅନେକ ପ୍ରଶ୍ନକୁ ଜଗାପାଖରେ ଛାଡ଼ିଦେଇ ସାଗର କୂଳକୁ ଚାଲିଲି । ମନରେ ଏହି କଥାଥାଏ, ଆଜି ରାତି ହେବ ଏ ସାଗରତଟରେ ଶେଷ ରାତ୍ରୀ ।

ଅପରାହ୍ନର ସମୟ । ସାଗର କୂଳରେ ସ୍ଥିର ନିର୍ବିକାର ମୁଦ୍ରାରେ ମୋର ଏହି ଶରୀର । ମହାବାତ୍ୟାର ପୂର୍ବ ନିରବତା ସଦୃଶ ମୋର ଅନ୍ତର୍ମନ । ଆଖୋ ଯୋଡ଼ିକ ଅନୁସରଣ କରୁଥାଏ ସାଗରର ଜୁଆରକୁ । ଏହିପରି ଏକ ସମୟରେ ଅନ୍ୟମନସ୍କ ଭାବେ ଚାହିଁଲି ମୋ ବାମ ପାଖକୁ । କିନ୍ତୁ ଏ କଣ ?

ଜଣେ ଶ୍ୟାମଳ ବର୍ଣ୍ଣ କିଶୋର ମୋର ଅତି ନିକଟରେ ବସି ଅପଲକ ନୟନରେ ଚାହିଁ ରହିଛି ଗଭୀର ସାଗରକୁ । ମୋର ଅଜାଣତରେ କେତେବେଳେ ଆସି ସେ କିଶୋରଟି ମୋ ପାଖରେ ବସିଲା ତାହା ଭାବୁ ଭାବୁ ମୁଁ ଅବଲୋକନ କରି ଚାଲିଥାଏ ତାହାର ମୁଖମଣ୍ଡଳକୁ । ମନେ ମନେ ଭାବୁଥାଏ ସ୍ୱଳ୍ପ ସ୍ୱଳ୍ପ ବର୍ଷାରେ ସ୍ୱଳ୍ପ ଜନସମାଗମ ଭିତରେ କିଏ ଏ ବାଳକ ଯେ ଆଉ କେଉଁଠି ନ ବସି ଆସି ମୋ ପାଖରେ ବସିଛି । ଏକ ଅପରିଚିତ ପୁଣି ମୋର ସେ ସମୟର ଦୁଃସ୍ଥ ମାନସିକ ସ୍ଥିତିରେ ମୋ ପାଖରେ ବସିବାଟା ସହଜରେ ଗ୍ରହଣୀୟ ହୋଇପାରିଲା ନାହିଁ । ଅସନ୍ତୋଷରେ ଭରିଗଲା ମୋ ମନ । ନିରବରେ କିଛି ସମୟ କଟିଗଲା ମୁଁ ତାକୁ ଓ ସେ ସମୁଦ୍ରକୁ ଅବଲୋକନ କରିବାରେ । ୧୦ରୁ ୧୨ ବର୍ଷର ସେ ବାଳକକୁ ମୁଁ ଯେତେ ଅଧିକ ଦେଖୁଥାଏ ଏକ ଅଦ୍ଭୁତ ରୋମାଞ୍ଚ ମୋ ଭିତରେ ଖେଳିଯାଉଥାଏ । ବିରକ୍ତି ଓ ଅଭିମାନର ପୂର୍ଣ୍ଣ କୁମ୍ଭଟା କାହିଁକି କେଜାଣି କମି ଯାଉଥିବାର ଅନୁଭବ ହେଉଥାଏ । ଧିରେ ଧିରେ ଯେମିତି ମୁଁ ସମ୍ମୋହିତ

http://www.appsgeyser.com/4368717

ହୋଇଯାଉଥାଏ ସେ ବାଳକଟିର ଅଦୃଶ୍ୟ ସ୍ପର୍ଶରେ । ହଠାତ୍ ସେ ପ୍ରଶ୍ନ କଲା, "କଣ ଦେଖୁଛ ?"

ଉତ୍ତରରେ ମୋର ସେଇ ଏକା ପ୍ରଶ୍ନ, "ତୁମେ କଣ ଦେଖୁଛ ?"

ତାର ଉତ୍ତରଟା ମୋର ଆଜି ବି ମନେ ଅଛି । "ଏଇ ସମୁଦ୍ରକୁ । ଦେଖ ତାକୁ । ଆମ ଜୀବନଟା ବି ଏହି ସମୁଦ୍ର ପରି । ଜୁଆରର ଘାତ ପ୍ରତିଘାତକୁ ପାରକରି ଯଦି ଆମେ ଭିତରକୁ ଯିବା ତେବେ ଦେଖିବା ସମୁଦ୍ରଟା କେଢ଼େ ଶାନ୍ତ ଆଉ ସୁନ୍ଦର, ଜୀବନଟା ବି ଠିକ୍ ସେହିପରି ।" ଏତେ ଛୋଟ ବାଳକ ମୁଖରୁ ଏ ବାକ୍ୟ ଶୁଣି ମୁଁ ସ୍ତବ୍ଧ ହୋଇ ପଡ଼ିଥାଏ । ଲାଗୁଥାଏ ଯେମିତି ଆମର ଦୀର୍ଘଦିନର ପରିଚୟ । ତା'ପରେ ମୁଁ ପ୍ରଶ୍ନକଲି, "ତମ ଘର କେଉଁଠି ?" ସେ ମଧ୍ୟ ସେହି ଏକା ପ୍ରଶ୍ନ କରିଥିଲା । ମୁଁ ଉତ୍ତରଦେଲି ରାଇରଙ୍ଗପୁର । ସେ ଉତ୍ତର ଦେଲା ମୋ ସଂପର୍କୀୟ ଘର ସେହି ପାଖରେ । ମୁଁ କେବେ କେବେ ସେଠାକୁ ଯାଏ । ମୁଁ ପଚାରିଲି ରାଇରଙ୍ଗପୁର କେଉଁ ଯାଗା ? ସେ କହିଲା ସେଇଠି ମ, ଟାଟା ରାଇରଙ୍ଗପୁର ମଝିରେ । ମୁଁ ପୁଣି ପ୍ରଶ୍ନ କଲି, ତାହା ହେଲେ ତମ ଘରଟା ? ସେ କହିଲା ମୋ ଘର ଏହି ପୁରୀ ପାଖରେ । ବାପା ମୋର ମୂର୍ତ୍ତି କାମ କରନ୍ତି । ମୁଁ ବି ମୂର୍ତ୍ତିକାମ କରେ । ରକମ ରକମ ମୂର୍ତ୍ତି ତିଆରି କରେ । ଆଜି ଲୋକନାଥ ମହାପ୍ରଭୂଙ୍କ ଠାରେ ଶ୍ରାବଣ ପାଣି ଭାର ଢାଳିବାକୁ ଆସିଛି । ମନ୍ଦିର ଭିତରେ ଭିଡ଼ ତ ସେଇଥି ପାଇଁ ଏଠାକୁ ବୁଲିବାକୁ ଚାଲି ଆସିଲି । ଲୋକନାଥଙ୍କ ମନ୍ଦିର କେଉଁଠାରେ ତା ବିଷୟରେ ମୋର ଧାରଣା କିଛି ନଥିଲା । ତେଣୁ ମୁଁ ଚୁପ୍ ରହିଲି । ଏହା ଭିତରେ ବେଶ୍ କିଛି ସମୟ ବିତିଯାଇଥିଲା । ବାଳକଟି ମୋତେ କହିଲା ଆସ ମନ୍ଦିର ଦର୍ଶନରେ ଯିବା । ମୁଁ କହିଲି ନା ମୋର ଦର୍ଶନ ସରିଲାଣି । ତୁମେ ଯାଅ ଦର୍ଶନ କର । ମୋତେ ନେବାର ପ୍ରୟାସ ବୃଥା ବୋଲି ସେ ଜାଣି କହିଲା, ଆଚ୍ଛା ହଉ ତମ ହାତଟା ଟିକେ ଦିଅ ମୁଁ ଛିଡ଼ାହୁଏ । ବାଳକଟି ମୋ ହାତରେ ଆଶ୍ରାଦେଇ

http://www.appsgeyser.com/4368717

ଛିଡ଼ା ହେଲା । ମୁଁ ଯିବାକୁ ଉଦ୍ୟତ ହେବାରୁ ସେ କହିଲା ଭାଇ ପାଣି ଭାର ବୋହି ବୋହି ମୋ ଗୋଡ଼ ଚାଲୁନାହିଁ । ମୋତେ ଟିକେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଛାଡ଼ିଦେଇ ପାରିବ ? ମୁଁ ତା ହାତକୁ ମୋ କାନ୍ଧ ଉପରେ ରଖି ମୁଖ୍ୟ ରାସ୍ତା ପଟକୁ ଆଗେଇଲି । କିଛି ବାଟ ଯାଆନ୍ତେ ଦେଖିଲି ଆଉ ଜଣେ ଗୌର ବର୍ଣ୍ଣ ତେଜବନ୍ତ ବାଳକ ଆମ ପଟକୁ ସ୍ମିତହାସ୍ୟ ଦେଇ ଆସୁଛି । ନିକଟତର ହେବାରୁ ମୁଁ ଦେଖିଲି ସେ ଦୁହେଁ ପରସ୍ପରକୁ ଦେଖି ହସୁଛନ୍ତି । ମୁଁ ପଚାରନ୍ତେ ଶ୍ୟାମଳ ବାଳକଟି କହିଲା ଆମେ ଦୁଇ ସାଙ୍ଗ ଏକା ସାଥେ ପାଣି ଢାଳିବାକୁ ଆସିଛୁ । ଗୌର ପିଲାଟି ସ୍ୱଳ୍ପ କଥା ଆଉ ସ୍ମିତ ହସ ଦେଇ ମୋତେ ଯେମିତି ସବୁ କଷ୍ଟରୁ ଦୂର କରିଦେଉଥାଏ । ସେହି ସମୟରେ ଗୋଟିଏ ମଣିଷ ଟଣା ରିକ୍ସା ମୁଖ୍ୟ ରାସ୍ତା ଦେଇ ଯାଉଥିଲା । ସେହି ରିକ୍ସାକୁ ଅଟକାଇଲେ ଦୁହେଁ । ମୋତେ ବି ସାଥିରେ ମନ୍ଦିର ଯିବାପାଇଁ ଅନୁରୋଧ କରିଲେ । ମନରେ ସଙ୍କୋଚ ରଖି ମୁଁ ମନା କରିଲି ଆଉ କହିଲି ମୋର ଦର୍ଶନ ସରିଯାଇଛି । ପୁଣି ମୋ ପାଖରେ ପଇସାଟିଏ ବି ନାହିଁ, କାହାକୁ ଦେବାପାଇଁ । ସେମାନେ ଜିଦ୍ କରି କହିଲେ, ତୁମେ ଠିକ୍ ଭାବରେ ଦର୍ଶନ କରିବ ଆସ ଆମ ସହିତ । ଆମେ ତୁମକୁ ଭଲ ଭାବରେ ଦର୍ଶନ କରେଇଦେବୁ । ତମେ ନ ଗଲେ ଆମେ ବି ଯିବୁନାହିଁ । ତାଙ୍କର ସରଳ କଥାରେ ଯେପରି କୌଣସି ଶକ୍ତିଥିଲା ଯାହା ମୋର ଚିନ୍ତା ଶକ୍ତି ଉପରେ ଆଧିପତ୍ୟ ବିସ୍ତାର କରି ଚାଲିଥିଲା । ନା କହିବାର ଶକ୍ତି ଯେପରି ଜିହ୍ୱା ମୋର ହରାଇ ସାରିଥିଲା । ମୁଁ ପ୍ରଥମେ ରିକ୍ସାରେ ବସିଲି । ମୋର ଦୁଇ ଜାନୁରେ ବସିଲେ ବାଳକ ଦୁହେଁ ।

ରିକ୍ସା ମାଡ଼ି ଚାଲିଥାଏ ଆଗକୁ ଆଗକୁ । ମୁଁ ଆଉ ମୁଁ ହୋଇନଥାଏ । ସେ ଦୁହିଁଙ୍କର ସ୍ପର୍ଶ ଯେପରି ଦିବ୍ୟ ଆନନ୍ଦ ଆଣି ଦେଉଥାଏ । ଲାଗୁଥାଏ ଯେପରି ଏମାନେ ମୋର ବହୁ ପରିଚିତ । ବହୁ ଦିନର ସମ୍ପର୍କ ମୋର ସେମାନଙ୍କ ସାଙ୍ଗରେ । ପିତାମାତା ଭାଇଭଉଣୀ ଏ ସଂପର୍କ ମୋ ମନରୁ ଲିଭି ସାରିଥିଲା । ମୁଁ

http://www.appsgeyser.com/4368717

ଖାଲି ଏତିକି ଅନୁଭବ କରୁଥିଲି ସତରେ କଣ ଏ ଦୁହେଁ ମୋର ଜନ୍ମ ଜନ୍ମର ପରିଚିତ ।

ଏହା ଭିତରେ ରିକ୍ସା ଯାଇ ପହଞ୍ଚିଲା ଶ୍ରୀମନ୍ଦିର ନିକଟରେ । ଖୁବ୍ ସଂକୋଚରେ ଓହ୍ଲାଇଲି ରିକ୍ସାରୁ । କାରଣ ଭଡ଼ା ଦେବାଭଳି କ୍ଷମତା ନଥିଲା । ମୁଁ ଏହି ଦ୍ୱିଧାରେ ଥିବା ଭିତରେ ରିକ୍ସାବାଲା ଚାଲିଯାଇଥିଲା ।

ବଡ଼ ଅପ୍ରସ୍ତୁତ ଲାଗିଲା ମୋତେ । ମୁଁ କହିଲି ମୋ ଠାରୁ ଭଡ଼ା ନେଲନି ? ସେମାନେ କହିଲେ ଆମ ପାଖରେ ବହୁତ ପଇସା ଅଛି ତୁମେ ଚିନ୍ତା କରନି । ଏହା ଭିତରେ ସେ ଗୋରା ପିଲାଟି ମୋ ଗୋଡ଼ରୁ ଚପଲ ଖୋଲିବାକୁ ଲାଗିଲା, ମୁଁ ବାରଣ କଲି । ମନ୍ଦିର ଭିତରକୁ ଯିବାକୁ ଅନିଚ୍ଛା ପ୍ରକାଶ କରି କହିଲି ମୁଁ ଏଇଠି ଅଛି ତୁମେ ଯାଇ ଦର୍ଶନ କରିଆସ । ସେମାନେ ହସିଦେଇ କହିଲେ ମନ୍ଦିର ପାଖକୁ ଆସିବ ଆଉ ଦର୍ଶନ କରିବନି ? ପୁଣି ଖାଲି ପାଦରେ ଚାଲି ଚାଲି ଆମର ବାଇଶି ପାହାଚ ଚଢ଼ିବାକୁ ବଳ ନାହିଁ । ତୁମ ବିନା ଆମେ ଦର୍ଶନ କରିବା କିପରି ? ମୋର ଆଉ ବାରଣ କରିବାର ଶକ୍ତି ନଥିଲା । ମୋ ଚପଲ ଧରି ପିଲାଟି ଚାଲିଯାଇଥିଲା । ଶ୍ୟାମଳ ପିଲାଟି ହସିଦେଇ କହିଲା ତା ପାଖରେ ବହୁତ ପଇସା । ତା ଅଣ୍ଟା ମୁଣାଟି ହଲେଇ ଦେଲେ ଖାଲି ପଇସା ଝଡ଼ିବ । କିଛି ସମୟ ପରେ ସେ ଗୋରା ପିଲାଟା ଅରୁଣ ସ୍ତମ୍ଭ ପାଖରେ ପହଞ୍ଚିଲା ଯେଉଁଠି ଆମେ ଛିଡ଼ା ହୋଇଥିଲୁ ।

ଶ୍ୟାମଳ ପିଲାର ହାତକୁ କାନ୍ଧରେ ଧରି ମୁଁ ବାଇଶି ପାହାଚ ଆଡ଼କୁ ଚାଲିଲି । ଗୋରାପିଲାଟିକୁ ମଧ୍ୟ ଅନ୍ୟ କାନ୍ଧରେ ହାତ ରଖିବାକୁ କହିଲି । କିନ୍ତୁ ସେ ଭଦ୍ରତାର ସହ ମନା କରି କହିଲା ମୁଁ ଚାଲି ପାରିବି । ସେ କିନ୍ତୁ ଥକି ଯାଇଛି ତାକୁ ଧରି ଚାଲ । ଆମେ ଧିରେ ଧିରେ ଶ୍ରୀମନ୍ଦିର ଭିତର ଆଡ଼କୁ ଅଗ୍ରସର ହେଲୁ । ମୋତେ ଲାଗୁଥିଲା ସତେ ଯେମିତି ସମୟ ଅଟକି ଯାଇଛି ମୋ ପାଇଁ । ଏହା ପୂର୍ବରୁ ମୋତେ ଜଣାନଥିଲା ଜଗନ୍ନାଥ ମନ୍ଦିରକୁ ଗଲେ ପ୍ରଥମେ ଲକ୍ଷ୍ମୀ ମନ୍ଦିର ଦର୍ଶନ

କରିବାକୁ ହୁଏ । ସେହି ପିଲା ଦୁଇଙ୍କର ସମ୍ମାନ କରି ଆଜି ବି ମୁଁ ପୁରୀ ଗଲେ ପ୍ରଥମେ ଲକ୍ଷ୍ମୀ ମାଙ୍କ ଦର୍ଶନ କରେ ।

ଲକ୍ଷ୍ମୀ ମନ୍ଦିର ଦର୍ଶନ ସାରି ଆମେ ଆସିଲୁ ବଡ଼ ମନ୍ଦିର । ମନ୍ଦିର ଭିତରେ ପ୍ରବେଶ କରନ୍ତେ ଶ୍ୟାମଳ ପିଲାଟି ହଠାତ୍ କହି ଉଠିଲା ଆଗ ଗରୁଡ଼ ସ୍ତମ୍ଭ ପାଖକୁ ମୋତେ ନିଅ । ମୁଁ ମଧ୍ୟ ଯନ୍ତ୍ରବତ୍ ତାକୁ ନେଇ ସେଠାକୁ ଗଲି । ସେଠାରୁ ସେ ମୋତେ ପ୍ରଭୁଙ୍କ ଦର୍ଶନ କରିବାକୁ କହିଲା । ଠିକ୍ ସେତିକି ବେଳେ ଆରତୀ ଚାଲିଥିଲା । ଶ୍ୟାମଳ ପିଲାଟି କହିଲା ମୋତେ ଟିକେ ଉପରକୁ ଟେକି ଦିଅନ୍ତନି, ମୁଁ ବି ଆଳତୀ ଦେଖନ୍ତି ।  ମୁଁ ବି ତତ୍‌କ୍ଷଣାତ ତାକୁ ଦୁଇ ହାତରେ ଟେକି ଧରିଲି । କାହିଁକି କେଜାଣି ମୋର ସମଗ୍ର ଶରୀର ପୁଲକିତ ହୋଇଉଠିଲା । ନା କ୍ଷୁଧା ନା ତୃଷା, ସବୁ ଯେମିତି ମୋଠାରୁ ଅପସରି ଯାଇଥିଲେ । ମୁଁ ସେହି ଗୌରବର୍ଣ୍ଣ ପିଲାଟାକୁ କହିଲି ଆସ ତୁମକୁ ବି ଟେକିଦେବି ଦର୍ଶନ କରିବ । ଆଜିବି ତା କଥା ମୋର ମନେ ପଡ଼େ ଯାହାକୁ ମୁଁ ସେତେବେଳେ ଭାବିନଥିଲି । ମୋତେ ଟେକିବା ଦରକାର ନାହିଁ । ତାକୁ ଟେକିଦିଅ । ସେ ଦର୍ଶନ କରୁ । ଆମେ ତ ନିତିଦିନ ଠାକୁର ଦର୍ଶନ କରୁଛୁ ।

ଦର୍ଶନ ପରେ ଆମେ ତିନିଜଣ ଠିକ୍ ସେଇ ଯାଗାରେ ଯାଇ ବସିଲୁ ଯେଉଁଠି ମୁଁ ଛାଡ଼ି ଯାଇଥିଲି ଅନେକ ପ୍ରଶ୍ନ । କିନ୍ତୁ ବୋଧହୁଏ ମୋର ଆଉ ଉତ୍ତରର ଆବଶ୍ୟକତା ନଥିଲା । ମୁଁ ହୋଇ ଯାଇଥିଲି ଚିନ୍ତାଶୂନ୍ୟ । ଜଣେ କାନ୍ଧରେ ଆଉଜି ଓ ଆଉ ଜଣେ ମୋ କୋଳରେ ମୁଣ୍ଡ ରଖି ତିନିଜଣ ହଜି ଯାଇଥିଲୁ କେଉଁ ଏକ ଭିନ୍ନ ଦୁନିଆରେ ।

ଏହାପରେ ତିନିଜଣ ଉଠିଲୁ । ମୁଁ କହିଲି ଏଥର ମୁଁ ଯାଏ । କିନ୍ତୁ ସେମାନେ କହିଲେ ରୁହ ଟିକିଏ ଆମ ସହ । ଜଗନ୍ନାଥ ସଂଗ୍ରହାଳୟ ଚାଲ ଦେଖିବା । ମୁଁ କେବେ ଜାଣିନଥିଲି ଯେ ମନ୍ଦିର ଭିତରେ ସଂଗ୍ରହାଳୟଟିଏ ବି ଅଛି । ଯାଇ ଦେଖିଲି

http://www.appsgeyser.com/4368717

ଟିକେଟର ଦାମ ଦଶ ଟଙ୍କା । ମୋତେ ଭାରି ଖରାପ ଲାଗିଲା । ସେଇ ଦୁଇଜଣ ଛୋଟ ପିଲା ମୋ ପାଇଁ ଟିକେଟ୍ ଦେଉଥିବା ଦେଖି ଭଲ ଲାଗୁନଥିଲା । ଶ୍ୟାମଳ ପିଲାଟି ତଥାପି ମୋ ଉପରେ ଭରା ଦେଇ ଚାଲୁଥାଏ । ଏଥିପାଇଁ ମୋ ମନରେ ତିଳେ ହେଲେ ବିରକ୍ତି ଭାବ ଆସୁନଥିଲା । ଆମେ ତିନିଜଣ ମ୍ୟୁଜିୟମ୍ ଭିତରକୁ ଗଲୁ । ଭିତରେ ଥିଲା କହ୍ନେଇର ବାଲ୍ୟଲୀଳା ଘଟଣାର ମୂର୍ତ୍ତି । ସେହି ମୂର୍ତ୍ତିକୁ ଦେଖି ଆତ୍ମବିଭୋର ହୋଇ ଉଠୁଥିଲେ ଦୁହେଁ । ଲାଗୁଥିଲା ଯେପରି ସେମାନେ ଉକ୍ତ ଘଟଣାବଳୀର ପ୍ରତ୍ୟକ୍ଷଦର୍ଶୀ । କୌଣସି ଆଧୁନିକ ଯୁଗର ବାଳକ ଉକ୍ତ ମୂର୍ତ୍ତିରେ ସେଭଳି ରୋମାଞ୍ଚିତ ହେବନାହିଁ, ଯେମିତି ସେ ଦୁହେଁ ହେଉଥିଲେ । ସେହି ଅନୁଭବକୁ ବର୍ଣ୍ଣନା କରିବା ଅସମ୍ଭବ ।

ମୁଁ ସେମାନଙ୍କ ଭାବଭଙ୍ଗୀକୁ ନିର୍ବିକାର ଭାବରେ ଚାହିଁ ରହିଥାଏ । ସେଠାରୁ ବାହାରିବା ପରେ ମୁଁ କହିଲି ଏଥର ମୋତେ ଯିବାକୁ ଦିଅ । ତୁମେ ଦୁଇଜଣ ଭଲରେ ଘରକୁ ଯାଅ । କିନ୍ତୁ ସେମାନେ ମୋତେ ଆଉ ଛାଡ଼ିଲେ ନାହିଁ । କହିଲେ ତୁମେ ଆମ ଧାମ ଆମ ଘରକୁ ଆସିଛ । ଆମକୁ ଅତିଥିସତ୍କାରର ସୁଯୋଗ ଦେବନାହିଁ । ଚାଲ ଆମେ ମିଶି ଅବଢ଼ା ଖାଇବା । ମୋର ମନା କରିବାର ଉପାୟ ନଥିଲା । କିନ୍ତୁ ଅବଢ଼ା କିଣିବାକୁ ପକେଟରେ ପାହୁଲାଟାଏ ବି ନଥିଲା । କିନ୍ତୁ ମୁଁ ଚିନ୍ତା କରିବା ପୂର୍ବରୁ ଅବଢ଼ା ବରାଦ ହୋଇସାରିଥିଲା । ସେମାନେ କେତେ ଶୀଘ୍ର ସବୁ ବ୍ୟବସ୍ଥା ଯେ କରିଦେଲେ ଆଚମ୍ବିତ ଲାଗିଲା । ଆନନ୍ଦ ବଜାରର ଗୋଟିଏ କଡ଼ରେ ଆମେ ଜାଗାଟିଏ ବାଛି ଅବଢ଼ା ସେବାନ ପାଇଁ ବସିଲୁ । ଏହା ପୂର୍ବରୁ ସେ ଗୋରାପିଲାଟି କାନ୍ଧରେ ଧରିଥିବା ନାଲି ଗାମୁଛାରେ ତଳକୁ ସଫା କରିବାକୁ ଚାଲିଲା । ଏମିତି କରିବାକୁ ବାରଣ କରିବା ସତ୍ତ୍ୱେ କିଛି ଲାଭ ହେଲାନାହିଁ । ଆମେ କଦଳୀପତ୍ର ପକାଇ ବସିଲୁ । ସେମାନେ ମୋତେ କହିଲେ ଅବଢ଼ା ବାଢ଼ିବା ପାଇଁ । ମୁଁ ତିନିଜଣଙ୍କ ପତ୍ରରେ ଅବଢ଼ା ବାଢ଼ିଦେଲି । ଆମେ ଖାଇବା ପରେ ଗୋରା ପିଲାଟି ଶ୍ୟାମଳ ପିଲାକୁ ପଚାରିଲା ତୋ ପେଟ ପୁରିଲା ? ସେ ମୁଣ୍ଡ

http://www.appsgeyser.com/4368717

ହଲାଇ ନାହିଁ ବୋଲି କହିବା ପରେ ତାକୁ ଆଉ ବାକି ସବୁ ଅବଢ଼ା ଦିଆଗଲା । ସମସ୍ତେ ଖାଇବା ପରେ ସେମାନେ ମୋତେ ନେଇଗଲେ ଟଂକ ତୋରାଣି ପିଇବାକୁ ଦେଲେ । କହିଲେ ଏବେ ତୁମକୁ ପୂର୍ଣ୍ଣ ଶାନ୍ତି ମିଳିବ । ଏହାପରେ ସେମାନେ କହିଲେ ଏବେ ଘରକୁ ଯାଅ । ମୁଁ ପ୍ରଶ୍ନ କଲି ପୁଣି କେବେ ଦେଖାହେବ ? ସେମାନେ କହିଲେ ଆମେ ନିୟମିତ ପୁରୀ ଆସୁ । କେବେ ନା କେବେ ନିହାତି ଦେଖାହେବ । ଏହାପରେ ଆମେ ମନ୍ଦିର ବାହାରକୁ ଆସିଲୁ । ସେତେବେଳକୁ ଚାରିଟା କି ପାଞ୍ଚଟା ହେବ । ମୋ ଅଜାଣତରେ ମୋ ପାଇଁ ଅଟୋର ବ୍ୟବସ୍ଥା କରିଦେଲେ ସେମାନେ । ଅଟୋକୁ କହିଦେଲେ ଭାଇକୁ ନେଇ ଠିକ୍ ଜାଗାରେ ଛାଡ଼ିଦେବୁ । ଯେଉଁ ମୁହୂର୍ତ୍ତରେ ମୁଁ ଅଟୋରେ ବସିଲି ମୋ ହୃଦୟଟା ବ୍ୟାକୁଳ ହୋଇ ଉଠିଲା । ମନ ଖୋଜିଲା ସେଇ ଆତ୍ମତୃପ୍ତି । ବିକଳ ହୋଇ ଅଟୋରୁ ପଛକୁ ଦେଖିଲି, କିନ୍ତୁ ସେ ଜନ ସମୁଦ୍ରରେ ସେ ଦୁହେଁ ଅନ୍ତର୍ଧାନ ହୋଇ ସାରିଥିଲେ । ମନଟା ମୋର ଅଶାନ୍ତ ହୋଇଉଠିଲା । ଆଜି ବି ମୋ ଶରୀର ମନରେ ଶିହରଣ ଖେଳିଯାଏ ଯେତେବେଳେ ସେ ସ୍ୱର୍ଗୀୟ ମିଳନ ବେଳାକୁ ସ୍ମରଣ କରେ । ଅଟୋଟି ମୋତେ ନେଇ ବସଷ୍ଟାଣ୍ଡରେ ପହଞ୍ଚାଇଦେଲା । ଭଡ଼ା ନେବ କଣ ହସିଦେଇ ଚାଲିଗଲା । ମୁଁ ଚିନ୍ତା କଲି ଯାଇ ବସରେ ବସେ, ପରେ ଯାହା ହେବ ଠାକୁରେ ଭରସା । ବସରେ ବସି ଭାବୁଥାଏ ବିଗତ ୨୪ ଘଣ୍ଟାରେ ମୋ ସହ କଣ ସବୁ ଘଟିଗଲା । ସେତେବେଳେ ଯାଇ ମୋ ମନରେ ଆସିଲା, ଆରେ ସେ ପିଲା ଦୁଇଙ୍କ ନାଁ ତ ପଚାରିଲି ନାହିଁ । କେତେ ଅନ୍ୟମନସ୍କ ଥିଲି ମୁଁ ? ଅନ୍ତତଃ ନାଁ ଠିକଣା ତ ବୁଝିପାରିଥାନ୍ତି । ମନ ମଳିନ ହେଉଥିଲା ବେଳେ ପଛରୁ କେହି ଜଣେ ବୟସ୍କ ବ୍ୟକ୍ତି କହୁଥିବାର ଶୁଣିଲି, "ଆରେ, ଏ ପରା ଜଗନ୍ନାଥଧାମ । ଏଠାରୁ କେହି କଣ କେବେ ଖାଲି ହାତରେ ଫେରିଛି ? ଜଗା ସମସ୍ତଙ୍କ ମନୋସ୍କାମନା ନିଶ୍ଚୟ ପୁରା କରେ । ଭୋକିଲାଲୋକଙ୍କୁ ପେଟ ପୁରା ଖୁଆଇ ଫେରାଏ । ଭୋକରେ କେହି ଫେରିଲେ ଜଗାକୁ କଣ ଭଲ ଲାଗିବ ?" ବାସ୍ ଆଉ କିଛି ଶୁଣିବାକୁ ମୋର ଧୈର୍ଯ୍ୟ ନଥିଲା ।

http://www.appsgeyser.com/4368717

ହୃଦୟଟା ଖାଲି ନୀରବରେ ଚିତ୍କାର କରୁଥିଲା । ଆଖିର ଲୁହ ବନ୍ଧ ବାଡ଼ ଡେଇଁ ବହିଚାଲିଥିଲା ମୋର ବିନା ଅନୁମତିରେ । ମୁଁ ମଧ୍ୟ ତାକୁ ଅଟକାଇବାକୁ ଚେଷ୍ଟା କଲିନାହିଁ । ଲୁହର ଦର୍ପଣରେ ମୁଁ ଦେଖୁଥିଲି ବିତିଯାଇଥିବା ସେହି ସବୁ ମୁହୂର୍ତ୍ତକୁ । ଆଶ୍ଚର୍ଯ୍ୟର ବିଷୟ ଏହା ଯେ ମୁଁ ଭୁବନେଶ୍ୱର ପହଞ୍ଚିବା ପରେ ମଧ୍ୟ କଣ୍ଡକ୍ଟର ମୋ ପାଖରୁ ପଇସା ମାଗିବାକୁ ଆସିନଥିଲା । ଘଟଣାଟା ନିଶ୍ଚୟ ଅନେକଙ୍କୁ କାଳ୍ପନିକ ଲାଗିପାରେ । କିନ୍ତୁ ଏହା ମୁଁ ଅଙ୍ଗେ ନିଭେଇଛି ଆଉ ଜୀବନ ଥିବା ଯାଏଁ କେବେ ଭୁଲିପାରିବି ନାହିଁ ।

ସମୟ ପାଇଲେ ନିଶ୍ଚୟ ଦେଖନ୍ତୁ

ଆହ୍ୱାନ ଓଡ଼ିଆ ବ୍ଲଗ୍

www.aahwaan.com/blog

ନିଜ ଲେଖା ପ୍ରକାଶିତ କରିବାପାଇଁ ଯୋଗାଯୋଗ କରନ୍ତୁ ।

http://www.appsgeyser.com/4368717

# ଭାଷାର ଅଭ୍ୟୁଦୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

*ଭାବରୁ ଭାଷା, ଭାଷାରୁ ସାହିତ୍ୟ ଏବଂ ସାହିତ୍ୟରୁ ବ୍ୟାକରଣ*

ଏହି ଧରାପୃଷ୍ଠରେ ଯେତେବେଳେ ମନୁଷ୍ୟର ଆବିର୍ଭାବ ହୋଇଥିବ ସେତେବେଳେ ପରସ୍ପର ସହ ନିଜ ଭାବର ଆଦାନ ପ୍ରଦାନ ପାଇଁ ସେମାନେ ଯେଉଁ ପ୍ରଥମ ଭାଷାର ବ୍ୟବହାର କରିଥିବା ତାହା ହୋଇଥିବ ଠାର ବା ଇଙ୍ଗିତର ଭାଷା । ବର୍ତ୍ତମାନ ମଧ୍ୟ ଆମେ ଏହି ଭାଷାର ବ୍ୟବହାର କରୁଛୁ । ଯେତେବେଳେ ବର୍ତ୍ତମାନର ପ୍ରଚଳିତ ଭାଷା ଆମର ଭାବର ପ୍ରତିବନ୍ଧକ ହେଉଛି ସେତେବେଳେ ସ୍ୱତଃ ଆମେ ଇଙ୍ଗିତ ବା ଠାରର ଭାଷା ବ୍ୟବହାର କରିବାକୁ ଆରମ୍ଭ କରିଦେଉଛୁ । ଯେଉଁମାନେ କଥା କହିପାରନ୍ତି ନାହିଁ ସେମାନେ ଏହିପ୍ରକାରର ଭାଷାର ବ୍ୟବହାରରେ ସିଦ୍ଧହସ୍ତ । କିନ୍ତୁ ଆମେ ସମସ୍ତେ ଊଣାଅଧିକେ ଏହି ଠାରର ଭାଷାକୁ ବୁଝୁ ଏବଂ ବ୍ୟବହାର କରୁ । ନବଜନ୍ମିତ ଶିଶୁକୁ ଆଖିର ଠାରରେ ମୁହଁର ବିଭିନ୍ନ ଆକାର ଓ ଢଙ୍ଗରେ ଆମେ ଆମୋଦିତ କରି ଭାବର ଆଦାନ ପ୍ରଦାନ କରିଥାଉ ।

ଭାଷାର ଉଦ୍‌ଭବ କେବେ ଆଉ କେମିତି ହୋଇଥିଲା ତାହା ଗବେଷଣାର ବିଷୟ । କାରଣ ପୃଥିବୀ ଉପରେ ମନୁଷ୍ୟର ଉପସ୍ଥିତି ଲକ୍ଷାଧିକ ବର୍ଷର ତେଣୁ ଏହା କେବେ ହୋଇଥିଲା ତାହା ଜାଣିବା ଅତ୍ୟନ୍ତ କଷ୍ଟସାଧ୍ୟ । ତଥାପି ଭାଷାବିଜ୍ଞାନୀମାନେ ଅତୀତର କିଛି ପୌରାଣିକ ଗ୍ରନ୍ଥ ଏବଂ ଐତିହାସିକ ଘଟଣାବଳୀ ଇତ୍ୟାଦିକୁ ଆଧାର କରି ଭାଷାର ବିକାଶ ବିଷୟରେ କିଛି କିଛି ଉପସ୍ଥାପନ କରିଆସୁଛନ୍ତି । ତଥାପି ଭାଷା ବିଷୟରେ ଗବେଷଣା କରୁଥିବା

http://www.appsgeyser.com/4368717

ଅନେକ ବୁଦ୍ଧିଜୀବିଙ୍କ ମତରେ ଭାଷାକୁ ବୁଝିବାକୁ ହେଲେ କିଛି କଛି ତଥ୍ୟକୁ ଆଧାର କରିବାକୁ ପଡ଼େ । ସେହି ସବୁ ତଥ୍ୟ ଯାହା ନିମ୍ନରେ ଲିଖିତ;

୧. ଭାଷା ହଠାତ୍ ଦିନେ ସୃଷ୍ଟି ହୋଇଥିବା ଭଳି ବସ୍ତୁ ନୁହେଁ । ଏହା କ୍ରମବିକାଶ ଭାବରେ ହୋଇଥିବ । ଭାଷାର ଜଟିଳତା ଏବଂ ସୀମିତ ଭୌଗଳିକ କ୍ଷେତ୍ରରେ ମଧ୍ୟ ଭାଷାର ବିବିଧତା ଏହି ତଥ୍ୟକୁ ସତ୍ୟ ବୋଲି ପ୍ରମାଣିତ କରିଥାଏ । ହୁଏତ ଏହି ପ୍ରକାରର ଉନ୍ନତି ଭାଷାର ପ୍ରାକ-ଅବସ୍ଥାରେ ବ୍ୟବହୃତ ଠାର ବା ଇଙ୍ଗିତ କିମ୍ବା ସାଙ୍କେତିକ ଭାଷାରୁ ହିଁ ହୋଇଥାଇପାରେ ।

୨. ଅନେକ ଗବେଷକ ଏହା ବି ମାନନ୍ତି ଯେ ଭାଷା ଏତେ ସମୃଦ୍ଧ ଯେ ଏହା କୌଣସି ଉତ୍ସରୁ କ୍ରମବିକାଶ ହୋଇନଥିବ ବରଂ ମନୁଷ୍ୟ ଜାତିର ଉଦ୍‌ଭବ ସମୟରେ ପ୍ରକାଶିତ ହୋଇଥିବ । ଏହା ଅଚାନକ୍ ବା ହଠାତ୍ ପରିପ୍ରକାଶ ପାଇଥିବ ବୋଲି ଅନେକ ମତ ଦିଅନ୍ତି ।

୩. କିଛି ଗବେଷକଙ୍କ ମତରେ ଭାଷା ଆମର ଅସ୍ଥିମଜ୍ଜାଗତ ବା ଗୁଣସୂତ୍ର ସହ ସଂଶ୍ଲିଷ୍ଟ । ତେଣୁ ପ୍ରତ୍ୟେକ ପ୍ରଜାତିର ଭାଷା ଭିନ୍ନ ଭିନ୍ନ । ଏହା ମନୁଷ୍ୟର ଆଭ୍ୟନ୍ତରୀଣ ବା ଅନ୍ତର୍ନିହିତ ଗୁଣ ବୋଲି କୁହାଯାଇପାରେ ।

୪. ଅନେକ ଗବେଷକ କିନ୍ତୁ କୁହନ୍ତି ଯେ ଭାଷା ଏକ ସାମାଜିକ ବ୍ୟବସ୍ଥାର ଫଳ । ଆମର ସାମାଜିକ ଚାଲିଚଳଣୀରୁ ହିଁ ଭାଷାର ଉଦ୍‌ଭବ ସମ୍ଭବ ବୋଲି ଅନେକେ ମତ ଦିଅନ୍ତି ।

ଜଣେ ବିଖ୍ୟାତ ଭାଷାବିତ୍ ନୋମ୍ ଚୋମ୍‌ସ୍କି ଙ୍କ ମତରେ ଭାଷା ପାଇଁ ଆବଶ୍ୟକ ମସ୍ତିଷ୍କର ଅଂଶଟି ହଠାତ୍ ବିକଶିତ ହୋଇଥିବ । ପ୍ରାୟ ଏକ ଲକ୍ଷବର୍ଷ ତଳେ ଏହିପ୍ରକାରର ଗୁଣସୂତ୍ରରେ ବିଭାଜନ ଘଟି ହୋଇଥିବ ବୋଲି ସେ ମତ ଦିଅନ୍ତି । ଐତିହାସିକ ମାନଙ୍କ ହିସାବରେ ଆଧୁନିକ ମାନବ ଜାତିର ଅଭ୍ୟୁଦୟ ବିଗତ ୨ ଲକ୍ଷରୁ ୬୦ ହଜାର ବର୍ଷ ଭିତରେ ହିଁ ହୋଇଥିଲା । ଏହି ସମୟ ମଧ୍ୟରେ ହିଁ ଭାଷାର ଅଭ୍ୟୁଦୟ ହୋଇଥିଲା । ପ୍ରାୟ ୧ ଲକ୍ଷ ଚାଳିଶି ହଜାର ବର୍ଷରେ ଅନ୍ୟୁନ ପାଞ୍ଚରୁ ଛଅ ହଜାର ପୀଢ଼ିର ବିକାଶ ହୋଇଥିଲା ଏବଂ ସେହି ସମୟରେ ହିଁ

http://www.appsgeyser.com/4368717

ଭାଷାର ଭିତ୍ତିଭୂମି ପଡ଼ିଥିଲା ଏବଂ ଉନ୍ନତି ହୋଇଥିଲା ।

ଷ୍ଟିଭେନ୍ ପିଙ୍କର୍‌ଙ୍କ ମତରେ ଭାଷା ମନୁଷ୍ୟର ଅନ୍ତର୍ନିହିତ ଗୁଣ ଏବଂ ଏହା ପର୍ଯ୍ୟାୟକ୍ରମେ ବା କ୍ରମବିକାଶ ଭାବରେ ଉନ୍ନତି କରିଥିବ । ମାଇକେଲ୍ ଟୋମାସେଲ୍ଲୋଙ୍କ ମତରେ ଭାଷା ସାମାଜିକତାରୁ ହିଁ ସୃଷ୍ଟି ହୋଇଥିବ । ପ୍ରଥମେ ହୁଏତ ସାଙ୍କେତିକ ବା ଇଙ୍ଗିତ ବା ଠାର ଭାଷାରୁ ଧିରେ ଧିରେ ଶବ୍ଦ ଓ ଭାଷାର ପ୍ରକାରଭେଦ ସୃଷ୍ଟି ହୋଇଥିବ ।

କିନ୍ତୁ ଭାଷା ଉଦ୍‌ଭବ ହେବାର ସମୟସୀମା ଏତେ ପୁରୁଣା ଯେ କୌଣସି କଥା ସଠିକ ଭାବରେ କହିବା ସମ୍ଭବ ନୁହେଁ । ତଥାପି ଆମେ ଭାବିପାରିବା ଯେ ଯେ କୌଣସି ଭାଷାର ଉଦ୍‌ଭବ ସାଙ୍କେତିକ ଭାଷାରୁ ହିଁ ହୋଇଥିବ । ପ୍ରଥମେ ହୁଏତ ମନୁଷ୍ୟ ବିଭିନ୍ନ ସଙ୍କେତ ଦ୍ୱାରା ଭାବର ଆଦାନ ପ୍ରଦାନ କରିଥିବ କିନ୍ତୁ ପରେ ଭାଷା ବା ଶବ୍ଦଗ୍ରନ୍ଥିର ଉପସ୍ଥିତି ତାକୁ ଭିନ୍ନ ଭିନ୍ନ ଶବ୍ଦ କହିବାକୁ ଉତ୍ସାହିତ କରିଥିବ । ଏକ ଅକ୍ଷରି ଅନେକ ସାଙ୍କେତିକ ଭାଷା ଯାହା ବର୍ତ୍ତମାନ ପଶୁପକ୍ଷୀ ପରି ପ୍ରାଣୀମାନେ ବ୍ୟବହାର କରନ୍ତି ଯେମିତି କୁକୁର, ବିଲେଇ, ମାଙ୍କଡ଼ ଇତ୍ୟାଦି ସେ ସବୁ ମନୁଷ୍ୟ ବ୍ୟବହାର କରୁ କରୁ ଦୁଇ ଏବଂ ତତୋଧିକ ଅକ୍ଷରର ଶବ୍ଦ ସବୁ ସୃଷ୍ଟି ହୋଇଥିବ । ବିଭିନ୍ନ ଭାଷାବିତ୍ ମାନେ ଏହାକୁ ଆଧାର କରି ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି ।

କିଛି ଭାଷାବିତଙ୍କ ମତରେ କେବଳ ସାଙ୍କେତିକ ଭାଷା ନୁହେଁ ବରଂ ଭାବଭଙ୍ଗୀ ମଧ୍ୟ ଆଦ୍ୟ ଭାଷାର ସ୍ଥାନ ନେଇଥିବ । ଯେମିତି ପଶୁପକ୍ଷୀମାନଙ୍କ ମଧ୍ୟରେ ଦେଖାଯାଏ ଏବଂ ମାନବ ସଭ୍ୟତାରେ ମଧ୍ୟ ଅନେକ ଦେଶରେ ଦେଖାଯାଏ । ଦକ୍ଷିଣ ଆଫ୍ରିକାର ଅନେକ ଦେଶରେ ଲୋକମାନେ ଭିନ୍ନ ଭିନ୍ନ କଥାପାଇଁ ଭିନ୍ନ ଭିନ୍ନ ପ୍ରକାରର ଭାବଭଙ୍ଗୀ ଓ ନୃତ୍ୟର ଆବିଷ୍କାର କରିଛନ୍ତି । ବିପରୀତ ଲିଙ୍ଗର ବ୍ୟକ୍ତିକୁ ଆକର୍ଷିତ କରିବା ପାଇଁ ନୃତ୍ୟ, ଭୋକ ଲାଗିଲେ ମୁଖଭଙ୍ଗୀ ଓ ଶରୀରର ଭଙ୍ଗୀ ଏ ସବୁ ମଧ୍ୟ ଭାଷାର ଉଦ୍‌ଭବରେ ଅନେକ ସାହାଯ୍ୟ କରିଥିବେ ।

http://www.appsgeyser.com/4368717

ପୌରାଣିକ ସାହିତ୍ୟକାର ଏବଂ ଗବେଷକଙ୍କ ମତରେ ଭାଷା ମନୁଷ୍ୟକୃତ ନ ହୋଇ ଦୈବୀକୃତ ଆଶୀର୍ବାଦ ହୋଇଥାଇପାରେ । ଅନେକ ପୌରାଣିକ ଗ୍ରନ୍ଥରେ ମନୁଷ୍ୟକୁ ମନୁଷ୍ୟ ସମେତ ଅନେକ ପଶୁପକ୍ଷୀଙ୍କ ସହ ଭାବର ଆଦାନପ୍ରଦାନ କରିବା କ୍ଷମତା ଦିଆଯାଇଥିଲା । ଏହା କେବଳ ଦୈବୀ ଆଶୀର୍ବାଦ ଦ୍ୱାରା ସମ୍ଭବ ବୋଲି କୁହଯାଇପାରେ । ହିନ୍ଦୁ ଧର୍ମରେ ଦେବୀ ସରସ୍ୱତୀଙ୍କୁ ଭାଷା ଓ ସାହିତ୍ୟର ମୁଖ୍ୟ ବୋଲି କୁହାଯାଇଥାଏ । କୁହାଯାଏ ଯାହାର କଣ୍ଠରେ ସରସ୍ୱତୀ ବାସ କରନ୍ତି ତାଙ୍କର ବାଣୀ ଅତ୍ୟନ୍ତ ମଧୁର ହୋଇଥାଏ । ବାଇବେଲରେ ମଧ୍ୟ ଅନେକ କାହାଣୀ ରହିଛି ଯେଉଁଠି ଭାଷାର ଆବିଷ୍କାର ବିଷୟରେ ଲେଖାଯାଇଛି । ବାଇବେଲର ଓଲ୍ଡ୍ ଟେଷ୍ଟାମେଣ୍ଟର ବୁକ୍ ଅଫ୍ ଜେନେସିସ୍ ଅନୁସାରେ ଭଗବାନ ବାବେଲର ଉଚ୍ଚ ମିନାରର ନିର୍ମାଣକୁ କରାଇ ଦେଇନଥିଲେ । ଏବଂ ଏଥିରେ ହତୋତ୍ସାହିତ ହୋଇ ଶ୍ରମିକମାନେ ପରସ୍ପର ସହ କଥାବାର୍ତ୍ତା ହେବା ଆରମ୍ଭ କରିଥିଲେ । ଏହାପରେ ସେମାନେ ବିଭିନ୍ନ ଅଞ୍ଚଳକୁ ଯାଇ ଭାଷାର ବିକାଶ କରିଥିଲେ ।

ଭାଷା ବିନା ଆମର ଅସ୍ତିତ୍ୱ କେତେ ଅସମ୍ଭବ ତାହା ଆମେ ଆଜି ସହଜରେ ବୁଝିପାରୁଛେ । ହେଲେ ଏମିତି ବି ଦିନ ଥିଲା ଯେତେବେଳେ ଲୋକମାନେ ପରସ୍ପର ସହ କଥାବାର୍ତ୍ତା ହେଉନଥିଲେ । ଇଙ୍ଗିତ ବା ସାଙ୍କେତିକ ଭାଷାର ଚଳଣୀ ବହୁତ ବିଳମ୍ବରେ ହୋଇଥିଲା । ଆଜିକାଲି ମଧ୍ୟ ଆମେ ସାଙ୍କେତିକ ଭାଷାର ବ୍ୟବହାର ଅନେକ କରୁଛୁ । ମନେପକାନ୍ତୁ ସ୍କୁଲରେ ପଢୁଥିବା ବେଳେ ପରିଶ୍ରା କରିବାପାଇଁ ଯିବାକୁ ଥିଲେ କଣ ସଙ୍କେତ କରୁଥିଲେ ?

http://www.appsgeyser.com/4368717

# ପଳାଶଫୁଲର ବାସ୍ନା



ଶ୍ରୀ ଅରବିନ୍ଦ ଆଚାର୍ଯ୍ୟ

"ସେତିକି ଥାଉ, ମୁଁ ଆଉ ଲେଖିପାରିବିନି । ମୋ ହାତଗୁଡ଼ାକ ବିଣ୍ଡି ପଡ଼ିଗଲାଣି ।" କହୁ କହୁ ସ୍କେଚ୍ ପେନ୍‌ଟାକୁ ଛିଞ୍ଚାଡ଼ିଦେଇ ପଳାଇଲା ସାଗରୀକା । ବିଚରା ସ୍କେଚ୍ ପେନ୍‌ଟା ଟେବୁଲର ଏ ମୁଣ୍ଡରୁ ସେ ମୁଣ୍ଡ ଗଡ଼ିଗଡ଼ି ଯାଇ ବହିଥାକ ସନ୍ଧିରେ ମୁଣ୍ଡ ଗୁଞ୍ଜିଲା । ସାଗରୀକା ଏମିତି ହଠାତ୍ ଚିଡ଼ିଯିବା ଦେଖି ମା'ହିରଣ୍ୟମୟୀ କହିଲେ, "ତୋ ଅକ୍ଷର ଗୁଡ଼ାକ ସୁନ୍ଦର ବୋଲି ବାପା କହିଲେ ଲେଖି ଦେବାକୁ । ତୋର ଯଦି ହାତ ବିଣ୍ଡି ପଡ଼ିଗଲାଣି, ତେବେ ଥାଉ ସେ ଆସିଲେ ନିଜେ ଲେଖିବେ ।"

"କାହିଁକି ? ଭାଇର ସାଙ୍ଗ ମାନଙ୍କ ଲିଷ୍ଟ ଆଣି କଣ ବାପା ଦେଇଥିଲେ କି ? ସେଇ ଭାଇ ଆସୁ ଆସୁ ତାର ହଜାଏ ସାଙ୍ଗ ପାଖକୁ ବସି ଠିକଣା ଲେଖିବ । ମୁଁ ଏତେ ନିମନ୍ତ୍ରଣ ପତ୍ର ଉପରେ ଗୋଲ ଗୋଲ କରି ଲେଖିପାରିବିନି ।" ଝିଅର ଅଭିମାନକୁ ଦେଖି ହିରଣ୍ୟମୟୀ ହସି ହସି କହିଲେ, "ହଉ ତୋ ଭାଇ ଆସୁ । ତାକୁ କହିବି ତା ବାହାଘର କାର୍ଡ଼ ଉପରେ ଠିକଣା ବି ସେ ହିଁ ଲେଖିବ ଆଉ ତା ସାଙ୍ଗସାଥୀଙ୍କ ପାଖକୁ ପଠେଇବ । ହେଲା ତ ?"

ମାଆ ଝିଅଙ୍କ ଏହି କଥାବାର୍ତ୍ତା ଭିତରେ କଲିଂ ବେଲ ବାଜିଲା । ସାଗରୀକା ଧାଇଁଗଲା କବାଟ ଖୋଲିବାକୁ । ହିରଣ୍ୟମୟୀ ଚାହିଁ ରହିଥିଲେ, ତା ଯିବା ବାଟକୁ । ଏଇ ସେଇ ସାନ ଝିଅ ସାଗରୀକା, ଛୋଟ ବେଳି ଭାଇ ସହିତ ତାର କଳି ହୁଏ ଟିକେ ଟିକେ କଥାରେ । ପିଲା କହିଲେ ଦୁଇଟି ବଡ଼ ପୁଅ ଅନିରୁଦ୍ଧ ଆଉ ସାନ

http://www.appsgeyser.com/4368717

ଝିଅ ସାଗରୀକା । ଦୁଇଜଣ ଯଦି ଏକାଠି ଥିବେ ତା ହେଲେ ଘରେ ପ୍ରବଳ ଶବ୍ଦ ପ୍ରଦୁଷଣ ହେବା ସ୍ୱାଭାବିକ । ଅନିଟା ଟିକେ ଚୁପ୍ ଚାପ୍ ରହିବା ପିଲା, ହେଲେ ଭାଇଭଉଣୀ ଏକାଠି ହେଲେ ଝଗଡ଼ାଝାଟି ଲାଗେ ଯେ ଘର କମ୍ପେ । ସେ ବି ପାଟି କରିଦିଏ ।

ଚାହୁଁ ଚାହୁଁ ଏକୋଇଶି ବର୍ଷ ହେଇଗଲାଣି ଏଇଠି ଏମିତି ଏହି ଘରେ ସବୁ ଠିକ୍ ଠିକ୍ ଚାଲିଛି । କିନ୍ତୁ ପିଲାଏ ବଡ଼ ହୋଇଗଲେଣି । ପୁଅ ଅନିରୁଦ୍ଧର ବାହାଘର ଠିକ୍ ହୋଇଯାଇଛି । କାଲି ଭଳି ଲାଗୁଛି, ସାଗରିକା ସକାଳୁ ଉଠୁ ଉଠୁ ତର ତର ହୋଇ କଲେଜକୁ ବାହାରେ । ଭାଇକୁ ବିଛଣାରୁ ଉଠାଏ । ନ ଉଠିଲେ ପାଣି ଆଣି ମୁହଁରେ ଛାଟେ । ଦେହରେ ଦିଚାରି ବିଧା ଗୋଇଠା ବି ପକେଇଦେଇ ଉଠାଏ । ପ୍ରତିଦିନ ଭାଇଠୁଁ ଦୁଇ ତିନି ବିଧା ନ ଖାଇଲେ ତା ଦିନ ଆରମ୍ଭ ହେଉନଥିଲା । ଏବେ ସିଏ ଯାଇ ଶାଶୁଘରେ କିପରି ଚଳୁଛି କେଜାଣି ? ଏଡୁଟିଏ ହେଲାଣି ହେଲେ ପିଲାଳିଆମି ଗଲାନି । କଥା ଗୁଡ଼ାକ ଭାବୁ ଭାବୁ ମନେ ମନେ ହସି ପକାଇଲେ ସେ ।

ଏତିକି ବେଳେ ଘରକୁ ପଶିଆସିଲେ ସାଗରୀକା, ତାର ସ୍ୱାମୀ ଦୀପକ ଆଉ ବାପା ବିଶ୍ୱଭୂଷଣ । ଦୀପକ ଏବ ବେସରକାରୀ କଲେଜରେ ଅଧ୍ୟାପନା କରେ । ବୟସ ତିରିଶି ପାଖାପାଖି, ଦେଖିବାକୁ ସୁନ୍ଦର ଚେହେରାର ଅଧିକାରୀ । ବିଶ୍ୱଭୂଷଣଙ୍କ ବୟସ ଷାଠିଏ ହେଲାଣି । ଅବସରପ୍ରାପ୍ତ ଶିକ୍ଷକ, ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ପାଇଛନ୍ତି ସେ । ମୁହଁରେ ସବୁବେଳେ ଗାମ୍ଭୀର୍ଯ୍ୟର ଛାପ ଥାଏ । ଆଖିର ଚଷମା, କେଶ ଗୁଡ଼ିକ ପାଚିଗଲାଣି । ବ୍ୟସ୍ତତା ଭିତରେ ବୋଧହୁଏ ବଢ଼ିଯାଇଥିବା ଦାଢ଼ିପ୍ରତି ନିଘା ନାହିଁ । ଘରକୁ ପଶିଆସି ଦୀର୍ଘନିଶ୍ୱାସ ମାରି ଚପଲ ଖୋଲିଲେ । ଦୀପକ ଚେୟାର ଉପରେ ବସିପଡ଼ି ଗୋଡ଼ରୁ ଜୋତା ଖୋଲୁଥାନ୍ତି । କିଛି ସମୟ ପାଇଁ ପରିବେଶ ଶାନ୍ତ ଓ ନିସ୍ତବ୍ଧ ରହିଲା । ହିରଣ୍ୟମୟୀ ଦୁହିଁଙ୍କ ମୁହଁକୁ ପ୍ରଥମେ

ଘଡ଼ିଏ ଚାହିଁଲେ । ସାଗରୀକା ଘର ଭିତରକୁ ଯାଉଥାଏ, କଣ ଆଣିବାକୁ ବୋଧହୁଏ ।

"କେତେବେଳେ ଘରୁ ବାହାରିଲ ପୁଅ ?" ହିରଣ୍ମୟୀ ପଚାରିଲେ ଦୀପକଙ୍କୁ । ସେତେବେଳେ ଦୀପକ ଜୋତା ଖୋଲିଦେଇ ସାଗାରୀକାକୁ ଖୋଜୁଥିଲେ କିଛି କହିବାପାଇଁ ବୋଧହୁଏ । ଶାଶୁଙ୍କ ପ୍ରଶ୍ନ ଶୁଣି କହିଲେ, "କାଲି ରାତିରୁ ବାହାରୁଥିଲି, କିନ୍ତୁ କାମ ପଡ଼ିବାରୁ ପୁଣି ଆଜି ସକାଳୁ ଶୀଘ୍ର କାମ ସାରିଦେଇ ବାହାରିଲି ।" ଘର ଭିତରକୁ ଯାଉ ଯାଉ ବିଶ୍ୱଭୂଷଣ କହୁଥିଲେ, "ଆଜିକାଲି ବସରେ ଯେଉଁ ଭିଡ଼, ଭୋର ବସରେ ହିଁ ଆସିବାଟା ଖୁବ୍ ଭଲ ।"

ଏତିକି ବେଳେ ଘର ଭିତରୁ ଲୁଗା ବଦଳାଇବାପାଇଁ ଧୋତିଟିଏ ଧରି ଆସିଲା ସାଗରୀକା । ଦୀପକ ହାତକୁ ଧୋତିଟା ବଢ଼ାଇ ଦେଉ ଦେଉ ପଚାରିଲା, "ଆଉ ବାଟରେ କିଛି ଅସୁବିଧା ହୋଇନି ତ ?"

"ନାଁ" ସଂକ୍ଷିପ୍ତ ଉତ୍ତରଟିଏ ଦେଇ ଲୁଗା ବଦଳାଇବାରେ ବ୍ୟସ୍ତ ହୋଇଗଲେ ଦୀପକ ।

"ହଉ, ଶୀଘ୍ର ଧୁଆଧୋଇ ହୋଇଯାଅ, ମୁଁ ଖାଇବାକୁ ବାଢୁଛି ।" କହିଦେଇ ଭିତରକୁ ଉଠୁଥିଲେ, ସାଗରୀକ କହିଲା, "ମା, ତୁ ବସ । ମୁଁ ସବୁ ବୁଝୁଛି ।"

"ନାଇଁ ଲୋ ମା । ମୁଁ ଯାଏ । ୟାଙ୍କୁ ପଚାରେ ସେ ନିମନ୍ତ୍ରଣ ପତ୍ର କେବେ ଲେଖା ସରିବ, କେବେ ପଠାହେବ ? ଆଉ ସବୁ ଚାରିଦିନ ରହିଲା । ଏ ପର୍ଯ୍ୟନ୍ତ ଅନି ଆସିଲାନି । ସବୁ ବନ୍ଧୁବାନ୍ଧବ, ସାଙ୍ଗସାଥୀ ଆସି ପହଞ୍ଚିଯିବେ, ଆମ ବାବୁଙ୍କ ଦେଖାନାହିଁ । କଣ ଯେ କହିବି, କିଛି ବୁଝି ହେଉନି । "

"ତୁ ଖାଲିଟାରେ ଚିନ୍ତା କରୁଛୁ ବୋଉ । ମୁଁ ସବୁ ଲେଖିଦେବି । ଆଉ ଆଜି ବାଇ ସବୁ କାର୍ଡ୍ ଗୁଡ଼ାକ ପଠେଇଦେବା ।"

"କଣ ହେଲା ? ଏ ଯାଏଁ ସବୁ କାର୍ଡ଼ ପଠା ହେଇନି ? ଆଜି ପଠେଇଲେ କେବେ ମିଳିବ ? ଆଜିକାଲି ପୋଷ୍ଟ ଯେଉଁ ଶୀଘ୍ର ପହଞ୍ଚୁଛି ! !" ଦୀପକ କହିଲେ ।

"ପୁଅ, ତୁମେ ସେ ସବୁ କଥା ଛାଡ଼ । ଯାଅ ଧୁଆଧୋଇ ହୋଇଯାଅ, କିଛି ଖାଇବ । ଘରୁ କେତେବେଳୁ ବାହାରିଲଣି ! ମୁଁ ଯାଏଁ ଦେଖେ ଇଏ୍ କଣ କରୁଛନ୍ତି ।" ହିରଣ୍ୟମୟୀ ଘର ଭିତରକୁ ଚାଲିଗଲେ ।

"କଣ କିହୋ ? ତମ ଭାଇ ସାହେବ ଆହୁରି ଆସିନାହାନ୍ତି ? ଚିଠି ଦେଇଥିଲେ ଶୀଘ୍ର ଆସୁଛି ବୋଲି । ବାହାଘର କଥା, ଏତେ ଅବହେଳା ? ଟିକେ ଏପଟ ସେପଟ ହେଲେ କେଡ଼େ ଅସୁବିଧା..." କହି ମୁରୁକି ହସୁଥିଲେ ଦୀପକ ।

ସାଗରୀକା ଚିଡ଼ିଯାଇ କହିଲା, "ଓହୋ, ବାହା ହେବ ଭାଇ, ତମକୁ ଏତେ ଚିନ୍ତା କାହିଁକି ?

"ହେବନି ? ହଇ ହୋ କେତେ ବର୍ଷ ହେଲାକି ? ଆମ ବାହାଘର ତମକୁ ପୁରୁଣା ପୁରୁଣା ଲାଗିଲାଣି । ହଉ ଛାଡ଼ । ଏଠି ଏଇ ପନ୍ଦର ଦିନ କଣ କରୁଥିଲ ତୁମେ ଟିକେ ଶୁଣେ । ମୁଁ ସେଠି କେତେ ହଇରାଣ ହେଉଥିଲି ତମେ ଜାଣିଛ ତ !" ଦୀପକ କହିଲେ ।

"ମୁଁ ଆସିଲି ବୋଲି କେତେ କାମ ହେଇ ପାରିଲା ତମେ କଣ ଜାଣିବ ? ଆଗରୁ ଆସିଥିଲି ବୋଲି ସିନା ସାହାଯ୍ୟ ହେଲା । ଅଣ୍ଟା ସଳଖିବାକୁ ସମୟ ପାଉନି ।" ସାଗରୀକା କହିଲା ।

"ହଁ, ଦେଖୁଛି କଣ ସବୁ କରିଛ । ବାହାଘରକୁ ଚାରିଦିନ ରହିଲା, ଏ ଯାଏଁ ନିମନ୍ତ୍ରଣ ପତ୍ର ଗଲାନି । ଆଉ କଣ ସବୁ କାମ କରିଛ ଦେଖିବାକୁ ପଡ଼ିବ ।" ଦୀପକ ଚିଡ଼େଇବାକୁ କହିଲେ । କିନ୍ତୁ ତାଙ୍କ କଥାରେ ଚିଡ଼ି ଉଠିଲା ସାଗରୀକା । କିଛି କହି ତ ପାରିଲାନି, ଦୁମ୍ ଦୁମ୍ ହୋଇ ଘର ଭିତରକୁ ଚାଲିଗଲା । ତା ପଛେ ପଛେ ଦୀପକ ଯାଇ କହୁଥିଲେ, "କଣ ରାଗିଗଲ କି ? ଆରେ ମୁଁ ଏମିତି ମଜାରେ କହୁଥିଲି ନା..."

X X X X X

http://www.appsgeyser.com/4368717

"ରାଗିବିନି ? ନିଶ୍ଚୟ ରାଗିବି । ଆପଣ ଯେପରି କାମ କରୁଛନ୍ତି ଯିଏ ବି ହେଉ ରାଗିବ, ବୁଝିଲେ ?" ବସ ଭିତରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି କହି ଉଠିଲା ଅନିରୁଦ୍ଧ । ଆଗ ସିଟରେ ବସିଥିବା ଭଦ୍ର ମହିଳା ବୁଲି ଚାହିଁଲେ । ରାଗିବାର କାରଣ ହେଲା ଏତେ କଷ୍ଟକରି ଅନିରୁଦ୍ଧ ବସଟିରେ ସାଇଡ୍ ସିଟ୍ ଟିଏ ପାଇଁ ଅଗ୍ରୀମ ଅର୍ଥ ଦେଇଥିଲା । ସେଥିପାଇଁ ଦିନଟିଏ ଆଗରୁ ଲୋକ ପଠେଇ ସେ ବୁକିଂ ବି କରିଥିଲା । କିନ୍ତୁ ଜିନିଷପତ୍ର ଧରି ବସରେ ଚଢ଼ିଲା ବେଳକୁ ଜଣେ ବୃହଦାକାୟ ଭଦ୍ରମହିଳା ତାର ସିଟଟିକୁ ଖୁବ୍ ସହଜ ଭାବରେ ଅକ୍ତିଆର କରି ବସିଛନ୍ତି । ତାଙ୍କର ଅନୁରୋଧ ମୁଁ ଏହିଠାରେ ଟିକେଟ୍ ନ କରି ମଧ୍ୟ ବସିବି । ଧିରେ ଧିରେ ତାଙ୍କ ଅନୁରୋଧ ଜିଦ୍‌ରେ ପରିଣତ ହେବାରୁ ଅନିରୁଦ୍ଧ ରାଗିଗଲା ।

ବସରେ ବସିଥିବା ଅନ୍ୟ ଯାତ୍ରୀମାନେ ଏହି ପାଟିତୁଣ୍ଡ ଶୁଣି ବିରକ୍ତ ହେବା ସ୍ୱାଭାବିକ ସବୁ ଯାତ୍ରୀମାନେ ବିରକ୍ତ ହେବା ଦେଖି ସେହି ଭଦ୍ର ମହିଳା ନିରୁପାୟ ହୋଇ ଆଗ ସିଟରେ ବସିଥିବା ତାଙ୍କର ବାନ୍ଧବୀଙ୍କ ପାଖକୁ ଚାଲିଆସିଲେ । ଅନିରୁଦ୍ଧ ମଧ୍ୟ ହଠାତ୍ ଏତେ ବଡ଼ ପାଟି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ନିଜେ ଲଜ୍ଜିତ ବୋଧ କରୁଥିଲା । ତେଣୁ ତର ତର ହୋଇ ନିଜର ଜିନିଷପତ୍ର ଉପର ଥାକରେ ଥୋଇଦେଇ ବସରୁ ବାହାରକୁ ଚାଲି ଆସିଲା ।

ବସ୍ ଛାଡ଼ିବାକୁ ଆହୁରି ପନ୍ଦର ମିନିଟ୍ ଅଛି । ତାକୁ ଭାରି ବ୍ୟସ୍ତ ଲାଗୁଥିଲା । ଜଣାପଡୁଛି ଯେମିତି ତା'ର ସମୟ ସହ ମୁହାଁମୁହିଁ ମୁକାବିଲା ହେଉଛି । ଆଉ ସମୟ ତା ଉପରେ ଦାଉ ସାଧୁଛି । ବାରମ୍ବାର ହାତପିନ୍ଧା ଘଡ଼ିକୁ ଚାହୁଁଥାଏ ସେ । ପଦଚାରଣ କରୁ କରୁ ସିମେଣ୍ଟ ବେଞ୍ଚ ଉପରେ ବସି ପଡ଼ିଲା । ମନେ ପଡୁଥିଲା ତା'ର ପୂର୍ବ ଦିନର କଥା । 'ଅନୁ'ର ମୁହଁଟି ତା' ଆଗରେ ଭାସି ଯାଉଥିଲା । ସେଦିନେ ସେ ଯେତେବେଳେ ଏମିତି ଘରକୁ ବାହାରୁଥିଲା ତାକୁ ଛାଡ଼ିବାକୁ ଆସୁଥିଲା 'ଅନୁ' । ଶେଷରେ ତା'ର କାନ୍ଦ କାନ୍ଦ ହେଇ ବାଏ ବାଏ କରୁଥିବା ଦୃଶ୍ୟକୁ ବସର କାଚ ଝରକା ଭିତରୁ ଉପଭୋଗ କରୁଥିଲା ଅନିରୁଦ୍ଧ ।

ତା'ର ପ୍ରଥମ ସାକ୍ଷାତ 'ଅନୁ' ସହିତ ମଧ୍ୟ ଏହି ବସରେ ହୋଇଥିଲା । ଯେମିତି ଅନୁ ଆଉ ସେ ଆଉ ବସ୍ ଗୋଟିଏ ଗୋଟିଏ ବିରାଟ ଇତିହାସର ମୁଖ୍ୟ ଚରିତ୍ର ପରି ଜଣାପଡୁଥିଲେ ଅନିରୁଦ୍ଧ ପାଖରେ ।

ହଠାତ୍ ବସର ହର୍ଣ୍ଣ ଶୁଣି ଚିନ୍ତା ରାଜ୍ୟରୁ ଫେରି ଆସିଲା ଅନିରୁଦ୍ଧ । ତର ତର ହୋଇ ହାତ ଘଣ୍ଟାକୁ ଚାହିଁଲା । ଆରେ ସମୟ ତ୍ ହୋଇଗଲାଣି । ଶୀଘ୍ର ବସକୁ ଉଠିଗଲା ଆଉ ନିଜ ସିଟରେ ଯାଇ ବସିପଡ଼ିଲା । ଧିରେ ଧିରେ ବସରେ ଥିବା ଅଧିକାଂଶ ସିଟ୍ ପୂର୍ଣ୍ଣ ହୋଇଗଲା । କିଛି ଲୋକ ସିଟ୍ ନ ପାଇ ଏଣେ ତେଣେ ଦେଖୁଥିଲେ, ଖାଲି ସିଟ୍ ଟିଏ ପାଇବା ଆଶାରେ । ଅନିରୁଦ୍ଧର ପାଖ ସିଟ୍‌ଟିରେ ଜଣେ ପ୍ରୌଢ଼ ବ୍ୟକ୍ତି ଆସି ବସିଲେ ।

"ଆପଣ କେଉଁଠିକି ଯିବେ ?" ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲା ଅନିରୁଦ୍ଧ ତାଙ୍କୁ । କିଛି ଉତ୍ତର ନ ପାଇ ପୁଣି ପ୍ରଶ୍ନ ଦୋହରାଇଲା, ସାମାନ୍ୟ ଉଚ୍ଚ ସ୍ୱରରେ । ଧିରେ ଧିରେ ପ୍ରୌଢ଼ ବ୍ୟକ୍ତି ଜଣକ ଅନିରୁଦ୍ଧ ଆଡ଼କୁ ଚାହିଁଲେ । ତାଙ୍କର ଗାନ୍ଧୀ ଟୋପି ତଳୁ କାନରେ ଲଗାଇଥିବା ଛୋଟ ଇୟର୍ ଫୋନକୁ ଦେଖି ଅନିରୁଦ୍ଧ ବୁଝିପାରିଥିଲା ତାର ପ୍ରଶ୍ନର ଉତ୍ତର ସେ କାହିଁକି ପାଇଲା ନାହିଁ ।

"କଣ ହେଲା ବାପା ?" ପ୍ରୌଢ଼ ବ୍ୟକ୍ତି ଜଣକ ପ୍ରଶ୍ନ କରୁଥିଲେ ଅନିରୁଦ୍ଧକୁ । ଅନିରୁଦ୍ଧ ଆଉ ଉଚ୍ଚ ସ୍ୱରରେ ପଚାରିବାକୁ ଚାହିଁଲା ନାହିଁ ତେଣୁ କେବଳ ସ୍ମିତ ହସ ଟିଏ ଦେଇ ତାଙ୍କ ଅବେଗତା ଭଙ୍ଗକଲା । ସେ ବ୍ୟକ୍ତି ଜଣକ ମଧ୍ୟ ଧିରେ ହସିଦେଇ ପୁଣି ଆଗକୁ ଚାହିଁଲେ । ସାମ୍ନା ସିଟର ମହିଳା ଦୁଇଜଣ ଅନିରୁଦ୍ଧ ଆଡ଼କୁ ବୁଲି ଚାହୁଁଥିଲେ ଆଉ ନିଜ ନିଜ ଭିତରେ କଣ ସବୁ ଗୁଣୁଗୁଣୁ ହୋଇ କଥା ହେଉଥିଲେ । ଅନିରୁଦ୍ଧକୁ ତା ଚାରିପଟ ଭାରି ଭାରି ଲାଗୁଥିଲା । ସତେ ଯେମିତି ସେ ସମସ୍ତଙ୍କ ଦୃଷ୍ଟିରେ ଗୋଟେ ଆଲୋଚ୍ୟ ବିଷୟ ହୋଇଯାଇଛି । ମନେ ମନେ ବିରକ୍ତ ହୋଇ ସେ ଆଖି ବୁଜି ସିଟକୁ ଆଉଜି ପଡ଼ିଲା । ଅନୁଭବ କରୁଥିଲା ବସ୍ ଧିରେ ଧିରେ ଆଗକୁ ଯିବା ପ୍ରାରମ୍ଭ କରୁଛି । ପାଖର ପ୍ରୌଢ଼ ବ୍ୟକ୍ତି ମଧ୍ୟ ନିଜ

ଜିନିଷପତ୍ରକୁ ସଜାଡ଼ିବାରେ ବ୍ୟସ୍ତ ଥିଲେ । ଭାବନା ରାଜ୍ୟକୁ ପୁଣି ଫେରିଯାଇଥିଲା ସେ...

'ଅନୁରାଧା' ଯାହାକୁ ସେ ଏବେ 'ଅନୁ' ଭାବରେ ଖୁବ୍ ନିକଟରେ ପାଇବାକୁ ଯାଉଛି । ଦିନେ ହଠାତ୍ ଦେଖା ହୋଇଥିଲେ ଏମିତି ଏକ ବସ ଭିତରେ । ସେଦିନ ସେ ଗ୍ରାଜୁଏସନ୍ ପାଇଁ ଆଡ଼ମିସନ୍ କରିବାକୁ ବସକୁ ଉଠିଥାଏ । ସାଥିରେ ଥାଆନ୍ତି ଅଶୋକ, ମନ୍ମଥ ଆଉ ଜ୍ୱାସିମ୍ । ଖୁବ୍ ଭିଡ଼ ଥାଏ ବସ । ସେଥିରେ ବସରେ କେବଳ ଛାତ୍ରଛାତ୍ରୀ ହିଁ ଭର୍ତ୍ତି କହିଲେ ଚଳେ । ସବୁ ଆଡ଼ମିସନ୍ କାମରେ ହିଁ ଯାଉଥାନ୍ତି ବୋଧହୁଏ । ଭିଡ଼ ଭିତରେ ସେ ଆଉ ମନ୍ମଥ ଠେଲିପେଲି ଭିତରକୁ ପ୍ରାୟ ଦୁଇ ତିନିଟା ସିଟ୍ ଅତିକ୍ରମ କରି ଚାଲିଯାଇ ଠିଆ ହେଲେ କିନ୍ତୁ ଅଶୋକ୍ ଆଉ ଜ୍ୱାସିମ୍ ସେମିତି ବସରେ ଗେଟ୍ ପାଖରେ ଝୁଲିକରି ରହିଥାନ୍ତି । ବସର କ୍ଲିନର୍ ବାରମ୍ବାର କହୁଥାଏ ଭାଇ ଟିକେ ଭିତରକୁ ଚାଲ । କିନ୍ତୁ ସେ ଦୁହେଁ ନିରୁପାୟ । କାରଣ ବସରେ ପ୍ରବଳ ଭିଡ଼ ସେମାନେ ଚେଷ୍ଟା କରିବାକୁ ଇଚ୍ଛୁକ ନଥିଲେ । ହାତରେ ସାର୍ଟିଫିକେଟ୍ ଫାଇଲ୍ ସବୁ ଧରିଥାନ୍ତି ତେଣୁ ଭଲରେ ଠିଆ ହୋଇପାରିବା ମଧ୍ୟ କଷ୍ଟକର ହେଉଥାଏ । ବାଟରେ କେତେକ ଯାଗାରେ ବସ୍ ଅଟକୁଥାଏ କିନ୍ତୁ ଲୋକ ଚଢ଼ିବା ଛଡ଼ା ଓହ୍ଲାଉନଥାନ୍ତି । ଧିରେ ଧିରେ ଅଶୋକ୍ ଓ ଜ୍ୱାସିମଙ୍କୁ ଏ ଦୁହେଁ ଲୋକଙ୍କ ଗହଳରେ ଆଉ ଦେଖିପାରିଲେ ନାହିଁ । ଆଗପଟରେ ଜଣେ ମୋଟା ଭଦ୍ରଲୋକ ପେଟକୁ ଲେଡିସ୍ ସିଟ୍ ଆଡକୁ କରି ଠିଆ ହୋଇଥାନ୍ତି । କଣ ବା ସେ କରିବେ, ପେଟଟା ମଧ୍ୟ ଅସମ୍ଭବ ଭାବରେ ବୃଦ୍ଧି ପାଇଛି । ତାକୁ ରଖିବାପାଇଁ ଗୋଟେ ଷ୍ଟାଣ୍ଡ ଦରକାର, ନହେଲେ କେତେବେଳେ ସେ ଖସିପଡ଼ିବ କହିହେବନି । ହେ ଭଗବାନ ! ମଣିଷମାନଙ୍କର ଏତେ ବଡ଼ ପେଟ କାହିଁକି ଥାଏ ? ମନ୍ମଥ ଢିମା ଢିମା ଆଖି କରି ଚାହିଁଥାଏ ସେ ପେଟକୁ । ଗରମରେ ଗୁଳୁଗୁଳି ଲାଗୁଥାଏ । ଅନିରୁଦ୍ଧର ଗୋଟିଏ ହାତରେ ଫାଇଲ୍ ତ୍ ଅନ୍ୟ ହାତରେ ସିଟ୍ ପଛପାଖକୁ ଭିଡ଼କରି ଧରିଛି । ଝାଳ ପ୍ରବଳ ବହିଲାଣି । ଝାଳ ପୋଛିବ ବା କେମିତି ?

ରୁମାଲଟା ତ ଡାହାଣ ପଟ ପକେଟରେ ଅଛି, ବାହାର କରିଲେ ସିନା ପୋଛିବ ? ସାଇଡ଼ରେ ଥିବା ଥାକ ଗୁଡ଼ାକୁ ଚାହିଁଲା । ବସରେ ଡ୍ରାଇଭର ବହୁତ ଉଚ୍ଚ ସ୍ୱରରେ ଗୀତ ଲଗାଇ ଦେଇଥାଏ, "ହମ୍ ତୁମ୍ ଏକ୍ କମରେ ମେ ବନ୍ଦ୍ ହୋ..." । କଷ୍ଟେମଷ୍ଟେ ନିଜ ଫାଇଲକୁ ସେଇ ଥାକରେ ଥୋଇଦେଲା ଅନିରୁଦ୍ଧ । ମନ୍ମଥ ଟିକେ ମଜାଳିଆ ପିଲା, ଗୀତ ସହ ତାଳ ଦେଇ ଧିରେ ଧିରେ ବୋଲିଲା... "ହମ୍ ତୁମ ଏକ ବସମେ ବନ୍ଦ ହୋ... ଔର୍ ଫାଇଲ୍ ଖୋ ଯାଏ..."

"ଧେତ୍ ! ତୁ ଏମିତି କହିବୁ ? ବର୍ଷ ବର୍ଷ ଧରି ଯେଉଁ ପରିଶ୍ରମ କରାଯାଇ ଏ ସାର୍ଟିଫିକେଟ୍ ଗୁଡ଼ାକ ଏକାଠି କରିଛି ସେ ସବୁ ହଜିଯିବାଟା ତୋତେ ମଜା ଲାଗିଛି ? ଆଉ ଏମିତି କହିବୁନି ।" ଅନିରୁଦ୍ଧ କହିଲା ।

"ନା ମ । କହିଦେଲେ କଣ ସତରେ ହଜିଯିବ ନା କଣ ? ଯଦି ସେମିତି ହେବ ତା ହେଲେ ଏ ଗାଡ଼ିରେ ଯେତେ ପିଲା ଅଛନ୍ତି ସମସ୍ତଙ୍କ ଫାଇଲ୍ ହଜିଯାଉ ।" ମନ୍ମଥ ଥଟାରେ କହିଲା ।

ଲେଡିସ୍ ସିଟରେ ବସିଥିବା ଦୁଇଟା ଝିଅ ପଛକୁ ଚାହିଁଲେ । ସେମାନଙ୍କ ହାତରେ ବି ଫାଇଲ୍ ଥାଏ । ସେମାନଙ୍କୁ ଚାହିଁଦେଇ ମନ୍ମଥ ନିରବ ହୋଇଗଲା । ଝିଅ ଦୁଇଟା ଆଗକୁ ବୁଲି ବସିଲେ । ତାଙ୍କ ପାଖରେ ସେ ମୋଟା ଭଦ୍ରଲୋକ ଜଣକ ପୁରାପୁରି ଢଳି ପଡିଛନ୍ତି । ଲାଗୁଥିଲା ଯଦି ଟିକେ ଭାରସାମ୍ୟ ହରେଇଲେ ତା ହେଲେ ସେ ଝିଅ ଦୁଇଟା ଅକାଳରେ ରସାତଳକୁ ପ୍ରାପ୍ତ ହୋଇଯିବେ । କିନ୍ତୁ କହିବାର ଶକ୍ତି କାହାର ନଥାଏ ।

କ୍ରମଶଃ...

# ଓଡ଼ିଆ ସାହିତ୍ୟ ଓ ଅନୁବାଦ



ପ୍ରତିଭା ପ୍ରିୟଦର୍ଶିନୀ

ଆଧୁନିକ ଓଡ଼ିଆ ସାହିତ୍ୟ ଅନୁବାଦ କ୍ଷେତ୍ରରେ ଖୁବ୍ ଉନ୍ନତି କରିଛି । ୧୮୩୮ ମାର୍ଚ୍ଚ ୧ ତାରିଖରେ କଟକ ଠାରେ ଓଡ଼ିଶା ମିସନ ପ୍ରେସ୍ ପ୍ରତିଷ୍ଠା ହୋଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ଖ୍ରୀଷ୍ଟଧର୍ମ ସମ୍ବନ୍ଧିତ ବିଷୟ ପ୍ରକାଶନ କରିବା । ଓଡ଼ିଆ ପୌରାଣିକ ଓ ଧାର୍ମିକ ଗ୍ରନ୍ଥ ଏବଂ ପ୍ରାରମ୍ଭିକ ଶିକ୍ଷାର ପୁସ୍ତକ ଗୁଡ଼ିକର ବର୍ଦ୍ଧିଷ୍ଣୁ ଚାହିଦା ଦେଖି କ୍ରମଶଃ ଏଠାରେ ସେଗୁଡ଼ିକର ପ୍ରକାଶନ ମଧ୍ୟ ଆରମ୍ଭ ହେଲା । ଏହି ସମୟରେ ଅନୁବାଦର ଲୋକପ୍ରିୟତା ବଢ଼ିଲା । ୧୮୪୦ - ୧୮୪୪ ମଧ୍ୟରେ Reverend Sutton, Old ଓ New Testament କୁ ଓଡ଼ିଆରେ ଅନୁବାଦ କରି ପ୍ରକାଶ କଲେ । ସେ ମଧ୍ୟ ଓଡ଼ିଆ ବ୍ୟାକରଣକୁ ଇଂରାଜୀରେ ଅନୁବାଦ କରିଥିଲେ ।

ଅନୁବାଦ କ୍ଷେତ୍ରରେ ରାଧାନାଥ ରାୟଙ୍କ ଅବଦାନ ଅପରିମିତ । ସେ ବାଲେଶ୍ୱରରେ ଜନ୍ମ ଗ୍ରହଣ କରିଥିଲେ । କଲିକତାର ପ୍ରେସିଡ଼େନ୍ସି କଲେଜରେ ପାଠପଢ଼ା ଶେଷ କରି ସ୍କୁଲ ଇନିସ୍ପେକ୍ଟର ଭାବେ ବିହାର ଓ ଓଡ଼ିଶାରେ କାର୍ଯ୍ୟ କରିଥିଲେ । ତାଙ୍କ ପିତା ସୁନ୍ଦର ନାରାୟଣ ରାୟ, ପାର୍ସି, ଓଡ଼ିଆ, ବଙ୍ଗଳା, ହିନ୍ଦି ଓ ସଂସ୍କୃତ ଭାଷାରେ ଦକ୍ଷ ଥିଲେ । ଢେର ଦିନ ଧରି କଲିକତାରେ ରହିବା ଓ ଇଂରାଜୀ ପଢ଼ିବା ଫଳରେ, ରାଧାନାଥ ପାଶ୍ଚାତ୍ୟ ସାହିତ୍ୟ ଓ ଉତ୍କୃଷ୍ଟ ରଚନା ଗୁଡ଼ିକ ପଢ଼ିଥିଲେ ।

ତାଙ୍କ ରଚିତ କେଦାରଗୌରୀ (୧୮୮୬), “Pyramus and Thisbe”ର କରୁଣ କାହାଣୀ ଉପରେ ଆଧାରିତ । ସେ ଏଇ ଦୁଇ ଚରିତ୍ରକୁ ଏତେ ନିଖୁଣ ଓ କଳାତ୍ମକ ଢଙ୍ଗରେ ଓଡ଼ିଶା ପାଣିପବନରେ ରଚେଇଛନ୍ତି ଯେ ପାଠକକୁ ଅନୁଭବ ହେବ କାହାଣୀଟି ମୂଳତଃ ଏଇଠି ହିଁ ଘଟିଥିଲା ଯେମିତି । ଚନ୍ଦ୍ରଭାଗା (୧୮୮୬) “Apollo and Daphne” ଉପରେ ଆଧାରିତ । ସେଥିରେ ମଧ୍ୟ ଚରିତ୍ର ଗୁଡ଼ିକର ଭାରତୀୟକରଣ କରି, କୋଣାର୍କ ସୂର୍ଯ୍ୟମନ୍ଦିରର ଧ୍ୱଂସ ସହିତ ସଂଯୋଗ କରି ଲେଖାଯାଇଛି । ନନ୍ଦିକେଶ୍ୱରୀ (୧୮୮୭) ରେ Ovidର ପ୍ରତିଧ୍ୱନି ବାରିହୁଏ ଏବଂ ଉଷା (୧୮୮୮) Atalanta's race ଉପରେ ଆଧାରିତ, ଯେଉଁଥିରେ Adonis ଓ Venus ଙ୍କ ସମ୍ବାଦର ରୂପାନ୍ତରଣ ଦେଖିବାକୁ ମିଳେ । ଉଷା ଓ Atalanta ଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଏବଂ କେତେକ ସ୍ଥାନରେ ଆଖିଦୃଶିଆ ପାର୍ଥକ୍ୟ ମଧ୍ୟ ରହିଛି । ଏଠାରେ ରଚନାର ଦୁଇପାଖ ଦେଖିବାକୁ ମିଳେ । Atalanta's race ରେ ୨୨୭ ଧାଡ଼ି ଥିବାବେଳେ, ଉଷାରେ ରହିଛି ପାଖାପାଖି ୭୦୦ ଧାଡ଼ି । ଅନ୍ୟ ଅନୁବାଦକ ମାନଙ୍କ ଭଳି ରାଧାନାଥ ମଧ୍ୟ ସଂସ୍କୃତି ଅନୁରୂପ ସମାନ୍ତରାଳ ପୃଷ୍ଠଭୂମି ଉପରେ ନିଜ ଅନୁଦିତ ଲେଖାକୁ ରୂପ ଦେଇଛନ୍ତି । ସେଥିପାଇଁ ସେ ହିନ୍ଦୁ ପୌରାଣିକ ଗାଥା, ଲୋକକଥା ଓ ପ୍ରଚଳିତ ଜନଶୃତି ଗୁଡ଼ିକର ସହାୟତା ନେଇଛନ୍ତି । ପ୍ରାଚୁର୍ଯ୍ୟ ଓ ପ୍ରାମାଣିକତା ଦେବାପାଇଁ ସେ ନିଜ ବିଶ୍ଳେଷଣକୁ ସ୍ଥାନୀୟ ରଙ୍ଗ, ଦୃଶ୍ୟ ଓ ରୂପ ଅଳଙ୍କାରରେ ସଜାଇ ପ୍ରସ୍ତୁତ କରିଛନ୍ତି । ଭାଷାନ୍ତରର ବିଶ୍ଳେଷଣରେ ଓଡ଼ିଶାର ଭୂଗୋଳ, ଏହାର ନଦୀ, ଏହାର ପାହାଡ଼, ପର୍ବତ, ମନ୍ଦିର, ଜଙ୍ଗଲ, ମଣିଷ, ଦେବଦେବୀ, ପ୍ରାଣୀ ଠାରୁ ବୃକ୍ଷଲତା ଯାଏଁ ଅତି ସୂକ୍ଷ୍ମ ଭାବରେ ଗୁନ୍ଥା ହୋଇଛି । ରାଧାନାଥଙ୍କ ବର୍ଣ୍ଣନାତ୍ମକ କବିତା ଗୁଡ଼ିକ ଯେତିକି କଳାତ୍ମକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ, ସେଥିରେ ସେତିକି ଐତିହାସିକ ଓ ପ୍ରାସଙ୍ଗିକ ସାଂସ୍କୃତିକ ମୂଲ୍ୟବୋଧ ରହିଥାଏ । ଓଡ଼ିଆ ସାହିତ୍ୟ ନବଜାଗରଣର ଜଣେ ପ୍ରମୂଖ ରଥି ଠାରୁ ଢେର ବେଶୀ ଥିଲେ ରାଧାନାଥ । ତାଙ୍କ ଲେଖାରେ ଚିତ୍ରିତ ଓଡ଼ିଶାର ଭୂଭାଗ୍ୟ

ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶାର ପରିଚୟ ସୃଷ୍ଟି କରିବା ପାଇଁ ରୂପରେଖ ପ୍ରସ୍ତୁତିରେ ବଡ଼ ଭୂମିକା ନିଭାଇଥିଲା ।

ଫକୀର ମୋହନ ମଧ୍ୟ ଜଣେ କୁଶଳ ଓ ଦକ୍ଷ ଅନୁବାଦକ ଥିଲେ । ସେ ସମ୍ପୂର୍ଣ୍ଣ ରାମାୟଣ (୧୮୮୪ - ୧୮୯୫) ଓ ମହାଭାରତ (୧୮୮୭ - ୧୯୦୫) କୁ ଅନୁବାଦ କରିଥିଲେ, ଯାହାକି ଜଣେ ମଣିଷ ପକ୍ଷରେ ଏକାକୀ କରିବା ଉଭୟ ଶାରୀରିକ ଓ ମାନସିକ ଭାବରେ କଠିନ ପରିଶ୍ରମର କାର୍ଯ୍ୟ । ଏତେ ବଡ଼ ମହାକାବ୍ୟକୁ ଦଳଗତ ଭାବେ କରିବାକୁ ମଧ୍ୟ ଜୀବନକାଳ ଲାଗିଯାଏ । ତାଙ୍କ ଅନୁବାଦିତ ଏହି ଗ୍ରନ୍ଥ ଗୁଡ଼ିକ ସେ ସମୟର ଶିକ୍ଷିତ ବର୍ଗରେ ଉଚ୍ଚ ପ୍ରଶଂସିତ ଓ ଆଦୃତ ହୋଇଥିଲା । ଏହା ବ୍ୟତୀତ ସେ ଛନ୍ଦୋଗ୍ୟ ଉପନିଷଦର କିଛି ଅଂଶ ସହିତ ଅନ୍ୟ ଉପନିଷଦ, ଭଗବଦ ଗୀତା ଓ ହରିବଂଶମ୍‌ର ଅନୁବାଦ ମଧ୍ୟ କରିଥିଲେ ।

ମଧୁସୂଦନ ରାଓ William Cowper ଙ୍କ "The Solitude of Alexander Selkrik" କୁ "ନିର୍ବାସିତର ବିଳାପ" ଶୀର୍ଷକରେ ଏତେ ନିଖୁଣ ଭାବରେ ଓଡ଼ିଆ ଅନୁବାଦ କରିଛନ୍ତି ଯେ, ପଢ଼ିଲେ ଅନୁଭବ ହୁଏ ଏହାହିଁ ମୂଳ ଲେଖା ଯେମିତି ।

William Cowper ଲେଖିଥିଲେ

Society, friendship, and love

Divinely bestowed upon man

Oh had I the wings of a dove

How soon would I taste you again !

ମଧୁସୂଦନ ଏହାକୁ ଅନୁବାଦ କରି ଲେଖିଛନ୍ତି,

କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର

ଯାର ପ୍ରାପତି ଯୋଗୁଁ ଦେବତା ନର

ଥାଆନ୍ତା ଯଦି ମୋର ବିହଙ୍ଗ ପକ୍ଷ,

ଲଙ୍ଘି ଭୀଷଣ ଗିରି, ସମୁଦ୍ର ବକ୍ଷ

ଦେଖନ୍ତି ପ୍ରିୟଜନ ମୁଖ କମଳ

ହୁଅନ୍ତା ସନ୍ତାପିତ ପ୍ରାଣ ଶୀତଳ

ଫକିର ମୋହନ, ରାଧାନାଥ ଓ ମଧୁସୂଦନ ଓଡ଼ିଆ ଭାଷାର ସୁରକ୍ଷା ଓ ଉତ୍ଥାନ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । କାରଣ ଭାଷାହିଁ ଗୋଟିଏ ଜାତିର ସଂସ୍କୃତିର ପ୍ରାଣକେନ୍ଦ୍ର ଏବଂ ସେ ସମୟରେ ଓଡ଼ିଆ ସଂସ୍କୃତିର ଅସ୍ତିତ୍ୱ ହିଁ ବିପଦରେ ଥିଲା । ଅନ୍ୟ ଭାଷାରୁ କିଛି ଉପାଦେୟ ତତ୍ତ୍ୱ ଏକତ୍ରିତ ଓ ରୂପାନ୍ତରିତ କରିବା ପାଇଁ ଅନୁବାଦ ଏକ ଭଲ ମାଧ୍ୟମ ଥିଲା ଏବଂ ସେ ସମୟର ସାହିତି୍ୟକ ମାନେ ସେହି ଅନ୍ୟ ଭାଷା ଭାବେ ବାଛିଥିଲେ ଇଂରାଜୀ ବା ପାଶ୍ଚାତ୍ୟ ସାହିତ୍ୟ ।

ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ ପଣ୍ଡିତ ନୀଳକଣ୍ଠ ଦାଶ, ଅନୁବାଦକ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ଖୁବ୍ ଉଚ୍ଚକୋଟୀର ଅନୁବାଦ (ଅନୁକୂଳନ ବା adaptation କୁହାଯାଇପାରେ) କରିଥିଲେ Tennyson ଙ୍କ Enoch Arden କୁ "ଦାସ ନାୟକ" (୧୯୨୩) ରୂପରେ ଏବଂ The Princess କୁ "ପ୍ରଣୟିନୀ"(୧୯୧୯) ରୂପରେ । ଦୁଇଟି ଯାକର ରଚନାଶୈଳୀ ଥିଲା ଅନନ୍ୟ ଓ ଚମତ୍କାର । ଦାସ ନାୟକରେ ଭାଷାର ଶୈଳୀରେ ଥିଲା କଥିତ ଭାଷାର ସରଳତା ଓ ପ୍ରଣୟିନୀର ଭାଷାରେ ଥିଲା ଭବ୍ୟତା ।

http://www.appsgeyser.com/4368717

ରାଧାମୋହନ ଗଡ଼ନାୟକ ମୂଖ୍ୟତଃ ନୃତ୍ୟନାଟିକା (Ballade) ଲେଖକ ଥିଲେ, କିନ୍ତୁ କାବ୍ୟ ଅନୁବାଦରେ ଥିଲା ତାଙ୍କର ଅପୂର୍ବ ଦକ୍ଷତା । ସେ କାଳିଦାସ ଙ୍କ "ମେଘଦୂତମ୍" ଓ ଓମର ଖୟାମଙ୍କ "Sorab & Rustam" କୁ ଅନୁବାଦ କରିଛନ୍ତି । ତାଙ୍କ "ମୌସୁମୀ" କବିତା Shelly ଙ୍କ "Ode to the Westwind" ଛାୟାରେ ରଚିତ । ସେହିଭଳି ଉଦୟନାଥ ଷଡଙ୍ଗୀଙ୍କ "ଟମ୍ କକାଙ୍କ କୁଟୀର" Harriet B. Stowe ଙ୍କ Uncle Tom's Cabin ର ସଫଳ ଓଡ଼ିଆ ରୂପାନ୍ତରଣ ଅଟେ । ସଂସ୍କୃତ ବିଦ୍ୱାନ ପଣ୍ଡିତ ମୃତ୍ୟୁଞ୍ଜୟ ରଥ, କାଳିଦାସଙ୍କ "କୁମାରସମ୍ଭବମ୍" ଓ ଅନ୍ୟାନ୍ୟ ସଂସ୍କୃତ ନାଟକ ଗୁଡ଼ିକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ପାଠକ ମାନଙ୍କୁ ସଂସ୍କୃତ ଭାଷା ଓ ଆମ ଦେଶର ମହାନ ରଚନା ଗୁଡ଼ିକ ସହିତ ଅବଗତ କରାଇଥିଲେ ।

William Shakespeare ଙ୍କ ରଚନା ଗୁଡ଼ିକର ଅନୁବାଦ ପ୍ରତି ଦୃଷ୍ଟିଦେଲେ ତିନିଟି ନାମ ପ୍ରମୁଖ ଭାବେ ସାମ୍ନାକୁ ଆସନ୍ତି । ସେମାନେ ହେଲେ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା, ବାଳକୃଷ୍ଣ କର ଏବଂ ଡଃ. ମାୟାଧର ମାନସିଂହ । ପଣ୍ଡିତ ଶର୍ମା Hamlet ଓ Merchant of Venice କୁ ସରଳ ସଂସ୍କୃତରେ ଅନୁବାଦ କରିଥିଲେ । ବାଳକୃଷ୍ଣ କର King Lear ଏବଂ Charles ଓ Mary Lamb ଙ୍କ ଦ୍ୱାରା ସଂକଳିତ Tales of Shakespeare କୁ ଓଡ଼ିଆରେ ଅନୁବାଦ କରିଥିଲେ । ସବୁଠୁ ଅଧିକ ଦୃଷ୍ଟି ଆକର୍ଷଣ କରିବା ଭଳି ଥିଲା ମାନସିଂହଙ୍କ ଦ୍ୱାରା ଅନୁବାଦିତ "Othello" କେନ୍ଦ୍ର ସାହିତ୍ୟ ଏକାଦମୀର ପୃଷ୍ଠପୋଷକତାରେ ଏହା ୧୯୫୯ ମସିହାରେ ପ୍ରକାଶିତ ହୋଇଥିଲା । ପୁସ୍ତକଟିର ଉପକ୍ରମଣିକା Professor Jhon Dover Wilson ଙ୍କ ଦ୍ୱାରା ଲେଖାଇଥିଲା ସାହିତ୍ୟ ଏକାଦମୀ । ସମ୍ଭବତଃ ଓଡ଼ିଆ ପାଠକ ମାନଙ୍କୁ ପ୍ରଭାବିତ କରିବା ପାଇଁ ସାହାଯ୍ୟାର୍ଥେ ତାଙ୍କ ଆବାହନ କରାଯାଇଥିଲା ।

http://www.appsgeyser.com/4368717

ସେହି ସମୟରେ ଡଃ.ମାନସିଂହ ବୋଧହୁଏ ଏକମାତ୍ର ଓଡ଼ିଆ ଲେଖକ ଭାବେ ସେକ୍ସପିୟରଙ୍କ ରଚନା ଗୁଡ଼ିକୁ ଅନୁବାଦ କରୁଥିଲେ । ସେତେବେଳେ କେନ୍ଦ୍ର ସାହିତ୍ୟ ଏକାଦମୀ ଅନୁବାଦର ଉତ୍କୃଷ୍ଟତାକୁ ନେଇ ସହଜେ ସନ୍ତୁଷ୍ଟ ହେଉନଥିଲେ ବୋଧହୁଏ । ଏକ ଅଧିକୃତ ବା ପ୍ରମାଣିତ (commissioned) ଅନୁବାଦ, ପ୍ରମାଣିତ/ଅଧିକୃତ କରାଯାଇଛି ବୋଲି ଯେ ତାହା ନିମ୍ନ ମାନର ହୋଇଥିବ, ତାହା ସର୍ବଥା ଅଯୁକ୍ତିକର । ଏଥିପାଇଁ ମଧ୍ୟ ସେତିକି ସୃଜନଶୀଳତା ଆବଶ୍ୟକ ଯେତିକି ସମ୍ପୂର୍ଣ୍ଣ ନିଜସ୍ୱ ସୃଷ୍ଟି ପାଇଁ ଆବଶ୍ୟକ ହୁଏ । ତେବେ ମାନସିଂହଙ୍କ ବହି ପ୍ରଥମ ନୁହେଁ ଯାହାକୁ କୌଣସି ବିଦେଶୀଙ୍କ ନାମ ନେଇ ଉପସ୍ଥାପନ(introduced) କରାଯାଇଥିଲା । ତା'ପୂର୍ବରୁ ରବିନ୍ଦ୍ର ନାଥ ଟାଗୋରଙ୍କ ଗୀତାଞ୍ଜଳିର ଇଂରାଜୀ ଅନୁବାଦରେ W.B.Yeats ଉପକ୍ରମ ଲେଖିଥିଲେ । ତେବେ ଏହି ଚିନ୍ତାଧାରା ବଡ଼ ଦୁଃଖଦ ଅଟେ ଯେ, ଜଣେ ଭାରତୀୟଙ୍କ ଇଂରାଜୀ ଲେଖା କୌଣସି ବିଦେଶୀ ଲେଖକଙ୍କ ସାର୍ଟିଫିକେଟ୍ ଦ୍ୱାରା ହିଁ ପରିଚିତ ହେବ, ଯେତେବେଳେକି ପଶ୍ଚିମି ଷ୍ଟାମ୍ପ ବିନା ଏଠିକା କାମର ଏକତ୍ରୀକରଣ ହୋଇପାରନ୍ତା, ତେବେ Othelloର ଅନୁବାଦ, ଦୁଇଟି ଯାକ ଭାଷାରେ ମାନସିଂହ ଙ୍କ ଅପୂର୍ବ ଦକ୍ଷତାର ପ୍ରମାଣ ଦିଏ ।

କବି, ଔପନ୍ୟାସିକ, କଥାକାର, ନାଟ୍ୟକାର ଏବଂ ସାମ୍ବାଦିକ ଜ୍ଞାନେନ୍ଦ୍ର ବର୍ମା ମଧ୍ୟ ଜଣେ ଭଲ ଅନୁବାଦକ ଥିଲେ । ସେ Ezra Pound, Walt Whitman, T. S. Eliot, Emily Zola ଙ୍କ Nana ଏବଂ Maurice Maeterlinck ଙ୍କ Blue Bird ଇତ୍ୟାଦି ଅନୁବାଦ କରିଥିଲେ । Ezra Pound ଙ୍କ କବିତା ର ଓଡ଼ିଆ ଅନୁବାଦ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଦମୀ ପୁରସ୍କାର ମଧ୍ୟ ମିଳିଥିଲା । T. S.Eliot ଙ୍କ ସମସ୍ତ ପ୍ରମୂଖ କବିତା, The Waste Land(ପୋଡ଼ାଭୂଇଁ), Other Poems (ଅନ୍ୟାନ୍ୟ କବିତା), The Love Songs of Alfred Prufrock (Alfred Prufrock ଙ୍କ ପ୍ରେମ ସଙ୍ଗୀତ), Geronation(ଜରଗମ), Ash-Wednesday

http://www.appsgeyser.com/4368717

(ବୁଧବାର ଉପାସନା), The Journey of the Magi(ଜ୍ଞାନ ତପସ୍ୱୀଙ୍କ ଅଭିଯାତ୍ରା), Marina(ମେରିନା), Landscapes(ପ୍ରକୃତି ଚିତ୍ର), New Hampshire (ନିଉ ହାମ୍ପସାଏର), Virginia(ଭର୍ଜିନିଆ), Usk(ଉସ୍କ), Two Choruses From the Rock(ପାହାଡ଼ ନାଟକର ଦୁଇଟି ମିଳିତ କଣ୍ଠଗାନ) ଇତ୍ୟାଦି କୁ ଅନୁବାଦ କରିଥିଲେ । ଏ ସମସ୍ତ କବିତା "ପୋଡ଼ାଭୂଇଁ ଓ ଅନ୍ୟାନ୍ୟ କବିତା" ନାମକ ପୁସ୍ତକରେ ସଂକଳିତ ହୋଇଛି । ସେ ଯେତେବେଳେ ଅନୁବାଦ କରୁଥିଲେ, ସେତେବେଳେ ୧୯୪୮ ରେ T.S.Eliot ଙ୍କୁ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳିଲା । ଓଡ଼ିଆ କବି ମାନଙ୍କ ଉପରେ Eliot ଙ୍କ ର ପ୍ରଭାବ ଖୁବ୍ ବେଶୀ ପଡ଼ିଥିଲା । ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, ଜ୍ଞାନେନ୍ଦ୍ର ବର୍ମା ଓ ରମାକାନ୍ତ ରଥ ଇତ୍ୟାଦି ସଶକ୍ତ ଭାବେ ଏଲିୟଟ୍ ଙ୍କ ଦ୍ୱାରା ପ୍ରଭାବିତ ଥିଲେ । ଏଠାରେ କେତେକ ପ୍ରମୁଖ ରୂପାନ୍ତରଣ ବିଷୟରେ ମଧ୍ୟ କୁହାଯାଇପାରେ । ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟଙ୍କ “ବନବାଳା” ସେକ୍ସପିୟର ଙ୍କ Tempest ର ଓଡ଼ିଆ ରୂପାନ୍ତରଣ ।

୧୯୮୦ ମସିହା ପରେ ଯତିନ୍ଦ୍ର କୁମାର ନାୟକ, ବିକ୍ରମ କୁମାର ଦାସ, ସଚ୍ଚିଧାନନ୍ଦ ମହାନ୍ତି, ଅରୁଣ କୁମାର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଇତ୍ୟାଦି ଲେଖକ ମାନେ ଓଡ଼ିଆ ରଚନା ଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବାକୁ ପ୍ରୟାସ କରିଛନ୍ତି । ଯତିନ୍ଦ୍ର କୁମାର ନାୟକ ଫକିରମୋହନଙ୍କ ଛ'ମାଣ ଆଠଗୁଣ୍ଠ (Six acres and a third, ୨୦୦୫), ଚନ୍ଦ୍ରଶେଖର ରଥଙ୍କ “ଯନ୍ତ୍ର ରୁଢ” (Astride the wheel, ୨୦୦୩) ଇତ୍ୟାଦି ଅନୁବାଦ କରିଛନ୍ତି । “ରୂପାନ୍ତର” ନାମରେ ସେ ଏକ ଅନୁବାଦ ସଂସ୍ଥା ପ୍ରତିଷ୍ଠା କରିଛନ୍ତି ଯାହା ଓଡ଼ିଶାରେ ଏଭଳି ଏକମାତ୍ର ପ୍ରୟାସ । ଗୋପୀନାଥ ମହାନ୍ତିଙ୍କ “ପରଜା” (Paraja, ୧୯୮୭) ଓ “ଦାନାପାଣି” (The Surviver, ୧୯୯୫) ବିକ୍ରମ କୁମାର ଦାସଙ୍କ ଦ୍ୱାରା ଅନୁବାଦିତ । ସମୀକ୍ଷକ - ଅନୁବାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅନେକ ସଫଳ ଅନୁବାଦ ମଧ୍ୟରେ ନର୍ମଦା

http://www.appsgeyser.com/4368717

କରଙ୍କ "ଦ୍ୱନ୍ଦ୍ୱ" (Dilemma), କୋକିଳା ଦେବୀଙ୍କ "ବିଳାସିନୀ", ନନ୍ଦିନୀ ଶତପଥୀଙ୍କ "ଚିମିନିର ଡାକ", ବିଦ୍ୟୁତ ପ୍ରଭା ଦେବୀଙ୍କ "ପ୍ରତିଘାତ" ଇତ୍ୟାଦି ପ୍ରମୁଖ । ଅରୁଣ କୁମାର ମହାନ୍ତି, ଗୋପୀନାଥ ମହାନ୍ତିଙ୍କ "ଦାଦିବୁଢା" '(The Ancester, ୧୯୯୭) ର ଅନୁବାଦ କରିଛନ୍ତି । ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓ Jo Westerbook ମିଳିତ ଭାବେ ଗଣେଶ୍ୱର ମିଶ୍ରଙ୍କ "ସକାଳର ମୁହଁ" (The Face of The Morning, ୧୯୯୬) ର ଅନୁବାଦ କରିଛନ୍ତି । ମନୋଜ ଦାସ, ରମାକାନ୍ତ ରଥ, କିଶୋରୀ ଚରଣ ଦାସ ଓ ସୀତାକାନ୍ତ ମହାପାତ୍ର ଆଦି ରଚନାକାର ମାନେ ନିଜେ ନିଜ ଲେଖାର ଅନୁବାଦ କରିଛନ୍ତି । କିଶୋରୀ ଚରଣ ଦାସଙ୍କୁ ନିଜ ଗଳ୍ପ ସଂକଳନ "ଠାକୁରଘର ଓ ଅନ୍ୟାନ୍ୟ ଗଳ୍ପ" ପାଇଁ ସାହିତ୍ୟ ଏକାଦମୀରୁ ଅନୁବାଦ ପାଇଁ ୧୯୭୬ ରେ ପୁରସ୍କାର ମଧ୍ୟ ମିଳିଛି ।

କଟକ, ଓଡ଼ିଶା

# ହାତୀ ବଣରେ ଥିଲେ ବି



ପ୍ରଶାନ୍ତ ଭୂୟାଁ

ଏଣୁ ଏଇମତେ ଲେଖିଥିଲି...

ଆମେ ଓଡ଼ିଆ...ଆମ ଓଡ଼ିଶା... ! ! !

ଚାଲନ୍ତୁ... କଥା କଥାରେ କଥା ଆରମ୍ଭ କରିବା... !

ଡାଇଓଜିନିସ୍; ସେ ଥିଲେ ଜଣେ ସରଳ, ନିରୀହ ଆଉ ସତ୍ୟପ୍ରିୟ । ଗ୍ରୀକ୍‌ର ଏହି ମହାପୁରୁଷଙ୍କ ଜ୍ଞାନ ଥିଲା ଅତି ବିଚକ୍ଷଣ । ଜୀବନ ଦର୍ଶନର ଜ୍ଞାନ ବଣ୍ଟନ କରୁଥିଲେ ସେ ନିତିପ୍ରତି । ଏଣୁ ଡାଇଓଜିନିସ୍‌ଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଜ୍ଞାନ ଆହରଣ ନିମନ୍ତେ ବିଭିନ୍ନ ଅଞ୍ଚଳରୁ ଲୋକମାନେ ସଦାସର୍ବଦା ଆସୁଥିଲେ । ଡାଇଓଜିନିସ୍‌ଙ୍କ ବିଶ୍ୱାସ ଥିଲା ଯେ, ବଞ୍ଚିବା ନିମନ୍ତେ ମନୁଷ୍ୟର ଆବଶ୍ୟକତା ଅତି ସ୍ୱଳ୍ପ । ଡାଇଓଜିନିସ୍‌ଙ୍କ ନିଜର ବସବାସ କିଛି ନଥିଲା । ସେ ଗୋଟିଏ ବଡ଼ ପିମ୍ପାରେ ରହୁଥିଲେ ଆଉ ତାକୁ ଗଡ଼ାଇ ଏଣେତେଣେ ଯିବା ଆସିବା କରୁଥିଲେ । ଯେଉଁଠି ଇଚ୍ଛା ସେଇଠି ରାସ୍ତାକଡ଼େ ସେଇ ପିମ୍ପାକୁ ନେଇ ରହୁଥିଲେ । ସୂର୍ଯ୍ୟକିରଣରେ ବସି ଲୋକଙ୍କୁ ଜ୍ଞାନ ବାଣ୍ଟିବା ତାଙ୍କୁ ଆନନ୍ଦ ଦେଉଥିଲା ।

ବିଶ୍ୱ ଇତିହାସର ଏକ ଚମତ୍କାର କ୍ଷଣ ଥିଲା ସେଦିନ; ଯେଉଁଦିନ ଆଲେକ୍‌ଜାଣ୍ଡର୍ ଦି ଗ୍ରେଟ୍ ଆଉ ଡାଇଓଜିନିସଙ୍କ ପ୍ରଥମ ମିଳନ ହୋଇଥିଲା । ସେଇ ମିଳନ ଅତି ସ୍ୱଳ୍ପ ସମୟ ଆଉ ଦୁଇପଦ କଥାରେ ସରି ଯାଇଥିଲା ହେଲେ ତାହା ଆଲେକ୍‌ଜାଣ୍ଡର୍‌ଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା ।

http://www.appsgeyser.com/4368717

ସେଇଦିନ ସକାଳର ସୂର୍ଯ୍ୟକିରଣରେ ନିଜକୁ ପିମ୍ପା ନିକଟରେ ରଖି ବସିଥିଲେ ଡାଇଓଜିନିସ୍ । ସୂର୍ଯ୍ୟକିରଣର ଉତ୍ତାପ ଆଉ ଆଲୁଅକୁ ଅତି ପ୍ରସନ୍ନଚିତ୍ତରେ ଭୋଗ କରୁଥିଲେ ସେ । ତାଙ୍କ ଦେହରେ ଯେତେବେଳେ ଛାଇ ପଡ଼ିଲା ସେ ମୁହଁ ଉଠାଇ ଦେଖିଲେ ଯେ ତାଙ୍କ ସାମ୍ନାରେ ବିଶ୍ୱବିଜୟୀ ମହାନ୍ ଆଲେକ୍‌ଜାଣ୍ଡର୍ ଠିଆ ହୋଇଛନ୍ତି । ଅନତି ଦୂରରେ ସୈନ୍ୟସାମନ୍ତ ଅଛନ୍ତି । ସେ ସହାସ୍ୟ ବଦନରେ ଆଲେକ୍‌ଜାଣ୍ଡର୍‌ଙ୍କ ଆଡ଼କୁ ଅନାଇଲେ ।

ଆଲେକ୍‌ଜାଣ୍ଡର୍ ଆଉ ପାଦେ ଆଗକୁ ଯାଇ ଅତି ଉଦ୍ରୋଚିତ ସ୍ୱରରେ କହିଲେ,

"ଡାଇଓଜିନିସ୍, ତୁମ ପାଣ୍ଡିତ୍ୟ ଆଉ ବ୍ୟକ୍ତିତ୍ୱ ବିଷୟରେ ମୁଁ ଅନେକ କଥା ଶୁଣିଛି । କୁହ, ଯଦି ତୁମର କୌଣସି ଆବଶ୍ୟକତା ଥାଏ ତାହା ହେଲେ ମୁଁ ଅଚିରେ ପୂରଣ କରିବି । ଯାହା ଇଚ୍ଛା ମାଗିନିଅ ।"

"ହଁ", ଡାଇଓଜିନିସ୍ ସହାସ୍ୟ ବଦନରେ ଉତ୍ତର ଦେଲେ ଆଉ ପୁଣିଥରେ ନିଜକୁ ସମ୍ଭାଳି କହିଲେ,

"ଆପଣ ଯଦି କିଛି ମନେ ନକରନ୍ତି ତେବେ ଆପଣ ମୋ ଆଗରୁ ଟିକିଏ ଆଡ଼ ହୋଇଗଲେ ମୋ ଉପରେ ସୂର୍ଯ୍ୟ କିରଣ ପଡ଼ନ୍ତା । ଆପଣ ମୋତେ ସୂର୍ଯ୍ୟ କିରଣ ପାଇବାରୁ ବଞ୍ଚିତ କରୁଛନ୍ତି ।"

ଆଲେକ୍‌ଜାଣ୍ଡର୍ ତାଜୁବ୍ ହେଲା ଆଉ କ୍ଷଣଟିଏ ରହିଗଲେ । ତାଙ୍କ ମନରେ କୌଣସି କ୍ରୋଧ ଜାତ ହେଲା ନାହିଁ ବରଂଚ ଏଇ ସିଧା ସଳଖ ଆଉ ନିର୍ଭୀକ ଉତ୍ତରର ସନ୍ତୁଷ୍ଟ ହେଲେ ସେ । ସେ ନିଜକୁ ସୂର୍ଯ୍ୟକିରଣ ଆଉ ଡାଇଓଜିନିସ୍‌ଙ୍କ ଠାରୁ ଦୂରେଇ ନେଲେ ।

ସେଠାରୁ ସେ ଘୁଞ୍ଚିଯାଇ ନିଜର ସୈନ୍ୟ ଓ ପଦାଧିକାରୀଙ୍କ କହିଲେ,

"ସେ ଯାହା ହେଉନା କାହିଁକି ଡାଇଓଜିନିସ୍‌ଙ୍କ ନିର୍ଭୀକ ଉତ୍ତର ମୋତେ ଚମତ୍କୃତ କରିଛି । ଏଣୁ ଯଦି ମୁଁ ଆଲେକ୍‌ଜାଣ୍ଡାର୍ ହୋଇ ନଥାନ୍ତି ତେବେ ଡାଇଓଜିନିସ୍ ହେବାକୁ ପସନ୍ଦ କରିଥାନ୍ତି । ଏଇଭଳି ନିର୍ଭୀକ ହେବା ଏକ ଗର୍ବ ଓ ଗୌରବର ବିଷୟ ।"

ସୁଧିପାଠକେ, ଗୁଣ ଚିହ୍ନେ ଗୁଣିଆ । ଏକ ବୀର ହିଁ ସାଧୁତା ଆଉ ମହତ କଥାକୁ ହୃଦୟଙ୍ଗମ କରିପାରେ । ଇତିହାସରେ ଏଇଭଳି ଅନେକ ଦୃଷ୍ଟାନ୍ତ ରହିଅଛି । ହୁଏତ ଆଉ କେହି ହୋଇଥିଲେ ତତକ୍ଷଣ ଡାଇଓଜିନିସ୍‌ଙ୍କ ଶିର ଛେଦନ କରି ଦେଇପାରିଥାନ୍ତା । ହେଲେ ଆଲେକ୍‌ଜାଣ୍ଡାର୍ ପ୍ରକୃତରେ ହୃଦୟଙ୍ଗମ କରିଥିଲେ ଏଇ ନିର୍ଭୀକତା । ଏଣୁ ସେ ଡାଇଓଜିନିସ୍‌ଙ୍କୁ ସମ୍ମାନ ଦେଇ ସେଠାରୁ ଫେରି ଆସିଥିଲେ ।

ଏଇ କଥା ଏଇଠି ଲେଖିବାର ଉଦ୍ଦେଶ୍ୟ ହେଲା ନିର୍ଭୀକତା । ଆମେ ଆମର ଇତିହାସକୁ ଜାବୁଡ଼ି ଧରି ଏଇ ନିର୍ଭୀକତାର ଦ୍ୱାହି ଦେଉଛେ ହେଲେ ଓଡ଼ିଆ ହେବାର ଗୌରବ କେତେ ଜଣ ଅବା ଅନୁଭବ କରୁଅଛେ । ଆଜି ଅଧିକାଂଶ ଓଡ଼ିଆ ମନରେ ଗୋଟିଏ କଥା ଆଉ ପାଟିରେ ଆଉ ଗୋଟିଏ କଥା । ନିଜର ଅହଂ, ସ୍ୱାର୍ଥପରତା ଆଉ ସମସ୍ୟାର ଆଲୋଚନାକୁ ଜାବୁଡ଼ି ଧରି ବସିବା ଛଡ଼ା ଆଉ କିଛି କରିବା ବେକାର ବୋଲି ଭାବି ନେଇଛନ୍ତି । ସରକାରଙ୍କୁ ସମାଲୋଚନା, ବିଭିନ୍ନ ସ୍କାମ ଉପରେ ଆଲୋଚନା, ରାଜନୀତି ପ୍ରସଙ୍ଗ ଉପରେ ଗୁଲିଖଟି ଓଡ଼ିଶାର ବିଧାନସଭାଠୁ ଆରମ୍ଭ କରି ଗଳିକନ୍ଦି ଯାଏଁ ଆବୋରି ବସିଛି । ସ୍ପଷ୍ଟବାଦିତା ଆଉ ନିର୍ଭୀକତା ଦେଖିବାଟା ଯେପରି ସ୍ୱପ୍ନ ହୋଇଗଲାଣି ।

ଏଇଥର ଓଡ଼ିଶାକୁ ଯାଇଥିଲା ବେଳେ ଅନେକଙ୍କ ସହ ମିଶିଛି । ଓଡ଼ିଶାର ଉନ୍ନତି କଳ୍ପେ ଆଲୋଚନା ଅଥବା ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସ ଉପରେ ଆଲୋଚନା କ୍ୱଚିତ୍ ବ୍ୟକ୍ତିଙ୍କ ସହ ହୋଇଛି । ସବୁଠି ଓଡ଼ିଶାର ଗରିବୀର

ଆଲୋଚନା ଆଉ ଓଡ଼ିଶାର ସମସ୍ୟା ହିଁ ମୁଖ୍ୟ ଆଲୋଚନାର ବିଷୟ । ଦେଶ ବିଦେଶରେ ବସବାସ କରୁଥିବା ଶତକଡ଼ା ୯୫ ଭାଗ ଓଡ଼ିଆ ମଧ୍ୟ ଓଡ଼ିଶାର ମୁଖ୍ୟଧାରାରେ ନିଜକୁ ଅଙ୍ଗାଙ୍ଗୀ ଜଡ଼ିତ କରିବାକୁ ଆଗ୍ରହୀ ନୁହନ୍ତି । ସେମାନେ ପଶ୍ଚିମ ଜଗତର ସୁଖସ୍ୱାଛନ୍ଦ୍ୟକୁ ଆଦରି ନେଉଛନ୍ତି । ଶତକଡ଼ା ୩ଭାଗ ବିଦେଶରେ ରହି ମଧ୍ୟ ଓଡ଼ିଶାର ଉନ୍ନତି କଳ୍ପେ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି । ଯେଉଁ ଶତକଡ଼ା ୨ ଭାଗ ପୁଣି ଓଡ଼ିଶାକୁ ଫେରି ଓଡ଼ିଶା ମା'ର ସେବାରେ ଜୀବନ ନିୟୋଜିତ କରିବାକୁ ଚାହୁଁଛନ୍ତି ସେମାନଙ୍କୁ କେତେବେଳେ ସରକାରୀ କଳ'ତ କେତେବେଳେ ଆମ ଓଡ଼ିଆ ଲୋକ ହିଁ ବିଭିନ୍ନ ଉପାୟରେ ହଇରାଣ ହରକତ କରୁଛନ୍ତି । କଥା କଥାରେ ସେମାନଙ୍କୁ ବିଦେଶୀ ବୋଲି ସମାଲୋଚନା କରାଯାଉଅଛି ।

ଓଡ଼ିଆ ଭାଷାର ଶାସ୍ତ୍ରୀୟତା ହେଉ ବା ଏପ୍ରିଲ୍ ପହିଲାରେ ଓଡ଼ିଶା ଦିବସ ପାଳନ କରିବା ହେଉ, ଏହା କେବଳ ସରକାରୀ କ୍ୟାଲେଣ୍ଡରରେ ଏକ ତାରିଖଟିଏ ହୋଇ ରହି ଯାଉଛି । ଉତ୍କଳ ଦିବସ କେବଳ ଏକ ଛୁଟିଦିନଟିଏ । ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ସବୁ ଆଗାମୀ ପୀଢ଼ିକୁ ନେବାକୁ ପଡ଼ିବ; ଏଇ ଦାୟିତ୍ୱ କେତେଜଣ ଅବା ଉଠାଉଛନ୍ତି !

ସ୍ୱାର୍ଥପରତାକୁ ସ୍ୱାଭିମାନ, ଖୋଜିଲୋଡ଼ି ମାଗିଯାଚି ପାଇଥିବା ମୁହୂର୍ତ୍ତକୁ ସମ୍ମାନ ଆଉ ଗୁଲିଖଟିରେ ବିତାଉଥିବା ସମୟକୁ ଅଧ୍ୟୟନ ରୂପେ ଅଧିକାଂଶ ଓଡ଼ିଆ ଭାବି ନେଇ ବସିଛନ୍ତି । ଏମାନଙ୍କ ନିମନ୍ତେ ମହାପୁରୁଷଙ୍କ ବାଣୀ ସବୁ କେବଳ କବିତାଟିଏ ହୋଇ ରହି ଯାଇଅଛି ।

ଉତ୍କଳ ଗୌରବଙ୍କ ସେଇ ଆହ୍ୱାନ...

"ତୁ ପରା ବୋଲାଉ ଉତ୍କଳ ସନ୍ତାନ ?

http://www.appsgeyser.com/4368717

ତେବେ କିମ୍ବା ତୁହି ଭୀରୁ !

ତୋହର ଜନନୀ ରୋଦନ କରିଲେ

କହିବାକୁ କିମ୍ପା ଡରୁ ?"

କେବଳ ଏକ ପ୍ରଶ୍ନବାଚୀ ହୋଇ ରହି ଆସିଛି । ଏହାର ଉତ୍ତର ଦେବାକୁ ପଡ଼ିବ ସମଗ୍ର ଓଡ଼ିଆ ଜାତିକୁ । କେବଳ ଜଗନ୍ନାଥଙ୍କୁ ଢାଲ କରି ବସିଲେ ହେବନାହିଁ ଅଥବା ଅଶୋକଙ୍କ କାହାଣୀକୁ ନେଇ ଛାତି ଫୁଲାଇବାର କୌଣସି ବଡ଼ପଣ ନାହିଁ । ଅତୀତର ଇତିହାସ ଗୌରବମୟ ଏହା ସତ ହେଲେ ତାକୁ ଧରି ଗର୍ବ କରିବା ଅପେକ୍ଷା ବର୍ତ୍ତମାନକୁ ପ୍ରାଣପ୍ରାଚୁର୍ଯ୍ୟମୟ କରିବାରେ ହିଁ ଓଡ଼ିଶାର ସମୃଦ୍ଧି ।

ଓଡ଼ିଶାର ଶିଶୁମାନଙ୍କ ଲାଳନ ପାଳନ, ଯୁବପୀଢ଼ିର ସମାବର୍ତ୍ତନ, ବୟସ୍କଙ୍କ ଉପଲବ୍ଧି, ବୃଦ୍ଧଙ୍କ ଅବବୋଧ, ପ୍ରଭୃତିର ଚିନ୍ତା କେତେଜଣ ବୁଦ୍ଧିଜୀବି କରୁଛନ୍ତି ! ଓଡ଼ିଶାର ପ୍ରଗତିରେ ମହିଳାଙ୍କ ଯୋଗଦାନ, କୃଷକର ଶସ୍ୟ, ଶ୍ରମିକର କର୍ମ, ପ୍ରଭୃତିକୁ କେଉଁ ସରକାରୀ କଳ ପ୍ରୋତ୍ସାହନ ଦେଉଛନ୍ତି । ଆଜି ଓଡ଼ିଆ ସମସ୍ୟାର ରଥରେ ବସି ଅସହାୟତାର ରାସ୍ତାରେ ଆଗେଇ ଚାଲିଛି । ରଥି ସାରଥି ଉଭୟେ ସଂଶୟରେ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ସେଇ ବାଣୀ ଝଙ୍କୃତ ହୁଏ...

"ଉଠରେ ଉଠରେ ଉତ୍କଳ ସନ୍ତାନ... ! !"

ହେଲେ ଉଠୁଛି କିଏ ! ଶୋଇଛି କିଏ ! ସମସ୍ତେ ସନ୍ଦିହାନ । କିଏ ନଖ ଘଷୁଛି'ତ କିଏ, ନାକରେ ଆଙ୍ଗୁଠି ମାରି ହସୁଛି । ଚୁଗୁଲୀ, ପରସୂୟାଭାବ, ଈର୍ଷ୍ୟା, ପ୍ରଭୃତିରେ ସମସ୍ତେ ଜଳିବାରେ ଲାଗିଛନ୍ତି । ସାମୂହିକ ଭାବେ ସମସ୍ୟାର ସମାଧାନ ଖୋଜିବାର ଆଗ୍ରହ କାହିଁ..! ସ୍ୱର୍ଗକୁ ଯିବାକୁ ସମସ୍ତେ ଆଗ୍ରହୀ ହେଲେ ମରୁଛି କିଏ ??

http://www.appsgeyser.com/4368717

ଅଙ୍ଗେ ନିଭେଇଥିବା କଥା କହୁଛି; ୨୦୧୨ ରୁ ଆଜି ଯାଏଁ ଆନ୍ତର୍ଜାଲୀୟ ମାଧ୍ୟମରେ ପ୍ରାୟତଃ ଅନେକ ଓଡ଼ିଆଙ୍କ ସହ ଅତି ଭଦ୍ରୋଚିତ ଉପାୟରେ ସସମ୍ମାନ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରି ଆସୁଛି । କଥାରେ, କାମରେ, ଭାବରେ ଯେତେ ପାରିଛି ସୌହାର୍ଦ୍ଦ୍ୟ ଦେଇ ଆସିଛି ହେଲେ ପାଇଛି କଣ ! ଯେଉଁମାନେ ଆଗରେ ବନ୍ଧୁ ଭଳି ବ୍ୟବହାର କରୁଛନ୍ତି; ପଛରେ ଚୁଗୁଲୀ କରନ୍ତି । ମିଛସତରେ ଲଗାଯୋଟା କରି କୁହନ୍ତି ଅନ୍ୟଙ୍କୁ । ଏଇୟା କହିଲେ କୁଳକୁ ଲାଜ ନକହିଲେ କୁଳ ଭାସି ଯାଉଛି । ଭଲ କଥା, ସୁନ୍ଦର ଭାବ, ପ୍ରଭୃତିର ମୂଲ୍ୟ କିଛି ନାହିଁ ଆଜି । ସମସ୍ତେ ପଦପଦବୀ, ମୁହଁ ଆଉ ପ୍ରଚାର ସର୍ବସ୍ୱ ବ୍ୟକ୍ତିଙ୍କୁ ହିଁ ବୁଝୁଛନ୍ତି । ବ୍ରହ୍ମା ବିଳିବିଳେଇଲେ ବେଦ । ଏଣୁ ଏଇ ନିର୍ବୋଧଙ୍କ ହାଟରେ ବ୍ରହ୍ମଜ୍ଞାନର ଅର୍ଥ କଣ !

ଓଡ଼ିଆଙ୍କୁ ପ୍ରଥମେ ନିଜକୁ ନିର୍ଭୀକ ଆଉ ସ୍ପଷ୍ଟବାଦିତା କରିବାକୁ ପଡ଼ିବ । ହାଁ... ଜୀ.... ହାଁ... ଜୀ କହି ଚାଟୁକାର ହେବା ବନ୍ଦ କରିବାକୁ ପଡ଼ିବ । ପ୍ରକୃତ ସମୟରେ ଉପଯୁକ୍ତ ବିଚାର ଓ ବିବେଚନା କରି ବ୍ୟକ୍ତିଗତ ନୁହଁ ବରଂଚ ରାଷ୍ଟ୍ରଗତ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ ।

ବିଭିନ୍ନ ସମୟରେ ଅନେକ ମୋତେ ଅନେକ ପ୍ରଶ୍ନ କରି ଆସିଛନ୍ତି । ଏଇ ପ୍ରଶ୍ନବାଣରେ ମୁଁ ଭୀତତ୍ରସ୍ତ ନୁହଁ । ହେଲେ ସେଇ ପ୍ରଶ୍ନ ମୋତେ ବିସ୍ମିତ କରିଛି । ନିଜର କର୍ତ୍ତବ୍ୟକୁ ତିଳେହେଲେ ବୁଝି ପାରୁନଥିବା ନିର୍ବୋଧ ମୋତେ ଯେତେବେଳେ ମୋ କର୍ତ୍ତବ୍ୟର ହିସାବ ମାଗିଛନ୍ତି ସେତେବେଳେ ମୁଁ ବୁଝି ପାରିଛି ମୋ ଓଡ଼ିଆ ଭାଇ ଓ ଭଉଣୀଙ୍କ ଗତି କୁଆଡ଼େ । ଓଡ଼ିଶାର ଭବିଷ୍ୟତ କୁହାଯାଉଥିବା ଏଇ ପୀଢ଼ି ଅଥବା ଦାୟିତ୍ୱବାନ ପଦପଦବୀରେ ରହିଥିବା ଏଇ ପ୍ରଜାତିଙ୍କ ବିଷୟରେ ଭାବିଲେ ମୁଁ ଆଶ୍ଚର୍ଯ୍ୟ ହୁଏ । ନିଜ ଆଡ଼େ ମୁହାଁଇଥିବା ତିନି ଆଙ୍ଗୁଠିକୁ ଅଣଦେଖା କରି ଅନ୍ୟକୁ ଗୋଟିଏ ଆଙ୍ଗୁଠି ଦେଖାଇ ବସିଥିବା ଏଇ ବିଚିତ୍ର ପ୍ରାଣୀଙ୍କୁ ନେଇ ଏ ଜାତି

ଯେ ଭବିଷ୍ୟତରେ ଗର୍ବ କରିପାରିବ ଏହା ଭାବିଲେ ମୋତେ ଦୁଃଖ ହୁଏ । ସମସ୍ତଙ୍କୁ ସଦାବେଳେ ବୁଝେଇ ଆସିଛି ଯେ ହାତୀ ବଣରେ ଥିଲେ ବି ରାଜାର ।

ପ୍ରତ୍ୟେକ ଓଡ଼ିଆଙ୍କୁ ନିଜର ସମ୍ବଳ ଆଉ ସାମର୍ଥ୍ୟ ନେଇ କିଛି କରିବାକୁ ହେବ । ଓଡ଼ିଶା ବିକାଶର ସେତୁ ଗଢ଼ିବାକୁ ହେଲେ କେତେବେଳେ ଗୁଣ୍ଡୁଚିମୂଷା ହେବାକୁ ପଡ଼ିବତ କେତେବେଳେ ବାନରସେନା । ଏକତା ଆମ୍ଭର ଅସ୍ତ୍ର ହେବ, ସଂସ୍କୃତି ହେବ ଆମ୍ଭର ଶସ୍ତ୍ର, ବିଶ୍ୱାସ ହେବ ଆମ୍ଭର ସହଯାତ୍ରୀ ଆଉ ଦୃଢବ୍ରତୀ ହୋଇ ଆମ୍ଭେ ଗଢ଼ିବା ଏକ ସ୍ୱର୍ଣ୍ଣିମ ଓଡ଼ିଶା ।ପ୍ରତ୍ୟେକ ଓଡ଼ିଶାବାସୀ ପୂର୍ଣ୍ଣାଙ୍ଗ ଜୀବନଧାରା, ଶାଶ୍ୱତ ଅନୁଚିନ୍ତନ ତଥା ଐଶ୍ୱରୀୟ ଚେତନାରେ ଉଦ୍‌ବୃଦ୍ଧ ହୋଇ ନିଜକୁ ଓଡ଼ିଶାର ସେବାରେ ନିୟୋଜିତ କରିଲେ ଆମ୍ଭର ରାଜ୍ୟ ନିଶ୍ଚୟ ଚିରନ୍ତନ ଏକ ଗୌରବମୟ ରାଜ୍ୟରେ ଯେ ପରିଗଣିତ ହେବ ଏଥିରେ ଦ୍ୱିରୁକ୍ତି ନାହିଁ ।

-ପ୍ରଭୁ

ଜୟ ଓଡ଼ିଆ... ଜୟ ଓଡ଼ିଶା... ଜୟ ଜଗନ୍ନାଥ... ! ! !

http://www.appsgeyser.com/4368717

# ଭାରତରେ ଅପସଂସ୍କୃତିର ପ୍ରବେଶ



ସୁଶାନ୍ତ ପୁରୋହିତ

ଯେଉଁ ସମୟରେ ଭାରତୀୟ ସଂସ୍କୃତିକୁ ପୁରା ବିଶ୍ୱର ଅନେକ ଉନ୍ନତ ରାଷ୍ଟ୍ରର ବୁଦ୍ଧିଜୀବୀମାନେ ପସନ୍ଦ କରିଚାଲିଛନ୍ତି, ଭାରତୀୟ ସାମାଜିକ ଜୀବନର ମୂଲ୍ୟବୋଧ ଭିତ୍ତିକପ୍ରଥା ସବୁ, ଗୀତାରେ ଥିବା ଅନବଦ୍ୟ ଶିକ୍ଷ୍ୟା ସବୁକୁ ପସନ୍ଦ ତଥା ଗ୍ରହଣ କରୁଛନ୍ତି, ଯେତେବେଳେ ଆମ ନିଜର ରଥଯାତ୍ରା ପରମ୍ପରା ବିଶ୍ୱର କୋଣ ଅନୁକୋଣରେ ଥିବା ଦେଶମାନଙ୍କରେ ଗୃହୀତ ହୋଇ ପାଳିତ ହେଉଛି ସେତେବେଳେ ଅତି ଦୁଃଖର ସହିତ ଆମର ଏଠିକାର ବୁଦ୍ଧିଜୀବୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ଆମ ସଂସ୍କୃତିରେ ଅନେକ ଗୁଡ଼ିଏ ଅପସଂସ୍କୃତି, ଯାହା ମୁଖ୍ୟତଃ ପାଶ୍ଚାତ୍ୟ ଦେଶରୁ ଆସିଛି । ସେଇଥି ମଧ୍ୟରୁ କେତେକ ହୁଏତ ସେଠିକାର ପରିସ୍ଥିତି ପାଇଁ ଉପଯୁକ୍ତ ଥାଇପାରେ ବା କେତେକ ସେଥିରେ ମଧ୍ୟ ବର୍ଜିତ ଅବସ୍ଥାରେ ଆସିଲାଣି । କିନ୍ତୁ ଆମ ଭାରତରେ ଆଧୁନିକତା ନାଁରେ ସେହିପରି ଅନେକ ଅପସଂସ୍କୃତି ଚାଲି ଆସିଛି ।

ସେଥି ମଧ୍ୟରୁ କେତେକ ବିଷୟ ଆପଣମାନେ ଭଲ ଭାବରେ ଚିନ୍ତା କଲେ ତାହାର ଅଯଥାର୍ଥତା ଓ ଭାରତୀୟ ହିନ୍ଦୁଧର୍ମର ଯୁଗ ଯୁଗ ଧରି ଚାଲି ଆସିଥିବା ଦର୍ଶନର ବିପରୀତତା ଅନୁଭବ କରି ପାରିବେ । ଏଠାରେ ସେହିପରି କେତୋଟି ପ୍ରଚଳିତ ଅପସଂସ୍କୃତି ବିଷୟ ଆମେ ଆଲୋଚନା କରିବା ,

*1. Happy Birthday ବା ଜନ୍ମଦିବସ*

ଆଜିକାଲି ପିଲା ହେଉ ବା ବୁଢ଼ା, ଝିଅ ହେଉ ବା ପୁଅ, ପତି ହେଉ ବା ପତ୍ନୀ, ହାପି ବାର୍ଥଡ଼େ ପାଳନ କରିବା ଏକ ନିଶ୍ଚିତ କଥା ହେଇଯାଇଛି । ଆଗ କାଳରେ ସେଇଟା ନଥିଲା । ଭାରତୀୟ ପରମ୍ପରାରେ ତ ପୁଅ ଜିଉନ୍ତିଆ, ସାବିତ୍ରୀ ଅମାବାସ୍ୟା, ଭାଇ ଜିଉନ୍ତିଆ, ରକ୍ଷା ବନ୍ଧନ, ଭୈୟା ଦୁଜ, ଛଟ ପୂଜା ଆଦି ବୈଦିକ ରୀତି ସମ୍ପନ୍ନ ପରାପରା ସବୁ ପାଳିତ ହୁଏ ପରିବାରର ସମସ୍ତଙ୍କ ମଙ୍ଗଳ ମନାସିବା ପାଇଁ । ପୁଣି ଜନ୍ମ ଦିନ ମନେଇବା ପାଇଁ ସ୍ୱତନ୍ତ୍ର ହାପି ବାର୍ଥଡ଼େର ପ୍ରୟୋଜନ ନଥିଲା । ତେବେ ଏହି ବାର୍ଥଡ଼େ ପାଳନରେ କିଛି କ୍ଷତି ନଥିବା ବେଳେ ଏଥିରେ ଅନୁସୃତ ହଉଥିବା କେକ୍ କାଟିବା ପ୍ରଥାକୁ ବୁଝି ହୁଏନି । ଭାରତୀୟ ସଂସ୍କୃତିରେ ସର୍ବମୟଙ୍କୁ ପ୍ରାର୍ଥନା  କରାଯାଏ, "ତମସୋ ମା ଜ୍ୟୋତିର୍ଗମୟଃ", ଅର୍ଥାତ ଜ୍ୟୋତି ବା ଆଲୋକକୁ ଆବାହନ କରି ତମସା ବା ଅନ୍ଧକାରକୁ ଦୂର କରି ପଥ ପ୍ରଦର୍ଶନ କରନ୍ତୁ । କିନ୍ତୁ ଏହି ପାଶ୍ଚାତ୍ୟ ସଭ୍ୟତା (ଅପ ସଂସ୍କୃତି )ରୁ ଆସିଥିବା ହାପି ବାର୍ଥଡ଼େ ଉତ୍ସବରେ କେକ୍ ଉପରେ ମହମବତୀ ଜଳାଯାଇ ଯାହାର ବାର୍ଥଡ଼େ ପାଳନ ହୁଏ ସେ ମୁହଁରେ ଫୁଙ୍କି ମହମବତୀର ଆଲୋକକୁ ଲିଭେଇ ଅନ୍ଧକାରକୁ ଆମନ୍ତ୍ରଣ କରି ନିଜର ଜନ୍ମଦିନ ପାଳନର ଅୟମାରମ୍ଭ କରେ । ଏହା କିଭଳି ସଂସ୍କୃତି ଭିତରେ ଯିବ ଆପଣ ନିଜେ ଶାନ୍ତମନରେ ଥରେ ଚିନ୍ତା କରି କୁହନ୍ତୁ ।

### *2. RIP କହିବା*

କେହି ଜଣେ ପରିଚିତ ଦେହତ୍ୟାଗ କରିବା ଖବର ମିଳିଲେ ଏବେ RIP ବୋଲି ପଦଟିଏ ଲେଖିଦେବା ଦେବା ସାଧାରଣ ହେଇଗଲାଣି ଆମ ଭାରତୀୟ ସମାଜରେ । କିନ୍ତୁ ଏହା ମଧ୍ୟ ଏକ ଅପସଂସ୍କୃତି, ଅନ୍ତତଃ ଆମ ହିନ୍ଦୁ ଧର୍ମ ର ଦର୍ଶନ ଅନୁସାରେ ।

କେତେକ ଧର୍ମରେ ମୃତ୍ୟୁ ପରେ ଶରୀରକୁ କବର ଦିଆଯାଇ ଓ ସେହି ଧର୍ମ ଅନୁସାରେ ଶରୀର ସହ soul ବା ଆତ୍ମାକୁ ଚିରନ୍ତନ ବିଶ୍ରାମ ଦିଆ ଯାଇଥାଏ ।

http://www.appsgeyser.com/4368717

ତେଣୁ କବର ଦେଲା ସମୟରେ rest in peace ବା RIP କୁହାଯାଇଥାଏ ଓ କବର ଉପରେ ଲେଖା ମଧ୍ୟ ଯାଏ ।

ତେବେ ହିନ୍ଦୁ ଧର୍ମ ଅନୁସାରେ ମୃତ୍ୟୁ ଅନ୍ତେ ଶରୀରକୁ ଅଗ୍ନି ମୁଖରେ ଦେଇ ଶରୀରକୁ ପଞ୍ଚଭୂତରେ ପୁନଶ୍ଚ ବିଲୀନ ହେବାକୁ ଦିଆଯାଏ ଓ ଆତ୍ମାର ସଦ୍‌ଗତି କାମନା କରାଯାଇଥାଏ । ହିନ୍ଦୁ ଦର୍ଶନରେ ଆତ୍ମା ବିଶ୍ରାମ ନିଏ ନାହିଁ । ଆତ୍ମା ଏକ ଶରୀର ତ୍ୟାଗକଲେ ପୁନଶ୍ଚ ଅନ୍ୟ ଶରୀରକୁ ଯାଏ ନ ହେଲେ ମୋକ୍ଷ୍ୟ ପ୍ରାପ୍ତ ହୁଏ । ତେଣୁ ଏହା rest ବା ବିଶ୍ରାମ ନେବା କଥା ହିନ୍ଦୁଧର୍ମରେ ନାହିଁ । ତେଣୁ ମୃତ୍ୟୁ ସମ୍ବାଦର ଉତ୍ତରରେ ଆମେ "ଆତ୍ମାର ସଦ୍‌ଗତି ହେଉ" ବା "ମୋକ୍ଷ୍ୟ ପ୍ରାପ୍ତ ହେଉ" ବୋଲି କହିବା ଯଥାର୍ଥ�

### *3. "God fearing" କହିବା*

ହିନ୍ଦୁ ଦର୍ଶନ ଓ ପୁରାଣର ବ୍ୟାଖ୍ୟା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ହିଁ ଭାଗବତ ସତ୍ତା ବିଦ୍ୟମାନ । ଏହି କଥା ସ୍ୱୟଂ ଭଗବାନ କହିଥିବା ଆମ ପୁରାଣରେ ରହିଛି । ମଣିଷ ଯାହା ବି ଭଲ ବା ଭୁଲ କରେ ତାହାର ହିସାବ ନିକାଶ ଭଗବାନ କରନ୍ତି ଓ ତାର ଫଳାଫଳ ପରଜନ୍ମରେ ପ୍ରତିଫଳିତ ହୁଏ । ତେଣୁ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ ଅନୁକରଣ ଦ୍ୱାରା ଆମେ ଯେଉଁ "God fearing" ବା ଭଗବାନଙ୍କୁ ଭୟ କରୁଥିବା ଲୋକଭାବରେ ବର୍ଣ୍ଣନା କରୁଁ ତାହା ଠିକ ନୁହେଁ । ହିନ୍ଦୁ କେବେ ଭଗବାନଙ୍କୁ ଭୟ କରେ ନାହିଁ । ସେ ତାଙ୍କୁ ଭଲ ପାଏ ଓ ନିଜ ଭିତରେ ତାଙ୍କର ସତ୍ତାକୁ ଅନୁଭବ ବି କରି ପାରେ । ଯେଉଁ ହିନ୍ଦୁ ଏହା କରେ ନାହିଁ ତାକୁ ପରଜନ୍ମରେ ତାହାର ପ୍ରାୟଶ୍ଚିତ ନିଶ୍ଚିତ ଭାବରେ କରିବାକୁ ପଡ଼ିଥାଏ ।

### *4. Mythology ଓ spirituality*

ହିନ୍ଦୁ ଧର୍ମର ଶ୍ରେଷ୍ଠ ଧର୍ମଗ୍ରନ୍ଥ ରାମାୟଣ ଓ ମହାଭାରତକୁ କିଛି ପାଶ୍ଚାତ୍ୟ ଲୋକ ହିଁ myth ବା କାଳ୍ପନିକ ବୋଲି କହିବା ଆରମ୍ଭ କରିଥିଲେ ଓ ଏବେ ଆମେ ବିଭିନ୍ନ କ୍ଷେତ୍ରରେ ଏହାକୁ mythology ବୋଲି ବର୍ଣ୍ଣନା କରି ଆସୁଛୁ ମଧ୍ୟ ।

ଅନେକ ପ୍ରମାଣ ମିଳିଛି ଭଗବାନ ରାମ ଭାବରେ ଅବତାର ନେଇ ଜନ୍ମ ହେଇଥିବାର । ଅଯୋଧ୍ୟା, ଗୋପପୁର ସବୁଠିର ପ୍ରମାଣ ମଧ୍ୟ ରହିଛି । ପାଣ୍ଡବ କୌରବମାନଙ୍କ ଅସ୍ଥିତ୍ୱ ସେ ସମୟରେ ଥିବାର ମଧ୍ୟ ପ୍ରମାଣ ମିଳିଛି ପ୍ରତ୍ନତତ୍ତ୍ୱରେ । ରାମାୟଣ ଓ ମହାଭାରତ myth ବା କାଳ୍ପନିକ ନୁହେଁ , ଏହା ସତ୍ୟ ଓ ଐତିହାସିକ ।

Spirituality ବୋଲି ଶବ୍ଦ ମଧ୍ୟ ପାଶ୍ଚାତ୍ୟ ସଭ୍ୟତାରୁ ଆସିଛି । ଏହାକୁ କାଳ୍ପନିକ ବୋଲି ତାଙ୍କର ମତ । କିନ୍ତୁ ଭାରତୀୟ ଧର୍ମ ଦର୍ଶନରେ spirituality ବୋଲି କିଛି ନାହିଁ । ସବୁ କର୍ମ ଓ ନିଷ୍ଠା ଉପରେ ପର୍ଯ୍ୟବେଶିତ ।

ଏହା ସବୁ ମାତ୍ର କେତେକ ଉଦାହରଣ ।ଏହିପରି ଅନେକ ଅପସଂସ୍କୃତି ଧିରେ ଧିରେ ଭାରତୀୟ ସଂସ୍କୃତିରେ ପ୍ରବେଶ କରି ଆସିଛି । ବିଶେଷ କରି ଭାରତ ବ୍ରିଟିଶ ଶାସନାଧୀନ ଥିବା ସମୟରୁ ଏହା ଆରମ୍ଭ ହେଇଥିଲା । ଅନେକ ଅପସଂସ୍କୃତିକୁ ବ୍ରିଟିଶ ମାନେ ନିଜର ସୁବିଧା ପାଇଁ ଭାରତୀୟ ସଂସ୍କୃତିରେ ପ୍ରବେଶ କରାଇଥିଲେ । କିନ୍ତୁ ସ୍ୱାଧୀନତା ପରେ ଆମ ତରୁଣ ଓ ଯୁବ ଗୋଷ୍ଠୀ ମଧ୍ୟ ଆଧୁନିକତାର ନାଁରେ ବୈଦେଶୀୟ ଅପସଂସ୍କୃତି ଗୁଡ଼ିକୁ ଆପଣେଇଥିଲେ । ସମୃଦ୍ଧ ସନାତନ ଧର୍ମରେ ଅନେକ ପରମ୍ପରାକୁ ବିଦେଶୀମାନଙ୍କ ଦ୍ୱାରା ଆମଦାନୀ ହୋଇଥିବା ପାଶ୍ଚାତ୍ୟ ସଂସ୍କୃତି ସମ୍ମୁଖରେ ନ୍ୟୁନ କରିବା ଭଳି କଦର୍ଯ୍ୟ କାର୍ଯ୍ୟ କରିବାକୁ କିଛି ବୁଦ୍ଧିଜୀବି ବୋଲାଉଥିବା ବ୍ୟକ୍ତି ପଛାଉ ନାହାନ୍ତି । ଏହା ହିଁ ଅତ୍ୟନ୍ତ ଦୁଃଖର ବିଷୟ ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ସମ୍ବଲପୁର, ଓଡ଼ିଶା

http://www.appsgeyser.com/4368717

# ନୀରବତାର ସ୍ୱର



ସୁଶାନ୍ତ ପୁରୋହିତ

( The Sound of Silence)

ଆମେରିକାର ସାଇମାନ 1964 ମସିହାରେ The sound of silence ନାମକ କବିତାଟି ରଚନା କରିଥିଲେ । ସେମିତି ଦେଖିବାକୁ ଗଲେ କବିତାଟି ସାଧାରଣ ଭାବରେ ଭାବମୟ କବିତା ଭାବରେ ହିଁ ଥିଲା । ଅନେକ ପାଠକତାକୁ ପଢ଼ିଲେ ମଧ୍ୟ ସେଥିରେ ଥିବା ଅନ୍ତର୍ନିହିତ ମୂଲ୍ୟବୋଧକୁ କମ୍ ଅନୁଭବ କରି ପାରିଥିଲେ । ଏହି କବିତାଟିକୁ ଲିରିକ ଭାବରେ ରୂପ ଦେଇ କଲମ୍ବିଆ ମ୍ୟୁଜିକ କମ୍ପାନୀ ସେଇ ସାଇମାନ ଓ ଗାର୍ଫଙ୍କେଲ, ଯେଉଁମାନେ ସେ ସମୟର ଭଲ ଗାୟକ ଭାବରେ ଜଣାଶୁଣା ଥିଲେ, ତାଙ୍କୁ ନେଇ ଗୀତଟି ରେକର୍ଡ କଲେ । ଏହା ନାମକ ଗୀତ ଆଲବମର ଅଂଶ ଭାବରେ ରହିଥିଲା ।

ତେବେ ପ୍ରାର୍ଥମିକ ଭାବରେ ଗୀତଟି ଶ୍ରୋତାମାନଙ୍କୁ ଆକର୍ଷିତ କରି ପାରିନଥିଲା ଓ ଆଲବମଟି ବ୍ୟବସାୟିକ ଭାବରେ ବିଫଳ ହେଲା । ଏହା ପରେ ହତାଶ ହେଇ ସାଇମାନ ଇଂଲଣ୍ଡକୁ ଯାଇ ସେଠାରେ ରହିଲେ ।

କିନ୍ତୁ କିଛି ଦିନ ପରେ ଦେଖାଗଲା ଯେ ଆମେରିକାର ବିଭିନ୍ନ ସହରର ରେଡ଼ିଓ ଷ୍ଟେସନରୁ ଏହି ଗୀତ ମୂଳ ବା ରିମିକ୍ସ ଭାବରେ ପ୍ରସାରିତ ହେଲା ଓ ଅନେକ ଲୋକ, ବିଶେଷତଃ ଛାତ୍ର ଶ୍ରେଣୀ ମଧ୍ୟରେ ଗୀତଟିର ଆଦୃତି ବହୁତ ବୃଦ୍ଧି ଘଟିଲା । ଏହା ପରେ ସାଇମାନ ପୁଣି ଆମେରିକା ଫେରିଲେ ଓ କଲମ୍ବିଆ କମ୍ପାନୀ ଏହି ଗୀତକୁ ଏକକ ଭାବେ ପୁଣି ରେକର୍ଡ କଲେ ସେହି ଦୁଇ ଗାୟକଙ୍କୁ

http://www.appsgeyser.com/4368717

ନେଇ । ଏବେ ଗୀତର ଜନପ୍ରିୟତା ଅସାଧାରଣ ଭାବରେ ବୃଦ୍ଧି ପାଇ ଅନେକ ମାସ ଯାଏ ଶ୍ରେଷ୍ଠ ଗୀତ ତାଲିକାରେ ରହିଲା । ଅନେକ ଫିଲ୍ମରେ ଏହାର ଝଲକ ଦିଆ ଗଲା ।

ଆଧୁନିକ ଯୁଗରେ ଏହାର ଜନପ୍ରିୟତା ଆହୁରି ବଢ଼ି ଚାଲିଲା ।ଏହାର ଗୀତର ଦର୍ଶନକୁ ସବୁ ଶ୍ରେଣୀର ଲୋକ ପସନ୍ଦ କଲେ ।ୟୁ ଟ୍ୟୁବ୍‌ରେ ଏହାର ମୂଳ ଗୀତ ଆଜିଯାଏ 200 କୋଟିରୁ ବେଶିଥର ଦେଖିଥିବା ପଞ୍ଜିକୃତ ହେଇଥିବା ବେଳେ ଏହାର ଅନେକ ରିମିକ୍ସ ମଧ୍ୟ କୋଟି ସଂଖ୍ୟାରେ ଦର୍ଶକ ପାଇଅସୁଛି । ଏହାକୁ ଏକ ସର୍ବକାଳୀନ ଶ୍ରେଷ୍ଠ ଗୀତ ଭିତରେ ଗଣନା କରା ଯାଉଛି ।

ଏହି ଗୀତର ଅନେକ ଉତ୍କୃଷ୍ଟ ଅନୁବାଦ ସବୁ ରହିଛି । ତେବେ ଏଠାରେ କେବଳ ଏକ ମର୍ମାନୁବାଦ ବଂଧୁ ମାନଙ୍କ ପାଇଁ ଦିଆ ଯାଇଛି ।

ନୀରବତାର ସ୍ୱର

ହେ ତାମସା, ହେ ମୋର ପୁରୁଣା ବନ୍ଧୁ ,
ଫେରିକି ଆସିଛି ମୁଁ ତୁମ ପାଖକୁ,
ଅନର୍ଗଳ ଗପିବାକୁ,
ପୁରୁଣା ସ୍ମୃତି ପୁଣି ଦୋହରେଇବାକୁ ।
ଅଧା ଚେତନାରେ ନିଦ୍ରାଗ୍ରସ୍ତ ଥିଲା ବେଳେ,
ସନ୍ତର୍ପଣ ସହ ପ୍ରବେଶି ଥିଲା ଏକ ଦୃଷ୍ଟି,
ମନ ଭିତର ପ୍ରଦେଶରେ ଆସ୍ଥାନ କରି ରହିଗଲା,
ମୋ ଅଗୋଚରରେ ସେହି “ନୀରବତାର ସ୍ୱର”

ବିବ୍ରତ ସ୍ୱପ୍ନ ମଝିରେ ମୁଁ ଉଠିଗଲି,
ଆଉ ଚାଲିବାରେ ଲାଗିଲି କଂକରିତ ସଂକୀର୍ଣ୍ଣ ରାସ୍ତା ଦେଇ,
ବତୀଖୁଣ୍ଟର ନିଅନ ଆଲୁଅର ତୀବ୍ର ଜ୍ୟୋତି ତଳେ,

ହିମ କାକର ଶୀତଳତାକୁ ଢାଙ୍କିବାର ବ୍ୟର୍ଥ ଚେଷ୍ଟା କରି କରି ।

ତଥାପି ସଦାବେଳେ ମନ ଭିତରୁ ଥାଇ ଡାକୁଥିଲା
ସେଇ ସର୍ବବ୍ୟାପି "ନୀରବତାର ସ୍ୱର"

ରାସ୍ତା କଡ଼ ରେ ହୁଏତ ବହୁ ଲୋକ ଦିଶୁଥିଲେ ,
ସବୁ ଝାପସା ହେଇ ଯଦିଓ ନିଅନ ଆଲୁଅ ଜଳୁଥିଲା ,
ଆଉ ସେମାନେ ସବୁ କିଛି କହୁଥିଲା ପରି କହୁଥିଲେ ,
ଯାହା ଶୁଭୁନଥିଲା କାହାରିକୁ ,
ଆଉ କିଛି ରାସ୍ତା କଡ ବତୀଖୁଣ୍ଟ ତଳେ କିଛି ଲେଖୁଥିଲେ ,
ଯାହା ଦିଶୁନଥିଲା କାହାରିକୁ ,
କାରଣ  ସଦାବେଳେ ମନ ଭିତରେ ଥାଇ ଡାକୁଥିଲା
ସେଇ ସର୍ବବ୍ୟାପି "ନୀରବତାର ସ୍ୱର"
ସେଇ ନୀରବତାର ସ୍ୱର ମୋତେ କହୁଥିଲା ,
"ମୂର୍ଖ, ମୋତେ ତୁମେ ଜାଣିପାରୁନା, ଆସ ମୋ ପାଖକୁ,
ମୁଁ ଶିଖେଇବି ତମକୁ ଜୀବନର ରହସ୍ୟ,
ଯାହାସବୁ ରାସ୍ତାକଡ଼ କାନ୍ଥରେ ଲେଖା ହେଇଛି,
ଦେଖିପାରୁନା ତମେ କାରଣ କର୍କଟ ପରି ଭେଦିଯାଇଛି ସବୁ ।
ରାତି ସାରା ଚାଲୁଥିଲି, ଭୋର ହେଇ ଆସୁଥିବା ଯାଏ
ତଥାପି ଅଭ୍ୟନ୍ତରରୁ ଅସୁଥିଲା ସେଇ "ନୀରବତାର ସ୍ୱର"

ଅବସରପ୍ରାପ୍ତ ପୂର୍ବତନ ଅଧ୍ୟକ୍ଷ
ସମ୍ବଲପୁର, ଓଡ଼ିଶା

http://www.appsgeyser.com/4368717



# ସତ୍ୟବାଦୀ ଯୁଗ ଓ ଜାତୀୟତାବୋଧ



ଅଧ୍ୟାପିକା ରଞ୍ଜିତା ପାତ୍ର

ଜାତୀୟତାବୋଧ ଆଲୋକରେ ସତ୍ୟବାଦୀ ଯୁଗ

ସମାଜ ଓ ସାହିତ୍ୟ, ଗୋଟିଏ ଅନ୍ୟଟିର ପ୍ରତିବିମ୍ବ ସଦୃଶ । ସମାଜରେ ଘଟି ଯାଉଥିବା ଘଟଣାବଳୀକୁ ସାହିତ୍ୟରେ ସ୍ଥାନ ମିଳେ । ଦର୍ଶାଇଦିଏ, ସମାଜର ଭବିଷ୍ୟତର ପରିଣତି । ପାଠକକୁ ଦୂରଦୃଷ୍ଟି ପ୍ରଦାନ କରେ । ଅସମ୍ଭବକୁ ସମ୍ଭବ କରିବାର ଦୃଢ଼ ସଂକଳ୍ପ ଦିଏ । ସମାଜର ବିଚାରବୋଧକୁ ପ୍ରଭାବିତ କରେ, ଏହି ସାହିତ୍ୟ । ସମାଜ ଓ ସମୟ ସହିତ ପାଦ ମିଶାଇ ଗତି କରି ଚାଲିଛି ଯୁଗରୁ ଯୁଗକୁ । ଏହି ସାହିତ୍ୟ ଆଦିମ ଯୁଗରୁ ଆଜିର ଅତ୍ୟାଧୁନିକ ଯୁଗରେ ପହଞ୍ଚିଛି । ଏହି ସମସ୍ତ ଯୁଗ ମଧ୍ୟରୁ ସତ୍ୟବାଦୀ ଯୁଗ (ଖ୍ରୀ: ୧୯୧୦ - ୧୯୨୫) ଥିଲା ଜାତୀୟତା ବୋଧର ବଳିଷ୍ଠ ସୂତ୍ରଧର ।

ସତ୍ୟବାଦୀ ଯୁଗର ସମୟ କାଳ ଥିଲା ଦେଶ ପରାଧିନତାର ସମୟ । ଦେଶ ପରାଧିନତା ଜନସାଧାରଣଙ୍କ ନିକଟରୁ କେବଳ ସ୍ୱାଧିନତା ଛଡ଼ାଇନଥିଲା, ବରଂ ଛଡ଼ାଇ ନେଇଥିଲେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାରକୁ । ତେଣୁ ଦେଶକୁ ମୁକ୍ତ କରିବାପାଇଁ ଜାତୀୟବୋଧ ସୃଷ୍ଟି କରିବା ସତ୍ୟବାଦୀ ଯୁଗର ମୂଳଲକ୍ଷ୍ୟ ହେଲା । ଜାତୀୟତାବୋଧ ମାଧ୍ୟମରେ ଦେଶବାସୀଙ୍କ ପ୍ରାଣରେ ଜାତିପ୍ରେମର ମଧୁର ଗୁଞ୍ଜରଣ ସୃଷ୍ଟି ହେଲା ।

ସତ୍ୟବାଦୀ ଯୁଗର ସାହିତ୍ୟିକମାନେ ଥିଲେ ଜାତୀୟତାବୋଧ ସୃଷ୍ଟି କରିବାରେ ସାରଥୀ । ଅଗ୍ରସାରଥୀ ଭାବରେ ମଧୁସୂଦନ

ଦାସଙ୍କ ସ୍ଥାନ ଅଗ୍ରଗଣ୍ୟ । ଗୋପବନ୍ଧୁ ଦାସ, ନିଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମହାପାତ୍ର, ଗୋଦାବରୀଶ ମହାପାତ୍ର ଆଦି ଅନେକ ଲେଖକ ସତ୍ୟବାଦୀ ଯୁଗର ମୂଳ ବୈଶିଷ୍ଟ୍ୟ ଜାତୀୟତାବୋଧକୁ ନିଜ ରଚିତ ସାହିତ୍ୟରେ ଅଗ୍ରାଧିକାର ଭିତ୍ତିରେ ସ୍ଥାନ ଦେଇଛନ୍ତି ।

ଦେଶ ପରାଧିନତାର ପରିପ୍ରେକ୍ଷୀରେ ସତ୍ୟବାଦୀ ଯୁଗର ଅବଦାନ ଅନସ୍ୱୀକାର୍ଯ୍ୟ । ଜାତୀୟ ଭାବଧାରାରେ ଜନସାଧାରଣକୁ ପ୍ଲାବିତ କରିବାର ଉଦ୍ଦେଶ୍ୟ ନେଇ ରଚିତ ହୋଇଛି ବହୁ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକ । ଏହି ସାହିତ୍ୟ ସୃଷ୍ଟି ମଧ୍ୟରେ ମାନବ ବନ୍ଦନା, ବିଶ୍ୱପ୍ରେମ, ଜାତିପ୍ରେମ, ଦେଶ ପ୍ରେମ ଆଦି ପ୍ରତିଫଳିତ ହୋଇଛି । ଜାତୀୟ ଜାଗରଣର ଆହ୍ୱାନ ସତ୍ୟବାଦୀ ଯୁଗର ସାହିତ୍ୟ ସୃଷ୍ଟି ମଧ୍ୟରେ ବାରିହୋଇପଡ଼େ । ଜାତୀୟତା ମନ୍ତ୍ରରେ ମହାମନ୍ତ୍ରୀତ ସାହିତ୍ୟ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିବାରେ ସକ୍ଷମ ହୋଇଥିଲା ।

ସତ୍ୟବାଦୀ ସାଧକ ଜାତୀୟତାବୋଧ ସୃଷ୍ଟି କରିବାର ପ୍ରତିଜ୍ଞା ନେଇ ସାହିତ୍ୟ ରଚନା ଆରମ୍ଭ କରିଥିଲେ । ଦେଶର ରାଜନୈତିକ ବାତାବରଣ ଜନସାଧାରଣଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ଇଂରେଜ ସରକାରଙ୍କ ଅନ୍ୟାୟ, ଅନୀତି, ଅତ୍ୟାଚାର ସୀମାଲଂଘନ କରିଥିଲା । ଫଳାରେ ରାଜନୈତିକ ବାତାବରଣ ଜନସାଧାରଣଙ୍କ ସାମାଜିକ ଜୀବନକୁ ଧ୍ୱଂସବିଧ୍ୱଂସ କରିଦେଇଥିଲେ । ଆବଶ୍ୟକ ଥିଲା ଜାତୀୟତାବୋଧର ମହାମନ୍ତ୍ର । ଦେଶବାସୀଙ୍କୁ ଇଂରେଜ ସରକାରଙ୍କ ବିରୋଧରେ ଦଣ୍ଡାୟମାନ କରିବାର ସର୍ବବୃହତ୍ତମ ଅସ୍ତ୍ର ।

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ ଏବଂ ଜାତୀୟତାବୋଧ ମୂଳକ ବିବୃତ୍ତି ମାଧ୍ୟମରେ କୁଳବୃଦ୍ଧ ମଧୁସୂଦନ ଦାସ ଜନସାଧାରଣଙ୍କୁ ଏକତ୍ରିତ କଲେ । ଦେଶ ଓ ଜାତିପ୍ରେମମୂଳକ ସାହିତ୍ୟ ସୃଷ୍ଟି କଲେ । କିଣିନେଲେ ଦେଶବାସୀଙ୍କ



http://www.appsgeyser.com/4368717

ମନକୁ । ମାନବ ସମାଜକୁ ଜାତିପ୍ରେମରେ ପ୍ରଜ୍ୱଳିତ ହେବାକୁ ଆହ୍ୱାନ ଦେଇ ସେ ଲେଖିଛନ୍ତି;

*"ଜାତି-ପ୍ରେମ-ବହ୍ନି ପ୍ରଜ୍ୱଳିତ କର୍*

*ସ୍ୱାର୍ଥକୁ ଦିଅ ଆହୁତି,*

*ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ*

*ଛାତିକୁ ମିଶାଇ ଛାତି ।"*

ଜାତିପ୍ରେମର ମର୍ମବାଣୀ ଶୁଣାଇଛନ୍ତି ତାଙ୍କ କବିତାରେ । ଯୁଗ ଯୁଗ ଧରି ସ୍ୱାର୍ଥନ୍ୱେଷୀ ମଣିଷ, ଜନସାଧାରଣଙ୍କୁ ଶୋଷଣ କରି ଚାଲିଛି । ନିଜର ପ୍ରତିପତି ଓ ପରାକାଷ୍ଠା ପ୍ରତିପାଦିତ କରିଛି । ସ୍ୱାର୍ଥନ୍ୱେଷୀ ମଣିଷ ସମାଜ ଶୋଷଣର କର୍ଣ୍ଣଧାର ରୂପେ ଉଭା ହୋଇଛି । "ଉତ୍କଳ ସନ୍ତାନ" କବିତାରେ କବି ଲେଖିଛନ୍ତି;

*"ଜାତିର ଉନ୍ନତି ସେ କାହୁଁ କରିବ*

*ସ୍ୱାର୍ଥେ ଯାର ବ୍ୟସ୍ତ ମନ,*

*ଶାଗୁଣା ବିଲୁଆ ଚିକିତ୍ସକ ହେଲେ*

*ଶବ କି ପାଇବ ପ୍ରାଣ ?"*

ପୁନଶ୍ଚ ଲେଖିଛନ୍ତି;

*"ଜାତି ନନ୍ଦିଘୋଷ ଚଳିବକି ଭାଇ*

*ସ୍ୱାର୍ଥକୁ ସାରଥୀ କଲେ,*

*ଟାଣେ କିରେ ଗାଡ଼ି ଦାନାର ତୋବଡ଼ା*

*ଘୋଡ଼ା ମୁହେଁ ବନ୍ଧା ଥିଲେ ।"*

ଅତୀତ ଇତିହାସରେ ଜାତି ଓ ଦେଶ ପ୍ରେମର ଧାରା ପ୍ରବାହିତ ହୋଇଛି । ଦେଶ ଓ ଜାତି ପ୍ରେମରେ ବଳିଦାନର ଉଦାହରଣ ଇତିହାସରେ କିଛି କମ ନାହିଁ । ଆଜି ବି ମଣିଷ ଶୋଷଣ, ଅତ୍ୟାଚାର ଓ ଲୁଣ୍ଠନାର ଶୀକାର ହେଉଥିଲେ ମଧ୍ୟ ପ୍ରାଣବଳି ଦେବାକୁ ପଛଘୁଞ୍ଚା ଦେଉଛି । ମଧୁସୂଦନ ଦାସ ଇତିହାସର ଗୌରବମୟ କଥାକୁ ମନେ ପକାଇ ଲେଖିଛନ୍ତି;

*"ପୁରୁବ ଗୌରବ ପୁରୁବ ମହିମା*
*ପଡୁନାହିଁ କି ରେ ତୋର ମନେ ?"*

X X X X X

*"ଜାତି ଇତିହାସ ଜାତିର ନିର୍ଝର*
*ତହୁଁ ବହେ ସଦା ଜାତି ପ୍ରାଣଧାର*
*ସେ ଧାରାରୁ ନୀର ପିଉଛି ଯେ ନର*
*ନିଶ୍ଚୟ ହେବ ସେ ଜାତି କର୍ମବୀର ।"*

ସେହି ଭାବଧାରାରେ ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଲେ;

*"କାପୁରୁଷ ପରି ମରିବା ଜଗତେ*
*ନୁହେଁ ନର ପଉରୁଷ*
*ପରହିତ ସାଧି ମରେ ଯେ ମହୀରେ*
*ସେହି ଏକା ସୁପୁରୁଷ ।"*

http://www.appsgeyser.com/4368717

"ଧର୍ମପଦ" କବିତାରେ ଗୋପବନ୍ଧୁ ଦାସ ଜାତିପ୍ରେମର ବଳିଷ୍ଠ ତଥା ହୃଦୟସ୍ପର୍ଶୀ ଉକ୍ତି ଲେଖିଛନ୍ତି । ଆଜି ମଧ୍ୟ ଆମକୁ ଜାତିପ୍ରେମ ବହ୍ନିରେ ପ୍ରଜ୍ୱଳିତ କରେ । କବିଙ୍କ କବିତାରେ;

*"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ*

*ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।*

X X X X

*ଗିରି ସାଗର, ନଦୀ, ତପନ, ଶଶୀ*

*ସର୍ବେ ଚୁମ୍ବିତେ ମୋତେ ପ୍ରେମ ପରଶି*

*ମୋ ପ୍ରାଣ ପ୍ରେମ ଧାରେ ଭାସିବ ଧାରା*

*ହେବ ଏ ବିଶ୍ୱ ମୋର ପ୍ରେମ ପସରା ।"*

ଦେହ, ଜାତି ଓ ବିଶ୍ୱ ପ୍ରେମର ଅଭାବ ଦେଶବାସୀଙ୍କ ଦୃଢ଼ ମନୋବଳକୁ ଭାଙ୍ଗି ଦେଇଥିଲା । କର୍ତ୍ତବ୍ୟ ଜ୍ଞାନର ଅବହେଳା ଦେଶ ବାସୀଙ୍କୁ ପଙ୍ଗୁ କରିଦେଇଥିଲା । ତେଣୁ ଆବଶ୍ୟକ ଥିଲା ଜାତୀୟତା ବୋଧର ମହାମନ୍ତ୍ରରେ ଏକତ୍ରିତ ହେବା । ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ପଦକ୍ଷେପ ଗ୍ରହଣ କରିବା । ମାତ୍ର ସ୍ୱାର୍ଥାନ୍ୱେଷୀ ପଦାଧିକାରୀ, ଇଂରେଜ ସରକାରଙ୍କ ନିକଟରେ ତୋଷାମଦ କରିବାରେ ବ୍ୟସ୍ତ ଥିଲା । ଦେଶବାସୀଙ୍କ ଏପରି ଅବସ୍ଥାକୁ ସମାଲୋଚନା କରିଛନ୍ତି ଉତ୍କଳଗୌରବ ମଧୁସୂଦନ ଦାସ । "ଉତ୍କଳ ସନ୍ତାନ" କବିତାରେ ଲେଖିଛନ୍ତି;

*"ତୁ ମନେ ଭାବିଛୁ ତୋଷାମଦ କରି*

http://www.appsgeyser.com/4368717

*ବଢ଼ାଇବୁ ଜାତିମାନ*

*ତୋଷାମୋଦିଆର        କୁକୁର ପ୍ରକୃତି*

*ଅଇଁଠା ପତରେ ଧ୍ୟାନ ।"*

ନିଜର ସ୍ୱାର୍ଥ ପାଇଁ ମଣିଷ ଅତ୍ୟନ୍ତ ନିମ୍ନ ସ୍ତରକୁ ଖସିଯିବାର ଉଦାହରଣ ରହିଛି । ସ୍ୱାର୍ଥନ୍ୱେଷୀ ମଣିଷ ନିଜ ସ୍ୱାର୍ଥ ପାଇଁ ଜନ ସାଧାରଣଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ ସତ୍ୟବାଦୀ ସାହିତ୍ୟିକମାନେ ଉଦ୍ୟମ କରିଛନ୍ତି । ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବାର ଉଦ୍ଦେଶ୍ୟନେଇ ଗୋପବନ୍ଧୁ ଦାସ ଲେଖିଛନ୍ତି;

*"ନିଜ ଅଧିକାର ବୁଝି ଛାଡ଼ି ଭୟ*

*ପାଇବେ ତୋ ପୁଏ ନ୍ୟାୟ ଯୁଦ୍ଧେ ଜୟ ।*

*ଘୁଞ୍ଚିବ ଉତ୍କଳ ଚିର ଅତ୍ୟାଚାର*

*ତୋ ଆଦର୍ଶ ହେଉ ଉତ୍କଳ ଅକ୍ଷୟ*

*ଜାଗୁ ପ୍ରଜାକୂଳ ତୁଟୁ ରାଜଭୟ ।"*

"ବନ୍ଦୀର ଆତ୍ମକଥା"ରେ ଗୋପବନ୍ଧୁ ଦାସ ମାନବ ଜାତିକୁ ଉଦାର ଆହ୍ୱାନ ଦେଇ ଲେଖିଲେ;

*"କାତରତା ସିନା କାପୁରୁଷ ପଣ*

*ବୀର ମାରେ ଅବା ମରେ କରି ରଣ ।*

*ପଛଘୁଞ୍ଚା ନାହିଁ ବୀରର ଜାତକେ*

http://www.appsgeyser.com/4368717

*ନମରେ ସେ କେବେ ପରାଣ ଆତଙ୍କେ ।”*

ସତ୍ୟବାଦୀ ଯୁଗର ଅନ୍ୟତମ ସାଧକ ଗୋଦାବରୀଶ ମିଶ୍ରଙ୍କ କାବ୍ୟକବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ ଓ ନାଟକରେ ଜାତୀୟ ଭାବଧାରା ପ୍ରବାହିତ ହୋଇଛି । ବିଶେଷ କରି ଉପନ୍ୟାସ ଓ ନାଟକରେ ଜାତୀୟତାବୋଧର ସଂଳାପ ଶୁଣାଇଛନ୍ତି । “ମୁକୁନ୍ଦଦେବ” ନାଟକରେ ଏକ ଉଦାହରଣ ନିଆଯାଇପାରେ ।

“ଓଡ଼ିଆ ଶତ୍ରୁନିକଟରେ ଭୀତ ନୁହେଁ କବାପି ବରଂ ଆମ୍ଭେମାନେ ବିଜିତ, ଲାଞ୍ଛିତ ସର୍ବସ୍ୱାନ୍ତ ହୋଇପାରୁ ତଥାପି ସଂକୀର୍ଣ୍ଣ ନୋହୁଁ, ଦୀନତାର ଆଶ୍ରୟ ଗ୍ରହଣ କରୁନାହୁଁ ।”

ଉପନ୍ୟାଶ “ଅଠରଶହ ସତର”ରେ ମଧ୍ୟ ଜାତି-ପ୍ରେମ-ବହ୍ନି ପ୍ରବାହିତ ହୋଇଛି । “ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ” ଆତ୍ମଜୀବନୀକୁ ପଢ଼ିଲେ ଜାଣିହୁଏ ତାଙ୍କର ଆଚରଣ ଓ ଉଚ୍ଚାରଣ କିପରି ଜାତିପ୍ରେମ ପାଇଁ ଉତ୍ସର୍ଗୀକୃତ ଥିଲା ।

ଗୋଦାବରୀଶ ମହାପାତ୍ରଙ୍କ ଉପନ୍ୟାସ ଓ କାବ୍ୟ ଯଥା, “ହେ ମୋର କଲମ”, “ଉଠ କଙ୍କାଳ”, “ରାଜଦ୍ରୋହୀ”, “ରକ୍ତପାତ”, “ବିଦ୍ରୋହୀ” ଆଦିରେ ଦେଶ ଓ ଜାତିପ୍ରେମର ଉଗ୍ରବହ୍ନି ପ୍ରଜ୍ୱଳିତ ହୋଇଛି ।

ସତ୍ୟବାଦୀ ଯୁଗର ଅନ୍ୟ ସାଧକ ମାନଙ୍କ ଲେଖନୀରେ ଜାତୀୟତା ବୋଧର ଭାବଧାରା ସମୃଦ୍ଧ ହୋଇଛି । ଲକ୍ଷ୍ମୀକାନ୍ତ ମହାପାତ୍ର, ବୀରକିଶୋର ଦାସ, ବାଞ୍ଛାନିଧି ମହାନ୍ତି ଆଦି ବହୁ ଜାତିପ୍ରେମୀ ଲେଖକଙ୍କର ସୃଷ୍ଟି ହୋଇଛି । ବାସ୍ତବରେ ସତ୍ୟବାଦୀ ଯୁଗଥିଲା ଜାତୀୟତାବୋଧ ସୃଷ୍ଟିର ମହାନ କର୍ଣ୍ଣଧାର ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାରିପଦା, ଓଡ଼ିଶା

http://www.appsgeyser.com/4368717

# ଉତ୍କଳୀୟ ମନ୍ଦିର କଳାସ୍ଥାପତ୍ୟ



ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

## ପୂଜାସ୍ଥଳର ଆବିର୍ଭାବ

ଏହା ବାସ୍ତବିକ ଗବେଷଣାର ବିଷୟ ଯେ ମନୁଷ୍ୟ କେବେ ଆଉ କେଉଁ ପରିସ୍ଥିତିରେ ଭଗବାନଙ୍କ ପୂଜାର୍ଚ୍ଚନା ପାଇଁ ମନୋନିବେଶ କରିଥିଲା । ଭଗବାନ ଯାହା ମନୁଷ୍ୟଙ୍କ ପାଇଁ ଏକ ଅଦୃଶ୍ୟ, ସର୍ବଶକ୍ତିମାନ ଏବଂ ସବୁଠାରେ ଉପସ୍ଥିତ ଥିବା ଭଳି ଅସ୍ତିତ୍ୱ ଧାରକ ଥିଲେ ସେ ମନ୍ଦିର ଭଳି ଏକ ସ୍ଥାନରେ କେବେ ଆବଦ୍ଧ ହେଲେ ।

ସମ୍ଭବତଃ ଏହା ମନୁଷ୍ୟ ଦ୍ୱାରା ପ୍ରକୃତିପୂଜାରୁ ହିଁ ଆରମ୍ଭ ହୋଇଥାଇପାରେ ବୋଲି ମୋର ମତ । ପ୍ରସ୍ତରଯୁଗରୁ ଆରମ୍ଭକରି ମନୁଷ୍ୟମାନେ ଗଛଲତା, ଜୀବଜନ୍ତୁ, ନଦନଦୀ, ଅଗ୍ନି, ବନଗିରି, ପର୍ବତ ଆଦିକୁ ପୂଜା କରିବାର ପ୍ରମାଣ ମିଳିଛି । ବୋଧହୁଏ ଏହି ସବୁ ପୂଜାପରେ ପରେ ଭଗବତ୍ ପୂଜାର ପ୍ରଚଳନ ହୋଇଥିବ ।

ଏକ ଗବେଷଣା ଅନୁଯାୟୀ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବେଳକୁ ମନୁଷ୍ୟମାନେ ଛାୟା ବା ଛୋଟ ଛୋଟ ଛାମୁଡ଼ିଆ ଆକାରର ଆସ୍ଥାନମାନ ନିର୍ମାଣ କରାଇ ମୂର୍ତ୍ତି ପୂଜାକୁ ଆରମ୍ଭ କରିଥିଲେ । ପ୍ରାକ୍ଐତିହାସିକ ସମୟରେ ମୌର୍ଯ୍ୟ - କୁଶାଣ ବଂଶର ଆଧିପତ୍ୟ ସମୟରେ ଦେବାଦେବୀଙ୍କୁ ଖୋଲା ସ୍ଥାନ କିମ୍ବା ବୃହତ୍ ବୃକ୍ଷ ଛାୟାରେ ସ୍ଥାପିତ କରାଇ ପୂଜା କରିବା ବିଧାନ ଆରମ୍ଭ ହୋଇଥିଲା । ଖ୍ରୀଷ୍ଟପୂର୍ବ ୪୦୦ ଶତାବ୍ଦୀ ବେଳକୁ ଏହା



http://www.appsgeyser.com/4368717

ଆରମ୍ଭ ହୋଇଥିଲା । ବୃକ୍ଷର ଛାୟା ଏବଂ ନଦୀ ଉପକୂଳମାନଙ୍କରେ ଏହି ପ୍ରକାରର ବ୍ୟବସ୍ଥା କରାଯାଇଥିଲା ।

ପୂଜା ସ୍ଥଳ ଏବଂ ପୂଜ୍ୟ ଦେବାଦେବୀଙ୍କ ଅସ୍ତିତ୍ୱର ପ୍ରଥାରୁ ହିଁ ଭଗବାନଙ୍କ ଆବାସ ବା ମନ୍ଦିରର ନିର୍ମାଣ ହୋଇଥାଇପାରେ । ଭାରତରେ ଏହି ବ୍ୟବସ୍ଥା ୭୦୦ ଖ୍ରୀଷ୍ଟପୂର୍ବ ବେଳକୁ ଉପସ୍ଥାପିତ ହୋଇଥିବା ଐତିହାସିକମାନେ ମତ ଦିଅନ୍ତି ।

ଭକ୍ତି ପ୍ରଥାରେ ଥିବା ଭକ୍ତ ଓ ଭଗବାନ ମଧ୍ୟରେ ଭଗବାନ ଜଣେ ଅତି ମହାନ ବା ଶକ୍ତିବାନ ଅସ୍ତିତ୍ୱ ହେବାର ଦୃଷ୍ଟାନ୍ତ ରହିଛି । ସେଇଥିପାଇଁ ମନ୍ଦିର ମାନଙ୍କରେ ଦୁଇଟି ଭିନ୍ନ ଭିନ୍ନ ଅଞ୍ଚଳର ସୃଷ୍ଟି କରାଯାଇଥିଲା । ଭଗବାନମାନଙ୍କ ପାଇଁ ଏକ ଆସ୍ଥାନ ବା ଗର୍ଭଗୃହ ଏବଂ ଏହାର ଠିକ୍ ସମ୍ମୁଖ ଭାଗରେ ଭକ୍ତଙ୍କ ପାଇଁ ଏକ ମଣ୍ଡପ । ଗର୍ଭଗୃହ ଏକ ଅତି ପବିତ୍ର ସ୍ଥଳ ବୋଲି ଧରିନିଆଯାଏ ଏବଂ ଏହା ସମସ୍ତ ପ୍ରକାର ପ୍ରଦୁଷଣରୁ ମୁକ୍ତ ଥାଏ । ଭାରତରେ ଅନେକ ମନ୍ଦିରର ଗର୍ଭଗୃହକୁ ସାଧାରଣ ଭକ୍ତଙ୍କ ପ୍ରବେଶ ନିଷେଧ ରହିଛି । ଏହି ପ୍ରକାରର ବ୍ୟବସ୍ଥା (ଗର୍ଭଗୃହ ଏବଂ ମଣ୍ଡପ) ପଞ୍ଚମ ଶତାବ୍ଦୀ ବେଳକୁ ଦେଖାଯାଇଥିଲା । ପରେ ପରେ ନାଟ୍ୟ ମଣ୍ଡପ ମଧ୍ୟ ଏହା ସହ ଯୋଡ଼ି ଦିଆଗଲା । ଏଠାରେ ଭକ୍ତମାନେ ଭଜନକୀର୍ତ୍ତନ ସମେତ ଭକ୍ତିରସରେ ନୃତ୍ୟ ପରିବେଷଣ କରିଥିବା ଉଦାହରଣ ମିଳେ । ସେଥିପାଇଁ ମନ୍ଦିର କେବଳ ଏକ ପ୍ରାର୍ଥନା ଗୃହ ହୋଇନଥିଲା, ଏହା ବସ୍ତୁତଃ ଭଗବାନଙ୍କ ଆସ୍ଥାନ ହୋଇଥିଲା ଯେଉଁଠି ଭକ୍ତମାନେ ସିଧା ସିଧା ଭଗବାନଙ୍କ ଦର୍ଶନ ପାଉଥିଲେ । ସେଇଥିପାଇଁ ଏହାର ଅନେକ ନାମକରଣ ମଧ୍ୟ ହୋଇଥିଲା ଯଥା; ପ୍ରାସାଦ, ଦେବପ୍ରାସାଦ, ବାଦି, କାଳିବାଦି, ଦେବାଳୟ, ଦେବଗୃହ ଇତ୍ୟାଦି ।




http://www.appsgeyser.com/4368717

କଳିଙ୍ଗ ମନ୍ଦିର ନିର୍ମାଣ ସ୍ଥାପତ୍ୟ ଅତି ପ୍ରାଚୀନ ବୋଲି କୁହାଯାଇପାରେ । ବର୍ତ୍ତମାନର ଅବିଭକ୍ତ ଗଞ୍ଜାମ ଜିଲ୍ଲା ଏବଂ ଉତ୍ତର ଶ୍ରୀକାକୁଲମ୍ ଜିଲ୍ଲାରେ ସ୍ଥିତ ଅନେକ ମନ୍ଦିରକୁ ନିରୀକ୍ଷଣ କଲେ ଏହି ତଥ୍ୟ ଜଣାପଡ଼େ । ଏହି ସବୁ ଅଞ୍ଚଳ ସମେତ ଓଡ଼ିଶାର ଅନେକ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଲୋକମାନେ ପର୍ବତ, ନଦୀ, ଉଇହୁଙ୍କା, ବୃକ୍ଷଲତାକୁ ପୂଜା କରୁଥିବା ଦେଖାଯାଏ । ନିକଟରେ ଉତ୍ତର ଆନ୍ଧ୍ରପ୍ରଦେଶର ପାଲାକୋଣ୍ଡା ନିକଟବର୍ତ୍ତୀ କାନିଦାରା ପର୍ବତକୁ ଗ୍ରାନାଇଟ୍ ଖନନ ପାଇଁ ସରକାର ଲିଜ୍ ଦେବାପରେ ସଂପୃକ୍ତ ଅଞ୍ଚଳରେ ଏକ ବିଶାଳ ଜନ ଆନ୍ଦୋଳନ ଦେଖାଦେଇଥିଲା ଏବଂ ଏହାପରେ ସରକାର ସଂପୃକ୍ତ ଅଞ୍ଚଳରେ ଖନନ ନିଷେଧାଦେଶ ଜାରୀ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ପର୍ବତ ସେହି ଅଞ୍ଚଳର ଅଧିବାସୀମାନଙ୍କ ଦ୍ୱାରା ଅନେକ ଶତାବ୍ଦୀରୁ ପୂଜିତ ହୋଇ ଆସୁଛି ।



ମହେନ୍ଦ୍ରଗିରିରେ ଥିବା ଭୀମ ମନ୍ଦିର ଉତ୍କଳୀୟ ମନ୍ଦିର ନିର୍ମାଣ ଶୈଳୀର ପ୍ରଥମ ରେଖା ଦେଉଳ ଭାବରେ ଜଣାଯାଏ । ମଧ୍ୟକଳିଙ୍ଗ (ଗଞ୍ଜାମ ଜିଲ୍ଲା ଏବଂ ଶ୍ରୀକାକୁଲମ୍ ଜିଲ୍ଲା)ରେ ଗଙ୍ଗବଂଶର ରାଜୁତି ସମୟରେ ଅନେକ ମନ୍ଦିର ଏହି ଶୈଳୀରେ ନିର୍ମାଣ






ହୋଇଥିଲା, ଯଥା ଆରସାବାଲୀର ସୂର୍ଯ୍ୟମନ୍ଦିର, ଶ୍ରୀକୂର୍ମମ ମନ୍ଦିର, ମୁଖଲିଙ୍ଗମ୍ ମନ୍ଦିର । ପରେ ଯେତେବେଳେ ସେମାନେ ନିଜ ରାଜ୍ୟର ରାଜଧାନୀ ମୁଖଲିଙ୍ଗମ୍ ଠାରୁ ବାରାଣସୀ କଟକକୁ ଘୁଞ୍ଚାଇଦେଇଥିଲେ ପୁରୀ, ଭୁବନେଶ୍ୱର ଅଞ୍ଚଳରେ ସେମାନେ ଅନେକ ମନ୍ଦିର ନିର୍ମାଣ କରାଇଥିଲେ । ତେଣୁ ଗଞ୍ଜାମ ଏବଂ ଶ୍ରୀକାକୁଲମ୍ ଅଞ୍ଚଳରେ ଥିବା ମନ୍ଦିର ସବୁ ପ୍ରାକ୍ ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ କଳାର ଉତ୍କୃଷ୍ଟ ଉଦାହରଣ ବୋଲି କୁହାଯାଇପାରେ ।


http://www.appsgeyser.com/4368717

## ଉତ୍କଳୀୟ ମନ୍ଦିର ନିର୍ମାଣ ଶୈଳୀ

ଭାରତୀୟ ଶିଳ୍ପଶାସ୍ତ୍ରମାନେ ମନ୍ଦିର ନିର୍ମାଣର ଚାରିଗୋଟି ଶୈଳୀକୁ ମାନ୍ୟତା ଦିଅନ୍ତି ଯଥା, ନଗର, ଦ୍ରାବିଡ଼, ବେଶର ଏବଂ କଳିଙ୍ଗ ।





କଳିଙ୍ଗର ମନ୍ଦିର ନିର୍ମାଣ ଶୈଳୀକୁ ରେଖା ମନ୍ଦିର ବୋଲି ମଧ୍ୟ କୁହାଯାଏ । ଭୁବନ ପ୍ରଦୀପ, ଶିଳ୍ପ ପ୍ରକାଶ, ଶିଳ୍ପ ରତ୍ନକେଶ ଆଦିରେ କଳିଙ୍ଗ ଶୈଳୀର ନିର୍ମାଣ କଳା ବିଷୟରେ ବିଶେଷ ବର୍ଣ୍ଣନା ରହିଛି । ଏହି ମାନଙ୍କ ମତରେ ଉତ୍କଳୀୟ




http://www.appsgeyser.com/4368717

ମନ୍ଦିର ନିର୍ମାଣ ଶୈଳୀ ପୁଣି ତିନି ପ୍ରକାରରେ ବିଭକ୍ତ ଯଥା ରେଖା ଦେଉଳ, ପିଢ଼ା ଦେଉଳ ଏବଂ ଖାକରାଦେଉଳ ।




ରେଖା ଦେଉଳରେ ଗୋଟିଏ ବକ୍ର ଗୃହ ଥାଏ । ପିଢ଼ା ଦେଉଳ ମନ୍ଦିର ସମ୍ମୁଖରେ ପିରାମିଡ୍ ସଦୃଶ ତୋରଣ ଥାଏ । ଅତୀତରେ ମନ୍ଦିର ସମ୍ମୁଖ ଭାଗର ଛାତ ସମତଳ ରହୁଥିଲା । କିନ୍ତୁ ପିଢ଼ା ଦେଉଳ ଏବଂ ଜଗମୋହନରେ ପିରାମିଡ୍ ସଦୃଶ ନିର୍ମାଣ କରାଗଲା ।

ଗଙ୍ଗବଂଶର ରାଜୁତି ସମୟରେ ଆବଶ୍ୟକତାକୁ ଧ୍ୟାନରେ ରଖି ମନ୍ଦିରରେ ଦୁଇଟି ନିର୍ମାଣ କରାଗଲା, ଯଥା ନାଟ୍ୟମଣ୍ଡପ ଏବଂ ଭୋଗ ମଣ୍ଡପ । ଅତୀତର ମନ୍ଦିର ଗୁଡ଼ିକ ନିଜର ଆଶ୍ଚର୍ଯ୍ୟଜନକ ସ୍ଥାପତ୍ୟଶୈଳୀ ଏବଂ



http://www.appsgeyser.com/4368717

ଉଚ୍ଚତାପାଇଁ ପ୍ରସିଦ୍ଧ । ମନ୍ଦିରର ଭିତର ଭାଗର ତଳ ବା ଚଟାଣ କିନ୍ତୁ ଚତୁର୍କୋଣୀୟ ହୋଇଥାଏ ।

ତଳୁ ଉପର ଯାଏଁ ମନ୍ଦିରର ସମୁଦାୟ ଉଚ୍ଚତାକୁ ତିନିଭାବରେ ବିଭକ୍ତ କରାଯାଇପାରେ, ଯଥା ବଡ଼, ଗଣ୍ଡି ଏବଂ ମସ୍ତକ । ମନୁଷ୍ୟ ଶରୀରର ଭିନ୍ନ ଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପରି ମନ୍ଦିରର ମଧ୍ୟ ଭିନ୍ନ ଭିନ୍ନ ନାମକରଣ କରାଯାଏ । ମନ୍ଦିରର ପୁର୍ଣ୍ଣାଦିରେ ଠିଆ ହୋଇଥିବା ଜଣେ ମନୁଷ୍ୟର ଶରୀରର ଭିନ୍ନ ଭିନ୍ନ ଭାଗକୁ ନେଇ ମନ୍ଦିରର ନିର୍ମାଣ ମଧ୍ୟ ହୋଇଥାଏ ।

ଗଣ୍ଡି ଭାଗ ସିଧା ବା ବଙ୍କା ହୋଇଥାଏ ଏବଂ ଏହି ସ୍ଥାନରେ ବେଶୀ ସ୍ଥାପତ୍ୟକଳା ଦେଖିବାକୁ ମିଳେନାହିଁ । ସମ୍ପୁର୍ଣ୍ଣ ଭାବରେ ନିର୍ମିତ ମନ୍ଦିରରେ ଅଳଙ୍କାରୀକ ଭୂମି, ଚଇତି, ଅଙ୍ଗଶିଖର ଆଦି ଥାଏ । ଜଗମୋହନ ପିରାମିଡ୍ ସଦୃଶ ହୋଇଥାଏ । ଏହାର ଶୀର୍ଷରେ ଥିବା ମସ୍ତକର ନିମ୍ନ ଭାବରେ ଥାଏ ବେକି, ଅମଳକ, କଳସ ଏବଂ ଆୟୁଧ (ଅସ୍ତ୍ର) । ପୀଢ଼ା ଦେଉଳରେ ମଧ୍ୟ ଏହା ସବୁ ଥାଏ କିନ୍ତୁ ଏହାର ମସ୍ତକରେ ଘଣ୍ଟା ଲାଗିଥାଏ । ରେଖା ଦେଉଳ ଏବଂ ପୀଢ଼ା ଦେଉଳର ଗଣ୍ଡିର ସମତଳ ଭାଗକୁ ଦେଖିଲେ ଚତୁର୍କୋଣୀୟ ଆକାର ଦେଖାଯାଏ । ଏବଂ ମସ୍ତକ ଗୋଲାକାର ଦେଖାଯାଏ । ମନ୍ଦିରର ବାହ୍ୟପାର୍ଶ୍ୱରେ ଦେଖାଯାଉଥିବା ଅନ୍ୟ ସବୁ କଳାସ୍ଥାପତ୍ୟରେ ରହିଛି ମାନବୀୟ ମୂର୍ତ୍ତି, ସଂଭୋଗର ମୂର୍ତ୍ତି, ଧାର୍ମିକ ଦେବୀଦେବତା, ପଶୁପକ୍ଷୀ ଏବଂ ଅଳଙ୍କାରିକ ମୁଦ୍ରଣ ।

## ମନ୍ଦିର ନିର୍ମାଣ ଯୋଜନା

କଳିଙ୍ଗରେ ମନ୍ଦିର ନିର୍ମାଣ ପାଇଁ ଏହିପ୍ରକାରର ଯୋଜନା କରାଯାଉଥିଲା । ଗୋଟିଏ ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ହେଉଥିଲା;

*୧. ମନ୍ଦିର ନିର୍ମାଣପାଇଁ ବ୍ୟକ୍ତି ଚୟନ*

*୨. ମନ୍ଦିର ନିର୍ମାଣରେ ବ୍ୟବହୃତ ପ୍ରସ୍ତର ଓ ଅନ୍ୟାନ୍ୟ ସାମଗ୍ରୀର ଚୟନ*

*୩. ମନ୍ଦିର ନିର୍ମାଣ ସ୍ଥଳ ଚୟନ*

*୪. ନାଗ ବାନ୍ଧେଣୀ*

*୫. ମନ୍ଦିରର ଏକ ସୂକ୍ଷ୍ମ ନିର୍ମାଣ (ମଡେଲ୍)*

ମନୁସ୍ମୃତିରେ ଉଲ୍ଲେଖ ରହିଛି ମନ୍ଦିର ନିର୍ମାଣରେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ଓ ପଦପଦବୀ ।

୧. ***କର୍ତ୍ତା*** : ମନ୍ଦିର ନିର୍ମାଣର ମୁଖ୍ୟ ପୁରୋଧା । ଅତୀତରେ ଏହା ରାଜାଙ୍କ ଦ୍ୱାରା ହିଁ ହେଉଥିଲା ।

୨. ***ସୁତ୍ରଗ୍ରୋହାଣୀ*** : ମନ୍ଦିରର ମୁଖ୍ୟ ଯନ୍ତ୍ରୀ ଯେ ମନ୍ଦିରର ପ୍ରାଥମିକ ଆଲୋଚନାଠାରୁ ଆରମ୍ଭ କରି ମନ୍ଦିର ନିର୍ମାଣ ଯାଏଁ ରହନ୍ତି ।

୩. ***ମୁଖ୍ୟ ସ୍ଥପତି*** : ଶିଳ୍ପଶାସ୍ତ୍ରର ଜ୍ଞାନରେ ସମୃଦ୍ଧ, ବାସ୍ତୁ ଶାସ୍ତ୍ର, ଧର୍ମଶାସ୍ତ୍ର, ଅଗ୍ନିପୁରାଣ ଏବଂ ଗଣିତରେ ପାରଙ୍ଗମ ବ୍ୟକ୍ତି ।

୪. ***ବର୍ଦ୍ଧଣିକ***- ସାଧାରଣ ଶିଳ୍ପୀ ଏବଂ ମୂର୍ତ୍ତିକାର ।

୫. ***ତକ୍ଷକ*** - ଶିଳ୍ପୀ ଯିଏ ନିହଣ ଦ୍ୱାରା ପ୍ରସ୍ତରରେ ମଧ୍ୟ ପ୍ରାଣ ଭରିଦିଅନ୍ତି । ସାଧାରଣତଃ ସେ ମୁଖ୍ୟ ମୂର୍ତ୍ତିକାର ।

### *ସାମଗ୍ରୀ ଚୟନ :*

ମନ୍ଦିର ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀରେ କିଛି ଅତି ବିଶିଷ୍ଟ ପ୍ରକାରର ଶିଳାର ବ୍ୟବହାର ହୁଏ, ଯାହା ମନ୍ଦିର ପାଇଁ ଶୁଭ ବୋଲି କୁହାଯାଏ । ମନ୍ଦିର ପାଇଁ ଆବଶ୍ୟକ ସାତ ପ୍ରକାରର ଶିଳାର ବର୍ଣ୍ଣନା ଶିଳ୍ପଚନ୍ଦ୍ରିକା ନାମକ ପୁସ୍ତକରେ ଉଲ୍ଲେଖ ରହିଛି ଏବଂ ପ୍ରତ୍ୟେକ ପ୍ରକାର ଶିଳାର ବିଶେଷତ୍ୱ ଏବଂ ବ୍ୟବହାର ବିଷୟରେ ଉଲ୍ଲେଖ ରହିଛି । ଏହି ସବୁ ଶିଳାର ପ୍ରକାର ଏହିପରି;

*୧. ସାହାଣ*

*୨. ଚିତ୍ତସାହାଣ*

*୩. ବଡ଼ ସାହାଣ*

*୪. ଧୋବ ସାହାଣ*

http://www.appsgeyser.com/4368717

*୫. ରସ ଛିଦ୍ର*

*୬. ନୀଳ କୁଶାଣ*

ବେଳେ ବେଳେ ଇଟାର ବ୍ୟବହାର ମଧ୍ୟ ହୁଏ, କିନ୍ତୁ ସାଧାରଣତଃ ମନ୍ଦିର ନିର୍ମାଣରେ କେବଳ ଶିଳାର ବ୍ୟବହାର ହିଁ ହୋଇଥିବା ଦେଖାଯାଏ ।

## ମନ୍ଦିରସ୍ଥଳ ଚୟନ

ମନ୍ଦିର ନିର୍ମାଣ ପୂର୍ବରୁ ସ୍ଥାନ ଚୟନ କରାଯାଏ ଏବଂ ଏଥିପାଇଁ ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼େ । ଭୂମିର ପ୍ରକାର, ସ୍ଥାନର ଆକାର ଓ କ୍ଷେତ୍ରଫଳ, ଜଳଉତ୍ସ, ଖୋଲା ସ୍ଥାନ, ପ୍ରତି ବିଶେଷ ଧ୍ୟାନ ଦିଆଯାଏ । ଭୂମିର ରଙ୍ଗ ଓ ଆକାରକୁ ଦେଖି ଏହାକୁ ଅତି ଉତ୍ତମ, ଉତ୍ତମ, ଅଳ୍ପ ଉତ୍ତମ ଏବଂ ଅନୁର୍ନ୍ନତ ଆଦି ଶ୍ରେଣୀରେ ବିଭକ୍ତ କରାଯାଏ । ବାସ୍ତୁଶାସ୍ତ୍ର ଆଧାରରେ ଚତୁର୍କୋଣୀୟ କିମ୍ବା ଗୋଲାକାର ଜମି ହିଁ ଗ୍ରହଣ କରାଯାଏ ।



### ନାଗ ବାନ୍ଧେଣୀ :

ଶିଳ୍ପଶାସ୍ତ୍ର ଅନୁସାରେ ଏହାର ବ୍ୟବହାର କରାଯାଇ, ମନ୍ଦିର ନିର୍ମାଣ ସମୟ, ମନ୍ଦିର ନିର୍ମାଣ ପାଇଁ ଦିଗ ନିର୍ଣ୍ଣୟ ଆଦି ସ୍ଥିର କରାଯାଏ । ଆଧୁନିକ ସମୟରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ସମୟରେ ହେଉଥିବା ସମସ୍ତ ପ୍ରକାର ପରୀକ୍ଷଣ ଏହା ଦ୍ୱାରା ମନ୍ଦିରପାଇଁ କରାଯାଏ । ଏହା ଅତି ପୁରାତନ ବିଜ୍ଞାନର ଅଂଶ ଯାହାଦ୍ୱାରା ମନ୍ଦିର ନିର୍ମାଣ ଏବଂ ପରବର୍ତ୍ତି ସମୟରେ ମନ୍ଦିର ପ୍ରତି କୌଣସି ପ୍ରକାର ବିପଦ ନଥିବା ସୁନିଶ୍ଚିତ କରାଯାଇଥାଏ ।

### କ୍ଷୁଦ୍ର ମୋଡେଲ୍ :

ମନ୍ଦିର ନିର୍ମାଣ ପାଇଁ ମୁଖ୍ୟ ସ୍ଥାପତି ବା ମୁଖ୍ୟ ଯନ୍ତ୍ରୀ ମନ୍ଦିରର ଏକ କ୍ଷୁଦ୍ର ମଡେଲ୍ ନିର୍ମାଣ କରି କର୍ତ୍ତାଙ୍କ ଦ୍ୱାରା ଅନୁମୋଦିତ କରିଥାନ୍ତି । ଅନୁମୋଦନ ପାଇବା ପରେ ହିଁ ଏହି ମନ୍ଦିରର ନିର୍ମାଣ ହୁଏ ।

### ମନ୍ଦିରର ପୂର୍ଣ୍ଣାଦି :

ନାଗବେନ୍ଧେଣୀ ପରେ ମନ୍ଦିରର ଆବଶ୍ୟକତା ଅନୁସାରେ ଏକ ଚତୁର୍କୋଣୀୟ ବା ବର୍ଗାକାର କ୍ଷେତ୍ରର ଖନନ କରାଯାଏ । ମନ୍ଦିରର ଉଚ୍ଚତାର ଅନ୍ୟୂନ ଏକତୃତୀୟାଂଶ ଗଭୀର ଗର୍ତ୍ତ ଖୋଳାଯାଇ ମନ୍ଦିର ପାଇଁ ଆଧାର ପକାଯାଏ ।

ମନ୍ଦିରର ଚଉଡ଼ାଠାରୁ ଅଧିକ ଚଉଡ଼ା ଖାଲ ଖୋଳାଯାଇ ଆଧାରଶିଳା ପକାଯାଏ । ଏହି ଖନନ ସ୍ଥଳର ସବୁଠାରୁ ତଳେ କଠିକ ପଥରଖଣ୍ଡ ଦେଇ ଆଧାର ନିର୍ମାଣ କରାଯାଏ । ଏହାପରେ ଚାରିପାଖରେ ପଥରରେ କାନ୍ଥ ନିର୍ମାଣ କରାଯାଏ । ଏବଂ ମଧ୍ୟଭାଗକୁ ମାଟିରେ ଭର୍ତ୍ତି କରିଦିଆଯାଏ ।


ଠିକ୍ ମନ୍ଦିର ନିର୍ମାଣ ହେବା ସ୍ଥଳରେ ଅଷ୍ଟଦଳ ପଦ୍ମଚକଡ଼ା ନିର୍ମାଣ କରାଯାଏ । ଏହା ବର୍ଗାକାର ବା ଚତୁର୍କୋଣୀୟ ଆକାର ହୋଇଥାଏ । ମଧ୍ୟରେ ଏକ ବୃହତ୍ ଶୀଳାଖଣ୍ଡ ରଖାଯାଏ ଏବଂ ଏହାର ଚର୍ତୁର୍ପାର୍ଶ୍ୱରେ ଆଠଗୋଟି

ଶିଳାଖଣ୍ଡ ରଖାଯାଏ । ଏହି ସବୁ ଶିଳାଖଣ୍ଡ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ଉତ୍ତର-ପୂର୍ବ, ଦକ୍ଷିଣ-ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ -ପଶ୍ଚିମ ଦିଗରେ ରହେ । ଏହି ଅଷ୍ଟଦଳର ଠିକ୍ ମଧ୍ୟରେ ଏକ ନବେ ଡିଗ୍ରୀକୋଣରେ ମନ୍ଦିରର ଗର୍ଭଗୃହ ନିର୍ମାଣ ପାଇଁ ରହେ ।

ଏହାପରେ ସମୁଦାୟ ଖନନ ସ୍ଥଳକୁ ପଥର ଦ୍ୱାରା ଭର୍ତ୍ତି କରାଯାଇ ସେ ସବୁକୁ ଯଥା ସମ୍ଭବ ତଳକୁ ଦବାଇ ଦିଆଯାଏ, ଅତୀତରେ ଏହା ହାତୀମାନଙ୍କ ଦ୍ୱାରା କରାଯାଉଥିଲା ।

**ଭୂନକ୍ସା :**

ଅଷ୍ଟଦଳପଦ୍ମର କେନ୍ଦ୍ରରୁ ଉର୍ଦ୍ଧ୍ୱକୁ ଗର୍ଭଗୃହପାଇଁ ନିର୍ମାଣସ୍ଥଳର ସ୍ଥାପନ ପରେ, ସମ୍ପୂର୍ଣ୍ଣ ମନ୍ଦିରର ଏକ ନକ୍ସା ଆଧାର ଉପରେ ଅଙ୍କନ କରାଯାଇଥାଏ । ଏହି ନକ୍ସାର ଆଧାରରେ ମନ୍ଦିର ଅନ୍ୟ ସବୁ ଭାଗର ନିର୍ମାଣ କରାଯାଇଥାଏ । ଅତୀତରେ




ଜ୍ୟାମିତି ଓ ପରିମିତିର ବ୍ୟବହାର କେତେ ସୂକ୍ଷ୍ମଥିଲା ତାହା ଏହି ସବୁ ମନ୍ଦିର ନିର୍ମାଣ ଶୈଳୀରୁ ଜାଣିହୁଏ । ମୁଖ୍ୟ ସ୍ଥପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମାପନ କରାଯାଇଥାଏ । ଏଥିରେ ବିଶେଷ ଧ୍ୟାନ ରଖାଯାଏ ଯେମିତି ମନ୍ଦିର ଉପରେ କୌଣସି ପ୍ରକାର ଦୈବୀଦୁର୍ବିପାକର ପ୍ରଭାବ ନ ପଡ଼େ । ଅତ୍ୟାଧୁନିକ ଉପକରଣର ବ୍ୟବହାର ନ କରାଯାଇ ସୁଦ୍ଧା ଏତେ ବିଶାଳ ମନ୍ଦିର ସବୁ ନିର୍ମାଣ କରାଯିବା ତତ୍କାଳୀନ ସମୟର ସାଧାରଣ ଅଥଚ ଅତି ବୈଚିତ୍ରମୟ ମନ୍ଦିର ନିର୍ମାଣଶୈଳୀକୁ ଦର୍ଶାଏ ।

http://www.appsgeyser.com/4368717

ବିଶିଷ୍ଟ ଐତିହାସିକ ଡା ଏସ୍ ଏନ୍ ରାଜଗୁରୁଙ୍କ ମତରେ ମହେନ୍ଦ୍ରଗିରିରେ ଥିବା ଭୀମମନ୍ଦିର ଅତି ପ୍ରାଚୀନତମ ଉଦାହରଣ, କଳିଙ୍ଗ ଶୈଳୀର ରେଖା ଦେଉଳ ନିର୍ମାଣର । ସେହି ମନ୍ଦିରର ପାର୍ଶ୍ୱରେ କୌଣସି ପ୍ରକାରର ସ୍ଥାପତ୍ୟ ସ୍ଥାନ ପାଇନଥିବା ହେତୁ ଏହା ହୁଏତ ଆଧୁନିକ ମନ୍ଦିର ନିର୍ମାଣ ଶୈଳୀର ପ୍ରାକ୍ ଅବସ୍ଥା ହୋଇଥାଇପାରେ ବୋଲି ସେ ମତ ଦିଅନ୍ତି । ଅନ୍ୟଜଣେ ବିଶିଷ୍ଟ ଗବେଷକ ଶ୍ରୀ ବି କେ ରଥଙ୍କ ଅନୁସାରେ ଏହା ଏକ ଅସଂପୂର୍ଣ୍ଣ ଶୀଖର ଦେଉଳ । ତାଙ୍କ ମତରେ ମହେନ୍ଦ୍ରଗିରିରେ ଥିବା କୁନ୍ତୀ ମନ୍ଦିର ନବମ କିମ୍ବା ଦଶମ ଶତାବ୍ଦୀର ହୋଇଥିବ । କିନ୍ତୁ ହରେକୃଷ୍ଣ ମହତାବ ଏବଂ କେ ସି ପାଣିଗ୍ରାହୀଙ୍କ ମତରେ ଏହା ପଞ୍ଚମ ଶତାବ୍ଦୀର ମନ୍ଦିର ବୋଲି କୁହାଯାଇଛି । କିଛି ଐତିହାସିକ ଗବେଷକ ଏହାକୁ ପଞ୍ଚତନ୍ତ୍ର ଶୈଳୀର କଳିଙ୍ଗ ମନ୍ଦିର ବୋଲି ମଧ୍ୟ କହିଛନ୍ତି ।

ସେ ଯା ହେଉ, ଉତ୍କଳୀୟ ସ୍ଥାପତ୍ୟ କଳା ଓ ମନ୍ଦିର ନିର୍ମାଣ ଶୈଳୀର ବିକାଶ ଯେ ମଧ୍ୟକଳିଙ୍ଗ ଏବଂ ମହେନ୍ଦ୍ରଗିରି ଅଞ୍ଚଳରୁ ହୋଇଥିଲା ଏଥିରେ ସନ୍ଦେହ ନାହିଁ । ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଗଣିତ ମନ୍ଦିର ନିର୍ମାଣ ହୋଇଥିଲେ ମଧ୍ୟ ଏହି ସବୁ ମନ୍ଦିରର ସ୍ଥାପନାର ଅନେକ ଶତାବ୍ଦୀ ପୂର୍ବରୁ ତତ୍କାଳୀନ ସ୍ଥପତିକାର ମାନେ ମହେନ୍ଦ୍ରଗିରି ଅଞ୍ଚଳରେ ମନ୍ଦିର ନିର୍ମାଣ ପାଇଁ ଗବେଷଣା ଚଳାଇଥିଲେ ବୋଲି ମୋର ମତ ।

ଗବେଷଣା: ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ଭାଷାନ୍ତରଣ ଏବଂ ଉପସ୍ଥାପନା : ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

http://www.appsgeyser.com/4368717

# ପୁନର୍ମିଳନ



ଜ୍ୟୋତ୍ସ୍ନାରାଣୀ ପଣ୍ଡା

କଥାରେ ଅଛି,

"…..ଦାମ୍ପତ୍ୟ କଳହ ଚୈବ

ବହ୍ୱାଡ଼ମ୍ବରେ ଲଘୁକ୍ରିୟା"

ପରିବାରରେ ସ୍ୱାମୀ - ସ୍ତ୍ରୀଙ୍କ ମଧ୍ୟରେ ଏମିତି ଛୋଟ ମୋଟ କଳିଗୋଳ ହୁଏ, ମନ-ମନାନ୍ତର ହୁଏ । ଦୁହିଁଙ୍କ ଭିତରେ କିଛିଦିନ କଥାବାର୍ତ୍ତା ମଧ୍ୟ ବନ୍ଦ ରହେ । ପ୍ରାୟତଃ ଏହା ଚିରସ୍ଥାୟୀ ହୋଇ ରହେ ନାହିଁ । କିଛି ସମୟ ପରେ କିମ୍ବା କିଛି ଦିନପରେ ସେମାନେ ପୁଣି ମିଳିମିଶି ଚଳନ୍ତି । କିନ୍ତୁ ଆଜି ପ୍ରକାଶ ଆଉ ଜ୍ୟୋତିଙ୍କର କଳହ ଅତି ଉଗ୍ରରୂପ ଧାରଣ କରିଛି । କୌଣସି ଏକ ଘଟଣାରେ କଥାଟା ହାତାହାତି ପର୍ଯ୍ୟନ୍ତ ଗଲାଣି । ପ୍ରକାଶ ଉତକ୍ଷିପ୍ତ ହୋଇ ଜ୍ୟୋତି ଗାଲରେ ଏକ ଶକ୍ତ ଚାପୁଡ଼ା ଦେଇ ଧକାଏ ମାରିଲା । ଜ୍ୟୋତି ହାତ ଭରା ଦେଇ ତଳେ ପଡ଼ିଗଲା । ହାତ ପାଖରେ ଜୋତା ପଡ଼ିଥିଲା । ନିଜେ ସେହିଭଳି ତଳେ ପଡ଼ିଥିବା ଅବସ୍ଥାରେ ପଟେ ଜୋତା ପ୍ରକାଶ ମୁହଁକୁ ଲକ୍ଷ୍ୟ କରି ଫୋପାଡ଼ିଲା ଜ୍ୟୋତି । ପ୍ରକାଶ ଗୋଟିଏ ପଟକୁ ଝୁଂକିଗଲା । ଜୋତାଟି ତା'ର ମୁଣ୍ଡକୁ ଲାଗି କାନ ପାଖ ଦେଇ ବାହାରି ଗଲା । ଝଗଡ଼ାଟା ଏତିକିରେ ବନ୍ଦ ହୋଇଗଲା ସିନା, କିନ୍ତୁ କଥାଟା ବହୁତ ଆଗକୁ ଚାଲି ଯାଇଥିଲା । ପ୍ରକାଶର ସ୍ୱାଭିମାନରେ ଆଞ୍ଚ ଆସିଲା । ଗୋଟିଏ ସ୍ତ୍ରୀଲୋକ ହୋଇ ତା ଉପରକୁ ଜୋତା ଫୋପାଡ଼ିଲା ?

http://www.appsgeyser.com/4368717

ସେ ଯାହାହେଉ ସ୍ୱାମୀ - ସ୍ତ୍ରୀ ଭିତରର କଥା, ଆଜି ନ ହେଲେ କାଲି ସମାଧାନ ହୋଇଯାଇ ଥାଆନ୍ତା । କିନ୍ତୁ ପରିବାର ଲୋକ, ବନ୍ଧୁବାନ୍ଧବ ନିଆଁରେ ଘିଅ ଢାଳିବା କାମ କଲେ । ପ୍ରକାଶକୁ ଉସୁକାଇଲେ । ମାଇକିନିଆଟା ହୋଇ ସ୍ୱାମୀକୁ ଜୋତାରେ ବାଡ଼େଇବ ? ଅଲକ୍ଷଣୀ, ଡାହାଣୀ ଏମାନେ । ନା ଏମାନେ ପତିବ୍ରତା ନାରୀ ହୋଇ ପାରିବେ ନା ବିଶ୍ୱସ୍ତ ହୋଇ ପାରିବେ । ଏଭଳିଆ ନାଗୁଣିଙ୍କୁ ଘରେ ରଖି ଲାଭ କ'ଣ ? ନିଜ ନିଆଁ ବୋଲି ଅଣ୍ଟିରେ ପୁରେଇ ରଖିଲେ ଯାହା ଅବସ୍ଥା ସେଇ ଭଳିଆ ହେବ ।

କନ୍ୟାପକ୍ଷର ଲୋକମାନଙ୍କୁ ଡକାଗଲା । ନିଜନିଜ ଭିତରେ ଆପୋଷ ଆଲୋଚନା ହେଲା । ଉଭୟପକ୍ଷ ଅପର ପକ୍ଷକୁ ଦୋଷାରୋପ କଲେ । ଭଲି ବଲ ଖେଳିବା ଭଳି ଆରୋପ ପ୍ରତ୍ୟାରୋପ ଚାଲିଲା । କିନ୍ତୁ କିଛି ସମାଧାନର ପନ୍ଥା ମିଳିଲା ନାହିଁ । ପ୍ରକାଶ ଆଉ ଜ୍ୟୋତି ମଧ୍ୟ ଏକାଠି ହୋଇ ରହିବାକୁ ଚାହିଁଲେ ନାହିଁ । ଜ୍ୟୋତି ତାଙ୍କର ପାଞ୍ଚ ବର୍ଷର ଝିଅକୁ ସାଙ୍ଗରେ ଧରି ନିଜ ବାପ ଘରକୁ ଚାଲିଗଲା ।

ଇତି ମଧ୍ୟରେ ଦୁଇ ବର୍ଷ ବିତିଗଲା । ଦୁହେଁ ନିଜ ନିଜ ଜିଦ୍‌ରେ ଅଟଳ । ଜ୍ୟୋତି କେତେ ଦିନ ବା ବାପ ଘରେ ବସି ରହି ଖାଉଥିବ । ତା'ପରେ ପିଲାଟା ମଧ୍ୟ ବଢ଼ିଲାଣି । ତା'ର ତ ପୁଣି ଭବିଷ୍ୟତ ରହିଛି ? ନିଜର ଅନିଚ୍ଛା ସତ୍ତ୍ୱେ ବାପଘର ଲୋକଙ୍କ ବାଧ୍ୟବାଧକତାରେ ନିଜର ଭରଣପୋଷଣ ପାଇଁ ପ୍ରକାଶ ବିରୁଦ୍ଧରେ କୋର୍ଟରେ କେସ ଦାୟର କଲା ଜ୍ୟୋତି ।

ଫାମିଲି କୋର୍ଟରେ ମିଳାମିଶାର ସମାଧାନ ହୋଇ ପାରିଲା ନାହିଁ । ହାଇକୋର୍ଟରେ କେସ ଚାଲିଲା । କେସଟିର ଶୀଘ୍ର ସମାଧାନ ହେବା ପାଇଁ ଅବଶ୍ୟ ଦୁଇ ପକ୍ଷର ସହଯୋଗ ରହିଲା । ଓକିଲ ମାନଙ୍କ ମାଧ୍ୟମରେ ସହଜ ଡେଟ ପକାଇବାର ମଧ୍ୟ ବ୍ୟବସ୍ଥା କରାଇଲେ ।

http://www.appsgeyser.com/4368717

କୋର୍ଟରେ ମୋକଦ୍ଦମା ଦୁଇ ତିନିବର୍ଷ ଚାଲିଲା । ନିଜ ନିଜର ତାରିଖକୁ ପରିବାରଙ୍କ ସହ ତ ଆସୁଥିଲେ, ଯେଉଁଦିନ ଦୁଇଜଣଙ୍କର ତାରିଖ ପଡୁଥିଲା ଜଣେ ଆର ଜଣଙ୍କୁ ଦେଖି ରକ୍ତ ଚାଉଳ ଚୋବାଉଥିଲେ । ଦୁଇଜଣଙ୍କ ଭିତରେ ଜାଗି ଉଠୁଥିଲା ପ୍ରତିଶୋଧ ପରାୟଣତାର ଭାବନା । କେବଳ ସେହି ଦୁଇଜଣ ନୁହନ୍ତି, ସେମାନଙ୍କ ସହିତ ଆସୁଥିବା ପରିବାର ଲୋକମାନଙ୍କ ମଧ୍ୟରେ ମଧ୍ୟ ଦେଖାସେଖା କଥା ଚାଲୁଥିଲା ।

କେସ ଫାଇନାଲ ହେବାର କିଛିଦିନ ଆଗରୁ ସେମାନଙ୍କ ଭିତରେ କିଛିଟା ପରିବର୍ତ୍ତନ ଆସିଛି । ଯେତେବେଳେ ଉଭୟେ କୋର୍ଟକୁ ଆସୁଛନ୍ତି; ଦୁହେଁ ଦୁହିଁଙ୍କୁ ନ ଦେଖିଲା ପରି ଅଭିନୟ କରୁଛନ୍ତି, ମୁହଁ ବୁଲେଇ ଚାଲି ଯାଉଛନ୍ତି । କୋର୍ଟରେ ବୟାନ ଦେବାବେଳେ ନିଜନିଜର ଓକିଲ ଶିଖାଇଥିବା କଥାକୁ ମଧ୍ୟ ଠିକ୍ ଭାବରେ କହି ପାରୁ ନାହାନ୍ତି । କେତେଥର ସେମାନଙ୍କର ବକ୍ତବ୍ୟ ମଧ୍ୟ ବଦଳି ଯାଉଛି, ପୁଣି ନିଜକୁ ସମ୍ଭାଳି ନେଇ ନିଜର ବକ୍ତବ୍ୟ ରଖୁଛନ୍ତି ।

ଆଜି ଶେଷ ଶୁଣାଣି । ଆଗରୁ ଦୁଇଜଣଙ୍କ ସହିତ ଅଧିକ ସଂଖ୍ୟାରେ ନିଜ ନିଜର ଲୋକ ଆସୁଥିଲେ । ଆଜି କିନ୍ତୁ ବହୁତ କମ ସଂଖ୍ୟାରେ ଆସିଛନ୍ତି । ମାତା-ପିତା, ଓକିଲ ସମସ୍ତେ ଖୁସ । ଯାହାହେଉ ବହୁତ ଶୀଘ୍ର ଛାଡ଼ପତ୍ରର ସମାଧାନ ହୋଇଗଲା । ଦୀର୍ଘ ଛଅବର୍ଷ ଦାମ୍ପତ୍ୟ ଜୀବନ ବିତାଇବା ପରେ ମଧ୍ୟ ବିବାହବିଚ୍ଛେଦ ହୋଇ ହିଁ ଗଲା । ଏବେ ତ ଆହୁରି ପାଞ୍ଚ ବର୍ଷ ବିତିଗଲାଣି ।

ଆଜି ସଂଯୋଗବଶତଃ ଦୁଇ ପରିବାରର ଲୋକେ କୋର୍ଟ ଭିତରେ ଥିବା ଏକ ଟି ଷ୍ଟଲରେ ବସି ଚା', କଫି, ସର୍ବତ ପିଉଛନ୍ତି । ସବୁଠାରୁ ବଡ଼ ସଂଯୋଗ ହେଲା ପ୍ରକାଶ ଯେଉଁଠି ବସିଥିଲା ନିଜର ଅଜାଣତରେ ଜ୍ୟୋତି ମଧ୍ୟ ପାଖ ବେଞ୍ଚରେ ସାମ୍ନାସାମ୍ନି ହୋଇ ବସି ପଡ଼ିଲା । ହଠାତ୍ ଦୁହେଁ ଦୁହିଁଙ୍କୁ ଦେଖି ଚମକି

ପଡ଼ିଲେ । ଦୁହିଁଙ୍କ ହାତରେ ଦସ୍ତଖତ ଥିବା ଛାଡ଼ପତ୍ରର ଦଲିଲ । ଦୁଇଜଣଯାକ ଚୁପଚାପ, ଶାନ୍ତ, ନିର୍ବିକାର ।

କିଛି ସମୟର ନୀରବତା ପରେ ଜ୍ୟୋତି ଆରମ୍ଭ କଲା : କଂଗ୍ରାଚୁଲେସନ୍‌ସ ! ତୁମେ ଯାହା ଚାହୁଁଥିଲ, ତାହା ହୋଇଗଲା ।

ପ୍ରକାଶ : ତୁମକୁ ମଧ୍ୟ ବଧେଇ ଜଣାଉଛି । ତୁମେ ମଧ୍ୟ ଛାଡ଼ପତ୍ର ଦେଇ ଜିତ୍ ହାସଲ କଲ ।

ଜ୍ୟୋତି : ଛାଡ଼ପତ୍ର କ'ଣ ଜିତିବାର ପ୍ରତୀକ ?

ପ୍ରକାଶ : ତୁମେ କୁହ ?

କିଛି ସମୟ ଚୁପ ରହି ଜ୍ୟୋତି ପୁଣି ଆରମ୍ଭ କଲା : ତୁମେ ମୋତେ ଚରିତ୍ରହୀନା ବୋଲି କହିଥିଲ ନା ? ଭଲ ହେଲା ଜଣେ ଚରିତ୍ରହୀନା ସ୍ତ୍ରୀ ଠାରୁ ମୁକ୍ତି ମିଳିଲା ।

ପ୍ରକାଶ : ହଁ, ତାହା ତ ମୋର ଭୁଲ ଥିଲା । ଏ କଥା ମୋର କହିବାର ନଥିଲା । ସେଥିପାଇଁ ଏପର୍ଯ୍ୟନ୍ତ ମୁଁ ମାନସିକ ଅଶାନ୍ତି ଭୋଗୁଛି ।

ଜ୍ୟୋତି : ମୁଁ ପୁରୁଷମାନଙ୍କୁ ଭଲ ଭାବରେ ଜାଣିଛି । ସେମାନେ ଏହି ଅସ୍ତ୍ରରେ ସ୍ତ୍ରୀମାନଙ୍କୁ ଆକ୍ରମଣ କରି ତାଙ୍କର ମନ ଓ ଆତ୍ମାକୁ ଲହୁଲୁହାଣ କରିଦିଅନ୍ତି ।

ପ୍ରକାଶ : ପ୍ରକୃତରେ ତୁମେ ଜଣେ ପତିବ୍ରତା ନାରୀ । ତୁମକୁ ଏପରି ଅଶାଳୀନ ମନ୍ତବ୍ୟ ଦେବା ମୋର ଠିକ୍ ହୋଇ ନାହିଁ । ସେଥିପାଇଁ ମୁଁ ଅବଶୋଷ ପ୍ରକାଶ କରୁଛି । କିନ୍ତୁ ତୁମେ ତ ମୋତେ ଯୌତୁକ ଲୋଭୀ କୁକୁର ବୋଲି କହିଥିଲ ।

ଜ୍ୟୋତି : ପ୍ରଥମେ ତୁମେ କାହିଁକି ମୋତେ ଚରିତ୍ରହୀନା ବୋଲି କହିଲ ?

http://www.appsgeyser.com/4368717

ତୁମ କଥାରେ ରାଗିଯାଇ ମୁଁ ସେପରି କହିଦେଲି । ମୋର ମଧ୍ୟ ତାହା କହିବାର ନ ଥିଲା । ମୁଁ ତ ଆହୁରି କିଛି ଆରୋପ ଲଗାଇ ପାରିଥାନ୍ତି, କିନ୍ତୁ ମୁଁ....

ଏହି ସମୟରେ ଚା'ବାଲା ଦୁଇଜଣଙ୍କ ପାଇଁ ପ୍ଲାଷ୍ଟିକ କପରେ ଦୁଇକପ ଚା'ଥୋଇଦେଇ ଗଲା । ସମସ୍ତଙ୍କର ନଜର ଏ ଦୁଇଜଣଙ୍କ ଉପରେ । ଶେଷ ଦେଖାରେ ଯାହା କଥା ହେବା କଥା ହୋଇ ଯାଆନ୍ତୁ । ମନରେ ଆଉ କିଛି ଅବଶୋଷ ରହିବ ନାହିଁ । ସେଥିପାଇଁ କେହି ମଧ୍ୟ ସେମାନଙ୍କୁ ବାଧା ଦେଲେ ନାହିଁ । ପ୍ରକାଶ ନିଜର ଚା'କପଟା ଉଠାଇ ନେଇ କପରେ ମୁହଁ ଲଗାଇଲା । ପ୍ରକାଶକୁ ଅନାଇ ରହି ଜ୍ୟୋତି ମଧ୍ୟ ନିଜର ଚା'କପଟାକୁ ଉଠାଇଲା ଅନ୍ୟମନସ୍କ ହୋଇ । ଛୋଟ ଚା'କପଟା ଚହଲି ଯାଇ ଗରମ ଚା' ଟିକିଏ ପଡ଼ିଗଲା ତା' ହାତରେ । ପାଟିରୁ ସିଇ... ଶବ୍ଦ ବାହାରି ପଡ଼ିଲା । ଚା'କପଟାକୁ ତଳେ ଥୋଇଦେଇ ହାତକୁ ଛିଞ୍ଚାଡ଼ି ଦେଲା । ଜ୍ୟୋତିର ଏହି ଅବସ୍ଥା ଦେଖି ପ୍ରକାଶ କଣ୍ଠରୁ ଓଃ ଶବ୍ଦ ବାହାରି ଆସିଲା । ଜ୍ୟୋତିର ନଜର ପଡ଼ିଲା ପ୍ରକାଶର ପ୍ରତିକ୍ରିୟା ଉପରେ । ଜ୍ୟୋତିର ଚାହାଣୀରେ ପ୍ରକାଶକୁ ବଡ଼ ଅସହଜ ବୋଧ ହେଲା ।

ଘଟଣାରୁ ଧ୍ୟାନ ହଟାଇବା ପାଇଁ ପ୍ରକାଶ ଆରମ୍ଭ କଲା : ତୁମର ଯେଉଁ ଅଣ୍ଟା ବିନ୍ଧୁଥିଲା, ଏବେ କିପରି ଅଛି ?

ଜ୍ୟୋତି : ସେଇଭଳିଆ ମଝିରେ ମଝିରେ ବାହାରୁଛି । କେତେବେଳେ ଭୋଭେରାନ ତ ଆଉ କେତେବେଳେ କମ୍ବିଫ୍ଲେକ୍ସ ଖାଇ ଚଳେଇ ଦେଉଛି ।

ପ୍ରକାଶ : ତୁମେ ତ ଯୋଗ କି ଏକ୍ସରସାଇଜ କିଛି ବି କରୁ ନ ଥିବ ।

ହୁଁମ୍ ଯୋଗ - ଏକଥା କହି ଜ୍ୟୋତି ଫିକ କିନା ହସିଦେଲା । ସେ ପୁଣି ଆରମ୍ଭ କଲା : ତୁମର ଆଜମା କଣ୍ଡିସନ କିପରି ଅଛି ? ଆଉ ଆଟାକ ହୋଇ ନାହିଁ ତ ?

http://www.appsgeyser.com/4368717

ପ୍ରକାଶ :ଆଜମା ? ଡାକ୍ତର କହିଛନ୍ତି ମେଣ୍ଟାଲ ଷ୍ଟ୍ରେନ ଆଉ ଷ୍ଟ୍ରେସକୁ କମ୍ କରିବା ପାଇଁ ।

ଜ୍ୟୋତି : ଠିକ୍ ସମୟରେ ଇନହେଲାର ନେଉଛ ତ ?

ପ୍ରକାଶ : ହଁ, ନିୟମିତ ଭାବେ ନିଏ କିନ୍ତୁ ଆଜି ଆଣିବାକୁ ଭୁଲି ଯାଇଛି ।

ଜ୍ୟୋତି : ସେଥିପାଇଁ ତୁମର ଶ୍ୱାସ ଏପଟ ସେପଟ ହେଉଛି ।

ପ୍ରକାଶ : ହଁ କିଛି ଏଥିପାଇଁ ଆଉ କିଛି ...

ଜ୍ୟୋତି : ଆଉକିଛି ମାନସିକ ଚାପ ପାଇଁ ନା ?

ପ୍ରକାଶ : ହଁ । ତୁମକୁ କୋଡ଼ିଏ ଲକ୍ଷ ଟଙ୍କା ଦେବାକୁ ହେବ । ତା'ସହିତ ମାସକୁ ଦଶ ହଜାର ଟଙ୍କା ।

ଜ୍ୟୋତି : ହୁଁ । ତା'ହେଲେ ?

ପ୍ରକାଶ : ତୁମେ ତ ଜାଣିଛ ଭୁବନେଶ୍ୱରରେ ମଧ୍ୟ ଆମର ଗୋଟିଏ ଫ୍ଲାଟ ଅଛି । ସେଇଟାକୁ ତୁମ ନାଁ ରେ କରିଦେବି । ବର୍ତ୍ତମାନ ତୁମକୁ ଦେବାପାଇଁ କୋଡ଼ିଏ ଲକ୍ଷ ଟଙ୍କା ମୋ ପାଖରେ ନାହିଁ ।

ଜ୍ୟୋତି : ସେଇ ଫ୍ଲାଟର ଦାମ୍ ତ ବର୍ତ୍ତମାନ ପଚାଶ ଲକ୍ଷ ଟଙ୍କା ହେବ । ତୁମକୁ ତ ମୋତେ କୋଡ଼ିଏ ଲକ୍ଷ ଟଙ୍କା ଦେବାର ଅଛି ।

ପ୍ରକାଶ : ହଁ ଯେ... । ଆଗକୁ ଝିଅ ବଡ଼ ହେବ । ତା'ର ପାଠପଢ଼ା ଖର୍ଚ୍ଚ ପୁଣି ବିବାହ । ତା'ସହିତ ତୁମର ମେଡ଼ିକାଲ ଖର୍ଚ୍ଚ ।

ଜ୍ୟୋତି : ସେଥିପାଇଁ ତ ମୋତେ ତୁମେ ମାସକୁ ଦଶ ହଜାର ଟଙ୍କା ଦେବ ନା ?

ପ୍ରକାଶ : ହଁ ତାହା ତ ନିଶ୍ଚୟ ଦେବି ।

ଜ୍ୟୋତି : ଠିକ୍ ଅଛି । ଯଦି ତୁମ ନିକଟରେ ଏତେ ଟଙ୍କା ନାହିଁ, ତେବେ ମୋତେ ଦେବା ଦରକାର ନାହିଁ ।

ପ୍ରକାଶ ଚୁପଚାପ ଜ୍ୟୋତିର କଥାକୁହା ଭଙ୍ଗୀକୁ ଲକ୍ଷ୍ୟ କରୁ ଥିଲା । ତା'ଠାରେ ବିଲକୁଲ ପୂର୍ବପରି ସହୃଦୟତା ଭରି ରହିଥିଲା । ଏବେ ତା'ର କଥାବାର୍ତ୍ତା ସତେ କେତେ ସୁନ୍ଦର ଲାଗୁଛି ଯିଏ କି ଆଗରୁ ତା'ର ପତ୍ନୀ ଥିଲା । ଜ୍ୟୋତି ମଧ୍ୟ ପ୍ରକାଶକୁ କଣେଇ କଣେଇ ଚାହିଁ ତା'ର ପୁରୁଣା ସ୍ମୃତିକୁ ଉଜାଗର କରୁଥିଲା । ସତରେ କେତେ ସରଳ ସ୍ୱଭାବର ପ୍ରକାଶ । ଯିଏକି ଆଗରୁ ତା'ର ପତି ଥିଲା । ଥରକର ଘଟଣା । ହରିଦ୍ୱାରରେ ଯେତେବେଳେ ସେମାନେ ଗଙ୍ଗାସ୍ନାନ କରୁଥିଲେ, ଜଞ୍ଜିରରୁ ତା'ର ହାତ ବାହାରିଗଲା । ପାଗଳଙ୍କ ଭଳି ନିଜ ଜଞ୍ଜିର ଛାଡ଼ି ତା'କୁ ବଞ୍ଚାଇବା ପାଇଁ ପାଣି ଭିତରକୁ ଚାଲି ଆସିଲା ପ୍ରକାଶ । ଲାଟ ସାହେବଙ୍କୁ ପହଁରା ଜଣାନାହିଁ, ଆସିଲେ ମୋତେ ବଞ୍ଚାଇବା ପାଇଁ । ଯାହାହେଉ ଅନ୍ୟମାନଙ୍କର ସହଯୋଗରେ ଆମେ ଦୁଇଜଣଯାକ ବଂଚିଗଲୁ । ପ୍ରକାଶ ମୋତେ କେତେ ଭଲ ପାଉଥିଲେ । ସତରେ ସେ କେତେ ଭଲ । କିନ୍ତୁ ମୁଁ ହିଁ ଖରାପ ଥିଲି, ତାଙ୍କ ନିକଟରେ ଚଳି ପାରିଲି ନାହିଁ ।

ପ୍ରକାଶ ମଧ୍ୟ ମନେ ମନେ ବିଚାର କରୁଥିଲେ, ସତରେ ଜ୍ୟୋତି କେତେ ମୋର ଖିଆଲ ରଖୁଥିଲା । ମୋର କେତେ ଯତ୍ନ ନେଉଥିଲା । ଅଫିସ ଯିବା ପୂର୍ବରୁ ସବୁ ରେଡ଼ି । ସକାଳର ଜଳଖିଆ, ସାଙ୍ଗରେ ନେଇଯିବା ପାଇଁ ଲଞ୍ଚ । ସବୁଦିନ ସଫା ହୋଇଥିବା ସକ୍ସ । ପ୍ୟାଣ୍ଟ ସାର୍ଟ ଅତି ବେଶୀରେ ଦୁଇଦିନ । ଖରାଦିନେ ତ ସବୁଦିନ ଗୋଟିଏ ଗୋଟିଏ । ଅଫିସରୁ ଫେରିବା ପରେ ଚା' ଜଳଖିଆ । ଦେହ ଖରାପ ସମୟରେ ତ ରାତି ରାତି ସେହିଭଳି ଜଗି ବସିଥିବ । ଷ୍ଟିମ ନେବା ପାଇଁ ପାଣି ଗରମ କରି ଜଗରେ ରଖି ଦେଉଥିଲା । ମୋର ସବୁ କାମରେ ଅବହେଳା ଥିବାରୁ ସେ ନିଜେ ମେଡ଼ିସିନ ଷ୍ଟୋରରୁ ତା ପାଇଁ ଇନହେଲାର କିଣି ଆଣୁଥିଲା ।

ସେରେଟାଇଡ଼ ଇନହେଲାର ବହୁତ ମହଙ୍ଗା ଥିବାରୁ ମାସିକ ଖର୍ଚ୍ଚ କାଟ କରି ସେହି ବ୍ରାଣ୍ଡ ହିଁ ଆଣୁଥିଲା । ତା' ଭିତରେ ବହୁତ ସମବେଦନା ଥିଲା । ମୋ ଉପରେ ତା'ର ବହୁତ ନଜର । କିନ୍ତୁ ମୁଁ ପୁରୁଷପଣିଆର ଗର୍ବରେ ମତୁଆଲା ଥିଲି । ତା'ର ସୁଖ ଦୁଃଖ ପ୍ରତି ମୋର ଦୃଷ୍ଟି ନ ଥିଲା । ମୁଁ ଆଜି ଯେପରି ଅନୁଭବ କରି ପାରୁଛି, ଯଦି ପାଞ୍ଚ ବର୍ଷ ଆଗରୁ ସେପରି ଭାବି ପାରିଥା'ନ୍ତି ତେବେ ପରିବାର ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା ।

ଦୁଇଜଣ ଚୁପଚାପ । ଉଭୟେ ପରସ୍ପର ପରସ୍ପରଙ୍କ ଚିନ୍ତାରେ ମଗ୍ନ । ମଝିରେ ମଝିରେ ବିକଳ ଭାବରେ କେବଳ ଜଣେ ଅନ୍ୟ ଜଣକୁ ଚାହୁଁଥା'ନ୍ତି । ଭାବନାର ଗଭୀରତମ ପ୍ରଦେଶକୁ ଚାଲିଯାଇ ଧୀରେଧୀରେ ଦୁଇଜଣଙ୍କର ଆଖି ଭିଜିବାକୁ ଲାଗିଲା । କଣ୍ଠ ଅବରୁଦ୍ଧ ହେଲା । କୋହ ଭରା କଣ୍ଠରେ ପ୍ରକାଶ ଆରମ୍ଭ କଲା : ମୁଁ ତୁମକୁ କିଛି କହିବାକୁ ଚାହୁଁଛି ଜ୍ୟୋତି !

ଜ୍ୟୋତି : କୁହ

ପ୍ରକାଶ : ମୋତେ ବହୁତ ଡର ଲାଗୁଛି ।

ଜ୍ୟୋତି : ଏଥିରେ ଡରିବାର କିଛି ନାହିଁ । ଏହା ମଧ୍ୟ ହୋଇ ପାରେ ଯେ ତୁମେ ଯାହା କହିବା ପାଇଁ ଚାହୁଁଛ ତାହା ମୋର ମନର କଥା ବି ହୋଇ ପାରେ ।

ପ୍ରକାଶ : ତୁମେ ମୋର ବହୁତ ମନେ ପଡୁଛ ।

ଜ୍ୟୋତି : ତୁମେ ମଧ୍ୟ

ପ୍ରକାଶ : ମୁଁ ଏବେ ବି ତୁମକୁ ଭଲ ପାଏ ।

ଜ୍ୟୋତି : ମୁଁ ମଧ୍ୟ ତୁମକୁ ଭୁଲି ପାରି ନାହିଁ । ମୋ ମନ ଭିତରେ କେବଳ ତୁମେ ହିଁ ଅଛ ।

http://www.appsgeyser.com/4368717

ଦୁଇଜଣଙ୍କ ଆଖିରେ ଜକେଇଥିବା ଲୁହ ବନ୍ଧ ଭାଙ୍ଗି ଅଶ୍ରୁବନ୍ୟାର ରୂପନେଲା ।

ପ୍ରକାଶ : ଆମେ ଦୁଇଜଣ କ'ଣ ଜୀବନକୁ ଏକ ନୂଆ ରୂପ ଦେଇ ପାରିବା ନାହିଁ ?

ଜ୍ୟୋତି : କିଭଳି ରୂପ ?

ପ୍ରକାଶ : ଆମେ ପୁଣି ଥରେ ମିଳିମିଶି ଏକାଠି ରହିବା, ପତି-ପତ୍ନୀ ହୋଇ, ଏକ ଭଲ ସାଙ୍ଗ ହୋଇ ।

ଜ୍ୟୋତି : ଆଉ କୋର୍ଟର କେସ ? ଏ ପେପର ?

ପ୍ରକାଶ : ଚିରି ଦେବା

ପ୍ରକାଶ ନିଜ ହାତରେ ଧରିଥିବା ଛାଡ଼ପତ୍ରର କାଗଜ ଗୁଡିକୁ ଟିକଟିକ କରି ଚିରିଦେଲା । ପ୍ରକାଶକୁ ଦେଖି ଜ୍ୟୋତି ମଧ୍ୟ ସେଇଆ କଲା । ଦୁଇଜଣଯାକ ଉଠି ଠିଆ ହେଲେ । ଆଗର ଦୁଃଖର ଲୁହ ଆନନ୍ଦାଶ୍ରୁରେ ପରିବର୍ତ୍ତିତ ହୋଇଗଲା ।

ଦୁହିଁଙ୍କ ମୁହଁରେ ସ୍ମିତ ହାସ୍ୟ । ଦୁହେଁ ଦୁହିଁଙ୍କୁ ପ୍ରେମାଲିଙ୍ଗନରେ ଜାବୋଡ଼ି ଧରିଲେ । ପରିବାରର ଲୋକ ସମସ୍ତେ ଏମାନଙ୍କର ପୁନର୍ମିଳନ ଦୃଶ୍ୟକୁ ଉପଭୋଗ କରୁଥିଲେ । ସେମାନେ ଦୁହେଁ କାହାରିକୁ କିଛି ନ କହି ପ୍ରକାଶର କାର୍‌ରେ ବସି ନିଜ ଘରକୁ ଚାଲିଗଲେ ।

ଏହି ସବୁ ଘଟଣାକୁ ଦେଖି ଦୁଇ ପକ୍ଷର ଲୋକ କେବଳ ଅବାକ ହୋଇ ଚାହିଁ ରହିଥିଲେ । କ'ଣ ବା ଆଉ କରିପାରି ଥାଆନ୍ତେ ? ଘର ତ ତାଙ୍କ ଦୁଇ ଜଣଙ୍କର, କେବଳ ସ୍ୱାମୀ - ସ୍ତ୍ରୀଙ୍କର ।

ଓଡ଼ିଆ ଅନୁବାଦ/ଭାଷାନ୍ତର-: ଜ୍ୟୋସ୍ନା

ରାଉରକେଲା, ଓଡ଼ିଶା

# ରଥ ଉପରେ କାଳିଆ



ସୁବଳ ମହାପାତ୍ର

ରଥ ଉପରେ କାଳିଆ ତୁ,
ବସିକି ଦେଖୁଛୁ ଅଗଣିତ ନର, ନାରୀ, ପିଲା,
ବୁଢା, ଭେଣ୍ଡିଆ ଠୁ ଆରମ୍ଭ କରି କେତେ ଯେ ଅବଳା ଓ ଦୁର୍ବଳା,
କେବଳ ତୋ ଅପେକ୍ଷା ରେ,
କେତେ ଯେ ବିଶ୍ୱାସ ତାଙ୍କର ତୋ ଉପରେ,
ତୁ ତ ଜଗତର ନାଥ,
ବିଶ୍ୱ ବ୍ରହ୍ମାଣ୍ଡ ତୋ ହାତରେ,
ହର୍ତା କର୍ତା ଦଇବ ବିଧାତା ତୁ,
କିନ୍ତୁ କାହିଁ , କାହିଁ ତୁ ଶାସ୍ତି ତ ଦେଇ ପାରୁନୁ,
ସେଇ ପୂଜା ପଣ୍ଡା ମାନଙ୍କୁ,
ଯେଉଁମାନେ କରିଛନ୍ତି ନବକଳେବରେ ବିଭ୍ରାଟ,
କରୁଛନ୍ତି ଅକର୍ମ,
କରୁଛନ୍ତି ତୋ ଭକ୍ତମାନଙ୍କ ଉପରେ ଅତ୍ୟାଚାର,
ରଖାଉଛନ୍ତି ତୋତେ ଉପବାସ,
ଆଉ କରୁଛନ୍ତି ତୋ ନୀତି କ୍ରାନ୍ତି ରେ ବିଳମ୍ବ,
ମାତ୍ର କିଛିଟା ପଇସା ପାଇଁ ।

ବିଜନେସ ଟେକ୍ନିକାଲ ମ୍ୟାନେଜର (ସଫ୍ଟୱେର)
The Beast Apps (I) Pvt. Ltd.
ଗାନ୍ଧିନଗର, ଗୁଜରାଟ , ୩୮୨୦୦୯
ଦୂରଭାଷ - ୯୩୭୬୦୧୨୫୦୦
ଇମେଲ - subal.mohapatra@gmail.com

http://www.appsgeyser.com/4368717

# ହସର ଖୁସିର ଧାରେ



ଆଶୁତୋଷ ମେହେର

ଉସତ ମନେ କହେଲେ ପଦେ

ଲାଗସି ବଢିଆ କେତେ

ଉଠେଁ ଲାଗଲେ ହସର ଧାରେ

ଦିଶିସି ସୁନ୍ଦର ସତେ ।

ହସଲା ମୁହୁଁ ଦାଉ ଦାଉ ଯେ

ବାଟୁଁଥିସି କେତେ ହସ

ସଭେଁ ତାର ଯେ ସାଂଗ ସରସା

ହେଇ ଯାଏସନ ବସ ।

ଧାରଟେ ହସ ବାଣ୍ଟିବାଣ୍ଟି ଯେ

ବନମାଁ ସାଗର ପରେ,

ବିନା ପଏସା ବାଣ୍ଟମାଁ ଚାଲ

ହସର ଖୁସିର ଧାରେ ।।

୫୪ ଆର୍ଯ୍ୟପଲ୍ଲୀ
କିଟ ଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

http://www.appsgeyser.com/4368717

# ମିଠା କଥା ପଦେ



ଆଶୁତୋଷ ମେହେର

ରସଗୁଲା ରସେ ଜିଭ ସିନା ମିଠା
ମିଠା ଲାଗସି ଫଳ
କଥାପଦକର ମିଠାପନ ଆଗେ
ସଭେଁ ହେସନ ତଳ ।
ଜିଭର ମିଠା ଟା ଢୁକି ଦେଲା ଖଁଡି
ଯାଏସି ସରି ପରେ
ମଧୁର କଥାର ମିଠାପନଟା ସେ
କେଭେଁ ଯେ ନାଇଁ ସରେ ।
ମିଠା ମିଠା କଥା କହେଁମା ଯେ ସଭେଁ
ଦୁନିଆଁ ହେବା ମଧୁର
ଦୁନିଆଁ ଜିତମାଁ ମିଠା କଥା ପଦେ
କହି ପାରଲେ ଜରୁର ।

୫୪ ଆର୍ଯ୍ୟପଲ୍ଲୀ
କିଟ ଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

http://www.appsgeyser.com/4368717

# ତୁମ ପାଇଁ ପଦେ



ସୁଶ୍ରୀ ସାବିତ୍ରୀ ସ୍ୱାଇଁ

ଦିନେ ଲିଭିଯିବ ଏ ଜୀବନ ଦୀପ
ସରିବନି ମୋ ସ୍ନେହ
ତିନିଟି ଅକ୍ଷର ନାମ ତାହାର
ଲାଗି ରହିଥାଏ ମୋହ ।
ଫୁଲ ପାଖୁଡ଼ା ନୁହେଁ ମୋ ପ୍ରେମ
ପବନରେ ଯିବ ଝଡ଼ି,
ମାଟିର କଣ୍ଢେଇ ନୁହେଁ ଏ ସମ୍ପର୍କ
ଭାଙ୍ଗିଯିବ ଗଲେ ପଡ଼ି ।
ପ୍ରଥମ ଦେଖାରୁ କରିଛି ନିଜର
ଆଖିରେ ମିଶେଇ ଆଖି
ସେହି ଦିନଠାରୁ ସମ୍ପର୍କ ରହିଲା
ପ୍ରକୃତି ରହିଲା ସାକ୍ଷୀ ।
ପ୍ରଥମ ଦେଖାରୁ ଲାଗିଲ ନିଜର
ସତେ ଆପଣାର ପରି
ସ୍ନେହ ବୋଲି ଯେଉଁ ଦୁଇଟି ଅକ୍ଷର
ମୋ ମନରେ ଦେଲି ଭରି ।
ତୁମେ ମୋ ଆଗତ, ମୋର ବର୍ତ୍ତମାନ
ତୁମ ପାଇଁ ମୋର ଦିନରାତି ସମାନ
ତୁମେ ମୋର ଦିନ ତୁମେ ମୋର ରାତି
ତୁମ କଥା ଭାବି କାନ୍ଦିଉଠେ ଛାତି ।

http://www.appsgeyser.com/4368717

# ପ୍ରେମର ପରିସର



ନୃସିଂହ ଚରଣ ବେହେରା

ମୋ ପ୍ରେମର ଗଭୀରତା
କେ ଅବା ମାପିପାରିବ
ସାଗରକୁ ଯଦି କିଏ ପଚାରିବ
ସେ ଏକା କହିପାରିବ ।
ପ୍ରେମର ତ ମୋର କିଛି ସୀମା ନାହିଁ
ସିଏ ତ ଅଟେ ଅନନ୍ତ
ଅସୁମାରି ମୋର ସପନ ଯେତେ
ଅଟଇ ନଭ ସମାନ ।
ଭାଷା ନାହିଁ ପାଖେ ବର୍ଣ୍ଣିବାକୁ
ପ୍ରେମ ତ ଅଟେ ମହାନ
ଆଖିରେ ଆଖିରେ ସବୁ କହି ହୁଏ
ତଥାପି ରହି ମଉନ ।
ପ୍ରେମର ସୁରଭି ମୋ କେ କଳିପାରିବ
ବାସେ ସେ ଫୁଲଠୁ ଅଧିକ
ପ୍ରଜାପତି ଟିଏ ଜାଣେ ଏକା ସିନା
ଫୁଲ ମହକର ମହତ୍ତ୍ୱ ।
ମୋ ପ୍ରେମର ମୃଦୁ ଶୀତଳତା
ଦୁନିଆରେ ସବୁଠୁ କୋମଳ

ଚାନ୍ଦ ଏକା ଜାଣିପାରେ ତାହା

ଯେଣୁ ସେ ନିଜେ ଶୀତଳ ।

ମୋ ପ୍ରେମରେ ନାହିଁ କିଛି ବି ମିଶ୍ରଣ

ନାହିଁ ସେଠି କିଛି ଛଳନା

ପ୍ରତାରଣା ପ୍ରିୟା ସାଥେ କରିବାକୁ

ଜାଣେ ନାହିଁ କିଛି ବାହାନା ।

ବିଶ୍ୱାସ ରଖିଛି ପ୍ରେମରେ ମୁଁ ମୋର

ହେବି ନାହିଁ କେବେ ନିଷ୍ଫଳ

ଭାବୁଛି ମିଳିବ ଦିନେ ନା ଦିନେ

ମୋତେ ମୋ ସାଧନାର ଫଳ ।

ଭୋଇନଗର, ଭୁବନେଶ୍ୱର

http://www.appsgeyser.com/4368717

# ଅନନ୍ୟ ଜରଡ଼ାଗଡ଼



ଶିବ କୁମାର ପଣ୍ଡା

ଗଂଜାମ ଜିଲ୍ଲା ଜରଡ଼ା ଗ୍ରାମେ ହେଉଛି  ଆଜି ରଥ ଯାତ,
ବସି ରଥେ ଭକ୍ତଙ୍କୁ ଦର୍ଶନ ଦେବେ
ପ୍ରଭୁ  ପାର୍ଥସାରଥୀ ଓ ଜଗତନାଥ  ।
ସେ ଯେ ଭାବର ଠାକୁର ଶୁଣେ ସମସ୍ତଙ୍କ ଦୁଃଖର କାହାଣୀ ,
କହିଦେଲେ ଥରେ ମନକଥା ତା ପାଖେ ଦେଇ କରୁଣ ଚାହାଣି  ।
ନିଗିଡିଯାଏ ଅଶ୍ରୁ ଚାହିଁଦେଲେ ଥରେ ସେଇ ଚକା ଆଖିକୁ ,
ପୁରିଯାଏ ମନ ଅନାଇଦେଲେ ଥରେ
ସେଇ ଫରଫର ପତିତପାବନକୁ  ।
ଆବେଗ ହୁଏ ମନ ଦେଖି ସେଇ ହଳଦୀ ରଙ୍ଗର କାୟାକୁ,
ଲାଘବ ହୁଏ କଷ୍ଟ କହିଦେଲେ ମନ କଥା
ଦେଖି ପାର୍ଥସାରଥୀଙ୍କ ନୟନକୁ  ।
ଏଠି ପୂଜା ପାଉନାହାନ୍ତି ଜଗନ୍ନାଥଙ୍କ ଭାଇ ଓ ଭଉଣୀ ସତ ,
ହେଲେ ଏଠି ବିଜେ ଶ୍ରୀ ପାର୍ଥସାରଥୀ ସେ ଯେ ତାଙ୍କ ସଖା ସଦୃଶ  ।
ଶ୍ରୀ କୃଷ୍ଣ ଯେପରି ଚଳାଇଥିଲେ ରଥ
ସାରଥୀ ରୂପେ ମହାଭାରତରେ ,

ଆଜି ପାର୍ଥସାରଥୀ ଦିଅନ୍ତି ଦର୍ଶନ ଜଗନ୍ନାଥଙ୍କ ରଥ ଚଳାଇ ଜରଡ଼ା ଗ୍ରାମରେ ।

ତୁମରି ଆଶିଷ ପାଇ ହେଇଛି ପ୍ରଭୁ ଜରଡ଼ା ଗ୍ରାମ ଧନ୍ୟ ,

ହେଉ ଶସ୍ୟଶ୍ୟାମଳା ,ସୁଖ ସମୃଦ୍ଧି ଭରା ଏତିକି ମୋ କାମ୍ୟ ।

ଜରଡ଼ା ଗଡ ପରିଚିତ ପାର୍ଥସାରଥୀ ଧାମ ନାମରେ,

ମନସ୍କାମନା ହୁଏ ପୂର୍ଣ୍ଣ ,କଥା କୁହେ ଜଡ ତାଙ୍କ ଆଶୀର୍ବାଦ ଓ ଦର୍ଶନରେ ।

ଭାବେ ମୁଁ ଭାଗ୍ୟବାନ, ଜନମି ଏଇ ଗାଁରେ ସେ ଯେ ଜନ୍ମଭୂମି ମୋର,

ମାଗେ ଆଶିଷ, ଦିଅ ସାହସ, ହୁଏ କୃତକାର୍ଯ୍ୟ ଏତିକି ମିନତୀ ମୋ ଗ୍ରହଣ କର ।

ଜରଡ଼ାଗଡ଼, ଗଞ୍ଜାମ

ବ୍ରହ୍ମପୁର, ଓଡ଼ିଶା

ଦୂରଭାଷ : ୯୪୩୮୧୦୧୦୯୦

ଇମେଲ୍ - panda.sibakumar08@gmail.com

ବ୍ଲଗ୍ - sibakumarpanda.blogspot.in

# ସମର୍ପଣ



ଡା ସୌମ୍ୟରଞ୍ଜନ ମିଶ୍ର

ରାତିର ଚିକିଟା ଅନ୍ଧାରରେ
ତୁମେ ଆସିଥିଲ କାଲି
ମୁଁ ଏବେ ପୂର୍ଣ୍ଣ ସର୍ବହରା
ସବୁକିଛି ତୁମକୁ ସମର୍ପିଛି ବୋଲି ।

ଯୁଗ ଯୁଗଧରି ଆମ ଏ ସମ୍ପର୍କ
ବୁଝିବ ବା କିଏ
ପ୍ରେମ ଏଠି ପରମ ପାପ
ଚିତାଗ୍ନିରେ ଶୁଏ ।

ତୁମକୁ ମୋ ରାଣ
କେହି ନ ଜାଣନ୍ତୁ ଆମ ପ୍ରେମ କଥା
ଲୁଚା ପ୍ରେମରେ ମଜାଥାଏ
ଖୋଲିଗଲେ ସବୁଠାରୁ ଶସ୍ତା ।

ମୋ ଦେହରେ ଲେସି ହୋଇଯାଇଛି
ଚନ୍ଦନ ଓ ତୁଳସୀର ଫେଣ୍ଟାଫେଣ୍ଟି ବାସ୍ନା
ମୁଁ ତୃପ୍ତ, ମେଣ୍ଟି ଯାଇଛି ମୋର
ଜନ୍ମ ଜନ୍ମାନ୍ତର ତୃଷ୍ଣା ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ
କେନ୍ଦ୍ରାପଡ଼ା - ୭୫୪୨୧୨
ଭ୍ରାମ୍ୟଭାଷ - ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ସେ ପାରିର ମଣିଷ



ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା - ଅନିରୁଦ୍ଧ ସେନ

ଓଡ଼ିଆ ଅନୁବାଦ - ସନାତନ ମହାକୁଡ଼

ସ୍ରୋତ ହୋଇ ଜାଣେନା ସନ୍ତରଣ

ଆମେ ଠିଆହୋଇ ରହିଥାଉ

ସ୍ୱପ୍ନର ଏପାଖେ ସେପାଖେ ।

ଗ୍ରାମ/ପୋଷ୍ଟ : ବେରୁଆଁବାରୀ, ନୟାଗଡ଼ - ୭୫୨୦୮୨

ଭ୍ରାମ୍ୟଭାଷ - ୯୩୩୯୭୧୦୧୬୮

ଇମେଲ୍ - sanmahakud@gmail.com

ୱେବ୍‌ସାଇଟ୍ - www.sanatanmahakud.in

# ବାରମାସ



ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା - ବୁବୁନ୍ ଚଟ୍ଟୋପାଧ୍ୟାୟ

ଓଡ଼ିଆ ଅନୁବାଦ - ସନାତନ ମହାକୁଡ଼

-୧-

ସନ୍ଧ୍ୟା ଆସିଛି ଦୂରେ...

କେଉଁ ଶାଳ ଜଙ୍ଗଲରେ

ସନ୍ଧ୍ୟା ଆସିଛି ଦୂରେ...

ଭଙ୍ଗା ହାରମୋନିୟମରେ

ସନ୍ଧ୍ୟା ଆସିଛି ନିକଟ

ବନ୍ଧୁଙ୍କର ମଦ ଗିଲାସରେ ।

-୨-

ଏଇ ଯେ ପ୍ରତିଦିନର ଛାୟାଲୋକ

ସନ୍ଧ୍ୟା ନଦୀତୀର

ପକ୍ଷୀଙ୍କର ଅହେତୁକ ଉଡ଼ାଉଡ଼ି

ମୁଁ ମଧ୍ୟେ ମଧ୍ୟେ ଆସେ

ହତାଶାର ହାତଧରି ବସେ ।

http://www.appsgeyser.com/4368717

-୩-

ଆଜି ଆଉ କୁଆଡ଼େ ଯିବିନି

ଏଇଠି, ଏଇ ଭଙ୍ଗା ସୂର୍ଯ୍ୟାଲୋକେ ବସି ଜାଣିନେବି

ସେ ଦିନର ଜ୍ୟୋତ୍ସ୍ନା ଆଦୌ ସତ ଥିଲା କି ନା ।

-୪-

ପାଖେଇ ଯାଅ, ପାଖେଇ ଯାଅ ।

ଟିକିଏ ଆଲୋକ ଆସିବାକୁ ଦିଅ

ରାଣୀମା ଆସି କହିଲେ

ଚତୁର୍ଦିଗେ ଖୁବ୍ ବେଶୀ ମୁଖାଛାୟା

ତା' ମୁଖରେ ଆଲୋକ ପଡ଼ିବାକୁ ଦିଅ ।

ଗ୍ରାମ/ପୋଷ୍ଟ : ବେରୁଆଁବାରୀ, ନୟାଗଡ଼ - ୭୫୨୦୮୨

ଭ୍ରାମ୍ୟଭାଷ - ୯୩୩୯୬୨୦୧୬୮

ଇମେଲ୍ - sanmahakud@gmail.com

ୱେବ୍‌ସାଇଟ୍ - www.sanatanmahakud.in

http://www.appsgeyser.com/4368717

# ଶାପଗ୍ରସ୍ତ



ଦିଲ୍ଲିପ କୁମାର ତ୍ରିପାଠୀ

ସତ-ମିଛ,ଭଲ-ମନ୍ଦ,ପାପ-ପୁଣ୍ୟ
କ 'ଣ ବୋଲି ମୋତେ ପଚାରିଲେ
ମୁଁ କେମିତି କହିବିଯେ ... !

ତମ ଶାଣିତ ଶବ୍ଦର ଶକ୍ତ ପ୍ରହାର ରେ ;
ବୁହେଇ ସାରିଲା ପରେ,
ମୋ ଚକ୍ଷୁ କୋରଡର
ସାଇତା ଶୋଣିତ ,
ମୁଁ ପାଲଟିଛି ସ୍ଥବିର !
ସେଇଥିପାଇଁତ ନିଷିଦ୍ଧ କରିଛି ସବୁ ରାସ୍ତା,
ଯାହା ମୋ ପାଖକୁ ଆସିବ ।

ତମେ କ'ଣ ଜାଣିନ ଯେ ମୋତେ
କହିବାକୁ ହେବ !
ମୁଁ ଆଉ ତମର ହେଇ ନାହିଁ ବୋଲି ।

ତା'ପରେ ପୁଣି ହାତ ବଢେଇଲେ
ମୁଁ କଉଠୁ ଆଣିବି,
ସେଇମିତିଆ ହାତ ଗୋଟେ
ଯିଏ ଆଙ୍ଗୁଳେଇ ଧରିବ ତୁମ ସ୍ନେହ-

http://www.appsgeyser.com/4368717

ପ୍ରେମ,ଘୃଣା ,ଇର୍ଷା ଆଉ ନିଆଁ ।
ଅଭିନୟ କରିବାକୁ କହିଲ ବୋଲି ତ
ସଜେଇ ଦେଇଥିଲି ରଙ୍ଗମଞ୍ଚ,

ସମର୍ପିଦେଇ ସବୁଯାକ କରତାଳି
ତୁମ ପାଦ ତଳେ;
ହେଇଯାଇଥିଲି ନେପଥ୍ୟ ନାୟକ ଟିଏ ।

କିନ୍ତୁ ମୋତେ ଏଥର କ୍ଷମା କର !
କହିବ ଯଦି ମୋ ଆୟୁଷରୁ
ପୁଳାଏ ଦେଇଦେବି
କିନ୍ତୁ ତମ ପା' ତଳର ଅରାଏ ଘାସ ହବାର
ଲୋଭ ଆଉ ମୋଠି ନାହିଁ ,
ନୀଳ ଦରିଆ ର ନୀଳ ବିଷରେ
ନିଷ୍ପ୍ରଭ ମୋ ମହାର୍ଘ ଯୌବନ
କ'ଣ ବା ଆଉ କରିବ ମୋତେ ନେଇ !

ପାରିବ ଯଦି କହିଦେଇ ଯା' ଅ
ଏଇଠି ଏତିକିରେ ଆମର ଇତି
ହୁଏତ ମୁଁ ମୁକ୍ତ ହେଇଯାଇ ପାରେ
ଏଇ ଅଭିଶପ୍ତ ଜୀବନ ରୁ ।

http://www.appsgeyser.com/4368717

# ବରଷା ଆସିଲା



ହିମାଂଶୁ ଶେଖର ବାରିକ୍

ନିଦାଘ ସରିଲା ବରଷା ଆସିଲା
ହସିଲା ଜୀବ ଜଗତ
ବନ ଗିରି ନଦ ପର୍ବତ ସରିତ
ପ୍ରକୃତି ଶୋଭା ମଣ୍ଡିତ ।।

ଚାତକ ଆତୁର ହେଲା ଆଜ ଦୂର
ଅମ୍ବରୁ ବରଷି ବାରି
ମଣ୍ଡୁକ ଗାଉଛି ଜୀବନର ଗୀତି
ଗ୍ରୀଷ୍ମ କଷଣ ବିସ୍ମରି ।।

କଳାପୀ କଲାପ ଟେକି କରେ ନୃତ୍ୟ
ନଭେ ଅଭ୍ର ଅବଲୋକି
ଫୁଲ ଉପବନ ଫୁଟଇ ପ୍ରସୂନ
ମନୋରମ ଶୋଭାରାଜି ।।

ବରଷାର ବାରି କ୍ଷେତେ ଗଲା ପୁରି
ଚାଷୀ ହେଲା ହରଷିତ
କରଷଣ କରି ନିଜ କ୍ଷେତ ବାରି
ଅର୍ଜନ କରିବ ଅର୍ଥ ।।

ଆଦ୍ୟ ଆଶାଢର        ସଦ୍ୟ ବର୍ଷା ନୀର
ପ୍ରେମିକା ଦେହେ ବାଜଇ
ପ୍ରେମେ ଉନ୍ମାଦନା        କୁରଙ୍ଗୀ ନୟନା
ପ୍ରେମିକ ସ୍ପର୍ଶ ଇଛଇ ॥
ବରଷା ବାରିରେ        ଗାଆଁର ଦାଣ୍ଡରେ
ଚାଲଇ ପାଣିର ସ୍ରୋତ
କାଗଜ ତରଣୀ        ବାଳକେ ଭସାଇ
ହୋଇଥାନ୍ତି ଉଲ୍ଲସିତ ॥
କାଉଡିଆ ଭାଇ        ସ୍କନ୍ଧେ ଜଳ ନେଇ
ଢାଳଇ ଶିବ ଉପରେ
ଶିରାବଣ ମାସ        ପୁଣ୍ୟବନ୍ତ ମାସ
ଜଗାଏ ଭକ୍ତି ଅନ୍ତରେ ॥

ବରିଷ୍ଠ ଅଡ଼ିଟ୍ ଅଧିକାରୀ
କ୍ୱାର୍ଟର ନଂ : ଟାଇପ୍ ୩, ୨୦୧
ନୂଆ ଏଜି କଲୋନୀ
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨ ଓଡ଼ିଶା
ଦୂରଭାଷ : ୯୯୩୭୧୨୫୮୨୪
ଇମେଲ୍ : hsbarik1970@gmail.com

http://www.appsgeyser.com/4368717

# ଶବ୍ଦ



ବରୁଣ କୁମାର ଦାସ

ଖଇଫୁଟା ତାତିରେ

ଭାବନା ଭିତରେ

ସୃଷ୍ଟି ଧରୁଥାଏ

ଶବ୍ଦ ସବୁ ।

ଭିଜା ମାଟିର

ଗନ୍ଧରେ

ବାସ୍ନାୟିତ ହେଉଥାଏ

ହେଲେ ବିନ୍ଦୁଏ ବି ପାଣି

ଛୁଇଁ ପାରେନା

ଶବ୍ଦର ଶରୀର

ସବୁକିଛି ଭିଜିଗଲାପରେ ବି ।

ଶୀତରେ ହାଡ଼ ଭାଙ୍ଗିଗଲେ ବି

ନିଟୋଳ ଥାଏ

ଶବ୍ଦର ହାଡ଼ ସବୁ

ଆରାମରେ କଡ଼ ଲେଉଟାଉଥାଏ

ଗରମ କମ୍ବଳ ଭିତରେ ।

ଆପଣାର ଶବ୍ଦ ସବୁ

ସବୁଦିନ

ସ୍ରଷ୍ଟାର ସ୍ପନ୍ଦନ ।

ଝୁରୁଥାଏ କାରିଗରକୁ

ଆଖିରେ ଆଖିଏ ଲୁହନେଇ

ସବୁଠି ସବୁକ୍ଷଣ

ଲମ୍ବିଥିଲେ ଲମ୍ବୁଥାଉ ଦୂରତା

ଯୋଜନ ଯୋଜନ ।

ମୁକ୍ତାନିଳୟ, ପାଲୁସିଆ,

ଦେହୁର୍ଦା, ବାଲେଶ୍ୱର, ୭୫୬୦୩୬, ଓଡ଼ିଶା

# ପ୍ରିୟାରେ ପ୍ରିୟା



ଜ୍ୟୋତିର୍ମୟୀ ଷଡ଼ଙ୍ଗୀ

ପ୍ରିୟା ରେ ପ୍ରିୟା ଭାରି ତୁ ଜିଦିଆ
ଇଚ୍ଛା ହେଲେ ଆଖିରେ ମୋ ସ୍ୱପ୍ନ ଭରି ଦେଉ
ମନ ହେଲେ ସ୍ୱପ୍ନ ଭାଙ୍ଗି
ଛାଡ଼ି ଚାଲି ଯାଉ

ଇନ୍ଦ୍ରଧନୁର ସାତ ରଙ୍ଗେ ମନକୁ
ଦେଲୁ ମୋ ସଜେଇ
ଚାଲିଗଲୁ ଏକା କରି  ଲୁହରେ ଭିଜେଇ
ତୋ ବିନା ହୃଦୟ ମୋ ଶୂନ୍ୟ ପଡ଼ିଅଛି
ଜୀବ ଥାଇ ଏ ଶରୀର ଶବ ପାଲଟିଛି

ତୁମକୁ ନିଜର କରି
ଦୁନିଆକୁ କରିଥିଲି ପର
ତା ପ୍ରତି ବଦଳେ ଦେଲମତେ
ଦୁଃଖ କଷ୍ଟର ଉପହାର

http://www.appsgeyser.com/4368717

ଜୀଇଁ ଥିଲି ଏକୁଟିଆ ଜୀବନେ

ନଥିଲା କିଛି ପାଇବାର ଆଶା

ସାଥି ହୋଇ ଜୀବନେ ଆସି ଦେଖାଇ ଥିଲ

ବଞ୍ଚିବାର ନୂଆ ପରିଭାଷା

ଆଶାର ରାଇଜେ ତୋଳିଥିଲି  ଛୋଟ ଘର

ଭାଙ୍ଗିଦେଇ ତାକୁ କଲି ଚୁରମାର

ଅଧା ବାଟେ ଏକା କରି ଛାଡି ଚାଲିଗଲ

ଏ କୋମଳ ହୃଦୟେ ମୋ

ଦୁଃଖ ଭରିଦେଲ  ।

ବାସୁଦେବ ନଗର, ଖୋଡ଼ାସିଙ୍ଗି, ବ୍ରହ୍ମପୁର – ୧୦

http://www.appsgeyser.com/4368717

# ଆହ୍ୱାନ



ସୁମିତ୍ରା ରାଉଳ

ସଭିଏଁ ପଢ଼ିବା ସଭିଏଁ ବଢ଼ିବା, ସର୍ବଶିକ୍ଷାର ଆହ୍ୱାନ
ପରିଷ୍କାର ଗାଁ ପରିଷ୍କାର ଘର, ସ୍ୱଚ୍ଛ ଭାରତର ଆହ୍ୱାନ ।
ସୁଖରେ ବଞ୍ଚିବା ଦୁଃଖରେ ବଞ୍ଚିବା, ଜୀବନର ଏକ ଆହ୍ୱାନ ।
ସଠିକ୍ ଉପଯୋଗ କରିବା ପାଇଁକି, ସମୟ ଦିଏ ଆହ୍ୱାନ ।
ଶତ୍ରୁର ବିନାଶ ଦେଶର ସୁରକ୍ଷା, ବୀର ଯବାନର ଆହ୍ୱାନ ।
ଗଛ ନ କାଟିବା ଗଛ ଲଗାଇବା, ପରିବେଶ ସୁରକ୍ଷାର ଆହ୍ୱାନ ।
ସୁଖ ଶାନ୍ତି ମୈତ୍ରୀ ଓ ଏକତା, ସମାଜର ଅଟେ ଆହ୍ୱାନ ।
ଯେତେ ପଢ଼ିବା ସେତେ ଜାଣିବା, ପୁସ୍ତକର ଏକ ଆହ୍ୱାନ ।
ମାଆର ସୁରକ୍ଷା ମାଆର ସମ୍ମାନ, ଭାରତ ମାତାର ଆହ୍ୱାନ ।
ଓଡ଼ିଆ ଲେଖିବା ଓଡ଼ିଆ ପଢ଼ିବା, ଆହ୍ୱାନ ଇ-ପତ୍ରିକାର ଆହ୍ୱାନ ।

ବାଗସାହି, ପ୍ରୀତିପୁର, ଯାଜପୁର

http://www.appsgeyser.com/4368717

# ବିଡ଼ମ୍ବିତ ସ୍ୱପ୍ନ



ଡମ୍ବରୁଧର ପଟ୍ଟନାୟକ

ସପ୍ତାହରେ ନଖ ବଢ଼େ ଯେତିକି
ଦଶବର୍ଷରେ ଦରମା ବଢୁଛି ସେତିକି ।
ଏଥକୁ କ'ଣନା ହୁରି ପଡ଼ିଛି-
ସରକାରୀ ବାବୁମାନେ ଏବେ
ଦି'ପକେଟରେ ଦରମା ପାଇବେ ।

ନୂଆ ଦରମା ହାତକୁ ଆସିବାର
ତିଥି ଘୋଷଣା ନ ହେଉଣୁ
ବଢ଼ିସାରିଛି ଘରଭଡ଼ା, ପିଲାଙ୍କ ଟ୍ୟୁସନ୍ ଫିସ୍,
ପାଣି, ବିଜୁଳି ଓ ବଜାର ଦର,
ପୋଲିସର ଲାଠି ପରି
ମହଙ୍ଗାର ମୃଦୁ ପ୍ରହାର ।

ପାର୍ଲରରେ ଯୌବନ ସଜାଡୁଥିବା
ଗତାୟୁ ନାରୀ ପରି
ମୁଁ ଗଢୁଥାଏ

ଆଶାର ସମୁଦ୍ର ବେଳାରେ

ବାଲିର ତ୍ରିତଳ ପ୍ରାସାଦ ।

ମୋ ପ୍ରାସାଦ ଦେଖିବାକୁ

ଦେଖଣାହାରୀଙ୍କ ଭିଡ଼,

ଶତ୍ରୁର ମିଛ ପ୍ରଶଂସାରେ

ମୁଁ ବାରୁଥାଏ ଈର୍ଷାର ଆଘାତ

କାଳେ ବାଲିଘର ଭାଙ୍ଗିଯିବ ବୋଲି

ମୁଁ ଆଗୁଳି ରଖୁଛି ସମୁଦ୍ର ଲହଡ଼ିକୁ

ଆଡ଼କରି ଆଠଫାଙ୍କର ଆଣ୍ଠୁଆ ପାପୁଲି ।

-0-

ବାଣିଜ୍ୟକର ବିଭାଗ,

ରାୟଗଡ-୭୬୫୦୦୧

ଭ୍ରାମ୍ୟଭାଷ-୯୪୩୮୭୧୦୮୧୧

# ମୁଁ ମଣିଷ, ନୁହେଁ ଖେଳଣା



ଶୁଭମ୍ ନାଏକ

ମୁଁ ତୁମପରି ମଣିଷଟିଏ
ନୁହେଁ ଖେଳଣା
ଆଖି ସାଥି ଖୋଜି ପାଇଥିଲା
ସେ ଭାବିନେଲା ଆପଣା
ତୁମପାଇଁ ସୁନା ସପନ ଦେଖିଥିଲା
ଆଜି ତୁମ ସ୍ମୃତିରେ ଢାଳେ ଅଶ୍ରୁ ଝରଣା ।

ମୁଁ ତୁମ ପରି ମଣିଷଟିଏ
ନୁହେଁ ଖେଳଣା
ମୋର ହୃଦୟ ସାଥେ କାହିଁକି
ଖେଳିଗଲ ମୁଁ ଜାଣେନା
ଦିନେ ତୁମ ଓଠ କହୁଥିଲା ମୋର ନାଁ
ଆଜି ସେଇ ଓଠ କାହିଁ ମୋତେ ଜାଣେନା ।

ମୁଁ ତୁମ ପରି ମଣିଷଟିଏ
ନୁହେଁ ଖେଳଣା
ମୁଁ ଥିଲି ନୂଆଁ ବାଟୋଇଟିଏ
ହୋଇଯାଇଛି ବାଟବଣା
ମୁଁ ତୁମପାଇଁ ଥିଲି ପ୍ରେମିକ ଭଅଁର

ବାଧ୍ୟ କରିଥିଲା ତୁମ ଗଭୀର ବାସନା ।

ମୁଁ ତୁମ ପରି ମଣିଷଟିଏ
ନୁହେଁ ଖେଳଣା
ମୋ ହୃଦୟ ଖୋଜି ପାଇଥିଲା
ନିଜ ହୃଦୟର ଠିକଣା
ଭାଙ୍ଗିଦେଇ ଚାଲିଗଲ କରି ଛଳନା
ମୋ ହୃଦୟକୁ ଭାବି ନେଇ କାଚ ଆଇନା ।

ମୁଁ ତୁମ ପରି ମଣିଷଟିଏ
ନୁହେଁ ଖେଳଣା
ମୁଁ ଥିଲି ପ୍ରେମ ଚଢ଼େଇ ଟିଏ
ଏ କି ଉଡ଼ିବାର ପାଉଣା
ମତେ ଆଜି ବଞ୍ଚିଥାଇ ତଥାପି ଲାଗେ
ମୁଁ ଆଉ ତୁମବିନା ବଞ୍ଚିପାରେନା ।

ତସଲାଡ଼ିହି, ସୁନ୍ଦରଗଡ଼, ଓଡ଼ିଶା

http://www.appsgeyser.com/4368717

# ବୁଦ୍ଧତ୍ୱ



ବିନୟ ମହାପାତ୍ର

ପାଇ ଗଲେ ବୋଧେ
ପାଇବାର ଇଚ୍ଛା ସବୁ ସରି ଯିବ,
କାମନା ର ବିନାଶ ରେ
ଦୁଃଖର ବିନାଶ ବି ହୋଇ ଯିବ,
ଏବଂ ବୁଦ୍ଧତ୍ୱ ର ପ୍ରାପ୍ତି ହୋଇ ଯିବ ।
ସେଥିପାଇଁ ବୋଧହୁଏ,
ସବୁ ଇପ୍ସିତ ମାନେ
କନିକାଟି ଚାଲି ଯାଆନ୍ତି,
ମୋତେ ଜବରଦସ୍ତ
ବୁଦ୍ଧତ୍ୱ ରୁ ଦୂରେଇ ରଖନ୍ତି,
କାରଣ ଏକ ହିଁ ବୁଦ୍ଧ
ଯଥେଷ୍ଟ ସଂସାର ପାଇଁ,
ଆଉ ଏଠି ବୁଦ୍ଧଙ୍କ ର,
ସ୍ଥାନ ରିକ୍ତ ନାହିଁ ।

ପାଇବାର ଇଚ୍ଛା, ମୋର କାମନା,
ମୋତେ କେବେ ଛାଡିବ କିପରି,
ବିନା କାମନା ରେ,
ବଞ୍ଚିବା କି ସମ୍ଭବ ସଂସାରେ ?
କିଏ ମୋତେ କହି ଦେବ,
ନିଷ୍କାମ ହୋଇବାର ଗୁରୁମନ୍ତ୍ର ?
ହେ ଗୌତମ ତୁମେ ତ ଜାଣିଛ
ନିର୍ବାଣ ର ପଥ ।

http://www.appsgeyser.com/4368717

ଥରେ ମୋତେ କହିବ କି
କେମିତି ହୁଅନ୍ତି ନିସ୍କାମ ?
ନିର୍ବାଣ ର କାମନା ନେଇ
କିଏ କେବେ ନିସ୍କାମ ହୋଇଲା କିପରି ?
ମାୟାର ସମୁଦ୍ରେ ଉବୁ ଟୁବୁ
ମାତା ପିତା ବନ୍ଧୁ ସହୋଦର,
ପତ୍ନି ପୁତ୍ର କନ୍ୟା ଏ ମାୟା ସଂସାର,
ସଭିଙ୍କ ସୁଖ ର କାମନା,
ବଞ୍ଚି ଅନ୍ୟକୁ ବଞ୍ଚାଇବାର କାମନା
କେମିତି ଛାଡି ଦେବି କୁହ ?
କାମନା ମୋ ଦୁଃଖର କାରଣ
ସ୍ୱୀକାର ମୋତେ ହେ ପ୍ରଭୁ,
ନିର୍ବାଣ ଲୋଡା ନାହିଁ ମୋତେ ।
କିନ୍ତୁ, ତୁମେ ବି ତ ନିସ୍କାମ ନଥିଲ,
ନିର୍ବାଣ ର କାମନା ରଖି,
ତୁମେ ଯଦି ନିର୍ବାଣ ପାଇଛ,
କାହିଁକି ଅଟକାଇ ଦିଅ ମୋତେ,
ମୋର ଇଚ୍ଛା ମାନଙ୍କୁ
କାମନା ର ବାହାନା ଦେଖାଇ ?

http://www.appsgeyser.com/4368717

# ଆହ୍ୱାନ : ଏକ ଆସନ୍ତା କାଲିକୁ



ଉଦୟନାଥ ଗୌଡ଼

ଆସ ! ତମେ ଆସ !
ସମୟର ଖୋଲାଝର୍କା ଦେଇ
ବିବେକର ଯେତେସବୁ
ପଳାତକ ଭାବନାକୁ
ପ୍ୟାରେଡ୍ କରାଇ
ମାସ, ବର୍ଷ, ଦିନ, ଦଣ୍ଡ
ପ୍ରହର ପ୍ରହର !
ଠିଆ ହୋଇ ମଧ୍ୟଯୁଗୀ
ସାମନ୍ତବାଦର କବର ଉପରେ
ଗାଅ ! ତୁମେ ଗାଅ !
ତୁମ ପାଇଁ , ମୋ ପାଇଁ, ସେମାନଙ୍କ ପାଇଁ
ସାଟାୟାର୍ ନୂଆଁ ଜୀବନର !
ଦିଅ ! ଖୋଲିଦିଅ !
ଭାବନାର ଭାନୁମତୀ ପେଢ଼ି
ଜୀବନର ଆଧାର ଓ ସଂରଚନା
ଭୋକିଲାର ଭଙ୍ଗା କୁଡ଼ିଆରୁ
ଅର୍ଥଖୋଜ ସମାଜବାଦର
ହତ୍ୟାକର
ପିପାଷାର ଯେତେସବୁ
ପାଶବିକ ମୋହ, ସୁପ୍ତ ହେଉ
ଶୋଷଣର ସ୍ନାୟୁକେନ୍ଦ୍ର
ସଠତା ଓ ପ୍ରବଞ୍ଚନା
ଦୂର୍ନ୍ନୀତିର ଦୂରୁହ ପଞ୍ଝାରୁ !

http://www.appsgeyser.com/4368717

କୁହ ! କହିଯାଅ !
ନାଜିବାଦ, ଫାସିବାଦ, ସାମ୍ୟବାଦ
ବାଦ ଆଉ ବାଦ
କିଛି ଏଠି ଫରକ ପଡ଼େନି
ଶତାବ୍ଦୀର ଅବଲୋକନରେ
ସମୟର ବାଲୁକା ବେଳାରେ
ଊର୍ଦ୍ଧ୍ୱମୁଖୀ ଏ ଜାତିର
ଉନ୍ମେଷ ଓ ଅବଚେତନରେ
କିଛି ଏଠି ବଦଳି ଯାଇନି !
ମୁଁ ଜାଣିଛି
ଦିପହର ଖରାବେଳେ
ଅନେକ ଠିକଣା ଲାଗି
ଆପଣାର ଠିକଣା ହଜାଇ
ବୁଲୁଥିବା ଡାକବାଲା
କେବେକାହିଁ ଇଜିମ୍ ପଢ଼ିନି !
ମୁଁ ଦେଖିଛି
ପଥର ଓ ନିହାଣ ମୂନରେ
ଜୀବନକୁ ପରଖୁ ପରଖୁ
ମରିଥିବା ସ୍ୱାଭିମାନୀ ଏ ଜାତିଟା
କେବେ କାହିଁ ଦର୍ଶନକୁ ତର୍ଜମା କରିନି !
ତେବେ ଏଠି,
କିଆଁ ଏତେ ଅପମୃତ୍ୟୁ
ଆସନ୍ତା କାଲିର
ମୁଁ ଅତୀତ ମରିଲିଣି
ଅନେକ ଦିନରୁ !
ହତ୍ୟାନୁହେଁ, ଆତ୍ମହତ୍ୟା ନୁହେଁ
ଏକ ସ୍ୱାଭାବିକ ମୃତ୍ୟୁ
କାଳଗର୍ଭ କରାଳ ଛାୟାରେ !
ଉଠ ! ଯାଗିଉଠ !
ଏ ନୁହଇଁ ଗାଇବାର ବେଳ
କୁବୁଜା ସଙ୍ଗୀତ କିବା ହେମସଶ୍ୟ ଧୂପ
ମାନସିଂହ ରସିକତା, ବଳଦେବ ଚମ୍ପୁ
ସବୁ ଏଠି ଅନେକ ପୁରୁଣା !
ସତ୍ତାଖୋଜ ନବ୍ୟତାର, ନୂଆ ଜୀବନର
ପୋଛିଦିଅ ଦୁଇଧାର
ଲୁହ ଆଉ ଲହୁର ନିଶାଣ
ରମାକାନ୍ତ ଚନ୍ଦ୍ରା ବେହେରାଣି
ମୁଖ ମଣ୍ଡଳରୁ !
ଭୁଲିଯାଅ, ନିଜକୁ ଓ ନିଜେ,
ହଜିଯାଅ ମୋ ଭଳି
ବାଟଛାଡ଼ି ନୂଆ ଶତାବ୍ଦୀରେ !
ବିବର୍ତ୍ତନ ପଦରେ ପାଦରେ
ମୋଠାରେ,ତୁମଠାରେ,
ସେମାନଙ୍କଠାରେ !

ଗଡ଼ସାମନ୍ତରାପୁର

http://www.appsgeyser.com/4368717

# ମୋ ପ୍ରିୟାର ମନ



ପ୍ରକାଶ ସାହୁ

ପବନରେ ପବନ
ଦେ ଆଣି ମୋ ପ୍ରିୟାର ମନ
ମନ ତା'ର ଚଗଲି
ଅମାନିଆ ହାବୁଣି
ସେ ମନ ପାଇଁ
ମୁଁ ଝୁରେ ରାତି ଦିନ ।

ପବନରେ ପବନ
ବଝେଇ ତୁ କହିବୁ
ବୁଝିଗଲେ ଆଣିବୁ ।
ତା ପାଇ ତୋଳିଛି
ମୁଁ ଆକାଶରୁ ଜହ୍ନ ।

ମନ ତା'ର ଉଡ଼ା ପକ୍ଷୀ
ନାହିଁ ତ ଠିକଣା ।
ଥରେ ଖାଲି ପଶିଯାଉ,
ଆସି ମୋ ଅଗଣା ।

ହୀରା ମୋତି ଶୁଆଇ
ଗଙ୍ଗା ଜଳ ପିଆଇ
ସେ ପକ୍ଷୀକୁ ପୋଷି ବାକୁ
କରିଛି ମୁଁ କେତେ କଣ ।

ତା ପାଇଁ ଗଢ଼ିଛି
ମୁଁ ସୁନାର ପଲଙ୍କ
ଫୁଲରେ ସଜେଇକି
ରହିଛି ମୁଁ ତାକୁ ଚାହିଁ ।

ପବନରେ ପବନ
ଏ ଫୁଲର ବାସ୍ନା ତୁ
ଦେଇଦେବୁ ପ୍ରିୟାକୁ
କହିଦେବୁ  ଆକାଶରେ
ଜାଗାଟିଏ କିଣିଛି
ମୁଁ ତା ପାଇଁ

ତା ପାଇଁ ମନ ହୁଏ
ହୁଏ ଆଜି ଛନ ଛନ
ଦେ ଆଣି ମୋ
ପ୍ରିୟାର ମନ  ।

ପବନରେ ପବନ ........

ପ୍ରକାଶ ସାହୁ

http://www.appsgeyser.com/4368717

# ବର୍ଷା ବ୍ୟଙ୍ଗ



ଡ: କୁଳାଙ୍ଗାର

ହଠାତ ବର୍ଷିବା ବଡ଼କଥା ନୁହେଁ
ବଡ଼କଥା ହେଉଛି ହଠାତ ବର୍ଷାରେ ଭିଜିବା !

ପ୍ରେମରେ ଭିଜିବା ବଡ଼କଥା ନୁହେଁ
ବଡ଼କଥା ହେଉଛି ସ୍ମାର୍ଟଫୋନ୍ ସହ ଭିଜିବା !

ବର୍ଷାରେ ବାହାଘର ବଡ଼କଥା ନୁହେଁ
ବଡ଼କଥା ହେଉଛି ବାହାଘରେ ବର୍ଷା ବର୍ଷିବା !

ପିଇକି ଭିଜିବା ବଡ଼କଥା ନୁହେଁ
ବଡ଼କଥା ହେଉଛି ମଦ ପରିସ୍ରା ନଚିହ୍ନିବା !

ବିଜୁଳି ମାରିବା ବଡ଼କଥା ନୁହେଁ
ବଡ଼କଥା ହେଉଛି ବର୍ଷାରେ ବିଜୁଳି କଟିବା !

http://www.appsgeyser.com/4368717



ରେନ୍‌କୋଟ୍ ପିନ୍ଧିବା ବଡ଼କଥା ନୁହେଁ

ବଡ଼କଥା ହେଉଛି ଚଡ଼ିରେ ପାଣି ନପଶିବା !

କଚଡ଼ା ଖାଇବା ବଡ଼କଥା ନୁହେଁ

ବଡ଼କଥା ହେଉଛି କ୍ୟାମେରାରେ ନପଡ଼ିବା !

ରାସ୍ତାରେ ବନ୍ୟା ବଡ଼କଥା ନୁହେଁ

ବଡ଼କଥା ହେଉଛି ସାରଙ୍କ କାଆର ଭାସିବା !

ଛତା ଉଡ଼ିଯିବା ବଡ଼କଥା ନୁହେଁ

ବଡ଼କଥା ହେଉଛି ସ୍କୁଟିରେ ଫ୍ରକ୍ ଉଡ଼ିଯିବା !

କବିତା ଲେଖିବା ବଡ଼କଥା ନୁହେଁ

ବଡ଼କଥା ହେଉଛି ବର୍ଷା, କବିତାଙ୍କୁ ଭେଟିବା !

-ଓ.କୁଳାଙ୍ଗାର

୯୩୩୮୫୮୧୩୦୯

http://www.appsgeyser.com/4368717

# ରାତିର ରାଣୀ ଗୋ...



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଜହ୍ନକୁ ଦେଖିଲେ ମନରେ
କାହିଁକି କେଜାଣି ଉଙ୍କି ମାରେ
ହୃଦୟରେ ଲେସିହୁଏ
ପୁରୁଣା ଦିନର ଅଲିଭା ସ୍ମୃତି ଏ
ଆକାଶର ନାରୀ ଆଢୁଆଳରେ
ରାତିରେ ଆସି ସକାଳେ ଯାଏ
ଭରେ ଯେତକ ଭାବନା
ଏ ପ୍ରଥମ ଛୁଆଁ ଆଉ ବାସନା
ଶିହରଣ ଏ ସନ୍ତ ସକାଳର
ଜଳାଏ କୁଉଁଳାଏ ନିଆଁ ମନର
ଏଥର ସେ ହଜେ ମୋ ପାଇଁ
କାରଣ କଣ ଜଣା ନାହିଁ
ଆସିବି ପୁଣି କହି ଚାଲିଯାଏ
ବେଳେ ବେଳେ କଥା ଅକୁହା ଥାଏ
ମନର ଲୁହ ଜକେଇ ଆସେ
ଭରସା ପ୍ରତୀକ୍ଷା ଏବେ ହସେ
ତୁ ତୁ ମୋର ମୁଁ ମନରେ
ଭାବ ସୁନ୍ଦର ଢାଳେ ପ୍ରେମରେ
ବୁଝିଯାଅ ଏ ଭାବର ପୀରତି
ଅବୁଝା କିଛି ରହିଲା କି ସାଥୀ
ସବୁ ମିଛ ନୁହେଁ ବୋଲି ଜାଣିଲିଣି
ମନଟାକୁ ବି ବୁଝାଇଲିଣି

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞା, ବ୍ରହ୍ମପୁର

http://www.appsgeyser.com/4368717

# ଆଜି ବି ଅପେକ୍ଷାରତ



ପ୍ରକାଶ ସାହୁ

ଅପେକ୍ଷାରତ କିନ୍ତୁ କାହା ପାଇଁ,
କିଏ ସେହି ସ୍ୱପ୍ନର ଅପସରି ?
କିଏ ସେହି ସ୍ଥାଣୁ ଚେତନାର ମୋଦକ ?
କିଏ ସେହି ମନର ନାୟିକା ?

ଅପେକ୍ଷା ତ ଚିରନ୍ତନ ସତ୍ୟ
ସାଗରର ନଦୀକୁ ଅପେକ୍ଷା,
ସୁସ୍କ ବୃକ୍ଷର ବର୍ଷାକୁ ଅପେକ୍ଷା,
ବିଦେଶ ଯାଇଥିବା ପୁଅକୁ ମା'ର ଅପେକ୍ଷା,
ଶଯ୍ୟାରେ ଶୋଇଥିବା ,
ରୋଗୀର ମୃତ୍ୟୁକୁ ଅପେକ୍ଷା,
ଗୋଲାପର ଭଅଁରକୁ ଅପେକ୍ଷା,

ଆଜି ମୁଁ ବି ଅପେକ୍ଷାରତ,
ହୋଇପାରେ ଏହା ମୋ ପାଇଁ ଏକ ଦଣ୍ଡ,
ଅବା ସମୟ ଆଉ ଯୌବନର ଦୋଷ,
ହୋଇପାରେ ସୃଷ୍ଟିକର୍ତ୍ତାଙ୍କ ଏକ ଲୀଳା ।

ସେଦିନ ମୁଁ ଥିଲି ଅପେକ୍ଷାରତ,
ସେହି ସାଗର ତଟର ଭିଜା ବାଲିରେ,

http://www.appsgeyser.com/4368717

ସେହି ମନଲୋଭା ପ୍ରେମୀ ଯୁଗଳଙ୍କ ମିଳନ ସ୍ଥଳରେ,
କେତେ ଆଶ୍ୱାସନା ଦେଉଥିଲା ସେହି ଦୃଶ୍ୟ ।

ସ୍ୱପ୍ନରେ ବି କେବେ ଆସିନଥିଲା,
ସେଇଟା ହୋଇପାରେ ମୋ ଜୀବନର ଅଭୁଲା ସ୍ମୃତି ।
ଅନ୍ତର ଆତ୍ମାର ଜ୍ୱଳନର କାରଣ

କିଛି ବୁଝିବା ଆଗରୁ ଭାଙ୍ଗି ଦେଇଥିଲ,
ମୋ ସ୍ୱପ୍ନ ର ବାଲିଘର,
କରିଦେଇଥିଲ ମୋ ନିଃସର୍ତ୍ତ ପ୍ରେମର ଅନ୍ତ,
ମନରୁ ଅପସରି ଦେଲ ଚୁଲବୁଲ ନାୟିକାକୁ ।

କାହିଁକି ବିନା ଦୋଷରେ ଏ ଦଣ୍ଡ ?
ମିଳି ନାହିଁ ଏ ପ୍ରଶ୍ନର ଉତ୍ତର ଆଜିଯାଏ ।
ସେହି ମୂକ ସାକ୍ଷ୍ୟ ସାଗର ବି ,
ଦେଇପାରିନାହିଁ ଉତ୍ତର
ସେହି ରାଜଧାନୀ ର ଏକାମ୍ର ପାର୍କ
ବି ଅସରମର୍ଥ ।

ଯଦି ନ ଥିଲା ତୁମ ମନରେ ମୋ,
ପାଇଁ ଜାଗାଟିଏ, ନଥିଲା ହୃଦୟରେ
ସ୍ଥାନଟିଏ ତେବେ କାହିଁକି ଛଳନା କଲ ?
କାହିଁକି ମୋ ପବିତ୍ର ଭଲପାଇବାକୁ

http://www.appsgeyser.com/4368717

ଖେଳନା ସଦୃଶ ଉପଯୋଗ କଲ ।

ମୁଁ ଜାଣେ ଏ ପ୍ରଶ୍ନର ଉତ୍ତର,
ଏତେ ସହଜ ନୁହେଁ ।
ହୁଏତ ମୋ ଠୁ ସୁନ୍ଦର ନାୟକ ମିଳିଥାଇପାରେ,
ଅବା ଧନୀଘରର ରାଜକୁମାର ମିଳିଥାଇପରେ ।

ମୁଁ କିଛି ଜାଣିବାକୁ ଚାହେଁନି,
ସେଦିନ ବି ଜାଣିବାକୁ ଚାହିଁନଥିଲି ,
ଯେଉଁଦିନ ତମେ ମୋତେ,
ପ୍ରେମ ନିବେଦନ କରିଥିଲେ ।

ମୁଁ କାଲି ଭଲ ପାଉଥିଲି
ଆଉ ଆଜି ବି ।
ତୁମ ପାଇଁ ଆଜି ବି ମୋ
ଦୁଆର ମୁକ୍ତ ଅଛି ।

ଆଜି ବି ସେ କଲମ ଅଛି ।
କିନ୍ତୁ କବିତା ତେ ଲେଖି ହୁଅନି ।
ସେଦିନେ ତୁମକୁ ମୁଁ ଉପହାର ସ୍ୱରୂପ ,
ମୋର କବିତା ଭେଟି ଦେଉଥିଲି ।
ତୁମେ ବି ଖୁବ ପ୍ରଶଂସା କରୁଥିଲ ।

http://www.appsgeyser.com/4368717

ଫେରି ଆସ ତୁମେ ଫେରିଆସ ,
ଏହି ଦେଖ ସେହି ସମୁଦ୍ର କୂଳ ଆମକୁ
କେମିତି ହାଥ ଥାରି ଡାକୁଛି ।
କଲେଜ ର ବନ ଭାଇ ଚାଟ ସପ
ଆଉ କଲେଜର ଗୋଲାପ ଫୁଲର ବଗିଚା ।

ବିଧାତାର ବିଧାନ ବି ବିସ୍ମୟକର
ପୂର୍ବଜନ୍ମର ପାପ ଆଉ ଏ ଜନ୍ମରେ ଭୋଗ ,
ସେ ବି ଯୌବନରେ ପାଦ ଥାପୁ ଥାପୁ ,
ସେ ବି ଭାବନା ଆଉ ହୃଦୟର ମଧ୍ୟମରେ
ଯାହା ବିନା ଜୀବନ ଅସମ୍ପୂର୍ଣ୍ଣ ।

ତୁମେ ମୋତେ ଛାଡି ଯଦି ଖୁସି ରେ ଅଛ,
ତୁମ ସପକ୍ଷରେ କୋଚିତ ଭାବନା ହିଁ ଭୁଲ,
ତୁମେ ଯେଉଁଠି ବି ଥାଅ ଖୁସିରେ ଥାଅ
ତୁମ ପାଇଁ ଏ ହତଭାଗାର ଶୁଭକାମନା ।

ତୁମେ ଥିଲ ମୋ ଆରମ୍ଭ ,
ଆଉ ତୁମେ ହିଁ ମୋର ଶେଷ,
ତୁମ ବିନା ଜୀବନକୁ ଆଗେଇ ନେବା
ବଡ କଷ୍ଟ ସାପେକ୍ଷ୍ୟ ।
ତଥାପି ଚେଷ୍ଟା କରିବି ।

http://www.appsgeyser.com/4368717

# ମୁଁ ଆଉ ତୁ



ପ୍ରଶାନ୍ତ କୁମାର ନାଥ

ମୁଁ ହେଲେ ମୋବାଇଲ୍
ତୁ ମୋର ସିମ୍
ମୁଁ ହେଲେ ଜହ୍ନରାତି
ତୁ ମୋର ଡ୍ରିମ୍ ।
ମୁଁ ହେଲେ କବି ଗୋଟେ
ତୁ ମୋ କବିତା
ମୁଁ ହେଲେ ଶାମୁକାଟେ
ତୁ ମୋର ମୁକ୍ତା ।
ମୁଁ ହେଲେ କମ୍ପ୍ୟୁଟର
ତୁ ମୋ ହାର୍ଡ୍ ଡିସ୍କ
ମୁଁ ହେଲେ ବ୍ୟାଟ୍ସମ୍ୟାନ୍
ତୁ ମୋର ସିକ୍ସ ।
ମୁଁ ହେଲେ ସାଇକେଲ୍
ତୁ ମୋ ପେଡ଼ାଲ୍
ମୁଁ ହେଲେ ଗେମ୍ ଟିଏ
ତୁ ମୋ ମେଡ଼ାଲ୍ ।
ମୁଁ ହେଲେ ମୁହଁଟିଏ
ତୁ ମୋ ସ୍ମାଇଲ୍
ମୁଁ ହେଲେ ଅଭିନେତା
ତୁ ମୋ ଷ୍ଟାଇଲ୍ ।

http://www.appsgeyser.com/4368717

ମୁଁ ହେଲେ ଆକାଶଟେ
ତୁ ମୋର ଷ୍ଟାର୍
ମୁଁ ହେଲେ ପ୍ରେମିକଟେ
ତୁ ମୋର ପ୍ୟାର୍ ।
ମୁଁ ହେଲେ କେକ୍‌ଟିଏ
ତୁ ମୋ ନାଇଫ୍
ମୁଁ ହେଲେ ଜୀବଟିଏ
ତୁ ମୋ ଲାଇଫ୍ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର
ଭ୍ରାମ୍ୟଭାଷ - ୦୮୮୯୨୩୦୧୧୪୩

# ଅତୀତର ସାଉଁଟା ଦିନ



ଦମୟନ୍ତୀ ଜେନା

ଅତୀତର ସେ ସାଉଁଟା ଦିନ

ମନକୁ କରେ ଭାରି ବିଚ୍ଛିନ୍ନ

ଚିହ୍ନିପାରେନି ମୁଁ ନିଜ ଚେହେରା

ଲାଗଇ ମନ ମୋ ଉଦ୍‌ବେଗ ଭରା ।

ଶୟନେ ସ୍ୱପନେ ଜାଗରଣେ ମୁଁ

ଖାଲି ଦେଖୁଥିଲି ତୁମ ଚେହେରା ।

କିନ୍ତୁ ତୁମେ...

ମୋତେ ଛାଡ଼ିଦେଇ କରିଗଲ ଏକା

ତୁମକୁ ଦେଖିଲି ଯେବେ ମୋ ଅଶ୍ରୁରେ

ଲୁଚାଇଲି ନିଜକୁ ନିର୍ଘାତ ବର୍ଷାରେ

କେବେ ସାୱାର ତଳେ

ପୁଣି କେବେ ତକିଆର କୋଳେ

କାଳେ ମୁଁ ଧରାପଡ଼ିଯିବି

ଅନ୍ୟମାନଙ୍କ ପ୍ରଶ୍ନିଳ ଦୃଷ୍ଟିରେ...

http://www.appsgeyser.com/4368717

# ତୁମେ ଯେବେ ଭଲପାଅ



ସାରସୀ ଆଚାର୍ଯ୍ୟ

ତୁମେ ଯେତେ ଭଲ ପାଅ,
ଜହ୍ନ, ତାରା, ସାଗର କୁ..
ମୋର କିଛି ଆପତ୍ତି ନାହିଁ
ହେଲେ ମୁଁ ଯେ ଭଲପାଏ ତୁମକୁ
ମୋ'ଠୁ ଅଧିକ କଣ ପାଇଁ.... ? ?
କବିତା ହୋଇ ପଶିଆସ ମୋ ଭିତରକୁ
ଯେବେ ମୁଁ ତୁମକୁ ଭୁଲିବାକୁ ଚାହେଁ...

ତୁମ ବିନା ମୋ ଲେଖିବା, ଲେଖିବା ନୁହେଁ
ଗାଇବା, ଗାଇବା ନୁହେଁ..
ଜନମ ଜନମର ସାଥି ଟିଏ ହୋଇ
ବଞ୍ଚିବାକୁ ମୁଁ ଚାହେଁ...

http://www.appsgeyser.com/4368717

# କବି



ପରମିତା ମିଶ୍ର

ଏକ ସୁନ୍ଦର ସମାଜ
ଏକ ସୁସ୍ଥ ପୃଥିବୀ
ନାନା କାରୁକାର୍ଯ୍ୟ ମନରେ ଭାବି
କଲମ ତୁଳିକୁ ହାତରେ ଧରି
କୋରା କାନଭାସରେ ଦୁଇ ଧାଡି
ଲେଖିଦିଅନ୍ତି ।
ତାଙ୍କୁ କବି କୁହନ୍ତି ।
ଅଭିଯୋଗ, ଅଭିପ୍ରାୟ ଅବା ଅବସାଦ
ଅଳ୍ପ ଅଳ୍ପରେ ଲେଖନ୍ତି ପ୍ରାରବ୍ଧ
ଲେଖନୀ ମୁନରେ ଖଣ୍ଡ ସମଧାରୀ
ଧାଡ଼ିଏ ଲେଖାରେ ସାରା ଦୁନିଆ ବଇରି
ଅଗ୍ନି ସମ ଜ୍ୱାଳା  କେବେ
ଶାନ୍ତ ପୁଣି  ନୀର ଭାବେ
ସବୁ କଥା କହିଯାଆନ୍ତି ।
ତାଙ୍କୁ କବି କୁହନ୍ତି ।
ଧାଡ଼ିଏ କଥାକୁ ଭାଙ୍ଗି ଭୁଙ୍ଗି କରି
ଧାରିଏ ପାଣିରେ ଆଣ୍ଠୁଏ ପାରି
ମନର ବେଦନା ।, ଅନ୍ତର କଥା
ଅଜାଗା କ୍ଷତକୁ ଦିଅନ୍ତି ଭାଷା ।
କିଛି ଲୁହ ସିନା ଓଠ ପିଇଯାଏ

http://www.appsgeyser.com/4368717

ଆଉ କିଛି ଲୁହକୁ କବିତାରେ ଢାଳନ୍ତି ।
ତାଙ୍କୁ କବି କୁହନ୍ତି ।
ସମାଜ ସ୍ରୋତରେ ବି ଏକାଏକା ସେ
ଦୂର ନଦୀ ତୀରରେ ନିରୋଳାରେ ବସେ
ମନରେ ଯେତେ ଭାବ ଥିଲେ ବି
ଓଠ କହିପାରେନା ଲେଖି ମୁଁ ଦେବି ।
ଚିତ୍ରକୂଟର ଶିଖର ଛୁଇଁ ବି
ଦୀପ ତଳି ପରି ଅନ୍ଧାରରେ ରହି ଯାଆନ୍ତି ।
ତାଙ୍କୁ କବି କୁହନ୍ତି ।
କବିର ଜୀବନ, କବିର ପ୍ରାଣ
ସମ୍ପତ୍ତି କହିଲେ ଲେଖାଟି ମାନ ।
ଲେଖକ ନୁହଁଇ ଅର୍ଥର ଭୁକା
କବିର ଲେଖନୀ ନ ମାଗେ ଟଙ୍କା
ଲେଖା ମାଗେ ନାହିଁ ଅମାପ ଧନ
ମିଳିଲେ ମିଳିଲା ଟିକେ ସମ୍ମାନ
ଜୀବନ ସମୁଦ୍ରର କିଛି ଅଭୁଲା  ସ୍ମୃତିକୁ
କାଗଜ କଲମରେ ସାଇତି ପାରନ୍ତି ।
ତାଙ୍କୁ କବି କୁହନ୍ତି ।

http://www.appsgeyser.com/4368717
ଦ୍ୱାଦଶ ବର୍ଷ, ଷଷ୍ଠ ସଂଖ୍ୟା, ଜୁଲାଇ ୨୦୧୭



# ଜୀବନ



ଅରବିନ୍ଦ ବିଶ୍ୱାଳ

ଜୀବନଟା ଏକ ଭଙ୍ଗା ସିଲଟ
ଖେଳ ଏଠି ଛକି ଶୂନ
କେବେ ବେଳାଭୂମି କେବେ ମରୁଭୂମି
କେବେ ତ ସାଜେ ଶ୍ମଶାନ ।

ପ୍ରତିଟି ସକାଳ ନିତ୍ୟ ନୂତନ
ରାତି ଆଣେ ଏଠି ସ୍ୱପ୍ନ
କିଏ କେବେ ପୁଣି ଝରିଯାଏ ଏଠି
ସାକ୍ଷୀଥାଏ ରାତିଦିନ ।

ଶୀତଳ ଜ୍ୟୋସ୍ନାରେ କିଏ ଭିଜୁଥାଏ
କାହାପାଇଁ ଅଭିଶାପ
ଭୁଲ୍ କଲାଅରେ ପ୍ରାୟଶ୍ଚିତ ପାଇଁ
କରୁଥାଏ ପଶ୍ଚାତାପ ।

କାହାପାଇଁ ହସ କାହାପାଇଁ ଲୁହ
କାହା ପାଇଁ ଆଣେ କୋହ
ଏଇ ତ ଜୀବନ ହୁଏ ହୀନିମାନ
ପିଇବାକୁ ହୁଏ ଲୁହ ।

ବଉଳଯୋଡ଼ି, ଆଳି
କେନ୍ଦ୍ରାପଡ଼ା

# ମତେ କବି କହିପାର



ଦେବଦତ୍ତ ମିଶ୍ର

କେବେ ମୁଁ ଭାବୁକ
କେବେ ମୁଁ ପ୍ରେମିକ
କେବେ ଅବା ଚିତ୍ରକର
କଳ୍ପନାର ତୁଳୀ ହାତେ ଧରି
ଆଙ୍କେ ଚିତ୍ର କବିତାର ।
କବିତା ମୋ ପାଇଁ ପ୍ରେୟସୀ ପ୍ରେମିକା
ଭାବନା ରାଜ୍ୟେ ମୋ ଘର
କଲମ ମୂନରେ ଅଙ୍ଗସଜା ମୋର
ପ୍ରକୃତି ଯା ଅଳଙ୍କାର ।
ଝରଣାର ପାଣି ପକ୍ଷୀର କାକଳି
ବୃକ୍ଷଲତା ଜଙ୍ଗଲର
ହୁଅନ୍ତୁ ଯୀଶୁ, ଆଲ୍ଲା କି ଈଶ୍ୱର
ସଭିଏଁ ତ ମୋ ନିଜର
ସମାଜ ଆଖିରେ ପାଗଳଟେ ସିନା
ମୋତେ କବି ଟିଏ କହିପାର ।

ୟୁନିଟ୍ - ୯ , ଭୁବନେଶ୍ୱର, ଓଡ଼ିଶା
ଭ୍ରାମ୍ୟଭାଷ - ୯୦୪୦୭୦୦୩୦୩

http://www.appsgeyser.com/4368717

ଆହ୍ୱାନର ଆଗାମୀ ସଂସ୍କରଣ ଅଗଷ୍ଟ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

<u>ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା</u>

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୭୦୦୮୫୬୭୦୮୫

http://www.appsgeyser.com/4368717

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

http://www.appsgeyser.com/4368717

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୭୧୯୭୨୧୭୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

http://www.appsgeyser.com/4368717

Alternatively, You can also click on this link on your android mobile phone with WhatsApp to join our group.

https://chat.whatsapp.com/BPW1qPbKJWp7H4M3zhzAiE




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍ସଆପ୍ ଗ୍ରୁପ୍ର ନମ୍ବର ହେଉଛି :

# 9040985463